ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ଅଗଷ୍ଟ ୨୬/୨୦୨୪ (୧୬ ପୃଷ୍ଠା) Bhubaneswar, Monday, August 26/2024 Page 16 ₹ 7.00

୫୦ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 272 ମୂଲ୍ୟ ₹୭/-

ଯୁବକଙ୍କୁ ଗୋଡ଼ାଇ ହତ୍ୟା

ଖୋର୍ଦ୍ଧା,୨୫।୮
(ପ୍ରଭାତ ପାଣିଗ୍ରାହୀ)

ଅଶାନ୍ତ ହୋଇପଡ଼ିଛି ଖୋର୍ଦ୍ଧା। ଗତ କିଛିଦିନ ହେବ ଶିବ୍ଜାଞ୍ଚଳ ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଜା ଲାଗି ରହିଥିବା ବେଳେ ରବିବାର ଏହା ଉଗ୍ରରୂପ ଧାରଣ କରିଛି। ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦ ଓରଫ ସାବୁ ଏବଂ ଆହତ ହେଲେ ତରାବୋଇର ଏସ୍.କେ ଜାହିର। ପରେ ପରିବାରଲୋକେ ଏବଂ ସମ୍ପର୍କୀୟମାନେ ମେଡିକାଲରୁ ମୃତଦେହ ନେଇ ମୁକୁନ୍ଦପ୍ରସାଦ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୁକୁନ୍ଦପ୍ରସାଦର ପୋଡ଼ାସାହି, ଦଧିବାମନ ସାହିରେ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଭାଙ୍ଗିଦେବା ସହ ନିକଟରେ ଥିବା ଗୋଶାଳାରେ ପଶି ଦୁଇଟି ଗାଈଙ୍କୁ ହାଣିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ଘଉଡ଼ାଇଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଖବରପାଇ ଜିଲାପାଳ ଚଞ୍ଚଳ ରାଣା, ଏସ୍ପି ଅବିନାଶ କୁମାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି

ଅଶାନ୍ତ ଖୋର୍ଦ୍ଧା

- ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ
- ସ୍ଥିତି ଅନୁଧ୍ୟାନ କଲେ ଡିଜିପି, ଏଡିଜେ

ମହମ୍ମଦ ସାଜିଦ

ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମୁକୁନ୍ଦପ୍ରସାଦ ଅଞ୍ଚଳର ୱାର୍ଡ ନମ୍ବର ୧, ୨, ୩, ୨୧, ୨୨ରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ୧୬୩ ଧାରା ଜାରି କରିଛନ୍ତି। ମେଡିସିନ ଷ୍ଟୋର, ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦେଇ ସମସ୍ତ ଦୋକାନ ବଜାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଏଡିଜେ(ମୁଖ୍ୟାଳୟ) ଆର୍.କେ ଶର୍ମା, ଏଡିଜେ (ଗୋଇନ୍ଦା ନିର୍ଦ୍ଦେଶକ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି(କେନ୍ଦ୍ରାଞ୍ଚଳ) ସଞ୍ଜୟ କୁମାର, ଡିଆଇଜି ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ ଏପାଖ ସେପାଖ ଭାରତ

ଯୌନ ଶୋଷଣ: ମଲିଉଡ୍‌ରେ ହଇଚଇ

ରେବତୀ ସମ୍ପତ

ସିଦ୍ଦିକି

ଥିରୁଭାନନ୍ତପୁରମ୍, ୨୫।୮

ମଲିଉଡ୍ ନାମରେ ପରିଚିତ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଯୌନ ଶୋଷଣ କରାଯାଉଛି। ଅନେକ ବର୍ଷ ତଳୁ ଉଠିଥିବା ଏହି ପ୍ରସଙ୍ଗ ସମ୍ପ୍ରତି ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କେରଳ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରଘଟ କରିଛି ଯେ, ମହିଳା କଳାକାରମାନଙ୍କୁ ଇଣ୍ଡଷ୍ଟ୍ରିରେ ଲଗାତର ଭାବେ ଯୌନ ଶୋଷଣ କରିବା ପାଇଁ ଆପରାଧିକ ନେଟ୍‌ୱର୍କ ଚାଲିଛି। ଅଗଷ୍ଟ ୧୯ରେ ହେମା କମିଟି ରିପୋର୍ଟକୁ ସାର୍ବଜନୀନ କରାଯିବା ପରେ ୨ ଜଣ ହାଇପ୍ରୋଫାଇଲ ସିନେ ହେଭିୱେଟ୍ ବିବାଦୀୟ ହୋଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବଙ୍ଗଳା ଅଭିନେତ୍ରୀ ଶ୍ରୀଲେଖା ମିତ୍ରଙ୍କ ଅଭିଯୋଗକୁ ନେଇ ଜଣାଶୁଣା ନିର୍ଦ୍ଦେଶକ ତଥା ପ୍ରଯୋଜକ ରଞ୍ଜିତ ବାଲାକ୍ରିଷ୍ଣନ୍ କେରଳ ରାଜ୍ୟ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବାବେଳେ ସାଉଥ୍ ଆକ୍ଟ୍ରେସ୍ ରେବତୀ ସମ୍ପତଙ୍କ ଅଭିଯୋଗ କ୍ରମେ ବର୍ଷିଆନ ଅଭିନେତା ସିଦ୍ଦିକି ଆସୋସିଏଶନ୍ ଅଫ୍ ମାଲାୟାଲମ୍ ମୁଭି ଆର୍ଟିଷ୍ଟସ (ଏଏମ୍‌ଏମ୍‌ଏ) ସାଧାରଣ ସମ୍ପାଦକ ପଦ ଛାଡ଼ିଛନ୍ତି। ଶ୍ରୀଲେଖାଙ୍କ ଅଭିଯୋଗ ହେଲା ୨୦୦୯ରେ 'ପଲେରି ମାଣିକ୍ୟମ୍' ଫିଲ୍ମରେ ଅଭିନୟ ପାଇଁ ସେ କେରଳକୁ ଯାଇ ଅଡିଶନ୍ ଦେଇଥିଲେ। ସେତେବେଳେ ଉକ୍ତ ସିନେମାର ନିର୍ଦ୍ଦେଶକ ରଞ୍ଜିତ ତାଙ୍କୁ ଯୌନ ଶୋଷଣ କରିଥିଲେ। ତେବେ ରଞ୍ଜିତ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଇସ୍ତଫା ଦେଲେ ୨ ସିନେ ହେଭିୱେଟ୍

ଶ୍ରୀଲେଖା ମିତ୍ର

ରଞ୍ଜିତ ବାଲାକ୍ରିଷ୍ଣନ

ଗଣମାଧ୍ୟମକୁ ଏକ ଭଏସ୍ କ୍ଲିପ୍ ଜାରି କରି ରଞ୍ଜିତ କହିଛନ୍ତି, ସେ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରେ ରହିବା ଦିନଠାରୁ ତାଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର ଚାଲିଥିଲା। ଶ୍ରୀଲେଖା ଆଣିଥିବା ଅଭିଯୋଗ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଚାଲିଥିବା ଚକ୍ରାନ୍ତର ଏକ ଅଂଶବିଶେଷ। ତେବେ ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବେ। ଏଥିପାଇଁ ସଂସ୍କୃତି ମନ୍ତ୍ରୀ ସାଜି ଚେରିଆନ୍‌ଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

ରଞ୍ଜିତଙ୍କ ପୂର୍ବରୁ ସିଦ୍ଦିକି ଏଏମ୍‌ଏମ୍‌ଏ ଅଧ୍ୟକ୍ଷ ମୋହନଲାଲଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇଥିଲେ। ସିଦ୍ଦିକି କହିଛନ୍ତି, ତାଙ୍କ ବିରୋଧରେ ଆଗତ ଅଭିଯୋଗ ଯୋଗୁ ସେ ପଦ ଛାଡ଼ିଛନ୍ତି। ଏହାର ଦିନକ ପୂର୍ବରୁ ରେବତୀ ଅଭିଯୋଗ ଆଣିଥିଲେ ଯେ, ୨୦୧୯ରେ ସିଦ୍ଦିକି ତାଙ୍କୁ ଯୌନ ଶୋଷଣ କରିଥିଲେ। ୨୦୧୬ରେ ରେବତୀଙ୍କୁ ୨୧ ବର୍ଷ ହୋଇଥିବାବେଳେ ସିଦ୍ଦିକି ଏକ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଫିଲ୍ମ ଉପରେ ଆଲୋଚନା କରିବା ଆଳରେ ଯୋଗାଯୋଗ କରିଥିଲେ। ହୋଟେଲ ମାସ୍କଟକୁ ଡାକି ଘଣ୍ଟାଏ ଧରି ଯୌନ ଉତ୍ପୀଡ଼ନ କରିଥିଲେ। ସାଲିସ ନ କଲେ ଫିଲ୍ମରେ ସୁଯୋଗ ମିଳିବ ନାହିଁ ବୋଲି ସିଦ୍ଦିକି କହିଥିଲେ। ଏଏମ୍‌ଏମ୍‌ଏ ସାଧାରଣ ସମ୍ପାଦକ ଥିବା ଏଡାଭେଲା ବାବୁଙ୍କ ବିରୋଧରେ ମଧ୍ୟ ଜଣେ ଜୁନିୟର ଆର୍ଟିଷ୍ଟ ଅନୁରୂପ ଅଭିଯୋଗ ଆଣିଥିଲେ। ୨ ମାସ ତଳେ ଏଡାଭେଲା ଇସ୍ତଫା ପରେ ସିଦ୍ଦିକିଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଥିଲା। ତେବେ ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରଠୁ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯୌନ ଶୋଷଣର ଶିକାର ହୋଇଥିବା ଅନେକ ମହିଳା ଖୋଲାଖୋଲି ଅଭିଯୋଗ କରିବାରେ ଲାଗିଛନ୍ତି।

ମହିଳା କଳାକାର ଯୌନ ସନ୍ତୁଷ୍ଟି ନ ଦେଲେ ଇଣ୍ଡଷ୍ଟ୍ରିରୁ ବିଦା

ହେମା କମିଟି ରିପୋର୍ଟ

୨୦୧୭ରେ ଜଣେ ମାଲାୟାଲମ୍ ଅଭିନେତ୍ରୀ ସାଂଘାତିକ ଅଭିଯୋଗ ଆଣିଥିଲେ। ସେ ଯାତ୍ରା କରୁଥିବାବେଳେ ଅଭିନେତା ଦିଲୀପ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଅପହରଣ କରିବା ସହ ଯୌନ ଶୋଷଣ କରିଥିବା ଅଭିନେତ୍ରୀ ଜଣକ କହିଥିଲେ। ଏହି ମାମଲାରେ ପୋଲିସ ଦିଲୀପଙ୍କୁ ଗିରଫ କରିଥିଲା। ୩ ମାସ ପରେ ସେ ଜାମିନରେ ଆସିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ପରେ କେରଳ ସରକାର ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ମହିଳାମାନଙ୍କୁ କରାଯାଉଥିବା ଯୌନ ଶୋଷଣ ଉପରେ ତଦନ୍ତ କରି ସେମାନଙ୍କ ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ପ୍ରସ୍ତାବ ଦେବା ନିମନ୍ତେ ଉକ୍ତ କମିଟିକୁ କୁହାଯାଇଥିଲା। ତେବେ ହେମା କମିଟି

ଜଷ୍ଟିସ୍ କେ. ହେମା

ରିପୋର୍ଟ ଆସିବା ପାଇଁ ୫ ବର୍ଷ ଲାଗିଗଲା।

ରିପୋର୍ଟ ଅନୁସାରେ ଇଣ୍ଡଷ୍ଟ୍ରିରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଅସାଧୁ ମେଣ୍ଟ ରହିଛି। ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତାମାନେ ମହିଳା କଳାକାରମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କ ଯୌନ ଅନୁଗ୍ରହ ଦାବିକୁ ମନାକଲେ ମିଳିମିଶି ମହିଳା କଳାକାରଙ୍କୁ ଇଣ୍ଡଷ୍ଟ୍ରିରୁ ବାହାର କରିଦେଉଛନ୍ତି। ଏହି ରିପୋର୍ଟ ଆସିବା ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାଙ୍ଗଠ୍ୟ (ୟୁଡିଏଫ୍) ଜଣେ ମହିଳା ଆଇପିଏସ୍ ଅଫିସରଙ୍କ ନେତୃତ୍ୱରେ ଟିମ୍ ଗଠନ କରି ଏହି ସବୁ ଅଭିଯୋଗର ତଦନ୍ତ କରାଯାଉ ବୋଲି ଦାବି କରିଛି। ଭାଜପା ମଧ୍ୟ ରିପୋର୍ଟରେ ଆସିଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ୱିମେନ୍ ଇନ୍ ସିନେମା କଲେକ୍ଟିଭ୍ (ଡବ୍ଲ୍ୟୁସିସି) ରିପୋର୍ଟକୁ ସ୍ୱାଗତ କରିଛି। ଇତିମଧ୍ୟରେ କେରଳ ସରକାର ଏହାର ତଦନ୍ତ ପାଇଁ ୪ ମହିଳା ଆଇପିଏସ୍ ଅଫିସରଙ୍କ ସମେତ ୬ ଜଣିଆ ଟିମ୍ ଗଠନ କରିଛନ୍ତି।

ଚିରାଗ ଏଲ୍‌ଜେପି(ରାମ ବିଳାସ) ଅଧ୍ୟକ୍ଷ ପୁନଃ ନିର୍ବାଚିତ

ରାଞ୍ଚି,୨୫।୮ (ପି.ଟି.)

କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ ରବିବାର ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ର ଅଧ୍ୟକ୍ଷ ଭାବେ ୫ ବର୍ଷ ପାଇଁ ପୁନଃ ନିର୍ବାଚିତ କରାଯାଇଛି। ରାଞ୍ଚିରେ ବସିଥିବା ଦଳର ଜାତୀୟ କାର୍ଯ୍ୟକାରିଣୀରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଚିରାଗ କହିଛନ୍ତି। ଆଗକୁ ହେବାକୁ ଥିବା ହରିୟାଣା, ଜମ୍ମୁ-କଶ୍ମୀର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ସମ୍ପର୍କରେ ମଧ୍ୟ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଥିଲା। ଝାଡ଼ଖଣ୍ଡରେ ତାଙ୍କ ଦଳ ଭାଜପା ସହ ମିଶି କିମ୍ବା ଏକାକୀ ନବାଚନ ଲଢ଼ିବ ବୋଲି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ କହିଛନ୍ତି।

ଟେଲିଗ୍ରାମ ସିଇଓ ପାଭେଲ ଡ୍ୟୁରୋଭ ଗିରଫ

ପ୍ୟାରିସ୍, ୨୫।୮

ଅନ୍‌ଲାଇନ ମେସେଜିଂ ପ୍ଲାଟ୍‌ଫର୍ମ ଟେଲିଗ୍ରାମର ପ୍ରତିଷ୍ଠାତା ତଥା ସିଇଓ ପାଭେଲ ଡ୍ୟୁରୋଭଙ୍କୁ ରବିବାର ପ୍ୟାରିସର ଲେ ବୋର୍ଗେଟ ଏୟାରପୋର୍ଟରୁ ଗିରଫ କରାଯାଇଛି। ବିଭିନ୍ନ ଫ୍ରେଞ୍ଚ ମିଡିଆ ରିପୋର୍ଟ ଅନୁଯାୟୀ, ପାଭେଲ ନିଜ ପ୍ରାଇଭେଟ୍ ଜେଟ୍‌ରେ ଆଜରବଇଜାନରୁ ପ୍ୟାରିସ୍‌ରେ ପହଞ୍ଚିଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଟେଲିଗ୍ରାମ ପ୍ଲାଟ୍‌ଫର୍ମ ଯୋଗେ ଠକେଇ, ଡ୍ରଗ୍ସ ଚାଲାଣ, ସାଇବର ଅପରାଧ ଏବଂ ଆତଙ୍କବାଦଙ୍କୁ ପ୍ରୋତ୍ସାହିତ କରାଯାଉଥିବା ଆଦି ଅଭିଯୋଗରେ ପୂର୍ବରୁ ପ୍ୟାରିସରେ ପାଭେଲଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିଲା। ରିପୋର୍ଟ ଅନୁଯାୟୀ, କଣ୍ଟେଣ୍ଟ୍ ମୋଡରେଶନରେ ଟେଲଗ୍ରାମ ଆପ୍ ବଫଳ ହୋଇଛି। ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ହାନିକାରକ କଣ୍ଟେଣ୍ଟ୍‌କୁ

ରୁଷିଆରେ ବିରୋଧ

ହଟାଇବାର ଉକ୍ତ ପ୍ରକ୍ରିୟାକୁ ଟେଲିଗ୍ରାମ ପକ୍ଷରୁ କରାଯାଇ ନ ଥିଲା। ଫଳରେ ଟେଲିଗ୍ରାମ ଆପ୍‌ରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିଲା। ଉକ୍ତ ଘଟଣାକୁ ନେଇ ଫ୍ରାନ୍ସ ପୋଲିସ ପକ୍ଷରୁ କରାଯାଉଥିବା ପ୍ରାରମ୍ଭିକ ତଦନ୍ତ ପାଇଁ ପାଭେଲଙ୍କୁ ଗିରଫ କରାଯାଇଛି ବୋଲି ସ୍ଥାନୀୟ ମିଡିଆ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୫ରେ ପ୍ୟାରିସ ଆକ୍ରମଣ ପାଇଁ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍ ନିଜ ବାର୍ତ୍ତା ପହଞ୍ଚାଇବାକୁ ଟେଲିଗ୍ରାମର ବ୍ୟବହାର କରିଥିଲା। ତେବେ ପାଭେଲଙ୍କ ଗିରଫଦାରିକୁ ନେଇ ଟେଲିଗ୍ରାମ କିମ୍ବା ଫ୍ରାନ୍ସ ସରକାର ଓ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଅନ୍ୟପକ୍ଷରେ, ପାଭେଲଙ୍କ ଗିରଫଦାରିକୁ ନେଇ କିଛି ରୁଷୀୟ ନେତା ଓ କୂଟନୀତିଜ୍ଞ ସମାଲୋଚନା କରିଛନ୍ତି। ରୁଷୀୟ ବ୍ଲଗର୍ସମାନେ ଫ୍ରାନ୍ସ ଦୂତାବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ରୁଷିଆରେ ଜନ୍ମିତ ପାଭେଲ ଏବଂ ତାଙ୍କ ଭାଇ ନିକୋଲାଇ ଡ୍ୟୁରୋଭ ୨୦୧୩ରେ ଟେଲିଗ୍ରାମ ଆରମ୍ଭ କରିଥିଲେ। ଲଞ୍ଚ ହେବାର ୧୧ ବର୍ଷ ମଧ୍ୟରେ ଏହି ମେସେଜିଂ ଆପ୍‌କୁ ୧୦୦ କୋଟରୁ ଅଧିକ ଥର ଡାଉନଲୋଡ କରାଯାଇଛି। ବିଶ୍ୱ ଯୋଗାଯୋଗରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଆର୍.ଜି. କର ହସ୍ପିଟାଲ ଅନିୟମିତତା: ପୂର୍ବତନ ଅଧ୍ୟକ୍ଷଙ୍କ ଘରେ ସିବିଆଇ ଚଢ଼ାଉ

କୋଲକାତା,୨୫।୮

କୋଲକାତା ଆର୍.ଜି. କର ହସ୍ପିଟାଲରେ ଆର୍ଥିକ ଅନିୟମିତତା ଅଭିଯୋଗ ପରେ ସିବିଆଇ ରବିବାର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷ, ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ତଥା ଉପାଧ୍ୟକ୍ଷ ସଞ୍ଜୟ ବଶିଷ୍ଠ ଏବଂ ଅନ୍ୟ ୧୩ ଜଣଙ୍କ ଘରେ ଚଢ଼ାଉ କରିଥିଲା। ହସ୍ପିଟାଲକୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ସପ୍ଲାୟରମାନଙ୍କ ଘର ଓ ଅଫିସ୍‌ରେ ମଧ୍ୟ ତଲାସି କରାଯାଇଛି। ସିବିଆଇର ୭ ଜଣିଆ ଟିମ୍ ଆର୍ଥିକ ଅନିୟମିତତା ସମ୍ପର୍କରେ ସନ୍ଦୀପ୍‌ଙ୍କୁ ଦୀର୍ଘ ସମୟ ଜେରା କରିଥିଲା। ଏଥିସହିତ ଅନ୍ୟ ଏକ ଟିମ୍ ହସ୍ପିଟାଲରେ ଥିବା ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରିଥିଲା। ଅନ୍ୟ ସବଆଇ ଅଫିସରମାନେ ବଶିଷ୍ଠ ଓ ଅନ୍ୟମାନଙ୍କୁ ଆର୍ଥିକ ଅନିୟମିତତା ସମ୍ପର୍କରେ ପଚରାଉଚରା ଚଳାଇଥିଲେ।

ସଞ୍ଜୟ ରାୟଙ୍କ ପଲିଗ୍ରାଫ୍ ଟେଷ୍ଟ ଶେଷ

କୋଲକାତା,୨୫।୮



କୋଲକାତା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇଛି। ସେ ରହିଥିବା କୋଲକାତାର ପ୍ରେସିଡେନ୍ସି ଜେଲରେ ଏହି ମିଛଧରା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଅନ୍ୟ ୨ ଜଣଙ୍କର ମଧ୍ୟ ଲାଏ ଡିଟେକ୍ଟର ଟେଷ୍ଟ ରବିବାର କରାଯାଇଛି। ଶନିବାର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ୍ ସନ୍ଦୀପ୍ ଘୋଷଙ୍କ ସମେତ ୪ ଜଣଙ୍କର ଏହି ପରୀକ୍ଷା ହୋଇଥିଲା। ସଞ୍ଜୟ, ସନ୍ଦୀପ୍‌ଙ୍କ ସମେତ ୭ ଜଣଙ୍କ ପଲିଗ୍ରାଫ ପରୀକ୍ଷା ପାଇଁ ସିବିଆଇ ଅଦାଲତଙ୍କ ଅନୁମତି ଲୋଡ଼ିଥିଲା। ଉକ୍ତ ପରୀକ୍ଷା ରିପୋର୍ଟ କୋର୍ଟରେ ପ୍ରମାଣ ଭାବେ ଗ୍ରହଣୀୟ ହୋଇ ନ ଥିଲେ ମଧ୍ୟ ତଦନ୍ତକୁ ଆଗେଇ ନେବାରେ ଏହା ସହାୟକ ହେବ। ଗତ ୯ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲର ସେମିନାର ହଲ୍‌ରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର କରାଯାଇଥିଲା। ତାଙ୍କ ମୃତଦେହ ନିକଟରୁ ଅଭିଯୁକ୍ତ ସଞ୍ଜୟଙ୍କ ବ୍ଲୁଟୁଥ୍ ଡିଭାଇସ୍ ମିଳିଥିଲା। ସିଭିଲ ଭଲ୍ଲାଣ୍ଟିୟର ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ ଘଟଣା ଦିନ ବିଳମ୍ବିତ ରାତିରେ ସେମିନାର ହଲ୍‌ରେ ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିବା ପରେ କୋଲକାତା ପୋଲିସ ୧୦ ତାରିଖରେ ତାଙ୍କୁ ଗିରଫ କରିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ଜୋର୍‌ଦାର ବିକ୍ଷୋଭ ହେବା ପରେ କୋଲକାତା ହାଇକୋର୍ଟ ୧୩ ତାରିଖରେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଭୂତ ଛଡ଼ାଇବା ନାଁରେ ଯୁବକଙ୍କୁ ପିଟି ମାରିଦେଲେ

ଗୁରଦାସପୁର,୨୫।୮

ପଞ୍ଜାବର ଗୁରଦାସପୁର ଜିଲାରେ ଜଣେ ୩୦ ବର୍ଷୀୟ ଯୁବକଙ୍କ ଶରୀରରୁ ଭୂତ ଛଡ଼ାଇବାକୁ ଯାଇ ପାଦ୍ରୀ ଓ ଅନ୍ୟ ୮ ଜଣ ତାଙ୍କୁ ପିଟି ମାରିଦେଇଛନ୍ତି। ମୃତକ ସାମୁଏଲ୍ ମସିହ ଜଣେ ଦିନ ମଜୁରିଆ। କିଛିଦିନ ହେଲା ତାଙ୍କ ହାବଭାବରେ ପରିବର୍ତ୍ତନ ସହ ସେ ମୂର୍ଚ୍ଛା ଯାଉଥିଲେ। ତାଙ୍କର ଏଭଳି ଅବସ୍ଥାରେ ଚିନ୍ତିତ ପରିବାର ପାଦ୍ରୀ ଜାକୋବ ମସିହଙ୍କୁ ଜଣାଇଥିଲେ। ସାମୁଏଲ୍‌ଙ୍କ ଶରୀରରେ ଭୂତ ସବାର ହୋଇଥିବାରୁ ଏହାକୁ ଛଡ଼ାଇବାକୁ ପଡ଼ିବ ବୋଲି ପାଦ୍ରୀ କହିଥିଲେ। ପାଦ୍ରୀ ଓ ତାଙ୍କ ସହ ଥିବା ୮ ଜଣ ମିଶି ସାମୁଏଲ୍‌ଙ୍କୁ ନିର୍ଦ୍ଦୟ ପିଟିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।

ରାଜନୈତିକ ପୃଷ୍ଠଭୂମି ନ ଥିବା ଯୁବକ ରାଜନୀତିକୁ ଆସିଲେ ଗଣତନ୍ତ୍ର ସୁଦୃଢ଼ ହେବ

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ,୨୫।୮ (ପି.ଟି.)

ରାଜନୈତିକ ପୃଷ୍ଠଭୂମି ନ ଥିବା ଯୁବକମାନେ ରାଜନୀତିକୁ ଆସିଲେ ଦେଶର ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। ସେ ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ଅବସରରେ ମଧ୍ୟ ରାଜନୈତିକ ପୃଷ୍ଠଭୂମି ନ ଥିବା ଲକ୍ଷେ ଯୁବକଙ୍କୁ ରାଜନୀତିରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଅଗଣିତ ଲୋକେ ସାମିଲ ହୋଇଥିଲେ, ଯାହାଙ୍କର ରାଜନୈତିକ ପୃଷ୍ଠଭୂମି ନ ଥିଲା। ସେମାନେ ଦେଶର ସ୍ୱାଧୀନତା ପାଇଁ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଥିଲେ। ସମ୍ପ୍ରତି ଆମକୁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାକୁ ହେଲେ ପୁଣିଥରେ ସେହିଭଳି ଭାବନା ଜାଗ୍ରତ କରିବାକୁ ହେବ। ବହୁସଂଖ୍ୟାରେ ଯୁବ ଉଦ୍ୟୋଗୀ ଷ୍ଟାର୍ଟ-ଅପ୍ ସ୍ଥାପନ କରି ଦେଶର ବିକାଶ ଧାରାରେ ନିଜକୁ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଛନ୍ତି। ଚନ୍ଦ୍ରପୃଷ୍ଠରେ ମହାକାଶ ଯାନର ସଫଳ ଅବତରଣର ସ୍ମୃତିକୁ ମନେପକାଇବା ପାଇଁ ଅଗଷ୍ଟ ୨୩ରେ ଭାରତ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରିଛି। ପରିବେଶର ଉନ୍ନତି ପାଇଁ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ମୋଦି ପ୍ରଶଂସା କରିଛନ୍ତି।

୧୯,୩୪୦ ଫୁଟ୍ ଉଚ୍ଚ ଗିରିଶୃଙ୍ଗରେ ୫ ବର୍ଷର ଶିଶୁ

ପଞ୍ଜାବର ତେଗ୍‌ବୀର ସିଂ ଏସିଆର ସର୍ବକନିଷ୍ଠ ପର୍ବତାରୋହୀ

ଚଣ୍ଡିଗଢ଼,୨୫।୮

ପଞ୍ଜାବ ରୋପାର ଅଞ୍ଚଳର ୫ ବର୍ଷୀୟ ତେଗ୍‌ବୀର ସିଂ ମାଉଣ୍ଟ କିଲିମଞ୍ଜାରୋ ଆରୋହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ଏସିଆର ସର୍ବକନିଷ୍ଠ ପର୍ବତାରୋହୀ ହେବାର ଗୌରବ ଲାଭ କରିଛନ୍ତି। ତାଞ୍ଜାନିଆରେ ଅବସ୍ଥିତ ୧୯,୩୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ କିଲିମଞ୍ଜାରୋ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍

ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ଅଗଷ୍ଟ ୨୬/୨୦୨୪ | Bhubaneswar, Monday, August 26/2024 | ପୃଷ୍ଠା-୧

ମୁଶଫିକର ପ୍ଲେୟର ଅଫ୍ ଦି ମ୍ୟାଚ

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ବାଂଲାଦେଶର ମୁଶଫିକର ରହିମ।

୧୨ ୧୧

୫୦୦ କୋଟି କ୍ଲବରେ 'ସ୍ତ୍ରୀ ୨'

ଅଭିନେତ୍ରୀ ଶ୍ରଦ୍ଧା କପୁର ଓ ଅଭିନେତା ରାଜକୁମାର ରାଓଙ୍କ 'ସ୍ତ୍ରୀ ୨' ଚଳଚ୍ଚିତ୍ର ଶନିବାର ସୁଦ୍ଧା ବିଶ୍ୱବ୍ୟାପୀ ୫୦୫ କୋଟି ଟଙ୍କାର ବ୍ୟବସାୟ କରିଛି।

ମଧ୍ୟପ୍ରାଚ୍ୟରେ ଘମାଘୋଟ ଲଢ଼େଇ

ଇସ୍ରାଏଲ–ହେଜବୋଲ୍ଲା ପରସ୍ପରକୁ ଅନେକ ଶହ ରକେଟ ମାଡ଼କଲେ

ଜେରୁଜେଲମ୍,୨୫।୮

ଲେବାନନ୍‌ର ଆତଙ୍କବାଦୀ ସଙ୍ଗଠନ ହେଜବୋଲ୍ଲା ଏବଂ ଇସ୍ରାଏଲ ରବିବାର ପରସ୍ପର ଉପରେ ବଡ଼ ଧରଣର ସାମରିକ ଆକ୍ରମଣ ଘୋଷଣା କରିଛନ୍ତି। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଇସ୍ରାଏଲୀ ସେନାଘାଟିଗୁଡ଼ିକୁ ଟାର୍ଗେଟ କରି ୩୨୦ରୁ ଊର୍ଦ୍ଧ୍ୱ କାତ୍ୟୁଶା ରକେଟ ମାଡ଼ କରିଛି। ଅନ୍ୟପକ୍ଷେ ଇସ୍ରାଏଲୀ ହିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଏନେଇ ଆଗୁଆ ସୂଚନା ପାଇ ଦକ୍ଷିଣ ଲେବାନନ୍‌ରେ ଥିବା ହେଜବୋଲ୍ଲାର ଅନେକ ଆଡ୍ଡାକୁ ଉଡ଼ାଇ ଦେଇଛି। ଇସ୍ରାଏଲୀ ନାଗରିକମାନଙ୍କ ପ୍ରତି ତତ୍କାଳ ବିପଦ ଆଶଙ୍କା କରି ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଇସ୍ରାଏଲୀ ବାୟୁସେନାର ଶତାଧିକ ଯୁଦ୍ଧବିମାନ ଜରିଆରେ ଅନେକ ଶହ ରକେଟ ଛଡ଼ାଯାଇଥିବା ଆଇଡିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଆଇଡିଏଫ୍ ଆକ୍ରମଣରେ ଲେବାନନ୍‌ରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ–ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବଳେ ଗତ ୧୧ ମାସ ମଧ୍ୟରେ ଏହା ହେଉଛି ପରସ୍ପର ଉପରେ ସବୁଠୁ ବଡ଼ ରକେଟ ଆକ୍ରମଣ,

ଇସ୍ରାଏଲ ରକେଟ ମାଡ଼ ପରେ ଦକ୍ଷିଣ ଲେବାନନ୍‌ର ଖାଇମ୍ ସହରସ୍ଥିତ ହେଜବୋଲ୍ଲାର ଏକ କ୍ୟାମ୍ପ୍‌ରୁ ଧୂଆଁ ବାହାରୁଛି (ବାମ)। ହେଜବୋଲ୍ଲା ପକ୍ଷରୁ ରବିବାର ଛଡ଼ାଯାଇଥିବା ଏକ ରକେଟ୍‌କୁ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର ଆଇରନ୍ ଡୋମ୍ ପ୍ରତିହତ କରିଛି।

ଦେଶରେ ୪୮ ଘଣ୍ଟିଆ ଏମର୍ଜେନ୍ସି ଜାରି କଲେ ନେତାନ୍ୟାହୁ

ଯାହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ ଏବଂ ଲେବାନନ୍ ସ୍ଥିତି ଉପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଅନୁଧ୍ୟାନ କରୁଥିବା ଆମେରିକା ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦେଶରେ ରବିବାର ସ୍ଥାନୀୟ ସମୟ ସକାଳ ୬ଟା (ଭାରତୀୟ ସମୟ ପୂର୍ବାହ୍ନ ୮ଟା ୩୦ ମିନିଟ)ରୁ ୪୮ ଘଣ୍ଟିଆ ଏମର୍ଜେନ୍ସି ଜାରି କରିଛନ୍ତି।

ଗତ ଜୁଲାଇ ଶେଷ ଭାଗରେ ଇସ୍ରାଏଲ୍ ଆକ୍ରମଣରେ ହେଜବୋଲ୍ଲା ସହପ୍ରତିଷ୍ଠାତା ତଥା ବରିଷ୍ଠ କମାଣ୍ଡର ଫୁଆଦ୍ ଶୁକ୍‌ର ନିହତ ହୋଇଥିଲେ। ଏହାର ଜବାବ ଦେବା ପାଇଁ ପ୍ରସ୍ତୁତି ☞ପୃଷ୍ଠା–୨

ଜେଲ ଭିତରେ ଡି ବ୍ରଦର୍ସଙ୍କ ସ୍ମାର୍ଟଫୋନ୍

ବଲାଙ୍ଗୀର,୨୫।୮ (ବୀରେନ୍ଦ୍ର କୁମାର ଖାଙ୍ଗର)

ବଲାଙ୍ଗୀର ଜିଲା କାରାଗାରରୁ ଗତ ଶୁକ୍ରବାର ଜବତ ହୋଇଥିବା ସ୍ମାର୍ଟଫୋନ୍‌ଟି କୁଖ୍ୟାତ ଗ୍ୟାଙ୍ଗଷ୍ଟର ଡି' ବ୍ରଦର ତଥା ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ମିଳିଥିବା ଜଣାପଡିଛି। ଏହାକୁ ହଇଚଇ ସୃଷ୍ଟି ହୋଇଛି। ସୁଶାନ୍ତ ରହୁଥିବା ସେଲ୍ ଭିତରକୁ କିଭଳି ମୋବାଇଲ ଫୋନ୍ ଆସିଲା ଏବଂ ଉକ୍ତ ଫୋନ୍‌ରେ ଧଳସାମନ୍ତ କ'ଣ ସବୁ କାରବାର କରିଛନ୍ତି ସେନେଇ ତଦନ୍ତ ଆରମ୍ଭ ହୋଇଛି ବୋଲି ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରୀ ରବିବାର ଖବରଦାତା ସମ୍ମିଳନୀରେ ଉତ୍ତର ରଖିଛନ୍ତି। ୨୦୧୮ରେ ଭୁବନେଶ୍ୱର ଝାରପଡ଼ା ଜେଲରୁ ବଲାଙ୍ଗୀର ଜେଲକୁ ସୁଶାନ୍ତ ଧଳସାମନ୍ତଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଝାରପଡା ଜେଲରୁ ଆପରାଧିକ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ଧଳସାମନ୍ତଙ୍କୁ ସୁରକ୍ଷା ଦୃଷ୍ଟିରୁ ବଲାଙ୍ଗୀର ଜେଲକୁ ଅଣାଯାଇଥିଲା। ଗତ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ବଲାଙ୍ଗୀର ଏସ୍‌ପି ଖିଲାରି ୯ ବରିଷ୍ଠ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ବଲାଙ୍ଗୀର ଜିଲା କାରାଗାର ଭିତରେ ଚଢ଼ାଉ କରିଥିଲେ। ଜେଲର ୧୨ଟି ସେଲ୍, ରନ୍ଧାଘର, ଲାଟିନ୍, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଚଢ଼ାଉ ବେଳେ ଜେଲ ଭିତରୁ ବିଡି, ସିଗାରେଟ୍, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଘୁଇଁଟି ଲାଇଟର ଏବଂ ଏକ ଟ୍ରିମର ଜବତ ହୋଇଥିବା ସୂଚନା ଦେଇଥିଲେ। ସେହଦନ ଅପରାହ୍ଣରେ

ଫୋନ୍‌ରୁ ଆପରାଧିକ କାର୍ଯ୍ୟ ଚଲାଇଥିବା ସନ୍ଦେହ

ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଆସି ଘଟଣାର ସମୀକ୍ଷା କରିଥିଲେ। ଏହାପରେ ଜିଲା କାରାଗାର ଭିତରୁ ଏକ ମୋବାଇଲ ଫୋନ୍ ଜବତ ହୋଇଥିବା ସୂଚନା ଦିଆଯାଇଥିଲା। କେଉଁ ସେଲ୍‌ରୁ ଫୋନ ଜବତ ହୋଇଥିଲା ସେଦିନ କୁହାଯାଇ ନ ଥିଲା। ରବିବାର ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ଉକ୍ତ ସ୍ମାର୍ଟଫୋନ୍ ଜବତ ହୋଇଥିବା କୁହାଯାଇଛି। ବଲାଙ୍ଗୀର ଜେଲ୍ ଅଧୀକ୍ଷକ ସର୍ବେଶ୍ୱର ସାହୁ ଉକ୍ତ ସ୍ମାର୍ଟଫୋନ ଜବତ କରି ହସ୍ତାନ୍ତର କରିଥିବା ଏବଂ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି। ସ୍ମାର୍ଟଫୋନ ଜବତ ସମୟରେ ଧଳସାମନ୍ତ ଉକ୍ତ ସେଲ୍‌ରେ ନ ଥିଲେ ଏବଂ ଚିକିତ୍ସା ପାଇଁ ତାଙ୍କୁ କଟକ ବଡମେଡିକାଲକୁ ନିଆଯାଇଥିବା ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି। ବଲାଙ୍ଗୀର ଜିଲା କାରାଗାରରେ ଅନେକ କୁଖ୍ୟାତ ଅପରାଧୀ ରହିଛନ୍ତି। ସେଠାରୁ ସ୍ମାର୍ଟଫୋନ୍, ଟ୍ରିମର, ଲାଇଟର, ବିଡି, ସିଗାରେଟ ଓ ନିଶାଦ୍ରବ୍ୟ ମିଳିବା ଘଟଣା ଆଲୋଡ଼ନ ଖେଳାଇବା ସହ ଜେଲ୍ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧଳସାମନ୍ତଙ୍କ ସେଲ୍‌ରୁ ସ୍ମାର୍ଟଫୋନ୍ ମିଳିବା ଘଟଣାରେ ଜେଲ୍ କର୍ମଚାରୀଙ୍କ ସଂପୃକ୍ତ ଥିବା ନେଇ ସନ୍ଦେହ କରାଯାଉଛ।

ୟୁପିଏସ୍ ମୋଦି ସରକାରଙ୍କ ୟୁଟର୍ନ ପେନ୍‌ସନ ସ୍କିମ୍: କଂଗ୍ରେସ

ନୂଆଦିଲ୍ଲୀ,୨୫।୮ (ପି.ଟି.)

କେନ୍ଦ୍ର ସରକାର କର୍ମଚାରୀମାନଙ୍କ ପାଇଁ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍) ଘୋଷଣା କରିବା ପରେ କଂଗ୍ରେସ ଏହାକୁ ମୋଦି ସରକାରଙ୍କ ୟୁଟର୍ନ ପେନ୍‌ସନ ସ୍କିମ୍ ବୋଲି କହିଛି। ନ୍ୟାଶନାଲ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍) ଅଧୀନରେ ଯେଉଁମାନେ ୨୦୦୪ରୁ ନିଯୁକ୍ତିରେ ଯୋଗ ଦେଇଛନ୍ତି, ସେମାନଙ୍କୁ ମୂଳ ଦରମାର ୫୦ ପ୍ରତିଶତ ସୁନିଶ୍ଚିତ ପେନ୍‌ସନକୁ କେନ୍ଦ୍ର କ୍ୟାବିନେଟ ଶନିବାର ଅନୁମୋଦନ କରିଥିଲା। ଆଗକୁ ହରିୟାଣା ଏବଂ ଜମ୍ମୁ–କଶ୍ମୀର ବିଧାନସଭା ନିର୍ବାଚନ ଥିବାରୁ ସରକାରୀ କର୍ମଚାରୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରାଯାଇଛି। କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ୟୁପିଏସ୍‌ର 'ୟୁ' ମୋଦି ସରକାରଙ୍କ ୟୁଟର୍ନ ବୋଲି କହିଛନ୍ତି। ଜୁନ୍ ୪ ପରେ ଲୋକଙ୍କ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ଅହଂକାରର

ମଲ୍ଲିକାର୍ଜୁନ ଖାର୍ଗେ

କ୍ଷମତା ଉପରେ ଭାରି ପଡ଼ିଛି। ସେଥିପାଇଁ ବଜେଟରେ ଦୀର୍ଘମିଆଦୀ ପୁଞ୍ଜି ଲାଭ ବା ଇକ୍ୱିଟେକ୍ସେଶନକୁ ଫେରାଇ ନିଆଯାଇଛି। ୱକ୍‌ଫ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଥିବାବେଳେ ପ୍ରସାରଣ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରିକୁ ପ୍ରତ୍ୟାହାର କରିନିଆଯାଇଥିବା ଖାର୍ଗେ କହିଛନ୍ତି। ଆମେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ଏହି ସ୍ୱେଚ୍ଛାଚାରୀ ସରକାରଙ୍କଠାରୁ ୧୪୦ କୋଟି ଭାରତୀୟଙ୍କୁ ସୁରକ୍ଷା ଦେବୁ ବୋଲି ଖାର୍ଗେ ଏକ୍ସ'ରେ ଲେଖିଛନ୍ତି।

୧୭ରେ ମୋଦି ବାଣ୍ଟିବେ ପ୍ରଥମ ସୁଭଦ୍ରା କିସ୍ତି

ଭୁବନେଶ୍ୱର,୨୫।୮ (ଅନିଲ ଦାସ)

ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବେ। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ସେହିଦିନଠାରୁ ଓଡ଼ିଶା ସରକାରଙ୍କ ତରଫରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ବର୍ଷକୁ ମହିଳାମାନଙ୍କୁ ରାଖୀ ପୂର୍ଣ୍ଣିମା ଏବଂ ଆନ୍ତର୍ଜାତିକ ମହିଳା ଦିବସରେ ୨ଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ସେହି ଅନୁସାରେ ରାଜ୍ୟ ସରକାର ଏହି ଯୋଜନାରେ ରାଖୀ ପୂର୍ଣ୍ଣିମା ପ୍ରଥମ କିସ୍ତି ବାବଦକୁ ଯୋଗ୍ୟ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ 'ସୁଭଦ୍ରା' ଯୋଜନା ଗାଇଡ୍‌ଲାଇନ ଅଗଷ୍ଟ ୨୨ ତାରିଖରେ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗଷ୍ଟ ୨୩ରେ ବିଧାନସଭାରେ ଘୋଷଣା

ନରେନ୍ଦ୍ର ମୋଦି

କରିଥିଲେ। 'ସୁଭଦ୍ରା' ଯୋଜନାରୁ ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଏବଂ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୂର୍ଦ୍ଧ୍ୱ ସହାୟତା ଅଥବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସୁଭଦ୍ରା ଯୋଜନା ପାଇଁ ସେ ଯୋଗ୍ୟ ବିବେଚିତ ହେବେନାହିଁ।

ରାଜ୍ୟର ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନେ ଏହି ଟଙ୍କା ପାଇପାରିବେ। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏ ହାତଖର୍ଚ୍ଚ ଚଳିତ ଆର୍ଥିକବର୍ଷରୁ ପାଇବେ। ୫ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ୫୦ ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଡିବିଟି ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ। ସେହିପରି ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ☞ପୃଷ୍ଠା–୨

ମହିଳାଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ: ମୋଦି

ନୂଆଦିଲ୍ଲୀ,୨୫।୮

ମହିଳାମାନଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ ଏବଂ ଯେକୌଣସି ସ୍ତରରେ ଅବହେଳାକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। କୋଲକାତା ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଏବଂ ମହାରାଷ୍ଟ୍ର ବଦଲାପୁରରେ ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଘଟଣାକୁ ନେଇ ବିକ୍ଷୋଭ ଜୋର୍‌ଦାର ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଅପରାଧୀ ଯିଏ ହୁଅନ୍ତୁ ନା କାହିଁକି ସେମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ସହଯୋଗ କରୁଥିବା ଲୋକମାନଙ୍କୁ ମଧ୍ୟ ଛଡ଼ାଯିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ରର ଜଲଗାଁଓଠାରେ ଲକ୍ଷପତି ଦିଦି ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି। ମହିଳାଙ୍କ ପ୍ରତି ଅତ୍ୟାଚାର ରୋକିବା ଦିଗରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ଏକାଠି ଛିଡ଼ାହେବେ। ଭାରତୀୟ ସମାଜରୁ ଏଭଳି ମାନସିକତାର ବିନାଶ ଦ୍ୱାରା ହିଁ ମହିଳାଙ୍କ ପ୍ରତି ଅତ୍ୟାଚାର ରୋକାଯାଇପାରିବ ବୋଲି ମୋଦି କହିଛନ୍ତି।

ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ପୀଡ଼ିତା ମହିଳାମାନେ ଘରେ ରହି ଇ–ଏଫଆଇଆର୍ ଦାଏର କରିବା ବ୍ୟବସ୍ଥା ରହିଛି। ପୂର୍ବରୁ ଥାନାକୁ ଯାଇ ଅଭିଯୋଗ କଲେ ମଧ୍ୟ ଠିକ୍ ସମୟରେ ଏତଲା ଦାଏର ହେଉ ନ ଥିଲା ଏବଂ ମାମଲାଗୁଡ଼ିକର ଶୁଣାଣି ନ ହୋଇ ଦୀର୍ଘଦିନ ପଡ଼ିରହୁଥିଲା। ବିଏନ୍‌ଏସ୍‌ରେ ସେସବୁ ସମସ୍ୟା ନାହିଁ। ଯଦି ପୀଡ଼ିତା ଥାନାକୁ ଯିବା ପାଇଁ ନ ଚାହାନ୍ତି, ତେବେ ସେ ଘରୁ ଇ–ଏଫ୍‌ଆଇଆର ଦାଏର କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବରିଷ୍ଠ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)

ସ୍ତନ କର୍କଟ ଚିକିତ୍ସା ପାଇଁ ମେଡିସିନ ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ର ବରିଷ୍ଠ ବୈଜ୍ଞାନିକ ଡ. ସନ୍ଦୀପ ମିଶ୍ର (୫୮)ଙ୍କ ମୃତ୍ୟୁ ହୋଇଛି। ସତ୍ୟନଗର ପ୍ଲଟ୍ ନଂ. ୧୨୦(ବି)ସ୍ଥିତ ବାସଭବନରେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ସନ୍ଦୀପ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଏନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ମେଡିକୋ ଲିଗାଲ କେସ୍ (ଏମ୍‌ଏଲ୍‌ସି) ଆଧାରରେ ଖାରବେଳନଗର ଥାନା ପକ୍ଷରୁ ରବିବାର ଏକ ଅପମୃତ୍ୟୁ ମାମଲା (ନଂ.୪୩/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସନ୍ଦୀପଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟମାନେ

ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ସନ୍ଦୀପ ଆତ୍ମହତ୍ୟା କରିଛନ୍ତି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ତେବେ ଏହାକୁ ପରିବାର ଲୋକ ଖଣ୍ଡନ କରିଛନ୍ତି।

ସନ୍ଦୀପଙ୍କ ଶାଳୀ ଦେଇଥିବା ବୟାନ ଅନୁଯାୟୀ, ଶନିବାର ☞ପୃଷ୍ଠା–୨

ଓଡ଼ିଶାର ତନ୍‌ଭିଙ୍କୁ ବିରଳ ସଫଳତା।

ଏସିଆନ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଜିତିଲେ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

କଲିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରସ୍ତୁତ ହେଉଥିବାବେଳେ ଓଡ଼ିଶାର ତନଭି ପତ୍ରୀ ଏକ ବିରଳ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ମାତ୍ର ୧୩ ବର୍ଷ ବୟସରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇଯାଇଛନ୍ତି। ଚାଇନାର ଚେଙ୍ଗଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ଏହି ପ୍ରତିଭାସମ୍ପନ୍ନ ବାଳିକା ରବିବାର ଅନୁଷ୍ଠିତ ଫାଇନାଲରେ ଭିଏତ୍‌ନାମର ଦ୍ୱିତୀୟ ସିଡ୍ ଥୁ ହୁୟେନ ଏନ୍‌ଗୁୟେନଙ୍କୁ ୨୨–୨୦, ୨୧–୧୧ରେ ପରାସ୍ତ କରିଛନ୍ତି। ଏନ୍‌ଗୁୟେନଙ୍କୁ ହରାଇବା ପାଇଁ ତନଭି ମାତ୍ର ୩୪ ମିନିଟ୍ ସମୟ ନେଇଥିଲେ। ଓଡ଼ିଶାର ପ୍ରଥମ ଏବଂ ଭାରତର ଭାରତର ତୃତୀୟ ଖେଳାଳିଭାବେ ସେ ୧୫ ବର୍ଷରୁ କମ୍ ବର୍ଗରେ ଜୁନିୟର ଏସିଆ ମହିଳା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ହୋଇଛନ୍ତି। ୨୦୧୭ରେ ସାମିୟା ଇମାନ ଫାରୁକି ଓ ୨୦୧୯ରେ ତସନିମ ମୀର ପୂର୍ବରୁ ଏହି ସଫଳତା ପାଇଥିଲେ।

ତନଭିଙ୍କ ଘର ହେଉଛି ବାଲେଶ୍ୱର ଜିଲା ମାର୍କୋଣାର ନୟାପଲ୍ଲୀରେ। ତାଙ୍କ କ୍ୟାରିୟର ଚାଇନାରୁ ହିଁ ଆରମ୍ଭ ହୋଇଥିଲା। ତାଙ୍କ ମା' ଶୈ

সুপারির বাজারদর...

গুয়াক তৈরাশ উদ্ভা বেরাশ্রমের বেশ্ব ট্রি বেরাশ্রমের বেশ্বা বাট্রি বেরাশ্রমের বেশ্বা বাট্রি বেরাশ্রমের বেশ্বা বা



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ରବିବାର ଯୁବ ପରିବେଶବିତ୍‌ଙ୍କ ସହ ଭାବ ଆଦାନ ପ୍ରଦାନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

ଚାଷୀଙ୍କୁ ମିଳୁନି ଭଡ଼ାରେ କୃଷି ଯନ୍ତ୍ରପାତି

ନାମକୁ ମାତ୍ର କୃଷି ସେବାକେନ୍ଦ୍ର

ଯାଜପୁର,୨୫।୮ (ହର୍ଷବର୍ଦ୍ଧନ ବେହେରା)

ପଞ୍ଚାୟତସ୍ତରରେ କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଭଡ଼ା ସୂତ୍ରରେ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ସରକାର କୃଷି ସେବାକେନ୍ଦ୍ରର ବ୍ୟବସ୍ଥା କରିଛନ୍ତି। ପ୍ରତି କୃଷି ସେବାକେନ୍ଦ୍ରରେ ଟ୍ରାକ୍ଟର, ପାୱାର ଟିଲର, ଧାନ କଟାଯନ୍ତ୍ର, ଧାନ ଅମଳ, ଧାନ ରୁଆ, ସିଞ୍ଚନ ଯନ୍ତ୍ର, ଚକ୍ରି ଲଙ୍ଗଳ, ପାଣି ପମ୍ପ ଓ ମଞ୍ଜି ବୁଣା ଯନ୍ତ୍ର ଇତ୍ୟାଦି ରହିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ୨୦୧୩–୧୪ଠାରୁ ୨୦୨୪ ଜାନୁଆରୀ ସୁଦ୍ଧା ରାଜ୍ୟରେ ୨,୭୯୫ କୃଷି ସେବାକେନ୍ଦ୍ର ସ୍ଥାପନ ହୋଇଛି ବୋଲି ସରକାରୀ ଭାବେ କୁହାଯାଉଛି। ଫସଲର ଉତ୍ପାଦନ ବ୍ୟୟ ହ୍ରାସ କରିବାକୁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ବିଡ଼ମ୍ବନା ଯେ, ଏହ ଯୋଜନାକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଗ୍ରାମାଞ୍ଚଳରେ ଅଧିକାଂଶ ଚାଷୀ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡ଼ାରେ ମିଳୁଥିବା ବିଷୟ ଜାଣି ପାରିନାହାନ୍ତି। ଚାଷୀମାନେ ଚାଷ ସମୟରେ ବେସରକାରୀସ୍ତରରେ ବିଭିନ୍ନ କୃଷି ଯନ୍ତ୍ରପାତି ଭଡ଼ା ସୂତ୍ରରେ ନେଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବିଭାଗୀୟସ୍ତରରେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ସହ କୃଷି ସେବାକେନ୍ଦ୍ର କେବଳ କାଗଜକଲମରେ ଚାଲିଛି ବୋଲି ଅଭିଯୋଗ ହୋଇଛି। ଫଳରେ ଫସଲର ବିକ୍ରି ମୂଲ୍ୟ ତୁଳନାରେ ଖର୍ଚ୍ଚ ଅଧିକ ରହୁଥିବା ଯୋଗୁ ଚାଷୀ କ୍ଷତି ସହୁଛନ୍ତି।

ରାଜ୍ୟରେ ବିଭିନ୍ନ କୃଷି ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ଯୋଜନା ଓ ଋଣ ପ୍ରଦାନରେ ସବ୍‌ସିଡି ଥିବାରୁ ଚାଷୀଙ୍କଠାରୁ ପ୍ରଥମେ ୮ ରୁ ୧୦ ହଜାର ଟଙ୍କା ନିଆଯାଉଛି, ନ ହେଲେ କୌଣସି ଋଣ ଓ କୃଷି ଯନ୍ତ୍ରପାତି ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। କୌଣସି ପରିସ୍ଥିତିରେ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)/ଲାର୍ଜ ଏରିଆ ମଲ୍ଟିପରପୋଜ୍ ସୋସାଇଟି (ଲାମ୍ପ୍ସ)ର ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍‌ବୁକ୍ କିମ୍ବା ଚେକ୍‌ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାବାଦ୍ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଭଡ଼ା ସୂତ୍ରରେ ଚାଷୀଙ୍କୁ ଯୋଗାଇଦେବା ପାଇଁ ହୋଇଥିବା ଯୋଜନା ଏଯାଏ ସଫଳ ହୋଇ ପାରିନାହିଁ। ଫଳରେ ଚାଷୀ ୨୦୨୩–୨୪ ବର୍ଷରେ ସାଧାରଣ ଧାନ ଚାଷ ପାଇଁ କୁଇଣ୍ଟାଲ ପିଛା ୧୪୫୫ ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୧୮୩ ଟଙ୍କାରେ ବିକ୍ରି କରିଛନ୍ତି। ଏହାବାଦ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କୁଇଣ୍ଟାଲ ପିଛା ୧୮୦୦ ଟଙ୍କା ପର୍ଯ୍ୟନ୍ତ ଦଲାଲଙ୍କ ନିକଟରେ ବିକ୍ରି କରିଥିବା ନଜିର ରହିଛି। ଏହା ପୂର୍ବରୁ ଧାନ ଚାଷ ପାଇଁ ୨୦୧୯–୨୦ରେ କୁଇଣ୍ଟାଲ ପିଛା ୧୨୦୮ ଟଙ୍କା, ୨୦୨୦–୨୧ରେ ୧୨୪୫ ଟଙ୍କା, ୨୦୨୧–୨୨ରେ ୧୨୯୩ ଟଙ୍କା, ୨୦୨୨–୨୩ରେ ୧୩୬୦ ଟଙ୍କା ଆଦି ଖର୍ଚ୍ଚ ବଢ଼ିଚାଲିଛି। ଏହାବାଦ୍ ଯଅ ୨୧୨୦ ଟଙ୍କା, ବାଜରା ୧୩୭୧ ଟଙ୍କା, ମକା ୧୩୯୪ ଟଙ୍କା, ରାଗି ୨୫୬୪ ଟଙ୍କା, ମୁଗ ୫୭୦୫ ଟଙ୍କା, ସୋୟାବିନ ୩୦୨୯ ଟଙ୍କା, କପା ୪୪୧୧ ଟଙ୍କା କୁଇଣ୍ଟାଲ ପିଛା ଖର୍ଚ୍ଚ ହେଉଛି। ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଚାଷୀ ଉପଯୁକ୍ତ ଭାବେ ଲାଭ ପାଇ ପାରି ନଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ସୁଧୁରି ପାରୁନାହିଁ। ଯାଜପୁର ଜିଲା କୋରେଇ ଅଞ୍ଚଳର ଚାଷୀ ଦାମୋଦର ଦାସ, ସୁଦାମ ଚରଣ ସାହୁ, ଯୋଗେନ୍ଦ୍ର ସାହୁ, ଅନୁରୋଧ ସ୍ୱାଇଁ, ଜ୍ୟୋତିରଞ୍ଜନ ମହାନ୍ତିପ୍ରମୁଖ କୁହନ୍ତି, କୃଷି ସେବାକେନ୍ଦ୍ର କ'ଣ ଏଯାଏ ସେମାନେ ଜାଣି ନାହାନ୍ତି। ସୁଲଭ ମୂଲ୍ୟରେ ସରକାରୀ କୃଷି ଯନ୍ତ୍ରପାତି ଭଡ଼ାରେ ମଳେ ବୋଲ ଆପଣଙ୍କଠାରୁ ଶୁଣିବାକୁ ପାଉଛୁ। ବେସରକାରୀ ଭାବେ ଟ୍ରାକ୍ଟର ଘଣ୍ଟା ପ୍ରତି ୧୨୦୦ ଟଙ୍କା, ଧାନ କଟା ଯନ୍ତ୍ର ୨୨୦୦ ଟଙ୍କା ଭଡ଼ାରେ ଆଣି ଚାଷ କରୁଛୁ ବୋଲି ସେମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ବେଣୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଏଯାଏ କୃଷି ସେବାକେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟପକ୍ଷରେ ଯାଜପୁର ଜିଲାରେ ୨୨ଟି କୃଷି ସେବାକେନ୍ଦ୍ର ପ୍ରତିଷ୍ଠା ହୋଇଥିବା କୃଷି ବିଭାଗ ପକ୍ଷରୁ ଦର୍ଶାଯାଉଛି। ଏଭଳିସ୍ଥିତିରେ କୃଷକମାନଙ୍କୁ ଯୋଜନାକୁ ନେଇ ଦୀର୍ଘଦିନ ହେଲା ସରକାର ଭୁଆଁ ଝୁଲାଉଥିବା ଅଭିଯୋଗ ହେଉଛି।

ଆଜି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ଦିବସ

ଫୁଲବାଣୀ/ଡୁମୁଡିବନ୍ଧ,୨୫।୮ (ରାକେଶ କୁମାର ରାଉତ/ ଦୀପକ ପରାସେଠ)

କନ୍ଧମାଳ ଜିଲା ଡୁମୁଡିବନ୍ଧସ୍ଥିତ ଜଲେଶପେଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମଠାରେ ସୋମବାର ପାଳନ ହେବ ଜନ୍ମାଷ୍ଟମୀ ଓ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଷୋଡ଼ଶତମ ଶ୍ରାଦ୍ଧ ବାର୍ଷିକୀ। ଏଥିପାଇଁ ଡୁମୁଡିବନ୍ଧର ଜଲେଶପେଟା ଆଶ୍ରମରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ବାର୍ଷିକୀ ନେଇ ଜଲେଶପେଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ଅନ୍ତେବାସୀ ଆଶ୍ରମ ପରିସରକୁ ପରିଚ୍ଛନ୍ନତା କରିବା ସହ ସ୍ୱାମିଜୀଙ୍କ ବଳିଦାନ କକ୍ଷ, ପ୍ରତିମୂର୍ତ୍ତି, ଯଜ୍ଞ ମଣ୍ଡପ ସମେତ ପ୍ରତିଟି ସ୍ଥାନକୁ ମଧ୍ୟ ସୁସଜ୍ଜିତ କରିଛନ୍ତି। ଜଲେଶପେଟା ଆଶ୍ରମରେ ବହୁ ସାଧୁ ସନ୍ଥଙ୍କ ସମାଗମ ହେବା ସହ ସ୍ୱାମିଜୀଙ୍କ ଅନୁଗାମୀ ମଧ୍ୟ ଜନ୍ମାଷ୍ଟମୀ ଓ ବଳିଦାନ ଦିବସରେ ସାମିଲ ହେବେ। ପଞ୍ଚାୟତିରାଜ, ଗ୍ରାମୀଣ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାଏକ, ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବେ। ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ଡୁମୁଡ଼ିବନ୍ଧ ଜଲେଶପେଟା ଆଶ୍ରମରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ରତ୍ନଭଣ୍ଡାର ଯାଞ୍ଚ ପାଇଁ ଏଏସ୍‌ଆଇକୁ ଅନୁମତି

ଅଳଙ୍କାର ସୁରକ୍ଷିତ ନେଇ ପୁରୁଣା ଓ ନୂଆ ତାଲିକା ଯାଞ୍ଚ ହେବ

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ସହ ସମସ୍ତ ଅଳଙ୍କାର ଗଣତିମଣତି ହେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଭିତର ଓ ବାହାର ରତ୍ନଭଣ୍ଡାର ଯାଞ୍ଚ କରିବ। ଏଥିପାଇଁ ରାଜ୍ୟ ସରକାର ଅନୁରୋଧ କରିଥିବାବେଳେ ଏଏସ୍‌ଆଇକୁ ଅନୁମତି ମିଳିଛି। ଖୁବ୍‌ଶୀଘ୍ର ଏଏସ୍‌ଆଇର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ରତ୍ନଭଣ୍ଡାର ଯାଞ୍ଚ କରିବେ। ଭିତର ରତ୍ନଭଣ୍ଡାରରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ରହିଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ମଧ୍ୟ ଯାଞ୍ଚ କରାଯିବ। ସେହିପରି ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ସୁରକ୍ଷିତ ଭାବେ ରହିଛି କି ନାହିଁ, ସେ ନେଇ ପୁରୁଣା ଓ ନୂଆ ତାଲିକା ଯାଞ୍ଚ କରାଯିବ। ଏହାପରେ ସବୁ ସ୍ୱଷ୍ଟ ହୋଇପାରିବ।

ରତ୍ନଭଣ୍ଡାରର ଆବଶ୍ୟକ ମରାମତି ଓ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ ବୋଲି ରବିବାର ଶ୍ରୀମନ୍ଦିର ପରିଦର୍ଶନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କୁ ମନ୍ଦିର ନିକଟରେ ସେବାୟତ ଓ ଦଳୀୟକର୍ମୀ ସ୍ୱାଗତ କରିଥିଲେ। ପ୍ରଧାନ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହଙ୍କ ସମେତ ଭିତରବେଢ଼ାରେ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ବିତାଇବା ପରେ ପ୍ରସ୍ଥାନ କରିଥିଲେ। ଏହାପରେ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ, ଭାଗ୍ୟରେ ଥିବାରୁ ମହାପ୍ରଭୁଙ୍କର ଭଲରେ ଦର୍ଶନ ମିଳିଲା। ଓଡ଼ିଶାରେ ବର୍ତ୍ତମାନ ଭାଜପା ସରକାର ଗଠନ କରିଛି। ଭାଜପା ଜନସାଧାରଣଙ୍କୁ ଦେଇଥିବା କଥା ଅନେକ ପ୍ରତିଶ୍ରୁତି ଓ ଦାୟିତ୍ୱ ପାଳନ କରିବାର ଅଛି। ତେବେ ପୁରୀ ଓଡ଼ିଶାର ମାଟୁ ଶକ୍ତିକୁ ସଶକ୍ତୀକରଣ କରିବା ପାଇଁ ନିର୍ବାଚନ ସମୟରେ ସୁଭଦ୍ରା ଯୋଜନା ଲାଗୁ କରିବା ନେଇ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ମହିଳାଙ୍କୁ ଦେବା ପାଇଁ ଆମେ ଦାୟିତ୍ୱ ନେଇଥିଲୁ। ଓଡ଼ିଶାବାସୀ ଏହାକୁ ଭରସା କରିଥିଲେ। ଆଗାମୀ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ଏହି ଅବସରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଲକ୍ଷ୍ୟ ରହିଛି ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବେ। ଓଡ଼ିଶାରେ ମହିଳାଙ୍କ ଉନ୍ନତି ତଥା ଗ୍ରାମାଞ୍ଚଳ ମହିଳାଙ୍କ ସଶକ୍ତୀକରଣ ସକାଶେ ସୁଭଦ୍ରା ଯୋଜନା କରାଯାଇଛି। ଏହାଦ୍ୱାରା ଗାଁର ମଧ୍ୟ ବିକାଶ ହୋଇପାରିବ। ଯୋଗୁ ଆମେ ସମସ୍ତେ ଏବଂ ଆମ ମହାପ୍ରଭୁଙ୍କ ଯୋଗୁ ଆମେ ସମସ୍ତେ। ତେଣୁ ମହାପ୍ରଭୁଙ୍କ ମହିମା ଆହୁରି ବଢୁ। ପୁରୀକୁ ବିଶ୍ୱର ଅନ୍ୟତମ ପ୍ରମୁଖ ଅତ୍ୟାଧୁନିକ ଓ ଆଧ୍ୟାତ୍ମିକ ସହର ଭାବେ ଗଢିବା ପାଇଁ ଯାହା ଦରକାର ତାହା କରିବାକୁ ଆମ ସରକାର ବଦ୍ଧପରିକର। ଭାଜପା ଗତ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ପାଳନ କରିଛି। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି। ଯାଞ୍ଚ ଓ ମରାମତି ସକାଶେ ରତ୍ନଭଣ୍ଡାର ଖୋଲାଯାଇଛି। ଏଏସ୍‌ଆଇ ଖୁବ୍‌ଶୀଘ୍ର ଯାଞ୍ଚ କାର୍ଯ୍ୟ ଆରମ୍ଭ କରିବ। ଭାରତୀୟ ବୈଷୟିକ ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ କୋଠାବାଡ଼ି ଗବେଷଣା ଗବେଷଣା ସଂସ୍ଥା ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ ହେବ। ରତ୍ନଅଳଙ୍କାର ଗଣତି କରାଯାଇ ସବୁ ଠିକ୍ ଅଛି କି ନାହିଁ ତାହା ଦେଖାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ | ହୀରାକୁଦ ଜଳଭଣ୍ଡାରର ଖୋଲିଲା ଆଉ ୬ ଗେଟ୍

ସମ୍ବଲପୁର,୨୫।୮ (ପ୍ରମୋଦ ବହିଦାର)

ଉପର ମୁଣ୍ଡରେ ବର୍ଷା ଜାରିରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ଜଳଭଣ୍ଡାରର ଅଧିକ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ତେବେ ଏହି ୬ଟି ଗେଟ୍‌କୁ ମିଶାଇ

ବର୍ତ୍ତମାନ ଜଳଭଣ୍ଡାରର ମୋଟ ୨୦ଟି ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରିରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨ଫୁଟ୍‌ରେ ପହଞ୍ଚିଛି। ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୨୬ ହଜାର ୮୭୯ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୨୦ଟ୍ଲୁଇସ୍ ଗେଟ୍ ଓ ବିଭିନ୍ନ କେନାଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ମୋଟ୍ ୩ ଲକ୍ଷ ୫୪ ହଜାର ୪୯୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୧୪.୦୭ ମିଲିମିଟର ଓ ତଳମୁଣ୍ଡରେ ୯.୩୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

୨ ଦିନ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

ବାଲାଂଦେଶ ଓ ଆଖପାଖ ଅଞ୍ଚଳରେ ରବିବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପଶ୍ଚିମ ଉତ୍ତର ଦିଗରେ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଦେଇ ଗତି କରିବ। ସେହିପରି ମନସୁନ୍ ଟ୍ରପ୍ ଲାଇନ୍ ବଙ୍ଗୋସାଗରର ଦକ୍ଷିଣ–ପୂର୍ବରୁ ଉତ୍ତର–ପୂର୍ବ ଦିଗରେ ବ୍ୟାପିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଛି। ଆସନ୍ତା ୨ ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବାରୁ ସମ୍ଭାବନା ରହିଥିବାରୁ ଉକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଅନ୍ୟପଟେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମାଲକାନଗିରି ଓ କୋରାପୁଟ ଆଦି ଜିଲାରେ ୭ରୁ ୧୧ ସେମି ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ମଧ୍ୟ ୪ ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ପ୍ରବଳ ବର୍ଷା ନେଇ ୧୩ ଜିଲାକୁ ୟେଲୋ ୱାର୍ନିଂ ରହିଛି।

୪ ଫାର୍ମରୁ ମରାଗଲା ୫ ହଜାର କୁକୁଡ଼ା

ପିପିଲିରେ ବାର୍ଡ ଫ୍ଲୁ ଆତଙ୍କ

ପିପିଲି,୨୫।୮ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକରେ ବାର୍ଡ ଫ୍ଲୁ ହେବା ପରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁକୁଡ଼ା ମରା ଅଭିଯାନର ଦ୍ୱିତୀୟ ଦିନରେ ଆବଲପୁର, ପୋଡଙ୍ଗ, ଜନାର୍ଦ୍ଦନପୁର, ରାୟଗରପୁର, ସହଜପୁର, ଆଲିସ, ବାଲିଗାଁ, ଓଡସାମୁଡ଼ି, ନୂଆଗୋଡି ଅଞ୍ଚଳର ପ୍ରାୟ ୫୪ଟି ଫାର୍ମ ଚିହ୍ନଟ କରାଯାଇଛି। ଏଥିରୁ ରାପିଡ୍ ରେସକ୍ୟୁ ଟିମ୍ ୪ଟି ଫାର୍ମରୁ ପ୍ରାୟ ୫ ହଜାର କୁକୁଡ଼ା ମାରିଛି। ଏହି ଅଭିଯାନକୁ ପ୍ରାୟ ୧୫ ଦିନ ସମୟ ଲାଗିବ ବୋଲି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମରାଯିବା ପରେ ସମସ୍ତ ଫାର୍ମକୁ ସାନିଟାଇଜେସନ କରାଯିବ। ପରେ ଫାର୍ମଗୁଡିକୁ ଜଉମୁଦ ସିଲ କରାଯାଇ ଚାବିକୁ ବିଭିଓଙ୍କ ପାଖରେ ରଖାଯିବ। ତେବେ ସୋମବାରଠାରୁ କୁକୁଡ଼ା ମରା ବାବଦ କ୍ଷତିପୂରଣ ଦିଆଯିବ। ୬ ସପ୍ତାହ ମଧ୍ୟରେ ଥିବା କୁକୁଡ଼ା ବାବଦକୁ ୨୦ ଟଙ୍କା ଏବଂ ୬ ସପ୍ତାହରୁ ଅଧିକ ଦିନର କୁକୁଡ଼ା ପାଇଁ ୯୦ ଟଙ୍କା ହିସାବରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ତେବେ ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ଗ୍ରାମ ପଞ୍ଚାୟତର ଦିନଉଧାରଣପୁରରେ ବାର୍ଡ ଫ୍ଲୁ ହୋଇଥିବା ଆଶଙ୍କା କରି ସେଠାରୁ ନମୁନା ସଂଗ୍ରହ କରାଯାଇ ରବିବାର ଭୋପାଲ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ କାର୍ଯ୍ୟନୁଷ୍ଠାନ ନିଆଯିବ। ଏପଟେ କୁକୁଡ଼ା ମରା ଅଭିଯାନ ରୋକିବାକୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପୁରୀ ଅତିରିକ୍ତ ପ୍ରାଣି ସମ୍ପଦ ଅଧିକାରୀ ବିଶ୍ୱରଞ୍ଜନ ବେହେରା, ରାଜ୍ୟ ପୋଲଟ୍ରି ଫାର୍ମସ ଡେଭେଲପମେଣ୍ଟ ଫୋରମ ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ାଙ୍କ ମଧ୍ୟରେ ଦୀର୍ଘ ସମୟ ଦୁର୍ଗାଦାଶପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। କେତେଗୁଡ଼ିଏ ପ୍ରସ୍ତାବର ସନ୍ତୋଷ ଜନକ ସିଦ୍ଧାନ୍ତ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବଂ କୁକୁଡ଼ା ମରା ଅଭିଯାନ ହୋଇଥିଲା। ସାତଶଙ୍ଖଠାରୁ ଉତ୍ତରା ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ ଫାର୍ମରୁ ୫ ଲକ୍

ଏପାଖ ସେପାଖ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ସପ୍ତାହ ତଳେ ରୁଷିଆ ଗସ୍ତ କରି ସେଠାକାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଥିଲେ। ସେତେବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିରି ଜେଲନ୍‌ସ୍କି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଥିଲେ। ୨୩ ଅଗଷ୍ଟରେ ଜେଲନ୍‌ସ୍କି ଓ ମୋଦିଙ୍କ କିଭ୍‌ଠାରେ କରମର୍ଦ୍ଦନ ଓ ଆଲିଙ୍ଗନ କରିବାର ଦୃଶ୍ୟ ଭାରତ ଦେଖିଲା। ଏହା ପରେ ଭାରତୀୟ ଗଣମାଧ୍ୟମରେ କୁହାଗଲା ଯେ, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ମୋଦିଙ୍କ ବଡ଼ ପଦକ୍ଷେପ। କିନ୍ତୁ ମନେହେଲା ଉଭୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସନ୍ତୁଳନତା ବଜାୟ ରଖିବା ଲାଗି ମୋଦି କେବଳ ଗସ୍ତକୁ ଗୁରୁତ୍ୱ ଦେଇଛନ୍ତି। କାରଣ ଯୁଦ୍ଧରେ ରୁଷିଆର ଭଟ୍ଟା ପଡ଼ିଆସୁଥିବା ବେଳେ କୁର୍ସକରେ ୟୁକ୍ରେନ ଜୁଆର ସୃଷ୍ଟି କରିଦେଲାଣି।

୨୪ ଫେବୃଆରୀ ୨୦୨୨ରେ ରୁଷିଆ ପ୍ରଥମେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ସେତେବେଳେ ଆଲୋଚନା ହୋଇଥିଲା ଖୁବ୍ କମ୍ ଦିନ ମଧ୍ୟରେ ୟୁକ୍ରେନ୍ ଡରିଯାଇ ରୁଷିଆ ପାଖରେ ଆତ୍ମସମର୍ପଣ କରିବ। କିନ୍ତୁ ହାସ୍ୟ ଅଭିନେତାରୁ ରାଷ୍ଟ୍ରପତି ହୋଇଥିବା ଜେଲନ୍‌ସ୍କି ନିଜ ଜିଦ୍‌ରେ ଅଟଳ ରହିଲେ। ସମସ୍ତେ ଭାବିଥିଲେ ଜେଲନ୍‌ସ୍କି ଦେଶ ଛାଡ଼ି ପଳାଇବେ। ଏପରିକି ଆମେରିକା ଓ ଅନ୍ୟ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ତାଙ୍କ ପଳାୟନ ପାଇଁ ପଥ ସୁଗମ କରିଥିଲେ। କିନ୍ତୁ ସେ ଦେଶବାସୀଙ୍କୁ ତ୍ୟାଗ କଲେ ନାହିଁ। କଳେବଳେ କୌଶଳେ ରୁଷିଆ ଆକ୍ରମଣକୁ ପ୍ରତିହତ କରିଚାଲିଛନ୍ତି। ଦୀର୍ଘ ଦୁଇବର୍ଷ ପରେ ସମୟ ଏମିତି ଆସି ପହଞ୍ଚିଲା ଯେ, ରୁଷିଆର କୁର୍ସକ ଅଞ୍ଚଳକୁ ୟୁକ୍ରେନ୍ ସେନା ମାଡ଼ି ବସିବାରେ ସକ୍ଷମ ହେଲାଣି। ଏପରିକି ଏହି ମାସରେ ୟୁକ୍ରେନ୍ ସେନା ବହୁ ରୁଷୀୟ ସୈନ୍ୟଙ୍କୁ ଧରି ନେଇଥିବା ବେଳେ ଅନେକ ଯୁବ ସୈନିକ କୌଣସି ପ୍ରତିବାଦ ନ ଜଣାଇ ଆତ୍ମସମର୍ପଣ କରି ଦେଉଥିବା ଖବର ପଦାକୁ ଆସିଛି।

ଭାରତ ଶକ୍ତିଶାଳୀ କୂଟନୈତିକ ନେତୃତ୍ୱ ନେଇ ସେତେବେଳେ ରୁଷିଆ–ୟୁକ୍ରେନ୍ ମଧ୍ୟରେ ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ କରିବାର ଥିଲା। କିନ୍ତୁ ତାହା ନ ହୋଇଲା। ସେଥିପାଇଁ ଆଜି ଭାରତକୁ ଏପାଖ ସେପାଖ ହେବାକୁ ପଡୁଛି।

ଏଥିସହିତ ୟୁକ୍ରେନର ଅନେକ ଡ୍ରୋନ୍ ଆକ୍ରମଣ ଫଳରେ ରୁଷିଆ ରାଜଧାନୀ ମସ୍କୋରେ ଅଳ୍ପ କିଛି କ୍ଷତି ଘଟିଥିବାର ଆମେରିକୀୟ ଗଣମାଧ୍ୟମରୁ ଶୁଣିବାକୁ ମିଳେ। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ କରିବା ପରେ ରୁଷିଆ ଅର୍ଥନୀତି ଦୁର୍ବଳ ହୋଇ ଚାଲିଛି। ଏଥିରୁ ଏହା ବୁଝିବାକୁ ହେବ ଯେ, ରୁଷିଆ ସେନା ବାଧବାଧକତାରେ ଯୁଦ୍ଧ କ୍ଷେତ୍ରକୁ ଆସୁଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ନିଜକୁ ଦୃଢ଼ ରଖିପାରି ଥିବାରୁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସାହାଯ୍ୟ ଦେବା ପାଇଁ ଆଗଭର ହୋଇଛନ୍ତି।

ମୋଦିଙ୍କ ୟୁକ୍ରେନ୍ ଗସ୍ତ ଏମିତି ସମୟରେ ହୋଇଥିବା କୁହାଯାଉଛି ଯେତେବେଳେ ୟୁକ୍ରେନ ଯୁଦ୍ଧର ସଫଳତା ଦେଖୁଛି ଓ କୁର୍ସକ ଅଞ୍ଚଳ ନିଜ ଅକ୍ତିଆରକୁ କରିନେଇଛି। ଏଠାରେ ମନେପଡ଼େ ଜୁଲାଇ ୮ରେ ଭାରତର ପ୍ରଧାନମନ୍ତ୍ରୀଙ୍କ ମସ୍କୋ ଗସ୍ତ ସମୟରେ କିଭ୍‌ର ଏକ ଶିଶୁ ଚିକିତ୍ସାଳୟ ଉପରେ ରୁଷିଆର ଆକ୍ରମଣ ହୋଇଥିଲା। ସେଥିରେ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ତାହା ହେଉଛି ପ୍ରଥମଥର ଯେତେବେଳେ ମୋଦି ରୁଷିଆର ଆକ୍ରମଣକୁ ନାପସନ୍ଦ କରିଥିଲେ। ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମତରେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ଜାତିସଂଘରେ ଏ ନେଇ ଯେତେ ଆଲୋଚନା ଓ ଭୋଟ ନିଆଯାଇଛି ସେଥିରେ ଭାରତ ନିଜକୁ ସବୁବେଳେ ଦୂରେଇ ରଖିଛି। ତାହା ପ୍ରମାଣ କରୁଛି ଭାରତର ବହିର୍ବ୍ୟାପାର ନୀତିରେ କିଛି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ରହିଯାଉଛି, ଯେଉଁଥିପାଇଁ କୌଣସି ସ୍ପଷ୍ଟ ଦୀର୍ଘମିଆଦୀ ଆଭିମୁଖ୍ୟ ରଖିବା କଷ୍ଟକର ହେଉଛି। ରୁଷିଆ ଦୀର୍ଘବର୍ଷ ଧରି ଭାରତର ବନ୍ଧୁ ରହିଆସିଥିବାରୁ ତା' ପ୍ରତି ଦୁର୍ବଳତା ରହିବା ସ୍ୱାଭାବିକ। କିନ୍ତୁ ସ୍ଥଳବିଶେଷରେ ଯୁଦ୍ଧପ୍ରବଣ ମାନସିକତାକୁ ରୋକିବା ଲାଗି ଭାରତ ନିରପେକ୍ଷ ନିଷ୍ପତ୍ତି ନେବାର ଥିଲା। ଯେହେତୁ ଭାରତର ବୈଦେଶିକ ନୀତି ସ୍ପଷ୍ଟ ରହୁ ନାହିଁ, ଏହା କେବଳ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପଦକ୍ଷେପ ନେଉଛି। ରୁଷିଆ–ୟୁକ୍ରେନ୍ ଯୁଦ୍ଧ ପ୍ରାରମ୍ଭରେ ପାଶ୍ଚାତ୍ୟ ରାଷ୍ଟ୍ର ମସ୍କୋ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଥିବା ବେଳେ ଭାରତ ପାଇଁ ନୂଆ ସୁଯୋଗ ମିଳିଥିଲା। ଗୋଟିଏ ପଟେ ରୁଷିଆ ଅର୍ଥ ଆବଶ୍ୟକ କରୁଥିବା ବେଳେ ଭାରତ ସହଯୋଗ କରିବାକୁ ଆଗେଇ ଆସିଥିଲା। ଫଳରେ ଶସ୍ତାରେ ରୁଷିଆଠାରୁ ଭାରତ ତେଲ ପାଇପାରିଲା। କିନ୍ତୁ ତାହାର ଲାଭ ଭାରତରେ ଥିବା ପେଟ୍ରୋଲପମ୍ପରେ ଦେଖିବାକୁ ମିଳିଲା ନାହିଁ। ଅର୍ଥାତ୍ ଗତ ଦୁଇ ବର୍ଷ ଧରି ସାଧାରଣ ଭାରତୀୟ ଗ୍ରାହକ ପାଇଁ ପେଟ୍ରୋଲ କିମ୍ବା ଡିଜେଲ ଦର ହ୍ରାସ କରାଯାଇ ନ ଥିଲା। କେବଳ ଭାରତର ମୁଷ୍ଟିମେୟ ଶିଳ୍ପପତି ଏହି ପରିସ୍ଥିତିରେ ବିପୁଳ ଲାଭ ଉଠାଇ ପାରୁଛନ୍ତି। ଭାରତ ପକ୍ଷରୁ ସେତେବେଳେ ନିଆଯାଇଥିବା ପଦକ୍ଷେପ ପାଶ୍ଚାତ୍ୟକୁ କ୍ରୋଧିତ କରିଥିଲା। ଏଭଳି ସ୍ଥଳେ ଭାରତ ଶକ୍ତିଶାଳୀ କୂଟନୈତିକ ନେତୃତ୍ୱ ନେଇ ରୁଷିଆ–ୟୁକ୍ରେନ୍ ମଧ୍ୟରେ ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ କରିବାର ଥିଲା। କିନ୍ତୁ ତାହା ନ ହୋଇଲା। ସେଥିପାଇଁ ଆଜି ଭାରତକୁ ଏପାଖ ସେପାଖ ହେବାକୁ ପଡୁଛି।

su|do|ku
Puzzles by Srikant Ghosh

ସୁ-ଡୋ-କୁ

	1							5
3			4	7				
				1				2
	8		3			5		
7								9
			9		4		3	
4		8			2	7		
	5						9	
	9		8	3				6

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

4	7	3	2	1	5	6	9	8
6	9	8	3	7	4	5	1	2
5	1	2	6	9	8	7	3	4
1	6	9	8	3	7	4	2	5
7	2	4	5	6	9	1	8	3
3	8	5	4	2	1	9	7	6
2	5	7	9	4	3	8	6	1
9	4	6	1	8	2	3	5	7
8	3	1	7	5	6	2	4	9

ଗତକାଲିର ଉତ୍ତର

ବୃକ୍ଷର ତଳେ ନରହରି

ଡ.ପ୍ରଫୁଲ୍ଲ କୁମାର ସାହୁ

ମହାଭାରତୀୟ ଦର୍ଶନରେ ଅବତାରବାଦର ଅନ୍ୟତମ ଚରିତ୍ର ଭଗବାନ ଶ୍ରୀକୃଷ୍ଣ। ତାଙ୍କ ଲୌକିକ ଓ ଅଲୌକିକ ଲୀଳାର ପ୍ରଥମ ଉଦ୍‌ଗାତା ମହର୍ଷି ବ୍ୟାସଦେବ। ଶ୍ରୀମଦ୍ଭାଗବତ ତାଙ୍କ ତପୋଲବ୍ଧ ଅନୁଭବର ଏକ ବାଙ୍ମୟ ପରିପ୍ରକାଶ। ବିଶ୍ୱପ୍ରେମ, ବିଶ୍ୱଧର୍ମ ଓ ବିଶ୍ୱ ମାନବିକତାର ମହୋଦଧି ଶ୍ରୀମଦ୍ଭାଗବତ। ଆତ୍ମ ଉପଲବ୍ଧି ଓ ଆତ୍ମ ସାକ୍ଷାତକାରର ଗ୍ରନ୍ଥ। ଜ୍ଞାନର ଗଙ୍ଗା ଓ ଅମୃତର ଭଣ୍ଡାର। ମାତ୍ର ବ୍ୟାସକୃତ ଏହି ମହାପୁରାଣର ଦାର୍ଶନିକ ତତ୍ତ୍ୱକୁ ମନ୍ଥନ କରିବା ସାଧାରଣ ଜନତାଙ୍କ ପକ୍ଷରେ ଏକ ଦୁରୂହ ବ୍ୟାପାର। ଏହି କାରଣରୁ ସଂସ୍କୃତ ଭାଗବତ ଚର୍ଚ୍ଚାର ଦୁଆରବନ୍ଧ ମାଡିପାରୁ ନ ଥିଲେ ଲକ୍ଷ ଲକ୍ଷ ଅପାଠୁଆ ଓଡ଼ିଆ। ସେମାନଙ୍କ ଅସହାୟତାକୁ ଅନୁଭବ କରି ମୂଳ ଭାଗବତର ସରଳ ଭାବାନୁବାଦ ପାଇଁ ଆଗେଇ ଆସିଲେ ଭକ୍ତକବି ଜଗନ୍ନାଥ ଦାସ। କବିଙ୍କ ନିଷ୍ଠାପର ଉଦ୍ୟମ ତଥା ଭକ୍ତି, ଶକ୍ତି, ପ୍ରଜ୍ଞା ଓ ସର୍ଜନଶୀଳ ପ୍ରତିଭା ବଳରେ ଏକ ଆନୁବାଦିକ ବିସ୍ମୟ ଉଭା ହେଲା ଅଦ୍ୱିତୀୟ ତତ୍ତ୍ୱମୟ ଗ୍ରନ୍ଥ ଓଡ଼ିଆ ଭାଗବତ। ଅନ୍ଧାର ଭବବନ୍ଧ ଅପସାରଣ ନ୍ୟାୟରେ ତାହା ଖୋଲିଦେଲା ଲକ୍ଷ ଲକ୍ଷ ନିରକ୍ଷର ଜନତାଙ୍କ ଆଖି। ଆଧ୍ୟାତ୍ମିକତାର ଏକ ଅଦ୍ଭୁତ ଉଲ୍ଲାସ ମଧ୍ୟରେ ବିଶାଳ ଉଡ୍ର ଖଣ୍ଡରେ ଦକ୍ଷିଣରୁ ଉତ୍ତର ଯାଏ ପ୍ରବାହିତ ହେଲା ଭାଗବତର ଭାବନା। ଓଡ଼ିଶାର ଘରେ ଘରେ ପ୍ରତିଷ୍ଠା ହେଲା ଭାଗବତ ଗାଦି। ଗାଁ ଗାଁରେ ଗଢି ଉଠିଲା ଭାଗବତଟୁଙ୍ଗି, ଯେଉଁଠି ସଞ୍ଜ ନଇଁଲେ ଭାଗବତ ଗୋସେଇଁଙ୍କ କଣ୍ଠରୁ ଭାସିଆସେ– 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'–ଆଦି ପଦ ପଂକ୍ତିର ସ୍ଫୁଲିତ ଆବୃତ୍ତି। ଭାଗବତର ନବାକ୍ଷରୀ ବୃତ୍ତ ବା ଗୁଜ୍ଜରୀ ରାଗର ଅନୁରଣନ ଶ୍ରୋତାକୁ ଏତେ ସମ୍ମୋହିତ କଲା ଯେ ନିରକ୍ଷର ଜନତା ବି ଶୁଣି ଶୁଣି ମନେରଖିଲା ଭାଗବତର ଅମୃତ ବାଣୀ। ଭାଗବତଟୁଙ୍ଗି ନିର୍ବାହ କଲା ଗାଁ ପାଠାଗାର, ରାତ୍ରି ଶିକ୍ଷାଦାନ କେନ୍ଦ୍ର, ଆଧ୍ୟାତ୍ମିକ ଆଲୋଚନା ସ୍ଥଳ ତଥା ଲୋକ ନ୍ୟାୟାଳୟର ଭୂମିକା। ଦଣ୍ଡ, କ୍ଷମା ଓ ଜରିମାନା ଆଦି ସବୁକିଛି ନିର୍ଣ୍ଣୟ ହେଲା ଭାଗବତ ଗୋସେଇଁଙ୍କ ନାଁରେ। ସେଠାରେ ତୁଳସୀପତ୍ର ଛୁଇଁ ମିଛ କହିବାକୁ ସାହସ କରିବ ବା କିଏ ? ତେଣୁ ଭାଗବତଟୁଙ୍ଗି ପାଲଟିଗଲା ଲୋକଙ୍କ ଆସ୍ଥା ଓ ବିଶ୍ୱାସର ସ୍ଥଳ। ସାମାଜିକ ସଂହତି ତଥା ଶାନ୍ତି ଓ ସମର୍ପଣର ପବିତ୍ର ପୀଠ।

ଭାରତୀୟ ସଂସ୍କୃତିରେ ଯାହା ମୂଳ ବା ମୂଲ୍ୟବାନ ତାହା ହିଁ ଭାଗବତର ସାର ସଂଗ୍ରହ। ତା'ର ପ୍ରତ୍ୟେକଟି ପଦ ଓ ପାଦରେ ନିହିତ ମୁନିଋଷିମାନଙ୍କ ସୂକ୍ଷ୍ମତମ ଚିନ୍ତାର ନିର୍ଯାସ, ଯାହା ଶୁଦ୍ଧ ଜୀବନବୋଧର ଏକ ଏକ ମନ୍ତ୍ର। ମୁକ୍ତିର ମହୌଷଧି। ଏହି ବିଶ୍ୱାସ ନେଇ ମଣିଷର ଶେଷଶଯ୍ୟା ପାଖରେ ପଢାଯାଏ

ଭାଗବତ। ପୁଅ ଅକ୍ଷର ନ ଶିଖିଲେ ମା' ବାପାଙ୍କ ମୃତ୍ୟୁଶଯ୍ୟା ପାଖରେ ଭାଗବତ ପଢିବ କେମିତି? ଶାଶୁ ଶ୍ୱଶୁରଙ୍କୁ ଭାଗବତ ଅଧ୍ୟାୟେ ପଢି କେମିତି ଶୁଣେଇବ ବୋହୂ? ଖାସ ଏଇ କାରଣରୁ ପିଲାଙ୍କୁ ପାଠ ପଢାଇବାକୁ ବ୍ୟାକୁଳ ହେଲେ ସବୁ ମା' ବାପା। ଗାଁ ଗାଁରେ ଖୋଲିଲା ଚାଟଶାଳୀ। ଆରମ୍ଭ ହେଲା ମାଟିବଂଶ ଅବଧାନ ପରମ୍ପରା। ନାରୀ ଶିକ୍ଷାର ପ୍ରସାର ସାଙ୍ଗକୁ ବଢିଲା ସାକ୍ଷରତା ହାର। ତଥ୍ୟ କହେ ଏକଦା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଟପି ଯାଇଥିଲା ଓଡ଼ିଶାର ସାକ୍ଷରତା ହାର। ପ୍ରାୟତଃ ପଚାଶ ଷାଠିଏ ବର୍ଷ ତଳେ ପ୍ରତିଦିନ ଭାଗବତ ପଢିବା ଓ ଶୁଣିବା ଥିଲା ଅନେକ ଲୋକଙ୍କ ଅଭ୍ୟାସ। ତେଣୁ ଆଧ୍ୟାତ୍ମିକ ଜ୍ଞାନର ବିକାଶ ସହିତ ଲୋକଙ୍କ ଭିତରେ ପ୍ରକାଶ ପାଇଥିଲା ସତ୍ୟ, ଧର୍ମ, ନ୍ୟାୟ ଓ ପରୋପକାର ପ୍ରତି ନିଷ୍ଠା। ସେବା, ତ୍ୟାଗ, ନୈତିକ ଭାବନାରେ ମହକିଉଠିଥିଲା ଗ୍ରାମ୍ୟ ପରିବେଶ।

ଭାଗବତରେ ଜୀବନ ନିର୍ଯାସର ଗହନ ତତ୍ତ୍ୱ ଯେତେ ଥାଉନା କାହିଁକି ମୂଳ କଥାଟି ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣ। ପୌରାଣିକ କଥାବସ୍ତୁ ଅନୁସାରେ ପ୍ରବଳ ପ୍ରତାପୀ ମହାରାଜା କଂସ ଥିଲା ମାନବିକତାର ଶତ୍ରୁ। ତା'ର ଅତ୍ୟାଚାରରେ ଥରହର ହେଉଥିଲା ମଥୁରା କଟକ। ରାଜକର୍ମଚାରୀଙ୍କ ଶୋଷଣ କଷଣରେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ଡାକୁଥିଲେ ପ୍ରଜାକୁଳ। ମୁନିଋଷିମାନଙ୍କ ଯଜ୍ଞ ଧ୍ୱଂସ କରିବା ସହିତ ପଶୁପକ୍ଷୀମାନଙ୍କୁ ନିର୍ମମ ଭାବରେ ହତ୍ୟା କରୁଥିଲେ କଂସର ଅନୁଚରମାନେ। ଏଭଳି ଏକ ଅନ୍ଧାରୀ ଶାସନର ଅବସାନ ନିମନ୍ତେ ଆବଶ୍ୟକ ଥିଲା ନୂତନ ରାଜଶକ୍ତିର ଅଭ୍ୟୁଦୟ। ସମୟର ଏ ଆହ୍ୱାନକୁ ସ୍ୱୀକାର କଲେ ଭଗବାନ ଶ୍ରୀକୃଷ୍ଣ। ଅନ୍ଧକାରର ବୁକୁଚିରି ପ୍ରତୀୟମାନ ହେଲା ବିପ୍ଳବର ବହ୍ନିମାନ ରୂପ। କଂସର କାରାଗାର ଭିତରେ ମା'ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମଗ୍ରହଣ କଲେ ଭଗବାନ ଶ୍ରୀକୃଷ୍ଣ। ''ଆକାଶେ ଉଦେ ନିଶାକର। ଦେବକୀ ଉଦରୁ ବାହାର।।''

କୃଷ୍ଣଙ୍କ ଜନ୍ମ ଯେତିକି ରହସ୍ୟମୟ, ତାଙ୍କର କାର୍ଯ୍ୟକଳାପ ତତୋଧିକ ସଂଘର୍ଷପୂର୍ଣ୍ଣ। ସେ ଯେତିକି ଦେବତା ନ ଥିଲେ, ତତୋଧିକ ଥିଲେ ମାନବୀୟ ଚେତନାର ବାର୍ତ୍ତାବହ। ମଣିଷ ପ୍ରତି ତାଙ୍କର ଯେତିକି ଭଲ ପାଇବା ଥିଲା ତତୋଧିକ ଭଲ ପାଇବା ଥିଲା ପ୍ରକୃତି ଓ ପରିବେଶ ପ୍ରତି। ତାଙ୍କ ଦୃଷ୍ଟିରେ ପ୍ରକୃତି ଉପରେ ମାନବୀୟ ଅତ୍ୟାଚାର ଏକ ପାଶବିକ ଆଚରଣ। ତେଣୁ ପ୍ରଦୂଷଣକାରୀ ତତ୍ତ୍ୱ ବିରୋଧରେ ତାଙ୍କର ପଦକ୍ଷେପ ଥିଲା କଠୋର ଓ ଦୃଷ୍ଟାନ୍ତମୂଳକ, ଯାହା ପରିବେଶ ସୁରକ୍ଷା ଦିଗରେ ସର୍ବାଧିକ ଅନୁକରଣୀୟ। ସେ କେବଳ କର୍ମଯୋଗର ପ୍ରବକ୍ତା ନ ଥିଲେ, ବରଂ ଥିଲେ ପ୍ରକୃତି ଉପାସନାର ପ୍ରତୀକ ଓ ତା'ର ସୁରକ୍ଷାର ପ୍ରବର୍ତ୍ତକ। ପାହାଡ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। ଚିର ମୌନମୁଦ୍ରାରେ ଦଣ୍ଡାୟମାନ ପାହାଡଗୁଡିକ କେବଳ କିଛି ପଥର ମାଟି ଗୋଡି ଓ ବୃକ୍ଷରାଜିର ସମାହାର ନୁହେଁ କି ନୈସର୍ଗିକ ଶୋଭାରାଜିର ଗନ୍ତାଘର ନୁହେଁ, ତା' ଦେହରେ ରହିଛି ମାନବୀୟ ଜୀବନସତ୍ତା। ପାହାଡ ଆମ ଜୀବନ ଜୀବିକାର ଆଧାର। ପାହାଡରୁ ସୃଷ୍ଟିହୁଏ ଝରଣା। ଝରଣାରୁ ନଦୀ। ସେହି ନଦୀ କୂଳରେ ଗଢିଉଠେ ଜନବସତି। କେବଳ ପାନୀୟ ଜଳ ଯୋଗାଣ କି କୃଷିର ବିକାଶ ପାଇଁ ନୁହେଁ, ପାହାଡ ଦେହରୁ ଝରୁଥିବା ଝରଣା ଉପରେ ନିର୍ଭର କରି ବଞ୍ଚୁଛନ୍ତି ଅନେକ ପ୍ରଜାତିର ପ୍ରାଣୀ। ଏହି ଦୃଷ୍ଟିରୁ ଗୋପବାସୀଙ୍କ ପାଇଁ ଇନ୍ଦ୍ର ପୂଜାଠାରୁ ଅଧିକ ମହତ୍ତ୍ୱ ରଖେ ଗୋବର୍ଦ୍ଧନ ଉପାସନା। ତେଣୁ ଇନ୍ଦ୍ର ପୂଜା ବଦଳରେ ଗିରି ଗୋବର୍ଦ୍ଧନ ପୂଜିବାକୁ ପରାମର୍ଶ ଦେଇ ସେ କହିଛନ୍ତି–''ପୂଜିବା ଗୋବର୍ଦ୍ଧନ ଶିରେ,ଯେ ଇନ୍ଦ୍ର ଯଜ୍ଞର ସମ୍ଭାରେ। ଦ୍ୱିଗୁଣ କରି ବଳି ଭୋଜା, ସୁଖେ କରିବା ଗିରିପୂଜା।''

ମଣିଷ ସମେତ ସମଗ୍ର ଜୀବଜଗତ ପାଇଁ ନଦୀ ହେଉଛି ପ୍ରକୃତିର ବଡ ଉପହାର। ପ୍ରତ୍ୟକ୍ଷ ହେଉ କି ପରୋକ୍ଷ ହେଉ ନଦୀ ଉପରେ ସମସ୍ତେ ନିର୍ଭରଶୀଳ। ଅଥଚ ମଣିଷର ଅତ୍ୟାଚାରରେ ଦେଶର ନଦୀ ଏବେ ପ୍ରଦୂଷିତ। ଏହି ପରିପ୍ରେକ୍ଷୀରେ ଏକ ଅନୁକରଣୀୟ ବାର୍ତ୍ତା ବହନ କରେ ଯମୁନା ନଦୀ ସହିତ ଶ୍ରୀକୃଷ୍ଣଙ୍କର ଆତ୍ମୀୟତା ତଥା କାଳୀୟନାଗର ଅତ୍ୟାଚାରରୁ କାଳିନ୍ଦୀ ହ୍ରଦକୁ ପ୍ରଦୂଷଣ ମୁକ୍ତ କରିବାର ପ୍ରତିବଦ୍ଧତା।

ପରିବେଶ କହିଲେ ଆଗେ ଆଖି ଆଗକୁ ଆସେ ବୃକ୍ଷ। ମଣିଷର ସ୍ଥିତି,ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଓତପ୍ରୋତ ଭାବେ ଜଡିତ। ପ୍ରାଣ ସଂଚାର ପାଇଁ ବାୟୁଠାରୁ ଖାଦ୍ୟବସ୍ତୁ ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ତ୍ୟାଗ ହେଉଛି ବୃକ୍ଷର ଧର୍ମ। ପ୍ରସଙ୍ଗ କ୍ରମେ ବୃକ୍ଷକୁ ଗୁରୁ ଭାବରେ ଗ୍ରହଣ କରିଥିବା ଅବଧୂତ କହିଛନ୍ତି–''ଧନ୍ୟ ଜୀବନ ଏ ଜଗତେ,ଯେ ପ୍ରାଣ ଧରେ ପ୍ରାଣୀ ହିତେ। ଧନ୍ୟ ଜୀବନ ଧନ୍ୟ ତାର, ଦୁର୍ଲ୍ଲଭ କର୍ମ ଏ ବେଭାର। ଏହା ମୁଁ ବୃକ୍ଷଙ୍କର ସ୍ଥାନେ, ଶିଖିଲି ପର୍ବତ ଗହନେ।'' ଅର୍ଥାତ୍ ବୃକ୍ଷ ସଦୃଶ ଯିଏ ପରୋପକାର ପାଇଁ ଜୀବନ ବଞ୍ଚେ, ସାର୍ଥକ ହୋଇଯାଏ ତା'ର ମାନବ ଜୀବନ। ଗୋ–ସମ୍ପଦର ସମୃଦ୍ଧି ହିଁ ପରିବେଶ ସୁରକ୍ଷାର ଏକ ପ୍ରମୁଖ ଅଙ୍ଗ। ତେଣୁ ଗୋ–ସମ୍ପଦର ଯତ୍ନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି ଶ୍ରୀକୃଷ୍ଣ। ''ଗୋରୁ ଗୋପାଳ ଘେନି ସଙ୍ଗେ, ମିଳିଲେ ଯମୁନାର ଲାଗେ। ଶୀତଳ ଜଳ ପାନ କରି, ବୃକ୍ଷର ତଳେ ନରହରି।'' ଅତଏବ ପରିବେଶ ସୁରକ୍ଷା ଦିଗରେ ଭାଗବତ ବାଣୀର ପ୍ରାସଙ୍ଗିକତା ସର୍ବକାଳୀନ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିକୁ ପଟ୍ଟନାୟକ
ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

ସଙ୍ଗଦୋଷ

ହରେକୃଷ୍ଣ ଦାସ

ଅଗ୍ରପୂଜିତ ଅଗ୍ନିଦେବ ଅତିଉଚ୍ଚ ସମ୍ମାନର ଅଧିକାରୀ ହୋଇଥିଲେ ବି କମାରଶାଳରେ ତାଙ୍କର ମାନମର୍ଯ୍ୟାଦାର ହାନି ହେଉଥିବା ଅନୁଭବ କରି ବିଷଣ୍ଣ ହୃଦୟରେ ଏହାର କାରଣ ଖୋଜିବାରୁ ଜାଣିପାରିଲେ ଯେ ତାଙ୍କ ମାନହାନିର ଏକମାତ୍ର କାରଣ ହେଉଛି ତାଙ୍କର ନୀଚସଂସର୍ଗ। ଲୁହାସହ ସଂଯୁକ୍ତ ହୋଇ ରହିବା କାରଣରୁ ଅଗ୍ନିଦେବଙ୍କୁ ଭୀଷଣ ପ୍ରହାର ଭୋଗିବାକୁ ପଡ଼ିଥାଏ। ୟାର ଅର୍ଥ ମଧ୍ୟ ଏୟା ଯେ

ଆନ୍ତଃରାଜ୍ୟ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ

ରାଜସ୍ଥାନରୁ ୪ ଗିରଫ

ନକଲି ଆପ୍‌ରେ ଫସାଇ ଲୁଟୁଛନ୍ତି ସାଇବର ଠକ

ବଲାଙ୍ଗୀର, ୨୫।୮
(ବୀରେନ୍ଦ୍ର କୁମାର ଝାଙ୍କର)

ସାରା ଦେଶରେ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ଜାଲ ବିଛାଇ ବିପୁଳ ପରିମାଣର ଟଙ୍କା ଠକି ନେଇଥିବା ଏକ ଆନ୍ତଃରାଜ୍ୟ ଠକ ଦଳର ୪ ଜଣଙ୍କୁ ବଲାଙ୍ଗୀର ପୋଲିସ ରାଜସ୍ଥାନରୁ ଗିରଫ କରିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଜଣେ ପ୍ରତିଷ୍ଠିତ ଡାକ୍ତର ଏହି ଅନ୍‌ଲାଇନ୍ ଠକାମିର ଶିକାର ହୋଇ ୭୬ ଲକ୍ଷ ଟଙ୍କା ହରାଇଛନ୍ତି। ବଲାଙ୍ଗୀର ସାଇବର ପୋଲିସ ଥାନାରେ ଏନେଇ ଅଭିଯୋଗ ହେଲା ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ରାଜସ୍ଥାନ ଯାଇ ସେଠାରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୫ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ପ୍ରମାଣ ଜବତ କରିଛନ୍ତି। ବଲାଙ୍ଗୀର ପୋଲିସ ଏହି ଅନ୍‌ଲାଇନ୍ ଠକ ଦଳଙ୍କ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୬୦ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ରବିବାର ଏସ୍‌ପି ଖିଲାରୀ ଖବରଦାତା ସମ୍ମିଳନୀ

ମୁଖ୍ୟ ଅଭିଯୁକ୍ତ ଟାର୍ଗେଟ ଆକାଉଣ୍ଟାଣ୍ଟ

ଗିରଫ ଅଭିଯୁକ୍ତଙ୍କ ସହ ବଲାଙ୍ଗୀର ସାଇବର ପୋଲିସ ଟିମ୍ ଓ ଜବତ ୫ ମୋବାଇଲ ଫୋନ୍।

- ବଲାଙ୍ଗୀରର ପ୍ରତିଷ୍ଠିତ ଡାକ୍ତରଙ୍କଠାରୁ ଠକି ନେଇଛନ୍ତି ୭୬ ଲକ୍ଷ ଟଙ୍କା
- ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୬୦ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କଲା ପୋଲିସ

ସ୍ଥାନୀୟ ସାଇବର ଥାନାରେ ମାମଲା (୨୧/୨୦୨୪) ରୁଜୁ କରି ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ଇଣ୍ଟରନେଟ୍‌ରେ ନିଜ ପରିଚୟ ଗୋପନ ପାଇଁ ଭର୍ଚୁଆଲ ମୋବାଇଲ ନମ୍ବର ଏବଂ ଭିପିଏନ୍ ସର୍ଭିସ ବ୍ୟବହାର କରୁଥିଲେ। ତଦନ୍ତ ଆରମ୍ଭ କରାଯିବା ପରେ ରାଜସ୍ଥାନରୁ ଏହି ଠକେଇ ନେଟୱର୍କ ପରିଚାଳିତ ହେଉଥିବା ଜଣାପଡିଥିଲା। ଅଭିଯୁକ୍ତମାନେ ଉଚ୍ଚଶିକ୍ଷିତ ଓ ଅତି ସତର୍କତାର ସହ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ମୋବାଇଲ, ଟେଲିଗ୍ରାମ୍, ସ୍ନାପଚ୍‌ଆପ୍ ଜରିଆରେ ଅନ୍‌ଲାଇନ୍ ଠକେଇ କରୁଥିବା ସ୍ପଷ୍ଟ ହୋଇଥିଲା। ଲୋକଙ୍କୁ ଠକିବା ପାଇଁ ଅଭିଯୁକ୍ତମାନେ ଅନ୍‌ଲାଇନ୍‌ରେ ଜାଲ ଡୋମେନ୍ ଏବଂ କ୍ରିପ୍ଟୋ ଟ୍ରେଡିଂ ପ୍ଲାଟଫର୍ମ ତିଆରି କରି ଟେଲିଗ୍ରାମ୍ ଏବଂ ସ୍ନାପ୍‌ଚ୍ୟାଟ୍ ଜରିଆରେ ଲୋକଙ୍କ ପାଖକୁ ପଠାଉଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବଲାଙ୍ଗୀରର ସ୍ୱତନ୍ତ୍ର ସାଇବର ପୋଲିସ ଟିମ୍ ରାଜସ୍ଥାନ ଗସ୍ତରେ ଯାଇ ସେଠାକାର ଟୁଚୁ ଏବଂ ଗଙ୍ଗାନଗର ଜିଲା ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏହି ଅନ୍‌ଲାଇନ୍ ଟ୍ରେଡିଂ ଠକେଇରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ଏହି ଅନ୍‌ଲାଇନ୍ ଠକେଇ ନେଟୱର୍କର ପର୍ଦ୍ଦାଫାଶ କରିବା ପାଇଁ ବଲାଙ୍ଗୀର ସାଇବର ପୋଲିସ ଟିମ୍‌କୁ ଦୀର୍ଘ ୪ ମାସ ପରିଶ୍ରମ କରିବାକୁ ପଡିଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ଖିଲାରୀଙ୍କ ସହ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ସାଇବର ଟିମ୍ ଇନ୍ସପେକ୍ଟର ଅଲେଖ ଗଡିଆ, ଭାରତୀ ନାଏକ, ମନୋଜ କୁମାର ମୁଣ୍ଡା, ଅବିନାଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଟଙ୍କା ବହୁଗୁଣିତ କରିବା ଲୋଭରେ ଏଭଳି ଅନ୍‌ଲାଇନ୍ ଠକେଇରେ ପଡନ୍ତୁ ନାହିଁ ବୋଲି ଏସ୍‌ପି ଖିଲାରୀ ଜନସାଧାରଣଙ୍କୁ ସଚେତନ କରିଛନ୍ତି।

୬ ମାସରେ ଠକି ନେଇଛନ୍ତି ୨୫ କୋଟି

ଭୁବନେଶ୍ୱର, ୨୫।୮
(ସୂର୍ଯ୍ୟକାନ୍ତ ବେହେରା)

ନକଲି ଆପ୍ ସାଇବର ଅପରାଧୀଙ୍କ ଅସ୍ତ୍ର ପାଲଟିଛି। ନକଲି ଆପ୍ଲିକେଶନ ବନାଇ ଲୋକଙ୍କୁ ଜାଲରେ ଫସାଉଛନ୍ତି। ଡାଟାବେସ ଜରିଆରେ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ଲୋକଙ୍କ ରୁଚି ଓ ଆବଶ୍ୟକତାକୁ ପରଖି ଲୋଭନୀୟ ମେସେଜ୍ ମାଧ୍ୟମରେ ନକଲି ଆପ୍‌ର ଲିଙ୍କ୍ ପଠାଉଛନ୍ତି। ଉକ୍ତ ଲିଙ୍କ୍‌କୁ ଖୋଲି ନକଲି ଆପ୍‌କୁ ଡାଉନ୍‌ଲୋଡ୍ କରିବା ମାତ୍ରେ ଲୋକେ ଫସିଯାଉଛନ୍ତି। କେତେବେଳେ ମୋବାଇଲକୁ ହ୍ୟାକ୍ କରି ତ ଆଉ କେତେବେଳେ ଗ୍ଲାକମେଳିଂ ଜରିଆରେ ସର୍ବସ୍ୱାନ୍ତ କରିଦେଉଛନ୍ତି। କାହାକୁ ଟ୍ରେଡିଂରେ ନିବେଶ ନାଁରେ ତ ପୁଣି କାହାକୁ ଲୋନ୍ ଆପ୍‌ରେ ଲୁଟୁଛନ୍ତି। ପାର୍ଟଟାଇମ୍ ଚାକିରି, ବିଟ୍ କଏନ, ଅନ୍‌ଲାଇନ୍ ଶପିଂ, ଅନ୍‌ଲାଇନ୍ ଡେଲିଭରି ସଂସ୍ଥା କିମ୍ବା କୋରିୟର ସଂସ୍ଥା ନାଁରେ ଏବେ ଶହ ଶହ ନକଲି ଆପ୍ ସକ୍ରିୟ ରହିଛି। ପ୍ରତିଦିନ ନ୍ୟାଶନାଲ ସାଇବର କ୍ରାଇମ୍ ପୋର୍ଟାଲରେ ଏଭଳି ନକଲି ଆପ୍ ଠକେଇକୁ ନେଇ ଶହ ଶହ ଅଭିଯୋଗ ଆସୁଛି। ପୁଣି ସାଇବର ଥାନାକୁ ଆସୁଥିବା ମାମଲାରୁ ଅଧାରୁ ଅଧିକ ଏହି ନକଲି ଆପ୍‌ଜନିତ ବୋଲି ଜଣାପଡିଛି। ପୁଣି ଆପଲ ଆପ୍ ଷ୍ଟୋର୍ ଓ ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ମାଳ ମାଳ ନକଲି ଆପ୍ ଖୋଲାଯାଇଛି। ସାଇବର ଅପରାଧୀମାନେ ଜାଲ୍ ତଥ୍ୟ ଦେଇ ନକଲି ଆପ୍ ଖୋଲିଥିବାରୁ ନକଲି ଆପ୍ ସାଇବର ଅପରାଧୀଙ୍କ ଅସ୍ତ୍ର ପାଲଟିଛି। ଏହି ଆପ୍‌ଗୁଡିକ ଡାଉନ୍‌ଲୋଡ୍ କରନ୍ତୁ। ଏହାପୂର୍ବରୁ ସତର୍କତାର ସହ ଠିକ୍ ଯାଞ୍ଚ କରନ୍ତୁ। ଏପିକେ ଫାଇଲ୍ ଅର୍ଥାତ୍ ଆଣ୍ଡ୍ରଏଡ୍ ପ୍ୟାକେଜ ମୋଡ୍‌ରେ ଆପ୍ ଡାଉନ୍‌ଲୋଡ୍ ପାଇଁ ଲିଙ୍କ୍ ସହ ଅଫର ଆସୁଥିଲେ ଦୂରେଇ ରୁହନ୍ତୁ। ଅଜଣା ଉତ୍ସ ଜରିଆରେ ଲିଙ୍କ୍ ଆସୁଥିଲେ ଆଦୌ ଡାଉନ୍‌ଲୋଡ୍ କରନ୍ତୁନାହିଁ। ବିଭିନ୍ନ ୱେବ୍‌ସାଇଟ୍, ଅନ୍‌ଲାଇନ ବିଜ୍ଞାପନ, ସୋସିଆଲ ମିଡିଆ ପୋଷ୍ଟରେ ପଠାଯାଉଥିବା ଆପ୍, ପ୍ଲେ ଷ୍ଟୋର୍‌ରେ ଥିବା କିଛି ଅନାବନା ଆପ୍‌କୁ ମଧ୍ୟ ଡାଉନଲୋଡ୍ କରନ୍ତୁ ନାହିଁ। ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ, ପୂର୍ବରୁ ଲୋକମାନେ ଦେଇଥିବା ମତ ଓ ମନ୍ତବ୍ୟକୁ ଧ୍ୟାନ ଦିଅନ୍ତୁ। ଡେଭଲପରଙ୍କ ୱେବ୍‌ସାଇଟକୁ ଯାଇ ଆପ୍ ସମ୍ପର୍କିତ ତଥ୍ୟ ଯାଞ୍ଚ କରନ୍ତୁ ଓ ଆପ୍‌ର ଗୋପନୀୟତା ଦିଗକୁ ଭଲ ଭାବେ ପଢନ୍ତୁ। କୌଣସି ଆପ୍ ଚଳାଇବା ପାଇଁ କେବଳ ଆବଶ୍ୟକ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରି, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ଅନୁମତି ଦିଅନ୍ତୁ ନାହିଁ। ମୋବାଇଲରେ ପେଡ୍ ଆଣ୍ଟି ଭାଇରସ ସଫ୍ଟୱେର ବ୍ୟବହାର କରନ୍ତୁ, ଯାହା ସାଇବର ଆକ୍ରମଣରୁ ମୋବାଇଲକୁ ସୁରକ୍ଷା ଦେବ। ବିଭିନ୍ନ ଆକାଉଣ୍ଟ ପାଇଁ ଅଲଗା ଅଲଗା ଶକ୍ତିଶାଳୀ ସ୍ୱତନ୍ତ୍ର ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ସେଗୁଡିକୁ ପରିବର୍ତ୍ତନ କରନ୍ତୁ। ଯଦି ଆପଣ ଏକ ନକଲି ଆପ୍ ଡାଉନ୍‌ଲୋଡ୍ କରିଦେଇଛନ୍ତି, ତେବେ ଆପ୍‌କୁ ତୁରନ୍ତ ଅନ୍‌ଇନଷ୍ଟଲ୍ କରନ୍ତୁ। କୌଣସି ଆକାଉଣ୍ଟର ଗୋପନୀୟତା କିମ୍ବା ସୁରକ୍ଷା ଭଙ୍ଗ ହୋଇଥିବା ଅନୁଭବ କରୁଛନ୍ତି, ତେବେ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ କରନ୍ତୁ। ବ୍ୟାଙ୍କ ଓ ଅନ୍‌ଲାଇନ୍ ଆକାଉଣ୍ଟ ଉପରେ ନଜର ରଖନ୍ତୁ। ସନ୍ଦିଗ୍ଧ ଆପ୍ ସମ୍ପର୍କରେ ତୁରନ୍ତ ଥାନାରେ ରିପୋର୍ଟ କରନ୍ତୁ।

ଠକେଇରୁ ବର୍ତ୍ତିବାକୁ ଉପାୟ ବତାଇଲେ ବିଶେଷଜ୍ଞ

ନକଲି ଆପ୍‌ରୁ ଲୋକେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁ କେତେକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବୈଧ ୱେବ୍‌ସାଇଟ୍ କିମ୍ବା ଅନୁମତିପ୍ରାପ୍ତ ଆପ୍ ଷ୍ଟୋର(ପ୍ଲେ ଷ୍ଟୋର, ଆପଲ ଷ୍ଟୋର୍) ଭଳି ଭରସାଯୋଗ୍ୟ ଉତ୍ସରୁ ହିଁ ଟ୍ରେଡିଂ କିମ୍ବା ଅନ୍ୟ ଆପ୍‌ଗୁଡିକ ଡାଉନ୍‌ଲୋଡ୍ କରନ୍ତୁ। ଏହାପୂର୍ବରୁ ସତର୍କତାର ସହ ଠିକ୍ ଯାଞ୍ଚ କରନ୍ତୁ। ଏପିକେ ଫାଇଲ୍ ଅର୍ଥାତ୍ ଆଣ୍ଡ୍ରଏଡ୍ ପ୍ୟାକେଜ ମୋଡ୍‌ରେ ଆପ୍ ଡାଉନ୍‌ଲୋଡ୍ ପାଇଁ ଲିଙ୍କ୍ ସହ ଅଫର ଆସୁଥିଲେ ଦୂରେଇ ରୁହନ୍ତୁ। ଅଜଣା ଉତ୍ସ ଜରିଆରେ ଲିଙ୍କ୍ ଆସୁଥିଲେ ଆଦୌ ଡାଉନ୍‌ଲୋଡ୍ କରନ୍ତୁନାହିଁ। ବିଭିନ୍ନ ୱେବ୍‌ସାଇଟ୍, ଅନ୍‌ଲାଇନ ବିଜ୍ଞାପନ, ସୋସିଆଲ ମିଡିଆ ପୋଷ୍ଟରେ ପଠାଯାଉଥିବା ଆପ୍, ପ୍ଲେ ଷ୍ଟୋର୍‌ରେ ଥିବା କିଛି ଅନାବନା ଆପ୍‌କୁ ମଧ୍ୟ ଡାଉନଲୋଡ୍ କରନ୍ତୁ ନାହିଁ। ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ, ପୂର୍ବରୁ ଲୋକମାନେ ଦେଇଥିବା ମତ ଓ ମନ୍ତବ୍ୟକୁ ଧ୍ୟାନ ଦିଅନ୍ତୁ। ଡେଭଲପରଙ୍କ ୱେବ୍‌ସାଇଟକୁ ଯାଇ ଆପ୍ ସମ୍ପର୍କିତ ତଥ୍ୟ ଯାଞ୍ଚ କରନ୍ତୁ ଓ ଆପ୍‌ର ଗୋପନୀୟତା ଦିଗକୁ ଭଲ ଭାବେ ପଢନ୍ତୁ। କୌଣସି ଆପ୍ ଚଳାଇବା ପାଇଁ କେବଳ ଆବଶ୍ୟକ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରି, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ଅନୁମତି ଦିଅନ୍ତୁ ନାହିଁ। ମୋବାଇଲରେ ପେଡ୍ ଆଣ୍ଟି ଭାଇରସ ସଫ୍ଟୱେର ବ୍ୟବହାର କରନ୍ତୁ, ଯାହା ସାଇବର ଆକ୍ରମଣରୁ ମୋବାଇଲକୁ ସୁରକ୍ଷା ଦେବ। ବିଭିନ୍ନ ଆକାଉଣ୍ଟ ପାଇଁ ଅଲଗା ଅଲଗା ଶକ୍ତିଶାଳୀ ସ୍ୱତନ୍ତ୍ର ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ସେଗୁଡିକୁ ପରିବର୍ତ୍ତନ କରନ୍ତୁ। ଯଦି ଆପଣ ଏକ ନକଲି ଆପ୍ ଡାଉନ୍‌ଲୋଡ୍ କରିଦେଇଛନ୍ତି, ତେବେ ଆପ୍‌କୁ ତୁରନ୍ତ ଅନ୍‌ଇନଷ୍ଟଲ୍ କରନ୍ତୁ। କୌଣସି ଆକାଉଣ୍ଟର ଗୋପନୀୟତା କିମ୍ବା ସୁରକ୍ଷା ଭଙ୍ଗ ହୋଇଥିବା ଅନୁଭବ କରୁଛନ୍ତି, ତେବେ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ କରନ୍ତୁ। ବ୍ୟାଙ୍କ ଓ ଅନ୍‌ଲାଇନ୍ ଆକାଉଣ୍ଟ ଉପରେ ନଜର ରଖନ୍ତୁ। ସନ୍ଦିଗ୍ଧ ଆପ୍ ସମ୍ପର୍କରେ ତୁରନ୍ତ ଥାନାରେ ରିପୋର୍ଟ କରନ୍ତୁ।

ହରିଣ ଶିଙ୍ଗ, ଛାଲ ଜବତ: ୨ ଗିରଫ

ବନ କର୍ମଚାରୀଙ୍କ ଦ୍ୱାରା ଗିରଫ ୨ ଅଭିଯୁକ୍ତ ଓ ଜବତ ହରିଣ ଶିଙ୍ଗ, ଛାଲ।

ଖଇରା/ଔପଦା, ୨୫।୮
(ଉତ୍କଳବନ୍ଧୁ ପଣ୍ଡା/ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ସୋର ରେଞ୍ଜ ଖଇରା ଥାନା ଅଧୀନ ଦିଘି ତେନ୍ତୁଳି ଓ ଚକାପଦା ଗ୍ରାମରୁ ୨ଟି ହରିଣ ଶିଙ୍ଗ, ଗୋଟିଏ ଛାଲ ଓ କସ୍ତୁରୀ ମୃଗ ନାଭି ଜବତ କରାଯାଇଛି। କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଓ ବନ ବିଭାଗ ମିଳିତ

କେନ୍ଦ୍ରୀୟ ଗୋଇନ୍ଦା ଟିମ୍‌ର ଚଢ଼ାଉ

ଭାବେ ଶନିବାର ରାତିରେ ଚଢ଼ାଉ କରିଥିଲେ। ଏହି ର୍ୟାକେଟରେ ସମ୍ପୃକ୍ତ ଥିବା ଚିନ୍ତାମଣି ପୃଷ୍ଟି ଓ ସନ୍ତୋଷ ମହାନ୍ତିଙ୍କୁ ଗିରଫ କରାଯାଇଛି। ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ ଓ ରେଞ୍ଜନ ମନୋରଞ୍ଜନ ନାଇକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

ପୋଲିସ ସୂଚନାଦାତା ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ମାଲକାନଗିରି, ୨୫।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଲାଛା ପୁନେମ (୬୦)।

ସୂଚନା ଅନୁଯାୟୀ, ବସ୍ତର ଡିଭିଜନ ଗାଙ୍ଗାଲୁର ପୋଲିସ ଥାନା ଅଧୀନ ଗାଜତାପାରା ଗ୍ରାମର ଲାଛାଙ୍କୁ ଶନିବାର ରାତିରେ ଏକ ଧାରୁଆ ଅସ୍ତ୍ରରେ ମାଓବାଦୀମାନେ ହତ୍ୟା କରିଥିବା ଜଣାପଡ଼ିଛି। ହତ୍ୟାପରେ ମୃତଦେହ ନିକଟରେ ଏକ ପୋଷ୍ଟର ଫିଙ୍ଗି ଯାଇଥିଲେ। ଏଥିରେ ଉଲ୍ଲେଖ ରହିଛି, ପୋଲିସ ସୂଚନାଦାତା କାର୍ଯ୍ୟ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଛି। ଲାଛାଙ୍କୁ ବାରମ୍ବାର ପ୍ରଜାକୋର୍ଟରେ ବୁଝାଇବା ସତ୍ତ୍ୱେ ସେ ପୋଲିସ ସହ ଯୋଗାଯୋଗ ରଖିଥିବା ଏବଂ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ ବୋଲି ଉଲ୍ଲେଖ ରହିଛି। ଘଟଣାପରେ ପୁସନାର ଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ଘରେ ପଶି ମହିଳାଙ୍କୁ ବଳାତ୍କାର

ଭାପୁର, ୨୫।୮
(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ନିମାଣୀ ପଞ୍ଚାୟତରେ ଏକ ବଳାତ୍କାର ଘଟଣା ଘଟିଛି। ଘରେ କେହି ନ ଥିବା ସୁଯୋଗ ନେଇ ଜଣେ ଯୁବକ ମହିଳାଙ୍କ ମୁହଁ ବନ୍ଦ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତା ମହିଳା ଫତେଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଶନିବାର ରାତି ୮ଟା ବେଳେ ସେ ଘରେ ରୋଷେଇ କରୁଥିଲେ। ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ବାଦଭୁଇଁ ଗ୍ରାମର ଶିବ ଜେନା (୨୫) ଘରେ ପଶି ମୋ ପାଟିକୁ ଏକ ଅଠାଯୁକ୍ତ ଟେପ୍‌ରେ ବନ୍ଦ କରି ବଳାତ୍କାର କରିଥିଲେ। ମହିଳାଙ୍କ ଶାଶୁ ଏହାଦେଖି ପାଟି କରିବାରୁ ଶିବ ଧକ୍କା ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଯୁବକ ଫେରାର ବେଳେ ଏ କଥା କାହାକୁ କହିଲେ ଭିଡିଓ ଭାଇରାଲ କରିଦେବି ବୋଲି ଧମକ ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ମହିଳାଙ୍କୁ ଡାକ୍ତରୀମାଇନା କରିଛି। ଏନେଇ ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି, ମହିଳାଙ୍କ ଅଭିଯୋଗ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

ନେତୃତ୍ୱକୁ ନେଇ ୨ କିନ୍ନର ଗୋଷ୍ଠୀ ମାରପିଟ

ଥାନା ସମ୍ମୁଖରେ ଏକାଠି ହୋଇଥିବା କିନ୍ନରମାନେ।

ଯାଜପୁରରୋଡ୍, ୨୫।୮
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ସହରରେ ୨ କିନ୍ନର ଗୋଷ୍ଠୀ ମଧ୍ୟରେ ନେତୃତ୍ୱକୁ ନେଇ କିଛି ଦିନହେବ ଲାଗି ରହିଥିବା ବିବାଦ ଶନିବାର ଉଗ୍ରରୂପ ଧାରଣ କରିଛି। ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ କିନ୍ନର ଆହତ ହୋଇଛନ୍ତି। ଉଭୟ ପକ୍ଷ ଥାନା ସମ୍ମୁଖରେ ପହଞ୍ଚି ହଟ୍ଟଗୋଳ କରିବା ସହ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଯାଜପୁର ରୋଡ୍ ସାପଗାଡ଼ିଆ, ପଦ୍ମପୁର ଓ କାଚୁଡି ସାହି ଅଞ୍ଚଳରେ ବସବାସ କରୁଛନ୍ତି ଶତାଧିକ କିନ୍ନର। ଶୁକ୍ରବାର ରାତିରେ ମିଲିଟାରି ଛକଠାରୁ ନୂଆଗଡ଼ ଛକ ମଧ୍ୟରେ ବିରଜା କିନ୍ନର ସଂଘର କେତେଜଣ ସଦସ୍ୟ ଲୋକଙ୍କୁ ସାହାଯ୍ୟ ଭିକ୍ଷା କରୁଥିଲେ। ଏହି ସମୟରେ ଶାନ୍ତି ସେନା କିନ୍ନର ସଂଘର ସଦସ୍ୟ ପହଞ୍ଚି କାହିଁକି

ଉଭୟ ପକ୍ଷରୁ ଥାନାରେ ଏତଲା

ଆମ ଏରିଆରେ ବେପାର କରୁଛ ବୋଲି କହି ବିରୋଧ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ ହୋଇଥିଲା। ପୂର୍ବରୁ ଶାନ୍ତିସେନାର ସଭାପତି କାଜଲ ନାୟକ ଓ ସମ୍ପାଦିକା ଲଭଲି ସାହୁ କିନ୍ନର ସମାଜର ନେତୃତ୍ୱ ନେଇ ଆସୁଥିବାବେଳେ କେତେଜଣ କିନ୍ନର ଏହି ଗୋଷ୍ଠୀରୁ ବାହାରି ଚିନୁ ସାହୁ ଓ ସୁଇଟି ସାହୁଙ୍କ ନୂଆ ନେତୃତ୍ୱକୁ ଗ୍ରହଣ କରିଛନ୍ତି। ଏହି ନେତୃତ୍ୱର ଲଢ଼େଇକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏମାନଙ୍କ ମଧ୍ୟରେ ଦେଖାଦେଇଥିବା ଏହି ଅନ୍ତର୍ଦ୍ୱନ୍ଦ୍ୱ ଧୀରେଧୀରେ ଉଗ୍ରରୂପ ଧାରଣ କରିଛି। ଏନେଇ ଥାନରେ ନଂ.୫୧୫ ଓ ୫୧୬/୨୪ରେ ୨ଟି ମାମଲା ରୁଜୁ ହୋଇଛି। କିନ୍ନର ସଂଘରେ ଗୋଷ୍ଠୀ ବିଭାଜନ ଫଳରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି।

ମହିଳାଙ୍କୁ ଅପହରଣ, ବଳାତ୍କାର: ଯୁବକ ଗିରଫ

ପାଟଣା, ୨୫।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ପୋଲିସ ରବିବାର ଜଣେ ମହିଳାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା କରଞ୍ଜିଆ ଗ୍ରାମ ୱାର୍ଡନମ୍ବର ୧୩ ନିବାସୀ ସାହିର କାହ୍ନା ଗ୍ରହାଚାର୍ଯ୍ୟ(୨୪)।

ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୦ରେ ପାଟଣା ଥାନା ଭାଲିଆଡିହା ଗ୍ରାମର କେତେଜଣ ମହିଳା କାହ୍ନାଙ୍କ କାରକୁ ଭଡ଼ାରେ ନେଇ ମୟୂରଭଞ୍ଜ ଜିଲା ବିଷୋୟୀକୁ ଆଦିବାସୀ ମେଳା ଦେଖିବାକୁ ଯାଇଥିଲେ। ମେଳାରୁ ଫେରିବା ସମୟରେ ଜଣଙ୍କୁ ଛାଡ଼ି ସମସ୍ତ ମହିଳା ଓହ୍ଲାଇଥିଲେ। ଉକ୍ତ ମହିଳାଙ୍କ ଘର ଗାଁର ଶେଷ ମୁଣ୍ଡରେ ଥିବାରୁ ତାଙ୍କୁ ଘର ନିକଟକୁ ଛାଡ଼ିବାକୁ କାହ୍ନା ଯାଇ

ସଂକ୍ଷେପରେ

ବାଇକ୍ ଧକ୍କାରେ ଶ୍ରମିକ ମୃତ

ଯାଜପୁରରୋଡ୍,୨୫।୮ (ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ଥାନା ଅନ୍ତର୍ଗତ ଆଲିହାଛକ ନିକଟରେ ରବିବାର ରାତି ପ୍ରାୟ ୮ଟା୪୫ରେ ବାଇକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ପଶ୍ଚିମବଙ୍ଗର ଲକ୍ଷ୍ମୀକାନ୍ତ ସିଂ ବୋଲି ଜଣାପଡ଼ିଛି। ସେ ଆଲିହା ଛକରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଲିହା ଛକରେ ରାସ୍ତା ପାର ହେଉଥିବାବେଳେ ଜଣେ ବାଇକ୍ ଆରୋହୀ ଦ୍ରୁତଗତିରେ ଆସି ଲକ୍ଷ୍ମୀକାନ୍ତଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଲକ୍ଷ୍ମୀକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ବାଇକ୍ ଚାଳକଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ରାସ୍ତା ଉପରେ ବୁଲା ଗୋରୁ, ବଢୁଛି ଦୁର୍ଘଟଣା

କାଏମା,୨୫।୮ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅଞ୍ଚଳର ବିଭିନ୍ନସ୍ଥାନରେ ରାସ୍ତାଉପରେ ଦିନରାତି ଗୋରୁଷଣ୍ଢ ବୁଲୁଛନ୍ତି। ଫଳରେ ଏଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଅଞ୍ଚଳର ଜାରକାଠାରୁ କାଏମାକୁ ସଂଯୋଗ କରୁଥିବା ରାସ୍ତା ଅଣଓସାରିଆ ହୋଇଥିବାରୁ ବହୁ ସମୟରେ ଭିଡ଼ ଜମୁଛି। ସକାଳ ପରଠାରୁ ସ୍କୁଲ, କଲେଜ ପିଲାଙ୍କ ଭିଡ଼ଥାଏ। ବିଭିନ୍ନ ବ୍ୟବସାୟୀ ନିଜନିଜ କାମରେ ବାହାରି ରାତିରେ ଫେରିଥାନ୍ତି। ତେବେ ରାସ୍ତାଉପରେ ବୁଲୁଥିବା ଗୋରୁଷଣ୍ଢଙ୍କ ପାଇଁ ସେମାନେ ଦୁର୍ଘଟାଣାର ଶିକାର ହେଉଛନ୍ତି।

କାଏମା ଅଞ୍ଚଳର ବ୍ୟବସାୟୀ ନରେଶ କୁମାର ସାହୁ କହିଛନ୍ତି, ସେ ଜାରକାରେ ବ୍ୟବସାୟ କରନ୍ତି। ରାତି ପ୍ରାୟ ୧୦ଟାରେ ଘରକୁ ଫେରିବା ସମୟରେ ତାଙ୍କ ସାମ୍ନାରେ ଏକ ଦୁର୍ଘଟଣା ଘଟିଥିଲା। ରାସ୍ତାରେ ଶୋଇଥିବା ଏକ ଷଣ୍ଢ ସହ ୨ ବାଇକ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ତେଣୁ ଗୋରୁଷଣ୍ଢ ରାସ୍ତାରେ ବୁଲୁଥିବାରୁ ରାତିରେ ଯାତାୟାତ ପାଇଁ ଅନେକ ଅସୁବିଧା ହେଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ସେହିପରି କାଏମା ବଜାର ମଧ୍ୟରେ ଅନେକ ବୁଲା ଷଣ୍ଢ ରାସ୍ତାରେ ବୁଲୁଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ଫଳରେ ଦୁର୍ଘଟଣାରେ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଅଭିଯୋଗ କରିବା ସହ ଏହାର ପ୍ରତିକାର ଦାବି କରିଛନ୍ତି।

ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ

ଝୁଙ୍କୁରୀ,୨୫।୮ (ସରୋଜ ନାୟକ):

ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତସ୍ଥ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ୩ ପ୍ରଥମ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗଣିତ ବିଭାଗ ମୁଖ୍ୟ ପ୍ରାଧାପକ ଉଜ୍ଜ୍ୱଳକାନ୍ତ ଦାସ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଏହି ସ୍ୱାଗତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶୈଳେନ୍ଦ୍ର କୁମାର ଜେନା ଓ ସମୀକ୍ଷା ଦାସଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧାପକ ଦେବୀପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ ୨୪ ନୂତନ ସମ୍ମାନ ଛାତ୍ରୀଛାତ୍ରଙ୍କୁ ବିଭାଗ ତରଫରୁ ସ୍ୱାଗତ କରିଥିଲେ। ଉତ୍ସବରେ ପାଠଚକ୍ରର ସମ୍ପାଦିକା ହୀରାଦ୍ରୀ ରାୟ, ସହ-ସମ୍ପାଦିକା ପ୍ରୀତିପ୍ରଜ୍ଞା ଦାସ, ଶୁଭଲକ୍ଷ୍ମୀ ଶତପଥୀ, ଦେବୀପ୍ରସାଦ ସାହୁ ପ୍ରମୁଖ ସିନିୟର ଛାତ୍ରୀଛାତ୍ର, ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ସେମାନଙ୍କ କର୍ତ୍ତବ୍ୟପରାୟଣ ଓ ସମୟାନୁବର୍ତ୍ତିତା ହେବାକୁ କହିଥିଲେ। ପ୍ରାଣୀବିଜ୍ଞାନ ପାଠଚକ୍ରର ଅନ୍ୟତମ ସହଉପଦେଷ୍ଟା ଅଧ୍ୟାପକ ସୋମନାଥ ସିଂ, ଅଧ୍ୟାପିକା ପ୍ରିୟଦର୍ଶିନୀ ଦାସ, ଡ. ବିକାଶ କୁମାର ମହାନ୍ତି ଓ ପୀତବାସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟର ସ୍ୱାଗତ ଉତ୍ସବରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ

ଯାଜପୁରରୋଡ୍,୨୫।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା (ଯୁକ୍ତ୨) ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଦୃଷିକେଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ୭ଦିନଧରି ଚାଲିଥିଲା। ଏଥିରେ ମହାବିଦ୍ୟାଳୟର ୫୦ ସ୍ୱେଚ୍ଛାସେବୀ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନର ଶିବରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପଙ୍କଜିନୀ ପାଣି, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, ସନ୍ତରା କାଉନସିଲର ଉର୍ମିଳା ପରିଡା ଓ କାଉନସିଲର କୁମୁଦୁନୀ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଶିବାରାର୍ଥୀଙ୍କ ଦ୍ୱାରା ଚାରାରୋପଣ, ସଡ଼କ ସୁରକ୍ଷା, ଫାଇଲେରିଆ ସଚେତନତା, ସ୍ୱଚ୍ଛଭାରତ ଅଭିଯାନ, ଅଗ୍ନିନିର୍ବାପକ ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥିଭାବେ ଉଚ୍ଚ ମାଧ୍ୟମିକ ଜାତୀୟ ସେବା ଯୋଜନାର ପୋଗ୍ରାମ କୋ-ଅଡିନେଟର ଡ. ବିଶ୍ୱମୋହନ ଜେନା, ସମ୍ମାନିତ ଅତିଥିଭାବେ ଜିଲାର ଜାତୀୟ ସେବା ଯୋଜନା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳ, ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ଯାଜପୁରରୋଡ୍ ଆଦର୍ଶ ଥାନା ଏସ୍‌ଆଇ ଲିଙ୍ଗରାଜ ବେହେରା, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ସହସଂଯୋଜକ ତଥା ମୁଖ୍ୟକିରାଣି କଲ୍ୟାଣୀ ପରିଡ଼ା, ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ, ଚିତ୍ତରଞ୍ଜନ ବଳ, ସୁବାସ ଚନ୍ଦ୍ର ସ୍ୱାଇଁ, ସରୋଜ କୁମାର ଜେନା, ସୁରେନ୍ଦ୍ର କୁମାର ମଲ୍ଲିକ, ଅଧ୍ୟାପିକା ଲଳିତା ସାହୁ, ଡ. ହିରଣ୍ୟମୟୀ ମିଶ୍ର, ମାନସୀ ବେହେରା, ଦୀପ୍ତିମୟୀ ରାଉତ, ଦେବଯାନୀ ଦାସ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ, ଡ. ମମତାମୟୀ ଦାଶ ଓ ଆୟେଶା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲ୍ୟାଣୀ ପରିଡା ଧନ୍ୟବାଦ ଦେଇଥିଲେ।

ସାହିତ୍ୟରୁ ଲୁକ୍କାୟିତ ପ୍ରତିଭାର ବାସ୍ନା ବାହାରିଥାଏ

ବରୀ,୨୫।୮ (ମହେନ୍ଦ୍ର ସ୍ୱାଇଁ):

ବରିଶ୍ରୀର ବାର୍ଷିକ ଉତ୍ସବ

ବରିଶ୍ରୀର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବରୀ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବରିଶ୍ରୀର ୩୦ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରମାଦେବୀ ଗୋପବନ୍ଧୁ ଚୌଧୁରୀ ଆଶ୍ରମଠାରେ ପାଳିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ତଥା ସାହିତ୍ୟିକ ଆଶୁତୋଷ ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶ୍ରୀହରି ଧଳ ଯୋଗଦେଇ ସାହିତ୍ୟରୁ ଲୁକ୍କାୟିତ ପ୍ରତିଭାର ବାସ୍ନା ବାହାରିଥାଏ ଓ ସାହିତ୍ୟ କେବେ ମୃତ ନୁହେଁ। ଏହା ସମାଜର କଥା କହିବା ସହିତ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତ ରଖିଥିଲେ। ଜିଲାର ଜାତୀୟ ସେବା ଯୋଜନା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳ, ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ଯାଜପୁରରୋଡ୍ ଆଦର୍ଶ ଥାନା ଏସ୍‌ଆଇ ଲିଙ୍ଗରାଜ ବେହେରା, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ସହସଂଯୋଜକ ତଥା ମୁଖ୍ୟକିରାଣି କଲ୍ୟାଣୀ ପରିଡ଼ା, ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ, ଚିତ୍ତରଞ୍ଜନ ବଳ, ସୁବାସ ଚନ୍ଦ୍ର ସ୍ୱାଇଁ, ସରୋଜ କୁମାର ଜେନା, ସୁରେନ୍ଦ୍ର କୁମାର ମଲ୍ଲିକ, ଅଧ୍ୟାପିକା ଲଳିତା ସାହୁ, ଡ. ହିରଣ୍ୟମୟୀ ମିଶ୍ର, ମାନସୀ ବେହେରା, ଦୀପ୍ତିମୟୀ ରାଉତ, ଦେବଯାନୀ ଦାସ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ, ଡ. ମମତାମୟୀ ଦାଶ ଓ ଆୟେଶା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲ୍ୟାଣୀ ପରିଡା ଧନ୍ୟବାଦ ଦେଇଥିଲେ।

ଜଳିଗଲା ୨ ବଖରା

ବାସୁଦେବପୁର,୨୫।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ବାଲିମେଦ ପଞ୍ଚାୟତର ଛତ୍ରପଦା ଗାଁରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସିମିଳା ମଲିକଙ୍କ ୨ ବଖରା ଘର ସହ ଗୋରୁ ଗୁହାଳ ଓ ରୋଷେଇ ଘର ଜଳିଯାଇଛି। ତାଙ୍କର ଘରୋଇ ଉପକରଣ, ଆସବାବପତ୍ର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବାକୁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଲିତା ଓ ଗ୍ରାମବାସୀ ଦାବି କରିଛନ୍ତି।

ଖବରକାଗଜ ବିତରକଙ୍କ ପରଲୋକ

ବରୀ,୨୫।୮ (ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ନାଥପୁର ପଟଣା ଗ୍ରାମର ଖବରକାଗଜ ବିତରକ ବଳରାମ ଦାଶ(ମୃଷି ନନା)ଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ହଠାତ ଅସୁସ୍ଥତା ଅନୁଭ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଦୀର୍ଘ ୩୦ ବର୍ଷ ଧରି ଖବରକାଗଜ ବିତରକଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା, ସରପଞ୍ଚ କୁନା ମଲ୍ଲିକ, ସମିତିସଭ୍ୟ ଶ୍ରୀଧର ସେଠୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଦାଶଙ୍କ ବିୟୋଗରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଉମେଶ ଜେନା, ସାମାଜିକ କର୍ମୀ ସଞ୍ଜୀବ ଜେନା ଓ ମନୋଜ ମହାପାତ୍ର ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା। ଯାଜପୁର ସର୍ବୋଦୟ ମଣ୍ଡଳର ଜିଲା ସମ୍ମିଳନୀ

ବଡ଼ଚଣା,୨୫।୮ (ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ପକ୍ଷରୁ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ବଡ଼ଚଣା ବିଧାୟକ ଅମର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରେସ କ୍ଲବ ସଭପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏମ୍‌ପି ବେହେରା ଯୋଗଦେଇ, ଉଚ୍ଚ ବୈଷୟିକ ଜ୍ଞାନକୁ ବ୍ୟବହାର କରି ଗଣମାଧ୍ୟମ ପ୍ରତିନିଧିମାନେ ସତ୍ୟ, ନିଷ୍ଠା, ନିର୍ଭୀକ ଓ ନିରପକ୍ଷ ଖବର ପରିବେଷଣ କରି ସମାଜର ଅବହେଳିତ, ନିଷ୍ପେଷିତ ଏବଂ ନିର୍ଯାତିତ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସାମାଜିକ ସୁରକ୍ଷା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲୋକ ସଭାରେ ଦାବି ଉପସ୍ଥାପନ କରିବେ ବୋଲି କହିଥିଲେ। ବିଧାୟକ ନାୟକ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗରେ ବଡ଼ଚଣାର ସାମଗ୍ରିକ ବିକାଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ପ୍ରେସ କ୍ଲବର ବିଭିନ୍ନ ଅଭାବ ଅସୁବିଧା ପୂରଣ କରାଯିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସୁଙ୍କୁଡ଼ା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଯୋଗଦେଇ ସାମ୍ବାଦିକମାନେ ନିରପେକ୍ଷ ଖବର ପରିବେଷଣ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରେସ୍‌କ୍ଲବ ଉପସଭାପତି ପ୍ରାରମ୍ଭିକ ସୂଚନା ଦେଇ ଥିବାବେଳେ ସମ୍ପାଦକ ଦିଲୀପ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସମରେନ୍ଦ୍ର ମାହିଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରତାପ କେଶରୀ ରାଉତରାୟ, ଶିବରାମ ସାହୁ, ମୋହନ ଖିଲାର, ଦେବବ୍ରତ ଦେବତା, ସୁରେନ୍ଦ୍ର ସାମଲ, ସଂଜୟ ସ୍ୱାଇଁ, ପ୍ରଶାନ୍ତ ଜେନା, ଭାରତ ଭୂଷଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହେମସ ଜେନା ଧନ୍ୟବାଦ ଦେଇଥିଲେ।

ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଧର୍ମଶାଳା,୨୫।୮ (ବଟକୃଷ୍ଣ ପରିଡ଼ା):

ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

ଗାନ୍ଧୀ ବିନୋବା, ଜୟପ୍ରକାଶ, ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଆଚାର୍ଯ୍ୟ ହରିହର ଓ ମନମୋହନ ଚୌଧୁରୀ ପ୍ରମୁଖଙ୍କ ଜୀବନୀ ଏବଂ ଚିନ୍ତନ ଦ୍ୱାରା ପ୍ରେରଣା ପାଉଥିବା ବ୍ୟକ୍ତିବିଶେଷ ବୁଝନ୍ତି ଯେ, ସମାଜରେ ଯେଉଁ ଅବକ୍ଷୟ ଆରମ୍ଭ ହୋଇଛି, ଏହାକୁ ରୋକିବାର ସବୁଠୁ ବଡ଼ ଅସ୍ତ୍ର ଗାନ୍ଧୀଙ୍କ ବିଚାର ଆଧାରିତ ସର୍ବୋଦୟ ସମାଜ। ମାତ୍ର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳପିଣ୍ଡ ସମ୍ବିଧାନକୁ ବଦଳାଇଦେବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି। ଦେଶର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସର୍ବୋଦୟ ଆଦର୍ଶ ଭିତ୍ତିରେ ଆମକୁ ଜନଚେତନା ଜାଗ୍ରତ ସହ ଏକ ଗଣବିପ୍ଳବ ସଂଗଠିତ କରିବାକୁ ହେବ। ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଆୟୋଜିତ ଜିଲା କାର୍ଯ୍ୟକାରିଣୀରେ ଉପସ୍ଥିତ ବ୍ୟକ୍ତିବିଶେଷ ଏହି ମତ ପ୍ରକାଶ କରିଛନ୍ତି।

ଯାଜପୁର ଜିଲା ସର୍ବୋଦୟ ମଣ୍ଡଳର ସଭାପତି ରାମଚନ୍ଦ୍ର ଶୁକ୍ଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶୋକ ପ୍ରସ୍ତାବ, ପୂର୍ବ ବୈଠକର ବିବରଣୀ ପଠନ, ଦୃଢ଼ୀକରଣ, ବିଗତ କାର୍ଯ୍ୟ ବିବରଣୀ, ଆଗାମୀ କାର୍ଯ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ସଂଯୋଜନାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସର୍ବୋଦୟ ଆନ୍ଦୋଳନ ସମିତିର ରାଷ୍ଟ୍ରୀୟ ଆବାହକ ଡ. ବିଶ୍ୱଜିତ, ସର୍ବୋଦୟ ମଣ୍ଡଳର ସଦ୍‌ଭାବନା ସେଲ ସଂଯୋଜକ ଅଧ୍ୟାପକ ସେକ୍ ନାସିର ବକ୍ସ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଡ. ରୁଦ୍ର ପୃଷ୍ଟି, ଯାଜପୁର ଜିଲା ସର୍ବୋଦୟ ମଣ୍ଡଳର ଉପସଭାପତି ଦୁର୍ଗା ଚରଣ ବାରିକ, ଢେଙ୍କାନାଳ ଜିଲା ସର୍ବୋଦୟ ମଣ୍ଡଳ ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେହେରା, ପୁରୁଷୋତ୍ତମ ବିଶ୍ୱାଳ, କୃଷକ ସଙ୍ଗଠନର ପ୍ରଭାକର ନାୟକ, କୃଷକ ଲକ୍ଷ୍ମଣ ଦାସ ଓ ଆତ୍ମାନନ୍ଦ ସାରଦାଙ୍କ ସମେତ ଜିଲାରୁ ଆସିଥିବା ସର୍ବୋଦୟ ଲୋକସେବକ, ସର୍ବୋଦୟ ମିତ୍ରମାନେ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକ ରବିନାରାୟଣ କରଙ୍କୁ ସ୍ୱାଧୀନତା ସଂଗ୍ରାମୀ ବାଳକୃଷ୍ଣ ଶୁକ୍ଲ ସ୍ମୃତି ସମ୍ମାନ, ସ୍ତମ୍ଭକାର ନବଘନ ଜେନା, ସାମାଜିକ କର୍ମୀ ରଶ୍ମିତା ନାୟକ, ଆଦର୍ଶ ସରପଞ୍ଚ ସ୍ମୃତିରେଖା ରାଉତ ଓ ଯୁବ ସଂଗଠକ ରାଜକୁମାର ଜେନାଙ୍କୁ ଜନନେତା ସୁରେନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ, ଅଧ୍ୟାପିକ

ପଟ୍ଟାମୁଣ୍ଡାଇ ବ୍ଲକରେ ବଢୁଛି ଅନିୟମିତତା।

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

- ■ ମୌଳିକ କାର୍ଯ୍ୟ ପାଇଁ ଅନୁଦାନ ଆସୁଛି
- ■ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିରେ ବ୍ୟାପକ ଦୁର୍ନୀତି ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ମାତ୍ର ବିଭାଗୀୟ ଅଧିକାରୀମାନେ ଅଭିଯୋଗକୁ ଭ୍ରୂକ୍ଷେପ କରୁନାହାନ୍ତି। ଫଳରେ ଦୁର୍ନୀତି ବଢ଼ିଚାଲିଛି। ଏଥିପାଇଁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ଏପରି କାରଣ ଯୋଗୁ ପଞ୍ଚାୟତିରାଜ ବ୍ୟବସ୍ଥା ତା'ର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପ୍ରତିବର୍ଷ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପଞ୍ଚାୟତ ଅଧୀନରେ ବଭନ୍ନ ବକାଶ କାଯ୍ୟ ହାତକୁ ନିଆଯାଉଛି। ୨ଲକ୍ଷରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧ ଖନନ ଏବଂ ତା'ର ଉନ୍ନତୀକରଣ ପାଇଁ ଅନୁଦାନ ଖର୍ଚ୍ଚ ହେଇଛି। ମାତ୍ର ବାସ୍ତବରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେବାର ୧୮ବର୍ଷ ପରେ ବି ବନ୍ଧଗୁଡ଼ିକର ରୂପରେଖ ବଦଳି ପାରିନାହିଁ। ଏହା ପଞ୍ଚାୟତିରାଜ ବ୍ୟବସ୍ଥାରେ ଚାଲିଥିବା ଆଖିବୁଜା ଦୁର୍ନୀତିକୁ ପ୍ରମାଣିତ କରୁଛି। ଅନ୍ୟପକ୍ଷେ ସିଏଫ୍‌ସି ଏବଂ ଏସ୍‌ଏଫ୍‌ସି ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ ହେବାରେ ବ୍ୟତିକ୍ରମ ମଧ୍ୟ ଘଟୁଛି। ଅଧିକ ଲାଭଖୋର ମନୋଭାବ ସାଙ୍ଗକୁ ଅଦୃଶ୍ୟ ପିସି କାରବାର ଯୋଗୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ ରୂପାୟନ ହୋଇପାରୁନାହିଁ। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ପଟ୍ଟାମୁଣ୍ଡାଇ ପଞ୍ଚାୟତିରାଜ ବିଭାଗରେ କେତେଜଣ କର୍ମଚାରୀ କେତେ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ଜନସାଧାରଣ ଜାଣିପାରୁନାହାନ୍ତି। ଏକାଧିକ କର୍ମଚାରୀ ଗୋଟଏ କାର୍ଯ୍ୟାଳୟରେ ବହୁବର୍ଷ ଧରି ରହିଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ନିତାନ୍ତ ଅପରିହାର୍ଯ୍ୟ। କାରଣ କେଉଁ ଯୋଜନାରେ କେତେ ଖର୍ଚ୍ଚ ହେଉଛି ତାହା ଉଚ୍ଚ ପଦାଧିକାରୀ ଓ ସ୍ଥାନୀୟ ରାଜନେତା ହିଁ ଜାଣନ୍ତି। ମାତ୍ର ସାଧାରଣ ଲୋକଙ୍କୁ ଜଣାଇବା ପାଇଁ ବାର୍ଷିକ ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯିବାର ବ୍ୟବସ୍ଥା ଥାଇ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ପଟ୍ଟାମୁଣ୍ଡାଇ ବ୍ଲକରେ ହେଉଥିବା ଦୁର୍ନୀତିରେ ରାଜନେତା, ଉଚ୍ଚ ପଦାଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସବୁକ୍ଷେତ୍ର ଅବହେଳିତ ହୋଇରହିଛି। ବୁଦ୍ଧିଜୀବୀ କ୍ଷୀରୋଦ ମଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ସ୍ୱଚ୍ଛତା ନ ଥିବାରୁ ଦୁର୍ନୀତି ବଢ଼ିଚାଲିଛି। ଏଥିରେ କେତେଜଣ ଉଚ୍ଚ ପଦାଧିକାରୀ ସହଯୋଗ କରୁଥିବା ନଜିର ରହିଛି। ଗତ ଜୁଲାଇରେ ଦିହାପଡ଼ା ପଞ୍ଚାୟତରେ ସିଏଫ୍‌ସି ଅନୁଦାନରେ ଏକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ କିରାଣି ଏସ୍‌ଏଫ୍‌ସି ଅର୍ଥକୁ ସିଏଫ୍‌ସି କାର୍ଯ୍ୟ ବାବଦରେ ବିଲ୍ କରି ଦେଇଥିଲେ। ଏହା ଅଡିଟ୍‌ରେ ଜଣାପଡ଼ିବା ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଅର୍ଥ ଫେରସ୍ତ ପାଇଁ ବିଡିଓ ତାଗିଦ କରିଥିଲେ। ମାତ୍ର ଅଫିସିଆଲି ଚିଠି କରା ନ ଗଲେ ଅର୍ଥ ଫେରସ୍ତ ହେବା ସମ୍ଭବ ନୁହଁ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ରୋକ୍‌ଠୋକ୍ କହିଥିଲେ। ଏଥିରେ ବିଡିଓ ଉତ୍କ୍ଷିପ୍ତ ହୋଇ ବଭନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ହେଲେ ବ୍ଲକରେ ହେଉଥିବା ଅନିୟମିତାକୁ ଆଗକୁ ଆଉ ବରଦାସ୍ତ କରାଯିବନାହିଁ। ଯିଏ ଏଭଳି କାର୍ଯ୍ୟ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଯେଉଁମାନେ ୨ ବର୍ଷରୁ ଅଧିକ ଦିନ ଗୋଟିଏ କାର୍ଯ୍ୟାଳୟରେ ଅଛନ୍ତି ସେମାନଙ୍କୁ ଖୁବ୍‌ଶୀଘ୍ର ଅନ୍ୟତ୍ର ବଦଳି କରାଯିବ ବୋଲି ସେ କହିଛନ୍ତି।

ରାସ୍ତା ପାର୍ଶ୍ୱରେ ତାଳମଞ୍ଜି ରୋପଣ

ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ପାଟକୁରା, ୨୫।୮ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକର ଗୋବରା ଛକଠାରୁ ସିଙ୍ଗିଟିଆ ଛକ ପର୍ଯ୍ୟନ୍ତ ତାଳଗଛ ମଞ୍ଜି ରୋପଣ କରାଯାଇଛି। ଏହିକାର୍ଯ୍ୟ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦିବ୍ୟ ତ୍ରୁଷ୍ଟ ପାଖଡ ପକ୍ଷରୁ କରାଯାଇଛି। ତ୍ରୁଷ୍ଟର ଆବାହକ ପ୍ରକୃତି ମିତ୍ର ଦ୍ୱାରିକାନାଥ ସେନାପତିଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଅତଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାକାଳପଡ଼ାର ବନ ରକ୍ଷକ ମହନ୍ତ କୁମାର ମଲ୍ଲିକଙ୍କ ସମେତ ନରୋତ୍ତମ ପରିଡ଼ା, ଅବସରପ୍ରାପ୍ତ ପ୍ରାଧାପକ ଲିଙ୍ଗରାଜ ଶତପଥୀ, ମାର୍ଶାଘାଇ ବ୍ଲକ ଇକୋ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସାମାଜିକ କର୍ମୀ ନବାବ ପଣ୍ଡା, ବିମଳ ପ୍ରସାଦ ଜେନା, ମାଧବାନନ୍ଦ ନାୟକ, ଦେବ କୁମାର ପାଣି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦୁଯ୍ୟୋଧନ ସାହୁ, ଶଶର ପରଡ଼ା, ଉମାକାନ୍ତ ସାହୁଙ୍କ ସମେତ ବହୁ ପ୍ରକୃତି ପ୍ରେମୀ ଓ ସାମାଜିକକର୍ମୀ ଉପସ୍ଥିତ ଥିଲେ।

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରାଜକନିକା, ୨୫।୮ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡିଓ ପୃଥ୍ୱୀରାଜ ପରିଡାଙ୍କ ସଂଯୋଜନାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ବ୍ଲକ ପରିସରରେ ବିଭିନ୍ନ ପ୍ରକାର ଫୁଲ, ଫଳ ଓ ଔଷଧୀୟ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଓ ପୂର୍ଣ୍ଣଶ୍ରୀ ସାହୁ, ଅବକାଶ ସ୍ୱାଇଁ, ନରହରି କିସକୋ, ଏସିପି ଗଙ୍ଗାଧର ସାହୁ, ଜିପିଡିଓ ରଞ୍ଜିତ ପରିଡ଼ା, ବ୍ଲକ ପ୍ରକଳ୍ପ ସଂଯୋଜକ (ଗ୍ରାମୀଣ ଆବାସ ଯୋଜନା) ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ଅନିଲ କୁମାର ସାହୁ, ନସାଦ ଅଲ୍ଲୀ ଖାଁ, ସୁବୋଧ କୁମାର ସାହୁ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ

କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଭରତପୁରଠାରେ ମା' ଦକ୍ଷିଣକାଳୀ ମନ୍ଦିର ତ୍ରୁଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଶିବିର ସମ୍ପର୍କରେ ତ୍ରୁଷ୍ଟ ସଭାପତି ଯୁଗଳ କିଶୋର ଦାସ କହିଛନ୍ତି, କୃତ୍ରିମ ରକ୍ତ ଏ ପର୍ଯ୍ୟନ୍ତ ତିଆରି ହୋଇପାରିନାହିଁ। ତେବେ ବିଭିନ୍ନ ସମୟରେ ମଣିଷର ରକ୍ତର ଆବଶ୍ୟକତା ପଡୁଛି। ଜିଲାରେ ଏବେ ମାସିକ ପ୍ରାୟ ୭୦୦ ୟୁନିଟ ରକ୍ତ ଆବଶ୍ୟକ ଥିବା ବେଳେ ବହୁ କମ ପରିମାଣର ରକ୍ତ ସଂଗ୍ରହ ହେଉଛି। ଏହାକୁ ଦୃଷ୍ଟିରେ ରଖି ତ୍ରୁଷ୍ଟ ପକ୍ଷରୁ ଶିବିର ଆୟୋଜନ କରାଯାଇଛି। ଏହାକୁ ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ମଲ୍ଲିକ, ଶକ୍ତି ପ୍ରସାଦ ମହାନ୍ତି, ପ୍ରବୋଧ କୁମାର ଦାସ, ଅଲେଖ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ବୁଡ଼ିବାକୁ ବସିଲାଣି କୌଳିକ ବୃତ୍ତି, ବିଦେଶମୁହାଁ ଯୁବ ପିଢ଼ି

ରାଜକନିକାରେ କୀର୍ତ୍ତନ ବେହେରା ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)

ବୁଡିବାକୁ ବସିଲାଣି କୌଳିକ ବୃତ୍ତି। ଆଜିକାଲି ଦର ବୃଦ୍ଧି କୌଳିକ ବୃତ୍ତିକୁ ନେଇ ସଂସାର ଚଳାଇବା କାଠିକର ପାଠ ହୋଇପଡ଼ିଛି। ପିଲାମାନଙ୍କୁ ଠିକ୍‌ରେ ଗଣ୍ଡେ ଖାଇବାକୁ, ଖଣ୍ଡେ ପିନ୍ଧିବାକୁ ଦେଇହେଉନି। ପୁଣି ପାଠ ପଢ଼ାଇବାକୁ ହେଲେ ଧାର ଉଦ୍ଧାର କରି ପଢ଼ାଇବାକୁ ପଡୁଛି। ଆମ ଦୁଇପ୍ରାଣୀଙ୍କ କଥା ଅବା ପଚାରେ କିଏ। ଏଭଳି ଦୁଃଖଭରା କାହାଣୀ କହିଛନ୍ତି, କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ଜରିସାହି ଗାଁର କୀର୍ତ୍ତନ ବେହେରା। କୀର୍ତ୍ତନଙ୍କ କହିବା କଥା, କୁମ୍ଭକାର ସମ୍ପ୍ରଦାୟର ହୋଇଥିବାରୁ ବାପ, ସାଆନ୍ତଙ୍କ ଅମଳରୁ ମାଟିର ମାଠିଆ, ସୁରେଇ, ପଲମ, ହାଣ୍ଡି ଆଦି ବିଭିନ୍ନ ପ୍ରକାର ଘରକରଣା ଜିନିଷ ଆଦି ତିଆରି କରି ଗାଁକୁ ଗାଁ ବୁଲି ବିକ୍ରି କରି ଦି' ପଇସା ଆଣୁଥିଲୁ। ସେତେବେଳେ ଆମ ମାଟି ଗଢ଼ା ସାମଗ୍ରୀର ଆଦୃତ ଥିଲା। କାଳକ୍ରମେ ବିଭିନ୍ନ ଧାତବ, ପ୍ଲାଷ୍ଟିକ ଜିନିଷର ଚାହିଦା ବଢିବାରେ ଲାଗିଛି। ଫଳରେ ମାଟି ତିଆରି ଜିନିଷ ଉପରୁ ସମସ୍ତେ ମୁହଁ ଫେରେଇଲେ, ଯଦ୍ଦ୍ୱାରା ଆମର ମାଟି ଗଢା ଜିନିଷ ଆଦୃତ ହେଲାନାହିଁ। କେବଳ ଓଷା ବ୍ରତ, ବାହାଘର, ବ୍ରତଘର, ଶୁଦ୍ଧ ଘର ଆଦି କାର୍ଯ୍ୟରେ କେବଳ ଖୋଜା ପଡୁଛି। ସେଥିରେ କୁଟୁମ୍ବ ପୋଷିହେଉନି। ଯେଉଁ କାରଣରୁ ଆମେ ଆମର କୌଳିକ ବୃତ୍ତିରୁ ମୁହଁ ଫେରାଇ ଠାକୁର ଗଢ଼ିବାକୁ ଆରମ୍ଭ କଲୁ। ତେବେ ଏହି ବୃତ୍ତିରେ ମଙ୍ଗଳା ମୁଖା, ଖୁଦୁରୁକୁଣୀ, ଗଣେଶ, ବିଶ୍ୱକର୍ମା, ଦୁର୍ଗା, କାଳୀ, ସରସ୍ୱତୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରୁଛୁ। ସେ ପୁଣି ୧୨ମାସ ନୁହେଁ। ଏହି ରୋଜଗାରରେ ଯାହା ଯେମିତି ଚଳି ଯାଉଛୁ। ଏହି କାରଣରୁ ପିଲାମାନେ ଏହି ବୃତ୍ତି ଆପଣେଇବାକୁ ପସନ୍ଦ କରୁନାହାନ୍ତି। ସେଥିପାଇଁ ବିଦେଶକୁ ରୋଜଗାର ଆଶାରେ ଯାଉଛନ୍ତି। ଯଦି ଆମ କୁମ୍ଭକାର ସମ୍ପ୍ରଦାୟକୁ ସରକାରୀ ପ୍ରୋତ୍ସାହନ କିଛି ମିଳନ୍ତା, ତେବେ ଆଗାମୀ ପିଢ଼ି ଏହି କୌଳିକ ବୃତ୍ତିକୁ ଆପଣେଇ ଆଗକୁ ବଢ଼ିବାରେ ସହାୟକ ହୁଅନ୍ତା।

୨୮ରୁ ସମ୍ପାଦକଙ୍କ ଘର ଆଗରେ ଆମରଣ ଅନଶନ

ଗାଁ ପାଉଣା ଅର୍ଥ ହଡ଼ପ

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

ଗୋଟିଏ ଗାଁ ଗୋଟିଏ ପଞ୍ଚାୟତ। ରାଜନଗର ବ୍ଲକ ବେଲପାଳ ଗାଁରେ ଦୀର୍ଘବର୍ଷ ହେଲା ରହି ଆସିଛି ଭାଇଚାରା। ଗାଁର ପର୍ବପର୍ବାଣୀ ଓ ସମସ୍ତ କାର୍ଯ୍ୟକ୍ରମ ସାମୂହିକ ଭାବେ ଗାଁର ପ୍ରଗତି ଯୁବକ ସଂଘ ମାଧ୍ୟମରେ ପରିଚାଳିତ ହୋଇଥାଏ। ଗାଁର ବିଭିନ୍ନ ଆୟରୁ ମିଳିଥିବା ଅର୍ଥ ଯୁବକ ସଂଘର ସଭାପତି ଓ ସମ୍ପାଦକଙ୍କ ନିକଟରେ ରହିଥାଏ। ୨୦୧୭ଠାରୁ ସଂଘର ସମ୍ପାଦକ ଭାବେ ନିରଞ୍ଜନ ବିଶ୍ୱାଳ ଓ ସଭାପତି ଭାବେ ବିକ୍ରମ ବାରିକ ଦାୟିତ୍ୱରେ ଅଛନ୍ତି। ସଂଘର ବାଇ 'ଲ' ମୁତାବକ ପ୍ରତିବର୍ଷ କାଳିପୂଜା ଶେଷରେ ହିସାବ ବୁଝାଇ ନୂତନ କର୍ମକର୍ତ୍ତା ନିର୍ବାଚନ ବା ଚୟନ ହେବା କଥା। ମାତ୍ର ସଭାପତି, ସମ୍ପାଦକ ଏହାକୁ ଏଡାଇ ଚାଲିଛନ୍ତି। ସଂଘର ୮ ଲକ୍ଷ ୩୨ ହଜାର ଟଙ୍କା ସମ୍ପାଦକଙ୍କ ପାଖରେ ରହିଛି। ଗାଁରେ ନିର୍ମିତ ମା'କାଳୀଙ୍କ ମନ୍ଦିର ନିମନ୍ତେ ଅର୍ଥ ଆବଶ୍ୟକ ପଡ଼ିବାରୁ ସେମାନେ ଗ୍ରାମବାସୀଙ୍କୁ ଏଡାଇ ଚାଲିବା ସହ ଟଙ୍କା ଦେଉନାହାନ୍ତି। ଏହାକୁ ନେଇ ଗ୍ରାମବାସୀ ଗୁରୁବାର କେନ୍ଦ୍ରାପଡା ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି ଟଙ୍କା ମିଳିବା ଯାଏ ସମ୍ପାଦକଙ୍କ ବାସଭବନ ସମ୍ମୁଖରେ ଗ୍ରାମବାସୀ ୨୮ ତାରିଖରୁ ଆମରଣ ଅନଶନରେ ବସିବେ ବୋଲି ଜିଲାପାଳ ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ଗ୍ରାମର ନୀଳମାଧବ ପଣ୍ଡା, ପତିତ ପାବନ ପଣ୍ଡା, ଅଭିରାମ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ ପ୍ରମୁଖ ୨ଶହରୁ ଅଧିକ ବ୍ୟକ୍ତି ଲିଖିତ ଭାବେ ଜଣାଇଛନ୍ତି।

ମଣିଷ ଚନ୍ଦ୍ର ପୃଷ୍ଠରେ ଜଳ ସନ୍ଧାନରେ ଅଛି

ବିଦ୍ୟାଳୟରେ ମହାକାଶ ଦିବସରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

ବିଜ୍ଞାନ ଆଧୁନିକ ମଣିଷର ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟାବଳରେ ମଣିଷ ଚନ୍ଦ୍ର ପୃଷ୍ଠରେ ଜଳ ଓ ଆବଶ୍ୟକ ଭିତ୍ତିଭୂମି ସନ୍ଧାନରେ ଲାଗିପଡିଛି। ଭାରତକୁ ଏ କ୍ଷେତ୍ରରେ ମିଳିଥିବା ସଫଳତାର ନମୂନା ହେଉଛି ଚନ୍ଦ୍ରଯାନ–୩ର ସଫଳତା ବୋଲି ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମହାକାଶ ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ତପନ କୁମାର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଥାକାର ପ୍ରଦୀପ ନାୟକ ମୁଖ୍ୟଅତିଥି, ଜଗନ୍ନାଥ ଆଚାର୍ଯ୍ୟ ଓ ପରିଚାଳନା କମିଟିର ସଭାପତି ବାସୁଦେବ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପୂଜା ଉପାଧ୍ୟାୟ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷୟିତ୍ରୀ ମମତା ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ପୁଶ୍ରୀ ପ୍ରଜ୍ଞା ମହାଳି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅଜୟ କୁମାର ସାହୁ, ଜଗ୍ନେଶ୍ୱାୟ ସ୍ୱାଇଁ, ହରିଶଙ୍କର ନାଥ, ଶିକ୍ଷୟିତ୍ରୀ ମିନତି ଜେନା, ଗୀତାଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ନିବେଦିତା ଦାସ, ହରପ୍ରିୟା ସାହୁ, ପୂଜା ମଲିକ, ଜୟଶ୍ରୀ ପ୍ରଧାନ, ସ୍ମାରକୀ ପ୍ରିୟଦର୍ଶିନୀ, ଗଗନ ବିହାରୀ ଭୂୟାଁ, ବିଷ୍ଣୁ ଚରଣ ଧଳ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୩୬୦ ତାଳମଞ୍ଜି ରୋପଣ

ଡେରାବିଶ, ୨୩।୮ (ବେବର୍ତ୍ତା ଅଜୟ ଦାସ)

ସରକାରଙ୍କ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଗୁରୁବାର ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ଓ ଯଅଁରାବାରିମୂଳ ପଞ୍ଚାୟତର ଅର୍ଦ୍ଧାମୂଳ ଗ୍ରାମରେ ୩୬୦ ତାଳ ମଞ୍ଜି ରୋପଣ କରାଯାଇଛି। ଏହିକ୍ରମରେ ଗୁରୁବାର ପୂର୍ବାହ୍ନରେ ପରିବେଶବିତ୍ ତଥା ପ୍ରକୃତି ବନ୍ଧୁ ଜେନାମଣି ବଳଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ବିଡିଓ ଦାଶରଥି ଜେନା ଯୋଗଦେଇ ପ୍ରତ୍ୟେକ ମା' ନିଜ ନିଜ ବାଡ଼ିରେ ଗଛ ଲଗାଇବା ସହ ଗ୍ରାମରେ ଥିବା ଖାଲି ସ୍ଥାନ ଓ ରାସ୍ତା କଡ଼ରେ ବୃକ୍ଷ ଲଗାଇବାକୁ ପରାମର୍ଶ ଦେଇଥିଲେ। ପରେ ଉପସ୍ଥିତ ଅତିଥି ଓ ମହିଳାମାନେ ନରସିଂହପୁର ଗ୍ରାମରେ ଥିବା ୧୩ ନଂ. କୋନାଲ୍ ବନ୍ଧରେ ୬୦ଟି ତାଳମଞ୍ଜି ରୋପଣ କରିଥିଲେ। ଏଥିସହ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଦ୍ଧାମୂଳସ୍ଥିତ ଲୁଣାନଦୀର ବାମପାର୍ଶ୍ୱ ବନ୍ଧରେ ବିଡିଓ ଜେନା, ବଳ, ପ୍ରମୋଦ କୁମାର ପ୍ରତାପ, ବିଜୟ କୁମାର ଯେନା, ମାଗୁଣି ମହାନ୍ତି ଓ ଗୋପୀନାଥ ଯେନା ୩୦୦ ତାଳ ମଞ୍ଜି ରୋପଣ କରିଥିଲେ। ଏ ସମ୍ପର୍କରେ ଜେନାମଣି ବଳଙ୍କୁ ପଚାରିବାରେ ବର୍ତ୍ତମାନ ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବଜ୍ରପାତ ଜନିତ କ୍ଷୟକ୍ଷତିରୁ ତାଳଗଛ ସୁରକ୍ଷା ଦେଇପାରିବ। ତେଣୁ ପ୍ରତ୍ୟେକ ଯୁବପିଢ଼ି ତାଳ ମଞ୍ଜି ଓ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ଅଙ୍ଗୀକାରବଦ୍ଧ ହେବା ଉଚିତ ବୋଲି ସେ କହିଛନ୍ତି।

ମହିଳା ଆତ୍ମନିର୍ଭରଶୀଳ ହେଲେ ଦେଶର ବିକାଶ ହେବ

ଜୀବିକା ମିଶନର କର୍ମଶାଳା, ଲକ୍ଷପତି ଦିଦି ସମ୍ବର୍ଦ୍ଧିତ



ରାଜନଗରରେ ଲକ୍ଷପତି ଦିଦିଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରୁଛନ୍ତି।

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଜୀବିକା ମିଶନ ପକ୍ଷରୁ ଲକ୍ଷପତି ଦିଦି ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ସଭାଗୃହରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଲକ୍ଷପତି ଦିଦିମାନେ ବ୍ଲକ ସଭାଗୃହରେ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର ଦିଆଯାଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ର ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସ

ସଂକ୍ଷେପରେ

ବିପୁଳ ପୋଚ ନଷ୍ଟ କଲା ଅବକାରୀ ବିଭାଗ

ପାତ୍ରପୁର,୨୫।୮ (ଉମା ଚରଣ ନେପାକ)

ଗର୍ଦ୍ଦିଟି ବ୍ଲକରେ ମଦମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା ମଦ ଧରପଗଡ଼ ଆରମ୍ଭ ହୋଇଛି । ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ରବିବାର ଜରଡ଼ା ଥାନା ଗାଙ୍ଗପୁର, ଶାସନ ଓ ବଡ଼ଝୋଲା ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ ବେଳେ ମଦ ତିଆରି ପାଇଁ ଥିବା ୧୩,୨୦୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯିବା ସହ ବିକ୍ରି ଉଦ୍ଦେଶ୍ୟରେ ଥିବା ପ୍ରାୟ ୧୫୦୦ ଲିଟର ମଦ ଜବତ ହୋଇଛି । ଜବତ ମଦର ନମୁନା ପରୀକ୍ଷା ନିମନ୍ତେ ପଠାଇଥିବା ଟିକିଟି ଅବକାରୀ ଉପ ଅଧିକ୍ଷକ କୁମୁଦ ରଞ୍ଜନ କହୁଁର ସୂଚନା ଦେଇଛନ୍ତି।

ବିଲରେ ହଳ କରୁଥିବା ବେଳେ ଢଳିପଡ଼ିଲେ ବୃଦ୍ଧ

ଫିରିଙ୍ଗିଆ,୨୫।୮ (ବିମଳ ଦିଗାଲ)

ଗୋଛାପଡ଼ା ଥାନା ଅଧୀନ ଆଟାଶ୍ରାମୁ ଗାଁରେ ରବିବାର ବିଲରେ ହଳ କରୁଥିବା ବେଳେ ଜଣେ ଷାଠିଏ ବର୍ଷୀୟ ବୃଦ୍ଧ ଢଳି ପଡ଼ିଛନ୍ତି। ସେ ହେଲେ ଇତିକ କହଁର। ବୃଦ୍ଧ ଜଣକ ସକାଳୁ ନିଜ ବିଲ ହଳ କରିବା ସମୟରେ ମୁଣ୍ଡ ଘୁଲେଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ମେଡିକାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ। ଗୋଛାପଡ଼ା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ନଂ.୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଆସିକା,୨୫।୮ (ସୁରେନ୍ଦ୍ର ନାଥ ସାହୁ)

ବିଶ୍ୱ ପରିବେଶ ଦିବସ ଅବସରରେ ଆସିକା ପଞ୍ଚାୟତ ସମିତି ପକ୍ଷରୁ ଚାରିମାଇଲି ଛକସ୍ଥିତ ବନ୍ୟ ବିଭାଗର ନଗରବନ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଫକୀର ଚରଣ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ବନପାଳ ଶରତ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି, ସିଆରପି, ଏମ୍.ବି.କେ., ବନ କର୍ମଚାରୀ ଓ ବ୍ଲକର କର୍ମଚାରୀମାନେ ସାମିଲ ଥିଲେ । ଏହି ଅବସରରେ ନଗରବନ ପରିସରରେ ୫୦ରୁ ଊର୍ଦ୍ଧ୍ୱ ଆମ୍ବ, ପିଆଶାଳ, ଅର୍ଜୁନ, ଶିଶୁଆ, ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା।

ଲକ୍ଷପତି ଦିଦି ସମ୍ମାନିତ

ଆସିକା,୨୫।୮ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଲକ୍ଷପତି ସ୍ୱୟଂ ସହାୟିକା ମହିଳାଙ୍କୁ ସମ୍ମାନିତ କରିବା ଲାଗି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଡିଓ ଫକୀର ଚରଣ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱୟଂ ସହାୟିକା ଲକ୍ଷପତି ମହିଳାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୨୭ଟି ପଞ୍ଚାୟତର ୨ଶହ ଲକ୍ଷପତି ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ଦିଗରେ ଆର୍ଥିକ ଅନଦାନ ପ୍ରଦାନ ସାଙ୍ଗକୁ ଗ୍ରାମର ମହିଳାମାନେ ଆର୍ଥିକ ଅନ୍ତର୍ଭୁକ୍ତି କରଣ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ କିଭଳି ପୁଣି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଗାଁ ଭୋଜି, ଦେଶୀମଦ ଯୋଗୁ ଝାଡ଼ାବାନ୍ତି

ତୁମୁଡିବନ୍ଧ,୨୫।୮ (ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତରେ ପ୍ରାୟ ସପ୍ତାହେ ହେଲା ଝାଡ଼ାବାନ୍ତିରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଛି । ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଦଳ ଓ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଆଉ ଏକ ସ୍ୱାସ୍ଥ୍ୟଟିମ୍ ମିଶି ଝାଡ଼ାବାନ୍ତି ବ୍ୟାପିଥିବା ଗାଁ ଗୁଡିକରେ ପହଞ୍ଚି ଘର ଘର ବୁଲି ଚିକିତ୍ସା କରିବା ସହିତ କେଉଁ କାରଣରୁ ଝାଡ଼ାବାନ୍ତି ହୋଇଥିଲା ତାହା ପଚାରି ବୁଝିଥିଲେ। ଏଥିସହ କେତେଜଣ ଆକ୍ରାନ୍ତ ହୋଇଛନ୍ତି ଓ କାହାର ମୃତ୍ୟୁ ହୋଇଛି ତଥ୍ୟ ସଂଗ୍ରହ କରିଥିଲେ। ତେବେ ଗାଁରେ ହୋଇଥିବା

ଝିରିପାଣିରେ ୪ ମୃତ୍ୟୁ ଘଟଣାର ତଦନ୍ତ କଲେ ଡାକ୍ତରୀ ଟିମ୍

ଝାଡ଼ାବାନ୍ତି ଆକ୍ରାନ୍ତ ଗାଁରେ ଡାକ୍ତରୀ ଦଳ ତଥ୍ୟ ସଂଗ୍ରହ କରୁଛନ୍ତି।

ବ୍ୟାପିଛି ବୋଲି ତଦନ୍ତରୁ ଜଣାପଡିଥିବା ଟିମ୍ ପ୍ରକାଶ କରିଛି। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଭିଷେକ ନାୟକ କହିଛନ୍ତି, ଶନିବାରଠାରୁ ସ୍ୱାସ୍ଥ୍ୟ ଟିମ ଚିକିତ୍ସା କରିବା ପରେ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ତଦନ୍ତକାରୀ ଦଳର ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଭୋଜି ମାଂସ ଖାଇବା ପରେ ଦେଶୀମଦ ପିଇ ଝାଡ଼ାବାନ୍ତରେ କେବଳ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କ ଅନ୍ୟାନ୍ୟ ରୋଗରେ ମୃତ୍ୟୁ ହୋଇଛି। ଶନିବାର ରାତିରେ ଆମ୍ବୁଲାନ୍ସ ଯୋଗେ ଘାଟିପଦର ଗ୍ରାମରୁ ୩ ଜଣ, ବରଗାଁରୁ ୨ ଓ ପୁଡେନପଦରରୁ ଜଣକୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଜାରି ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ମନ୍ତ୍ରୀଙ୍କୁ ୧୩ ଦଫା ଦାବି ଜଣାଇଲା କଳାକାର ସଂଘ

କଳାକାର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ପୋଲସରା,୨୫।୮ (ସୁବ୍ରତ ବେହେରା)

ପୋଲସରାରେ ରବିବାର ଗଞ୍ଜାମ ଜିଲା ମୂର୍ତ୍ତିଶିଳ୍ପୀ, ପଟ୍ଟଚିତ୍ର ଓ ରଙ୍ଗତୁଳୀ କଳାକାର ସଂଘ ତରଫରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମର୍ଦ୍ଧିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀଙ୍କୁ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଭଗବାନ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ରଙ୍ଗତୁଳୀ କଳାକାରମାନଙ୍କ ସ୍ୱତନ୍ତ୍ର ପରିଚୟ, କଳାକାର ପଞ୍ଜିକରଣ, ପ୍ଲାଷ୍ଟର ପ୍ୟାରିସ୍ ମୂର୍ତ୍ତି ତିଆରି ଓ ବିକ୍ରି ବନ୍ଦ କରିବା, ସ୍ୱତନ୍ତ୍ର ରଙ୍ଗତୁଳୀ କାରିଗରଙ୍କ ବୋର୍ଡ ଗଠନ, ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରିବା, ୫୦ ବର୍ଷରୁ ଊର୍ଦ୍ଧ୍ୱ ରଙ୍ଗତୁଳୀ, ମୂର୍ତ୍ତି କାରିଗର ଓ କଳାକାରମାନଙ୍କୁ ପେନସନ ପ୍ରଦାନ, ଦୁର୍ଘଟଣା ଜନିତ ମୃତ୍ୟୁପାଇଁ ୨୦ଲକ୍ଷ ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୧୦ଲକ୍ଷ ସହାୟତା ରାଶି ପ୍ରଦାନ, ସରକାରସ୍ତରରେ ହେଉଥିବା ସମସ୍ତ କାର୍ଯ୍ୟ ପାଇଁ ବ୍ୟବହୃତ ସାଇନ୍ ବୋର୍ଡ, ବ୍ୟାନର, ଅଙ୍ଗନୱାଡ଼ି ଓ ବିଦ୍ୟାଳୟ, ସ୍ୱଚ୍ଛ ଭାରତ, ମିଶନଶକ୍ତି ସମସ୍ତ ବିଭାଗର କାର୍ଯ୍ୟକୁ ସଂଘର ଆଞ୍ଚଳିକ କମିଟି ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ, ଜିଲାର ପ୍ରତ୍ୟେକ ବ୍ଲକରେ ରଙ୍ଗତୁଳୀ କଳାକାରଙ୍କ ପାଇଁ ଗୋଷ୍ଠୀ କର୍ମଶାଳା ଗୃହ ଯୋଗାଇବା, ପଥର କାରିଗର ଓ ଭିନ୍ନକ୍ଷମ କଳାକାର ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଆଦି ଦାବି ରହିଥିଲା।

ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଆରତୀ ଦେବୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଷି ମାଝୀ, ବେଲଗୁଣ୍ଠାର ଶିବରାମ ରାଉତ, ପୁରୁଷୋତ୍ତମପୁରର ଅରୁଣ ବାଡତ୍ୟା, କବିସୂର୍ଯ୍ୟନଗର ସୁଶାନ୍ତ ମହାନ୍ତି, ପୋଲସରା ସଭାପତି ଭଗବାନ ସାହୁ, ଉପସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ହିନ ସ୍ୱାଇଁ, କୋଷାଧ୍ୟକ୍ଷ ଭଗବାନ ବେହେରା ସଭାରେ ମଞ୍ଚାସିନ ଥିଲେ। ଶେଷରେ ବିଭିନ୍ନ ବର୍ଗର କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

ଚାକିରି ଅବସର ବୟସ ସୀମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଆଲୋଚନା

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଛତ୍ରପୁର,୨୫।୮ (ଦିଲ୍ଲୀପ ସାମଲ)

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ବାର୍ଷିକ ସମ୍ମିଳନୀ

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଜଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସଭାଗୃହରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରମୋଦ ଚନ୍ଦ୍ର ଦାଶ ଅଧକ୍ଷତା କରିଥିଲେ। ଚାକିରୀ ଅବସର ବୟସ ସୀମା ୬୦ବର୍ଷରୁ ୬୨କୁ ବୃଦ୍ଧି କରିବା, ଆର.ଏ. ନିୟମ-୧୯୯୦ ଅନୁସାରେ ପୁରୁଣା ପେନସନ ଯୋଜନା ଲାଗୁ କରିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତୃତୀୟ ଶ୍ରେଣୀକୁ ପଦୋନ୍ନତି ଦେବା, ଓଆର୍‌ଏସ୍‌ପି ନିୟମ-୨୦୧୭ ଅନୁସାରେ ସର୍ବନିମ୍ନ ମୂଳ ଦରମା ୧୮ହଜାର କରିବା, ଖାଲି ପଡିଥିବା ୪ର୍ଥ ଶ୍ରେଣୀ ପଦବୀ ପୂରଣ, ଅବସର ନେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରିବାରକୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦେବା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଦାବିଗୁଡିକ ସମ୍ପର୍କରେ ରାଜ୍ୟ ସଂଘକୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ସଂଘ ଉପଦେଷ୍ଟା ରବିନ୍ଦ୍ର ନାଥ ଦାଶ, ମୁଖ୍ୟବକ୍ତା ଭାବେ ଜିଲା ସଭାପତି ତ୍ରିନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସଂଘ ଉପଦେଷ୍ଟା ଟି.ଗୁରୁମୂର୍ତ୍ତି , ଛତ୍ରପୁର ସବ୍‌ଡିଭିଜନ ସଂଘର ଉପଦେଷ୍ଟା ତାରିଣୀ ଚରଣ ରଥ, ସୁଶାନ୍ତ ପଣ୍ଡା, ସମ୍ପାଦକ ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ସୋମନାଥ ଦାସ, ହିଞ୍ଜିଳିକାଟୁ ବ୍ଲକ ସଂଘ ଉପଦେଷ୍ଟା ସରେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଂଘ ସଦସ୍ୟ ସୁବାଷ ପ୍ରଧାନ ଉପସ୍ଥିତ ରହି କର୍ମଚାରୀଙ୍କ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଚଳିତ ଆର୍ଥିକ ବର୍ଷ ୨୦୨୩/୨୪ ଆୟ ବ୍ୟୟର ହିସାବ କରାଯାଇଥିଲା । ସମ୍ପାଦକ ମନୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ଅଘୋଷିତ ବିଜୁଳି କାଟ, ଜନଜୀବନ ଅସ୍ତବ୍ୟସ୍ତ

ଖଜୁରିପଡ଼ା,୨୫।୮ (ବିନ୍ଦୁର ବେହେରା)

ଆଜିକୁ ପାଖାପାଖି ତିନିମାସ ହେବ ଖଜୁରିପଡ଼ା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୫୦ ମିନିଟରୁ ବିଦ୍ୟୁତ୍ କାଟ୍ ହୋଇ ରବିବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ଆସିଲା ; ଯଦ୍ଦ୍ୱାରା ଦୂତିପଡା, ପିରି କୁଡ଼ି, ବଲସକୁଞ୍ଜା ପଞ୍ଚାୟତବାସୀ ଦୀର୍ଘ ସମୟ ଧରି ଅନ୍ଧାରରେ ଜୀବନ ବିତେଇଛନ୍ତି। ଅଞ୍ଚଳରେ ବିଦ୍ୟୁତ୍ କାଟ୍ ହେଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ବେଳେ ବର୍ଷାଦିନ ଯୋଗୁ ସରୀସୃପ ଭୟ ଥିବା ଅଭିଯୋଗ ହେଉଛି। ଏ ନେଇ ବିଦ୍ୟୁତ୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ୨ ଶହ କିମି ପର୍ଯ୍ୟନ୍ତ ଖଜୁରିପଡ଼ା ବିଦ୍ୟୁତ୍ ବିସ୍ତୃତ ରହିଛି, ତାହା ସାଙ୍ଗକୁ ପାଖାପାଖି ୩୫୦ରୁ ଊର୍ଦ୍ଧ୍ୱ ଡିପି ସବ୍‌ଷ୍ଟେସନ ରହିଛି। ରାତିରେ ବିଦ୍ୟୁତ୍ ମରାମତି ପାଇଁ କର୍ମଚାରୀ ନାହାନ୍ତି। ତେଣୁ ଏହି ସବୁ ସମସ୍ୟା ହେଉଛି। ଯଦି ସୁଦ୍ଧୁକୁଣ୍ଢା ଲାଇନ ଏବଂ ବଲସକୁଣ୍ଢା ଲାଇନକୁ ଅଲଗା କରାଯିବ ତା'ହେଲେ ଏ ସବୁ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି । ଏହା ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

ଅଙ୍ଗନୱାଡି କର୍ମୀ ସଂଘର ସାଙ୍ଗଠନିକ ସଭା

ଦିଗପହଣ୍ଡି,୨୫।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିଅଞ୍ଚଳେଶ୍ୱରୀ ମନ୍ଦିର ପରିସରରେ ରବିବାର ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଙ୍ଗ ୱାର୍କସ ଆସୋସିଏସନ୍ ଦିଗପହଣ୍ଡି ଶାଖା ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ କାମନା ରଞ୍ଜନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ସମ୍ପାଦିକା କୁଞ୍ଜଲତା ଦାସ, କୋଷାଧ୍ୟକ୍ଷା ମନ୍ଦାକିନୀ ଦାସ, ଜିଲା ସଭାପତି ଭବାନୀ ଶଙ୍କର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ବାର୍ଷିକ ସଙ୍ଗଠନ ନିର୍ବାଚନ ପ୍ରକ୍ରିୟା, ସାଙ୍ଗଠନିକ ଚିଠା ପ୍ରସ୍ତୁତି ଏବଂ ସଂଘର ୭ ଦଫା ଦାବି ହାସଲ ପାଇଁ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ ସଂଘର ଦିଗପହଣ୍ଡି ବ୍ଲକ ଶାଖା କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବନିତା ପାତ୍ରଙ୍କୁ ସଭାନେତ୍ରୀ ଏବଂ ସୁଲୋଚନା ରଥଙ୍କୁ ସମ୍ପାଦିକା ରୂପେ ପୁନଃ ମନୋନୀତ କରାଯାଇଥିଲା। ଉପ ସଭାନେତ୍ରୀ ଭାବେ ସୁନୀତା ଦାସ, ସହ ସମ୍ପାଦିକା ବି.ରଶ୍ମିତା ପାତ୍ର, କୋଷାଧ୍ୟକ୍ଷା ମିନତୀ ପଟ୍ଟନାୟକ, ଉପଦେଷ୍ଟା ଗୌରୀ ଶଙ୍କର ପଣ୍ଡା, ଦୁର୍ଗାପ୍ରସାଦ ପାଢ଼ୀ ଏବଂ ସଂଘର ଜିଲା ସଂଯୋଜକ ଭାବେ କାମନା ରଞ୍ଜନ ପଣ୍ଡା, ଜିଲା ସଙ୍ଗଠନର ସଜ୍ଜା ଭାବେ ସୁମିତ୍ରା କୁମାରୀ ପଣ୍ଡା ଏବଂ ପ୍ରଭାସିନୀ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଏହି ସଭାରେ ୫ ଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ବୃନ୍ଦ ଉପସ୍ଥିତ ଥିଲେ।

ଘୁମୁସର ଇତିହାସ ଉପରେ ଗବେଷଣା ହେବ

କବିସମ୍ରାଟ ବିଦ୍ୟାପୀଠ ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଭଞ୍ଜନଗର,୨୫।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ କୁଲାଡ଼ କବିସମ୍ରାଟ ବିଦ୍ୟାପୀଠରେ ରବିବାର ୧୯୮୨ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ହୋଇଥିଲା। ଉକ୍ତ ବ୍ୟାଚରେ ଥିବା ପ୍ରଦ୍ୟୁମ୍ନ ନାୟକ ବର୍ତ୍ତମାନ ଭଞ୍ଜନଗର ବିଧାୟକ। ସେ ୪୨ବର୍ଷ ପରେ ବନ୍ଧୁମାନଙ୍କୁ ଏକାଠି କରି ବିଦ୍ୟାଳୟର ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି। ବନ୍ଧୁମିଳନ ଅବସରରେ ଆୟୋଜିତ ସଭାରେ ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟିରେ ଜନ୍ମ ହେବା ସହ ଏଠାରେ ପାଠ ପଢ଼ିବାର ସୁଯୋଗ ପାଇଥିବାରୁ ନିଜକୁ ଗର୍ବିତ ମନେକରୁଛି ବୋଲି କହିଥିଲେ। ଉପଯୁକ୍ତ ଗବେଷଣା ଏବଂ ପ୍ରଚାର ପ୍ରସାର ଅଭାବରୁ ଲୋକେ ଆଜି ଘୁମୁସର ଇତିହାସ ଠିକ ଭାବେ ଜାଣିପାରୁନାହାନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସଂସ୍କୃତି ମନ୍ତ୍ରୀ

ଭାରତମାଳା ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ବିରୋଧ

- ଜିଲା ପ୍ରଶାସନ, ଚାଷୀଙ୍କ ମଧ୍ୟରେ ଆଲୋଚନା ବିଫଳ
- ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଗଲେ ଆନ୍ଦୋଳନ ଚେତବାନୀ

ରଘୁନାଥପୁର, ୨୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ତହସିଲ ଅଞ୍ଚଳର ୧୩ ଟି ମୌଜା ଦେଇ ଯାଉଥିବା ସରକାରଙ୍କ ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏହି ପ୍ରକଳ୍ପ ଯୋଗୁ ଜମି ହରାଇବାକୁ ଯାଉଥିବା ଜନସାଧାରଣ ଓ ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୪ ଜୁଲାଇରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଅଧାରକରି ଜାତୀୟ ରାଜପଥ ପ୍ରାଧିକାରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ, ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବିରିଡି ତହସିଲଦାର ସଞ୍ଜୟ ବେହେରା, ଅତିରିକ୍ତ ତହସିଲଦାର ତନୁଶ୍ରୀ ବେହେରା ଓ ଥାନାଧିକାରୀ ସବ୍ୟସାଚୀ ରାଉତ ପ୍ରମୁଖ ବିରିଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜମିହରା ଜନସାଧାରଣ ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ।

ଏହି ଅବସରରେ ଚାଷୀ ଓ ଜନସାଧାରଣମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ କହିଥିଲେ, ଭାରତମାଳା ଜାତୀୟ ରାଜପଥ ନିର୍ମାଣ କରାଗଲେ ବିରିଡି ବ୍ଲକର ୧୩ଟି ମୌଜାର ଅଲାଣ୍ଡୋ, ତେନ୍ତୁଳିଆ, ମାଣତ୍ରି, ବରହପୁର, ଅଢଙ୍ଗ ଆଦି ଅଞ୍ଚଳର ବହୁ ଜନସାଧାରଣ ଓ ଚାଷୀ ଜମି ହରାଇବେ। ତହସିଲ ମୌଜାର

ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ବିରୋଧ କରୁଥିବା ଚାଷୀ ଓ ଜନସାଧାରଣ।

ସୀମା ମଧ୍ୟରେ କଟକ-ପାରାଦୀପ ରାସ୍ତା, କଟକ-ପାରାଦୀପ ରେଳପଥ, ହଂସୁଆ, ତାଳଦଣ୍ଡା କେନାଲ, ମାଛଗାଁ କେନାଲ, ବିଲୁଆଖାଇ ନଦୀବନ୍ଧ ଓ ପ୍ରଧାନମନ୍ତ୍ରୀ ସଡକ, ମୁଖ୍ୟମନ୍ତ୍ରୀ ସଡ଼କ ଓ ଅନ୍ୟାନ୍ୟ ସଡ଼କ ସବୁ ପ୍ରସ୍ତାବିତ ଭାରତମାଳା ରାଜପଥ ମଧ୍ୟରେ ଥିବାରୁ ଏହି ମୌଜାଗୁଡିକ ସଙ୍କୁଚିତ ହୋଇଯାଇ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଫଳରେ ସ୍ଥାନୀୟ ଲୋକଙ୍କ ବଞ୍ଚିବା କଷ୍ଟସାଧ୍ୟ ହୋଇପଡିବ ବୋଲି ସେମାନେ ମତ ରଖିଥିଲେ। ଏଣୁ ଏହି ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ଅନ୍ୟ ବାଟଦେଇ ନେବାକୁ ଲୋକେ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏହି ପ୍ରକଳ୍ପର ୩ଡି କାର୍ଯ୍ୟ ସରିଥିବାରୁ ଏହାକୁ ଆଉ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତିକି ଉପସ୍ଥିତ ଅଧିକାରୀ ଓ ଲୋକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଫଳରେ ଏହି ଆଲୋଚନା ଏକପ୍ରକାର ବିଫଳ ହୋଇଯାଇଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରତିହତ କରି ଯଦି ବିରିଡି ବ୍ଲକର ଏହି ୧୩ଟି ମୌଜା ଦେଇ ରାସ୍ତା କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଯାଏ, ତେବେ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଶୁଣାଇଥିଲେ। ଏହି ଆଲୋଚନାରେ ତ୍ରୈଲୋକ୍ୟ ଜେନା, ନାରାୟଣ ଭୋଳ, ଭବାନୀ ପରିଜା, ଧରିବା ଚରଣ ସ୍ୱାଇଁ, ଅଶୋକ ପରିଜା, ପ୍ରକାଶ ବେହେରା, ରଶ୍ମୀ ରଞ୍ଜନ ପରିଜା, ସୁନୀଲ କୁମାର ଖଟେଇ, ହିତରଞ୍ଜନ ଦାସ, କ୍ଷେତ୍ର ମୋହନ ସ୍ୱାଇଁ, ଭବାନୀ ସ୍ୱାଇଁ, ଗୁରୁ ଚରଣ ବାରିକ, ଏସ.କେ. ରାଜା, ଦେବବ୍ରତ ପଟ୍ଟନାୟକ, ଖଗେଶ୍ୱର ପଟ୍ଟନାୟକ, ଜୟନ୍ତ ମହାରଣା, ପଟେଲ ଓଝା, ଯଶୋବନ୍ତ ସ୍ୱାଇଁ, ପ୍ରକାଶ ପାରିଜା ପ୍ରମୁଖ ଯୋଗଦେଇଥିଲେ।

ଭଲିବଲ୍ ଟୁର୍ନାମେଣ୍ଟ: ଡିଏଭି ପିପିଏଲ୍ ଚାମ୍ପିୟନ

ଟୁର୍ନାମେଣ୍ଟରେ ସାମିଲ ହୋଇଥିବା ଖେଳାଳି ଓ ଅନ୍ୟମାନେ ।

ପାରାଦୀପ,୨୫।୮ (ଶରତ ରାଉତ)

ପାରାଦୀପ ପିପିଏଲ ଟାଉନଶିପ୍ ମଧ୍ୟରେ ଥିବା ଡିଏଭି ସ୍କୁଲ ଖେଳପଡ଼ିଆରେ ଆନ୍ତଃକ୍ଲଷ୍ଟର ୧୪ ବାଳକ ଭଲିବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏଥିରେ ପିପିଏଲ୍ ଡିଏଭି ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟ ୧୯ ବର୍ଷରୁ କମ ବର୍ଗଙ୍କୁ ନେଇ ହୋଇଥିଲା। ଫାଇନାଲରେ ପୋଖରୀପୁଟ ଓ ପିପିଏଲ୍ ଡିଏଭି ମଧ୍ୟରେ ହୋଇଥିଲା। ପିପିଏଲ୍ ୩-୧ ସେଟରେ ବିଜୟୀ ହୋଇଥିଲା। ଏଥିରେ ୫ଟି ସ୍କୁଲ ଭାଗ ନେଇଥିଲେ। ଖେଳକୁ ଦେବାଂଶୁ ଧଳ, ଆୟୁକ୍ଷ ସ, ବିନୟ ଖିଲାର, ସତ୍ୟସୁବ୍ରତ ଜେନା ଓ ଶାଶ୍ୱତ ଭାରତୀୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପିପିଏଲ ଅର୍ଥ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସୁଦର୍ଶନ କ୍ରିୟା ଶାରୀରିକ ମାନସିକ ସୁସ୍ଥ ରଖିଥାଏ

ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ

ପାରାଦୀପ,୨୫।୮ (ଶରତ ରାଉତ)

ପାରାଦୀପ ନୂଆବଜାର ଶ୍ରୀ ଶ୍ରୀ ରବିଶଙ୍କର ଆଶ୍ରମରେ ରବିବାର ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପର ଅଧିକାଂଶ ପରିବାର ଏଥିରେ ସାମିଲ ହୋଇଥିଲେ। ଯୋଗଗୁରୁ ତାପସ ରଞ୍ଜନ ପତି, ଦିଲୀପ ନନ୍ଦ, ଝରଣା ପତି, ମୂର୍ଚ୍ଛନା ମିଶ୍ର ଉପସ୍ଥିତ ରହି ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବିଶିଷ୍ଟ ସୁଦର୍ଶନ ଯୋଗ କ୍ରିୟା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି କ୍ରିୟା ବିଶ୍ୱର ଶତାଧିକ ଦେଶର ଲୋକ ଆପଣେଇଛନ୍ତି। ଏହାଦ୍ୱାରା ମାନସିକ ଓ ଶାରୀରିକ ସୁସ୍ଥତା ରହିଥାଏ ବୋଲି ଯୋଗଗୁରୁ ପତି କହିଥିଲେ।

ରାଜ ଫର୍ନିଚରର ନୂତନ ଫେନେଷ୍ଟା ବ୍ରାଣ୍ଡ୍ ଶୋ'ରୁମ

ଶୋ'ରୁମ୍ ଉଦ୍‌ଘାଟନୀ ଅବସରରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ।

ଯାଜପୁରରୋଡ୍,୨୫।୮ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ କଲେଜ ରୋଡ୍‌ରେ ଥିବା ରାଜ ଫର୍ନିଚର ଏକ ନୂତନ ବ୍ରାଣ୍ଡେଡ କମ୍ପାନୀ ଫେନେଷ୍ଟାକୁ ନେଇ ତା'ର ବ୍ୟବସାୟ ଆରମ୍ଭ କରିବାକୁ ଯାଉଛି। ବ୍ୟାସନଗର ସହରରେ ପ୍ରତିଷ୍ଠିତ ଏହି ଅତ୍ୟାଧୁନିକ ଫର୍ନିଚର ଶୋ'ରୁମ ଦୀର୍ଘ ବର୍ଷ ଧରି ଲୋକଙ୍କୁ ସୁଲଭମୂଲ୍ୟରେ ବିଭିନ୍ନ ବ୍ରାଣ୍ଡେଡ କମ୍ପାନୀର ଫର୍ନିଚର ଯୋଗାଇ ଦେଇ ଆସୁଛି। ଏବେ ଫେନେଷ୍ଟା କମ୍ପାନୀରେ ପ୍ରସ୍ତୁତ ବିଭିନ୍ନ ଡିଜାଇନର ଡୋର ଏବଂ ଉଇଁଡୋ ଏଠାରେ ଉପଲବ୍ଧ ବୋଲି ଅନୁଷ୍ଠାନର ସତ୍ତ୍ୱାଧିକାରୀ ସମୀର କୁମାର ରାଜ କହିଛନ୍ତି। ଏହି ନୂତନ ବ୍ରାଣ୍ଡକୁ କୋରେଇ ବିଧାୟକ ଆକାଶଦାସ ନାୟକ ଶୁଭାରମ୍ଭ କରିଛନ୍ତି। ଫେନେଷ୍ଟା କମ୍ପାନୀର ଘରୋଇ ଉପକରଣକୁ ଗ୍ରାହକମାନେ ପସନ୍ଦ କରିଛନ୍ତି ବୋଲି ଅନୁଷ୍ଠାନର ପରିଚାଳକ ବିଶ୍ୱଭୂଷଣ ଲେଙ୍କା କହିଛନ୍ତି। ରାଜ ଫର୍ନିଚର ବ୍ୟାସନଗର ସହରରେ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହୋଇଥିବାରୁ ଯାଜପୁରରୋଡ୍ ଏବଂ ପଡୋଶୀ ଜିଲାର ଗ୍ରାହକଙ୍କ ବିଶ୍ୱାସ ଭାଜନ ହୋଇପାରିଛି। ଉଦ୍‌ଘାଟନୀ ଉତ୍ସବରେ ଟ୍ୟାକ୍ସ ବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଯୁବ ଶିକ୍ଷାବିତ ବନୋଜ କୁମାର ଜେନା, ଦୈତାରୀ ଧଳ, ସଂଗ୍ରାମ ସିଂ ଓ ସୁଧୀର ମଲ୍ଲିକଙ୍କ ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

କୋଲିକତା ମୃତ ଡାକ୍ତରଙ୍କୁ ନ୍ୟାୟ ଦାବି ଛାତ୍ରୀଛାତ୍ରଙ୍କ ପ୍ରତିବାଦ

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

କଲିକତାର ଆର.ଜି. କର ମେକଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନିଂ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପରେ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଛି। ମୃତ ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା କରିବା ସହ ଘଟଣାର ଦୃଢ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଣୟ କୁମାର ବେହେରା, ରେଡକ୍ରସ୍ କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅନୁସୂୟା ବେହେରା, ଅଧ୍ୟାପିକା କାନ୍ତାପ୍ରିୟା ମଥାନ, ଅଧ୍ୟାପକ ଅଭିଜିତ ଖୁଣ୍ଟିଆଙ୍କ ସମେତ ମହାବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକ ଯତ୍ନବାନ ହେବାକୁ ପରାମର୍ଶ

ଝୁଞ୍ଚୁରୀ,୨୫।୮ (ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଥାଲକୁଡ଼ି ପଞ୍ଚାୟତସ୍ଥ ଥାଲକୁଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଧନିପୁର ଅନ୍ନପୂର୍ଣ୍ଣା ନୋଡାଲ ଆଞ୍ଚଳିକ ସାଧନକେନ୍ଦ୍ରର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ନପୂର୍ଣ୍ଣା ନୋଡାଲ କ୍ଲଷ୍ଟରର ସିଆରସିସି ଗୌତମ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଦଶରଥପୁର ବ୍ଲକ୍ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କୁମାର ସେନ ଶତପଥୀ, ଜିଲା ସମନ୍ୱିତ ଶିକ୍ଷା ସଂଯୋଜକ ବନ୍ଦନା ଜେନା ଯୋଗଦେଇ ପ୍ରଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଶିକ୍ଷକ ରଜତ କୁମାର ସାମଲ, ପୀତବାସ ସାମଲ ଓ ସିପ୍ରା ରାୟ ପ୍ରମୁଖ ସହଯୋଗ କରିଥିଲେ।

ଅନ୍ନପୂର୍ଣ୍ଣା ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ରର ବୈଠକ

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

ବିଜ୍ଞାପନ

No.C-479:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ଡଙ୍କ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ- ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

ସ୍ୱା./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0034/2425

କାୟା ବିସ୍ତାର କରୁଛି ନକଲି ମାଦକ ଦ୍ରବ୍ୟ କାରବାର

- ଚିନ୍ତାଜନକ ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା
- ଚଢ଼ାଉ ସନ୍ତୋଷଜନକ ହେଉନି
- ମଦ ଦୋକାନ ସମ୍ମୁଖରେ ମଦ୍ୟପଙ୍କ ଆସର, ଲୋକେ ଅତିଷ୍ଠ

ଜଗତ୍‌ସିଂହପୁର, ୨୫।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସଦର ମହକୁମା ସମେତ ସମଗ୍ର ଜିଲାରେ ମାଦକଦ୍ରବ୍ୟ କାରବାର ଚିନ୍ତାର କାରଣ ହେଲାଣି। ନକଲି, ଚୋରା ମଦ ସାଙ୍ଗକୁ ବ୍ରାଉନ୍‌ସୁଗାର ର‍ୟାକେଟ୍ ଯେଉଁ ଭଳି ଭାବରେ କାୟା ବିସ୍ତାର କରିଚାଲିଛି ତାହା ସାଧାରଣଲୋକଙ୍କୁ ଅତିଷ୍ଠ କଲାଣି। ଜିଲା ଅବକାରୀ ବିଭାଗ, ପୋଲିସ ବିଭିନ୍ନ ସମୟରେ ଯଦିଓ ଚଢ଼ାଉ କରି କେତେକାଂଶରେ ସଫଳତା ପାଉଛି, କିନ୍ତୁ ତାହା ସନ୍ତୋଷଜନକ ହେଉନି। ଯେଉଁ କାରଣରୁ ର‍ୟାକେଟ୍ ଚେର ଲମ୍ବି ଲମ୍ବି ଚାଲିଛି। ନିକଟରେ ବିଷାକ୍ତ ମଦ ପିଇ ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଞ୍ଚଳର ୨୦ ଜଣ ଅସୁସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାକୁ ନେଇ ବିଧାନସଭା ସ୍ଥଲସ୍ଥଲ ହୋଇଥିଲା। ଏହି ପ୍ରସଙ୍ଗକୁ ସରକାର ଗମ୍ଭୀରତାର ସହ ନେଇ ନକଲି ଓ ବେଆଇନ ମଦ କାରବାର ବନ୍ଦ ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହାର ସେଭଳି ପ୍ରଭାବ ଥିବା ଅନୁଭବ ହେଉନାହିଁ। ଖୁଲମଖୁଲା ସହରରୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ବିଷାକ୍ତ ମଦ ବିକ୍ରି ଚାଲିଥିବା ଗୁରୁତର ଅଭିଯୋଗ ହେଉଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ମୁଖ୍ୟାଳୟ ସମେତ ଜିଲାର ପ୍ରାୟତଃ ଅଞ୍ଚଳରେ ନକଲି ଏବଂ ଚୋରା ମଦ କାରବାର ଲଗାମଛଡା ଭଳି ଅନୁଭୂତ ହେଉଛି। ଗାଁଗୁଡିକରେ ଅବାଧରେ ଏହା ବିକ୍ରି ହେଉଥିଲେ ସୁଦ୍ଧା ଚଢ଼ାଉ ହେଉନାହିଁ। ଚୋରା ମଦ କାରବାରକାରୀମାନେ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ପେଟି ପେଟି ବିଦେଶୀ ଓ ଦେଶୀ ମଦ କିଣି ଚଢା ଦରରେ ଗାଁଗୁଡିକରେ ବିକ୍ରି କରୁଛନ୍ତି। ଏହାକୁ ପ୍ରଶ୍ରୟ ଦେଉଛନ୍ତି ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ମାଲିକ, ଅବକାରୀ ଓ ପୋଲିସ ବିଭାଗର ଅନେକ କର୍ମଚାରୀ। ସେମାନଙ୍କ ବେପାର ବୃଦ୍ଧି ସହ ମୋଟା ଅଙ୍କର ଲାଭ ପାଇଁ ମଦ ଦୋକାନୀ ଏଭଳି କରୁଛନ୍ତି। ବଡ କଥା ହେଲା ପ୍ରଚୁର ପରିମାଣର ନକଲି ମଦ କାରବାର ଚାଲିଛି। ଯେହେତୁ ଗାଁଗୁଡ଼ିକରେ ମଦ ଚୋରା ଚାଲାଣକାରୀମାନେ ନକଲିକୁ ଅସଲି ମଦ କହି ସହଜରେ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରି ଚାଲିଛନ୍ତି। ଏହାକୁ ପିଇ ଅନେକ ଅସୁସ୍ଥ ହେବା ସହ ବିପଥଗାମୀ ହେଉଥିବା ଭଳି ସଙ୍ଗିନ ଅଭିଯୋଗ ହେଉଛି। ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ, ଏକ ନିର୍ଦ୍ଦିଷ୍ଟ ଠିଆବନ୍ଦ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟ ଫୁଡ ଦୋକାନ ଖୋଲିଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହାର ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏବେ ବର୍ଷା ଦିନ ହେଇଥିବାରୁ ପରିବେଶ ଅଧିକ ଖରାପ ହେବାର ସମ୍ଭାବନା ରହିଛି। ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର୍, ଅଟୋ, ଚାରି ଚକିଆ ଯାନ, ବାଇକ୍ ଓ ସ୍କୁଟର ଆଦିରେ ବହୁ ପରିମାଣର ମଦ ଜିଲା ଓ ବାହାରକୁ ଚାଲାଣ ହେଉଛି। ଛୋଟ ଚୋରା କାରବାରକାରୀମାନେ ବିଶେଷକରି ସ୍କୁଟର ଉପରେ ନିର୍ଭର କରୁଛନ୍ତି। କାରଣ ଏବେ ସ୍କୁଟର ଚାହିଦା ନାହିଁ। ଏହାର ମୂଲ୍ୟ ମଧ୍ୟ ବହୁତ କମ୍। ଯଦି ଧରାପଡ଼େ ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ସ୍କୁଟର ଜବତ କଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। କେବଳ ମଦ ଗୁହେଁ, ବ୍ରାଉନସୁଗାର କାରବାର ମଧ୍ୟ ଚିନ୍ତାଜନକ ହେଲାଣି। ମଝିରେ ମଝିରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ଚଢାଉ କରି କେତେକାଂଶରେ ସଫଳ ହେଉଥିଲେ ସୁଦ୍ଧା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏହାର ଚେର କେବଳ ଜଗତ୍‌ସିଂହପୁର ଗୁହେଁ ବାଲେଶ୍ୱର, ଖୋର୍ଦ୍ଧା, କଟକ, ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ପର୍ଯ୍ୟନ୍ତ ଲମ୍ବିଛି। କାରବାର କଟକରୁ ନିୟନ୍ତ୍ରଣ ହେଉଛି। ଅନେକ ଯୁବକ ଏଥିରେ ସାମିଲ ହୋଇଛନ୍ତି। ଏପରି କି ସେମାନଙ୍କ ପାଖରେ ମାରଣାସ୍ତ୍ର ଥିବା ମଧ୍ୟ କୁହାଯାଉଛି। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଅବକାରୀ ବିଭାଗ ଓ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପରିସ୍ଥିତି ଜଟିଳ ରୂପ ନେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କରୁଣାଶଙ୍କର ତିୱାରୀଙ୍କ ସହ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

ଭାରତମାଳା ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ବିରୋଧ

- ଜିଲା ପ୍ରଶାସନ, ଚାଷୀଙ୍କ ମଧ୍ୟରେ ଆଲୋଚନା ବିଫଳ
- ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଗଲେ ଆନ୍ଦୋଳନ ଚେତବାନୀ

ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ବିରୋଧ କରୁଥିବା ଚାଷୀ ଓ ଜନସାଧାରଣ।

ରଘୁନାଥପୁର,୨୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ତହସିଲ ଅଞ୍ଚଳର ୧୩ ଟି ମୌଜା ଦେଇ ଯାଉଥିବା ସରକାରଙ୍କ ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏହି ପ୍ରକଳ୍ପ ଯୋଗୁ ଜମି ହରାଇବାକୁ ଯାଉଥିବା ଜନସାଧାରଣ ଓ ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୪ ଜୁଲାଇରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଅଧାରକରି ଜାତୀୟ ରାଜପଥ ପ୍ରାଧିକାରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ, ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବିରିଡି ତହସିଲଦାର ସଞ୍ଜୟ ବେହେରା, ଅତିରିକ୍ତ ତହସିଲଦାର ତନୁଶ୍ରୀ ବେହେରା ଓ ଥାନାଧିକାରୀ ସବ୍ୟସାଚୀ ରାଉତ ପ୍ରମୁଖ ବିରିଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜମିହରା ଜନସାଧାରଣ ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ।

ଏହି ଅବସରରେ ଚାଷୀ ଓ ଜନସାଧାରଣମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ କହିଥିଲେ, ଭାରତମାଳା ଜାତୀୟ ରାଜପଥ ନିର୍ମାଣ କରାଗଲେ ବିରିଡି ବ୍ଲକର ୧୩ଟି ମୌଜାର ଅଲାଣ୍ଡୋ, ତେନ୍ତୁଳିଆ, ମାଣତ୍ରି, ବରହପୁର, ଅଢଙ୍ଗ ଆଦି ଅଞ୍ଚଳର ବହୁ ଜନସାଧାରଣ ଓ ଚାଷୀ ଜମି ହରାଇବେ। ତହସିଲ ମୌଜାର ସୀମା ମଧ୍ୟରେ କଟକ-ପାରାଦୀପ ରାସ୍ତା, କଟକ-ପାରାଦୀପ ରେଳପଥ, ହଂସୁଆ, ତାଳଦଣ୍ଡା କେନାଲ, ମାଛଗାଁ କେନାଲ, ବିଲୁଆଖାଇ ନଦୀବନ୍ଧ ଓ ପ୍ରଧାନମନ୍ତ୍ରୀ ସଡକ, ମୁଖ୍ୟମନ୍ତ୍ରୀ ସଡ଼କ ଓ ଅନ୍ୟାନ୍ୟ ସଡ଼କ ସବୁ ପ୍ରସ୍ତାବିତ ଭାରତମାଳା ରାଜପଥ ମଧ୍ୟରେ ଥିବାରୁ ଏହି ମୌଜାଗୁଡିକ ସଙ୍କୁଚିତ ହୋଇଯାଇ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଫଳରେ ସ୍ଥାନୀୟ ଲୋକଙ୍କ ବଞ୍ଚିବା କଷ୍ଟସାଧ୍ୟ ହୋଇପଡିବ ବୋଲି ସେମାନେ ମତ ରଖିଥିଲେ। ଏଣୁ ଏହି ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ଅନ୍ୟ ବାଟଦେଇ ନେବାକୁ ଲୋକେ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏହି ପ୍ରକଳ୍ପର ୩ଡି କାର୍ଯ୍ୟ ସରିଥିବାରୁ ଏହାକୁ ଆଉ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତିକି ଉପସ୍ଥିତ ଅଧିକାରୀ ଓ ଲୋକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଫଳରେ ଏହି ଆଲୋଚନା ଏକପ୍ରକାର ବିଫଳ ହୋଇଯାଇଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରତିହତ କରି ଯଦି ବିରିଡି ବ୍ଲକର ଏହି ୧୩ଟି ମୌଜା ଦେଇ ରାସ୍ତା କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଯାଏ, ତେବେ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଶୁଣାଇଥିଲେ। ଏହି ଆଲୋଚନାରେ ତ୍ରୈଲୋକ୍ୟ ଜେନା, ନାରାୟଣ ଭୋଳ, ଭବାନୀ ପରିଜା, ଧରିବା ଚରଣ ସ୍ୱାଇଁ, ଅଶୋକ ପରିଜା, ପ୍ରକାଶ ବେହେରା, ରଶ୍ମୀ ରଞ୍ଜନ ପରିଜା, ସୁନୀଲ କୁମାର ଖଟେଇ, ହିତରଞ୍ଜନ ଦାସ, କ୍ଷେତ୍ର ମୋହନ ସ୍ୱାଇଁ, ଭବାନୀ ସ୍ୱାଇଁ, ଗୁରୁ ଚରଣ ବାରିକ, ଏସ.କେ. ରାଜା, ଦେବବ୍ରତ ପଟ୍ଟନାୟକ, ଖଗେଶ୍ୱର ପଟ୍ଟନାୟକ, ଜୟନ୍ତ ମହାରଣା, ପଟେଲ ଓଝା, ଯଶୋବନ୍ତ ସ୍ୱାଇଁ, ପ୍ରକାଶ ପରିଜା ପ୍ରମୁଖ ଯୋଗଦେଇଥିଲେ।

ଭଲିବଲ୍ ଟୁର୍ନାମେଣ୍ଟ: ଡିଏଭି ପିପିଏଲ୍ ଚାମ୍ପିୟନ

ଟୁର୍ନାମେଣ୍ଟରେ ସାମିଲ ହୋଇଥିବା ଖେଳାଳି ଓ ଅନ୍ୟମାନେ ।

ପାରାଦୀପ,୨୫।୮ (ଶରତ ରାଉତ)

ପାରାଦୀପ ପିପିଏଲ ଟାଉନଶିପ୍ ମଧ୍ୟରେ ଥିବା ଡିଏଭି ସ୍କୁଲ ଖେଳପଡ଼ିଆରେ ଆନ୍ତଃକ୍ଲଷ୍ଟର ୧୪ ବାଳକ ଭଲିବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏଥିରେ ପିପିଏଲ୍ ଡିଏଭି ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟ ୧୯ ବର୍ଷରୁ କମ ବର୍ଗଙ୍କୁ ନେଇ ହୋଇଥିଲା। ଫାଇନାଲରେ ପୋଖରୀପୁଟ ଓ ପିପିଏଲ୍ ଡିଏଭି ମଧ୍ୟରେ ହୋଇଥିଲା। ପିପିଏଲ୍ ୩-୧ ସେଟରେ ବିଜୟୀ ହୋଇଥିଲା। ଏଥିରେ ୫ଟି ସ୍କୁଲ ଭାଗ ନେଇଥିଲେ। ଖେଳକୁ ଦେବାଂଶୁ ଧଳ, ଆୟୁକ୍ଷ ସ, ବିନୟ ଖିଲାର, ସତ୍ୟସ୍ରୁତ ଜେନା ଓ ଶାଶ୍ୱତ ଭାରତୀୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପିପିଏଲ ଅର୍ଥ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସୁଦର୍ଶନ କ୍ରିୟା ଶାରୀରିକ ମାନସିକ ସୁସ୍ଥ ରଖିଥାଏ

ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ

ପାରାଦୀପ,୨୫।୮ (ଶରତ ରାଉତ)

ପାରାଦୀପ ନୂଆବଜାର ଶ୍ରୀ ଶ୍ରୀ ରବିଶଙ୍କର ଆଶ୍ରମରେ ରବିବାର ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପର ଅଧିକାଂଶ ପରିବାର ଏଥିରେ ସାମିଲ ହୋଇଥିଲେ। ଯୋଗଗୁରୁ ତାପସ ରଞ୍ଜନ ପତି, ଦିଲୀପ ନନ୍ଦ, ଝରଣା ପତି, ମୂର୍ଚ୍ଛନା ମିଶ୍ର ଉପସ୍ଥିତ ରହି ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବିଶିଷ୍ଟ ସୁଦର୍ଶନ ଯୋଗ କ୍ରିୟା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି କ୍ରିୟା ବିଶ୍ୱର ଶତାଧିକ ଦେଶର ଲୋକ ଆପଣେଇଛନ୍ତି। ଏହାଦ୍ୱାରା ମାନସିକ ଓ ଶାରୀରିକ ସୁସ୍ଥତା ରହିଥାଏ ବୋଲି ଯୋଗଗୁରୁ ପତି କହିଥିଲେ।

କୋଲିକତା ମୃତ ଡାକ୍ତରଙ୍କୁ ନ୍ୟାୟ ଦାବି ଛାତ୍ରୀଛାତ୍ରଙ୍କ ପ୍ରତିବାଦ

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

କଲିକତାର ଆର.ଜି. କର ମେକଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନିଂ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପରେ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଛି। ମୃତ ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା କରିବା ସହ ଘଟଣାର ଦୃଢ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ବେହେରା, ରେଡକ୍ରସ୍ କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅନୁସୂୟା ବେହେରା, ଅଧ୍ୟାପିକା କାନ୍ତାପ୍ରିୟା ମଥାନ, ଅଧ୍ୟାପକ ଅଭିଜିତ ଖୁଣ୍ଟିଆଙ୍କ ସମେତ ମହାବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ପରେ ଜଙ୍ଗଲ କଟା ବିବାଦର ସମାଧାନ

ଗ୍ରାମବାସୀ ଓ କମ୍ପାନୀର ଅଧିକାରୀମାନଙ୍କ ମଧ୍ୟରେ ଚାଲିଥିବା ଆଲୋଚନା।

କୁଜଙ୍ଗ,୨୫।୮ (ମନୋଜ ପ୍ରଧାନ)

ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଓ ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଗଛକଟାକୁ ନେଇ ଉପୁଜିଥିବା ବିବାଦର ରବିବାର ସମାଧାନ ହୋଇଯାଇଛି। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ସମୟରେ ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଉପସ୍ଥିତ ଥିଲେ। ଯୋଗୀ ସାହି ନିକଟସ୍ଥ କାଣ୍ଟେନରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଗ୍ରାମବାସୀ ଅଭିଯୋଗ କରିଥିଲେ, କମ୍ପାନୀ ପାଇଁ ଆମେ ରୋଜଗାରର ସମସ୍ତ ଉତ୍ସ ହରାଇ ୩ ବର୍ଷ ହେବ ବେକାର ହୋଇ ବସିଛୁ। ନିଯୁକ୍ତିର ନା ଗନ୍ଧ ନାହିଁ। କମ୍ପାନୀ ପକ୍ଷରୁ ଗାଁର ଉନ୍ନତି ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇ ନାହିଁ। ତେବେ ଗାଁ ଶ୍ମଶାନ, ମନ୍ଦିର ଓ ରାସ୍ତା ଆଦିର ଉନ୍ନତି ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ପରେ ଜଙ୍ଗଲ କାଟିବା ନିଷ୍ପତ୍ତିରେ ଗ୍ରାମବାସୀ ରାଜି ହୋଇଥିଲେ। ଏହି ଆଲୋଚନାରେ ଥାନା ଅଧିକାରୀ ରାଜକିଶୋର ବେହେରାଙ୍କ ସମେତ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦଳାଇ, ସମ୍ପାଦକ ସୁରେଶଚନ୍ଦ୍ର ଦାସ, କୋଷାଧକ୍ଷ ସୁରେଶ ମୁଦୁଲିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ଠାରୁ ଜଙ୍ଗଲ କମିଟି ଗଛ କାଟିବ ଓ ସେ ବାବଦ ଖର୍ଚ୍ଚ କମ୍ପାନୀ ବହନ କରିବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ପାଟଣା ଗ୍ରାମ୍ୟ ଜଙ୍ଗଲ କମିଟି ତତ୍ତ୍ୱାବଧାନରେ ଥିବା ୨୦୦ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଅଞ୍ଚଳ ବର୍ତ୍ତମାନ କମ୍ପାନୀ ପ୍ରାଚୀର ମଧ୍ୟରେ ଅଛି। ପରିବେଶ ମଞ୍ଜୁରୀ ପରେ ଉକ୍ତ ଜଙ୍ଗଲ ଅଞ୍ଚଳ ଜେଏସ୍‌ଡବ୍ଲ୍ୟୁକୁ ହସ୍ତାନ୍ତର କରାଯାଇଛି। ଜଙ୍ଗଲ କମିଟି ମଧ୍ୟ କ୍ଷତି ପୂରଣ ରାଶି ନେଇ ସାରିଛି। କିନ୍ତୁ ଜଙ୍ଗଲ କାଟିବା ଦାୟିତ୍ୱ ଜଙ୍ଗଲ କମିଟି ନେଇଥିଲା। ମାତ୍ର କମିଟି କାଟିବାରେ ବିଳମ୍ବ କରିବାରୁ ଶୁକ୍ରବାର କମ୍ପାନୀ ପକ୍ଷରୁ ଜଙ୍ଗଲକଟା ଆରମ୍ଭ ହୋଇଥିଲା। ଖବରପାଇ ଗ୍ରାମର ୩ଜଣ ମୂରବୀ ପହଞ୍ଚି ଗଛ କଟାକୁ ବିରୋଧ କରିଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ଥିବା ଅଭୟଚାନ୍ଦପୁର ଥାନା ଅଧିକାରୀ ବେହେରା ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଗ୍ରାମ ମୁରବିଙ୍କୁ ବୁଝାଇଥିଲେ। ତାଙ୍କ ପ୍ରସ୍ତାବ ଅନୁଯାୟୀ ରବିବାର ଆଲୋଚନା ପାଇଁ ଉଭୟ ପକ୍ଷଙ୍କୁ ଡକାଯାଇଥିଲା।

ଆବର୍ଜନାରୁ ଶକ୍ତି ପ୍ରକଳ୍ପ ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)

ଆବର୍ଜନାରୁ ଶକ୍ତି ପ୍ରକଳ୍ପ ସ୍ୱିଡେନରେ ସଫଳ ହୋଇଛି। ଏପରି ମଡେଲକୁ ଓଡ଼ିଶାରୁ ଆରମ୍ଭ କରାଯାଉ। ଏହି ଭିତ୍ତିଭୂମିରେ ଉଜ୍ଜଳମଣି ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ଗୁରୁବାର ଦିଆଯାଇଛି। ଏ ସମ୍ପର୍କରେ ଯୁବକ ସଂଘ ସଭାପତି ଗୌତମ ଚରଣ ବେହେରା କହିଛନ୍ତି, ଦେଶ ବିକାଶରେ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଯଥେଷ୍ଟ ଅଧିକ। ଜଳ, ପବନ ଓ ସୌର ଶକ୍ତିରୁ ଉତ୍ପନ୍ନ ହେଉଥିବା ଶକ୍ତି ସମସ୍ତ ସ୍ଥାନରେ ପହଞ୍ଚି ପାରୁନାହିଁ। ଅପରପକ୍ଷରେ ପ୍ରତିଦିନ ଉତ୍ପନ୍ନ ଆବର୍ଜନାକୁ ନେଇ ସ୍ୱିଡେନ ସରକାର ଶକ୍ତି ସଂରକ୍ଷଣ କରି ଜନସାଧାରଣଙ୍କୁ ବିତରଣ କରୁଛନ୍ତି। ଏହାଦ୍ୱାରା ଆବର୍ଜନା ସ୍ଥାନୀୟ ଅଞ୍ଚଳରୁ ହଟିବା ସହିତ ପରିବେଶ ସୁସ୍ଥ ରହୁଛି। ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ କୁଟୀରଶିଳ୍ପ ବୃଦ୍ଧି କରିବ। ଦୈନନ୍ଦିନ ଚଳଣିକୁ ସୁସଂଗଠିତ କରାଯାଇପାରିବ ବୋଲି ଯୁବକ ସଂଘ ସଭାପତି ବେହେରା ପ୍ରକାଶ କରିଛନ୍ତି।

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

ବିଜ୍ଞାପନ

No.C-479:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ- ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

ସ୍ୱା./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0034/2425

କାୟା ବିସ୍ତାର କରୁଛି ନକଲି ମାଦକ ଦ୍ରବ୍ୟ କାରବାର

- ଚିନ୍ତାଜନକ ଭାବି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା
- ଚଢ଼ାଉ ସନ୍ତୋଷଜନକ ହେଉନି
- ମଦ ଦୋକାନ ସମ୍ମୁଖରେ ମଦ୍ୟପଙ୍କ ଆସର, ଲୋକେ ଅତିଷ୍ଠ

ଜଗତ୍‌ସିଂହପୁର, ୨୫।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସଦର ମହକୁମା ସମେତ ସମଗ୍ର ଜିଲାରେ ମାଦକଦ୍ରବ୍ୟ କାରବାର ଚିନ୍ତାର କାରଣ ହେଲାଣି। ନକଲି, ଚୋରା ମଦ ସାଙ୍ଗକୁ ବ୍ରାଉନ୍‌ସୁଗାର ର‍ୟାକେଟ୍ ଯେଉଁ ଭଳି ଭାବରେ କାୟା ବିସ୍ତାର କରିଚାଲିଛି ତାହା ସାଧାରଣଲୋକଙ୍କୁ ଅତିଷ୍ଠ କଲାଣି। ଜିଲା ଅବକାରୀ ବିଭାଗ, ପୋଲିସ ବିଭିନ୍ନ ସମୟରେ ଯଦିଓ ଚଢ଼ାଉ କରି କେତେକାଂଶରେ ସଫଳତା ପାଉଛି, କିନ୍ତୁ ତାହା ସନ୍ତୋଷଜନକ ହେଉନି। ଯେଉଁ କାରଣରୁ ର‍ୟାକେଟ୍ ଚେର ଲମ୍ବି ଲମ୍ବି ଚାଲିଛି। ନିକଟରେ ବିଷାକ୍ତ ମଦ ପିଇ ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଞ୍ଚଳର ୨୦ ଜଣ ଅସୁସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାକୁ ନେଇ ବିଧାନସଭା ସ୍ଥଳସ୍ଥଳ ହୋଇଥିଲା। ଏହି ପ୍ରସଙ୍ଗକୁ ସରକାର ଗମ୍ଭୀରତାର ସହ ନେଇ ନକଲି ଓ ବେଆଇନ ମଦ କାରବାର ବନ୍ଦ ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହାର ସେଭଳି ପ୍ରଭାବ ଥିବା ଅନୁଭବ ହେଉନାହିଁ। ଖୁଲମଖୁଲା ସହରରୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ବିଷାକ୍ତ ମଦ ବିକ୍ରି ଚାଲିଥିବା ଗୁରୁତର ଅଭିଯୋଗ ହେଉଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ମୁଖ୍ୟାଳୟ ସମେତ ଜିଲାର ପ୍ରାୟତଃ ଅଞ୍ଚଳରେ ନକଲି ଏବଂ ଚୋରା ମଦ କାରବାର ଲଗାମଛଡା ଭଳି ଅନୁଭୂତ ହେଉଛି। ଗାଁଗୁଡିକରେ ଅବାଧରେ ଏହା ବିକ୍ରି ହେଉଥିଲେ ସୁଦ୍ଧା ଚଢ଼ାଉ ହେଉନାହିଁ। ଚୋରା ମଦ କାରବାରକାରୀମାନେ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ପେଟି ପେଟି ବିଦେଶୀ ଓ ଦେଶୀ ମଦ କିଣି ଚଢା ଦରରେ ଗାଁଗୁଡିକରେ ବିକ୍ରି କରୁଛନ୍ତି। ଏହାକୁ ପ୍ରଶ୍ରୟ ଦେଉଛନ୍ତି ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ମାଲିକ, ଅବକାରୀ ଓ ପୋଲିସ ବିଭାଗର ଅନେକ କର୍ମଚାରୀ। ସେମାନଙ୍କ ବେପାର ବୃଦ୍ଧି ସହ ମୋଟା ଅଙ୍କର ଲାଭ ପାଇଁ ମଦ ଦୋକାନୀ ଏଭଳି କରୁଛନ୍ତି। ବଡ କଥା ହେଲା ପ୍ରଚୁର ପରିମାଣର ନକଲି ମଦ କାରବାର ଚାଲିଛି। ଯେହେତୁ ଗାଁଗୁଡ଼ିକରେ ମଦ ଚୋରା ଚାଲାଣକାରୀମାନେ ନକଲିକୁ ଅସଲି ମଦ କହି ସହଜରେ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରି ଚାଲିଛନ୍ତି। ଏହାକୁ ପିଇ ଅନେକ ଅସୁସ୍ଥ ହେବା ସହ ବିପଥଗାମୀ ହେଉଥିବା ଭଳି ସଙ୍ଗିନ ଅଭିଯୋଗ ହେଉଛି। ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ, ଏକ ନିର୍ଦ୍ଦିଷ୍ଟ ଠିଆବନ୍ଦ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟ ଫୁଡ ଦୋକାନ ଖୋଲିଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହାର ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏବେ ବର୍ଷା ଦିନ ହେଇଥିବାରୁ ପରିବେଶ ଅଧିକ ଖରାପ ହେବାର ସମ୍ଭାବନା ରହିଛି। ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର୍, ଅଟୋ, ଚାରି ଚକିଆ ଯାନ, ବାଇକ୍ ଓ ସ୍କୁଟର ଆଦିରେ ବହୁ ପରିମାଣର ମଦ ଜିଲା ଓ ବାହାରକୁ ଚାଲାଣ ହେଉଛି। ଛୋଟ ଚୋରା କାରବାରକାରୀମାନେ ବିଶେଷକରି ସ୍କୁଟର ଉପରେ ନିର୍ଭର କରୁଛନ୍ତି। କାରଣ ଏବେ ସ୍କୁଟର ଚାହିଦା ନାହିଁ। ଏହାର ମୂଲ୍ୟ ମଧ୍ୟ ବହୁତ କମ୍। ଯଦି ଧରାପଡ଼େ ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ସ୍କୁଟର ଜବତ କଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। କେବଳ ମଦ ଗୁହେଁ, ବ୍ରାଉନସୁଗାର କାରବାର ମଧ୍ୟ ଚିନ୍ତାଜନକ ହେଲାଣି। ମଝିରେ ମଝିରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅବକାରୀ ବିଭାଗ ଓ ପ

ଅଙ୍ଗନୱାଡି କର୍ମୀ କୋର୍ଟ ଚାଲାଣ, ୪ରେ ପହଞ୍ଚିଲା ଗିରଫ ସଂଖ୍ୟା

ନକଲି ନିଯୁକ୍ତି ପତ୍ର ଦେଇ ଠକେଇ ଘଟଣା

ବୁଗୁଡ଼ା,୨୫।୮ (କାଳିଚରଣ ଦାଶ)

କୋର୍ଟରେ ଜୁନିୟର୍ ଟାଇପିଷ୍ଟ ପଦ ପାଇଁ ନକଲି ନିଯୁକ୍ତି ପତ୍ର ଦେଇ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା । ଠକାମୀର ଶିକାର ହୋଇଥିବା ଯୁବକ ସମେତ ୩ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ରବିବାର ଜଣେ ଅଙ୍ଗନୱାଡି କର୍ମୀକୁ ବୁଗୁଡ଼ା ପୋଲିସ କୋର୍ଟ ଚାଲାଣ କରିଛି । ସେ ହେଲେ ଭଞ୍ଜନଗର ଥାନା ସାନ ତୁଳସୀପଲ୍ଲୀ ଗ୍ରାମର ଅଙ୍ଗନୱାଡି କର୍ମୀ ଏ. ଦେବକୀ ପାତ୍ର । ତାଙ୍କଠାରୁ ଡାଏରୀ, ମୋବାଇଲ ଫୋନ ଜବତ ହୋଇଛି । ଦେବକୀ ଚାକିରି ଆଶାୟୀମାନଙ୍କ ସହ ଡିଲ୍ କରି ଅଗ୍ରୀମ ଟଙ୍କା ନେଉଥିଲେ ଏବଂ ସେଥିରୁ ତାଙ୍କ କମିଶନ ରଖି ବାକି ଟଙ୍କା ଅଭିଯୁକ୍ତ ଟୁଲୁ ପାଣିଗ୍ରାହୀକୁ ଦେଉଥିଲେ ବୋଲି ପୋଲିସ କହିଛି ।

ବୁଗୁଡ଼ାର ପ୍ରଭାତ କୁମାର ପାତ୍ର ବିଟେକ ପଢା ସାରି ଚାକିରି ଅନ୍ୱେଷଣରେ ଥିବା ବେଳେ ସେ ଗତ ବର୍ଷ ଜୁଲାଇ ମାସରେ ସମ୍ପର୍କୀୟ ରମେଶ ପାତ୍ରଙ୍କ ଜରିଆରେ ଟୁଲୁ ପାଣିଗ୍ରାହୀକୁ ଯୋଗାଯୋଗ କରିଥିଲେ ଏବଂ ଟୁଲୁ ଚାକିରି କରାଇଦେବ କହି ୬ ଲକ୍ଷ ଟଙ୍କାର ଡିଲ୍ କରିଥିଲେ । ଚାକିରି ଆଶାରେ ପ୍ରଭାତ ଟୁଲୁଙ୍କୁ ୨ ଲକ୍ଷ ଟଙ୍କା ଅଗ୍ରୀମ ଦେଇ ବଳକା ଟଙ୍କା ଚାକିରି ହେବା ପରେ ଦେବେ ବୋଲି କଥା ଛିଣ୍ଡିଥିଲା । ଗତ ଜୁଲାଇ ୯ ତାରିଖରେ ବୁଗୁଡ଼ା ଅଦାଲତରେ ଟାଇପିଷ୍ଟ ପଦବିରେ ଚାକିରି ପାଇଥିବା ଏବଂ ଚଳିତ ଅଗଷ୍ଟ ୭ ତାରିଖରେ ବୁଗୁଡ଼ା ଅଦାଲତରେ ଆବଶକ ପ୍ରମାଣପତ୍ର ଦାଖଲ କରି ଚାକିରିରେ ଯୋଗ ଦେବାକୁ ରେଜିଷ୍ଟ୍ରି ପୋଷ୍ଟରେ ନିଯୁକ୍ତି ପତ୍ର ପାଇବା ପରେ ଆଉ ୨ ଲକ୍ଷ ୭୧ ହଜାର ଟଙ୍କା ଟୁଲୁଙ୍କ ବ୍ୟାଙ୍କ ଅରକାଉଣ୍ଟକୁ ପ୍ରଭାତ ପଠାଇବା ସହ ଖୁସିରେ ପୂଜାପାଠ କରି ସାହି ପଡୋଶୀଙ୍କୁ ମିଠା ବାଣ୍ଟି ୭ ତାରିଖରେ ନିଯୁକ୍ତି ପତ୍ରକୁ ଧରି ବୁଗୁଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟରେ ପହଞ୍ଚିଥିଲେ । ଯାଞ୍ଚ ବେଳେ କୋର୍ଟର କର୍ମଚାରୀମାନେ ନିଯୁକ୍ତି ପତ୍ରକୁ ନକଲି ବୋଲି କହିଥିଲେ । ବୁଗୁଡ଼ା ଜେଏମ୍ଏଫସି ମାଜିଷ୍ଟ୍ରେଟ ଏହି ନିଯୁକ୍ତି ପତ୍ର ନକଲି ହୋଇଥିବା ଜାଣି ବୁଗୁଡ଼ା ଥାନାକୁ ଜଣାଇଥିଲେ । ଏ ନେଇ ପୋଲିସ ନଂ ୩୯୮/୨୪ରେ ଏକ ମାମଲା ରୁଜୁ ହୋଇ ପୂର୍ବରୁ ଠକେଇ ଗ୍ୟାଙ୍ଗର ରମେଶ ପାତ୍ର, ଟୁଲୁ ପାଣିଗ୍ରାହୀ ଓ ପ୍ରଭାତ କୁମାର ପାତ୍ରକୁ ଗିରଫ କରିଥିବା ବେଳେ ରବିବାର ଦେବକୀଙ୍କୁ ଗିରଫ କରିଥିଲା । ଏହି ଠକେଇ ଗ୍ୟାଙ୍ଗର ଆଉ କେତେ ଜଣ ସଦସ୍ୟ ଜଡିତ ଥିବା ପୋଲିସ ତଦନ୍ତ କରୁଛି ।

ବ୍ଲକସ୍ତରୀୟ ଇଂଲିଶ୍ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଇଂଲିଶ୍ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

ଶରଣକୁଳ,୨୫।୮ (ଦୀପକ କର)

ରାଜ୍ୟ ଭାଷା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଗତ ୫ ଦିନ ଧରି ସ୍ଥାନୀୟ ନାରାୟଣ ହାଇସ୍କୁଲ ପରିସରରେ ଚାଲିଥିବା ପ୍ରାଥମିକ ଇଂଲିଶ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖରେ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରକୁ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରିଣୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ରାଜ୍ୟ ଭାଷା ପ୍ରଶିକ୍ଷଣ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ତଥା ବରିଷ୍ଠ ପ୍ରଶିକ୍ଷକ ଗଦାଧର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବରିଷ୍ଠ ପ୍ରଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ବିରଞ୍ଚି ନାରାୟଣ ରଥ ତାଲିମ ପ୍ରଦାନ କରିବା ସମୟରେ ସମ୍ମାନିତ ଅତିଥିଭାବେ ନାରାୟଣ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ଯୋଗଦାନ କରି ଇଂଲିଶ ଶିକ୍ଷା କ୍ଷେତ୍ରରେ ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷୟିତ୍ରୀଶିକ୍ଷକଙ୍କ ଇଂଲିଶ ଶିକ୍ଷାଦାନ ସମ୍ପର୍କିତ ସମସ୍ତ ସନ୍ଦେହ ଦୂରୀକରଣ କରିଥିଲେ । ତାଲିମଦାତାମାନେ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ହାସଲ କରିବା ଦିଗରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଶରଣକୁଳ, ଓଡ଼ଗାଁ ଓ କୁରାଳ ଶିକ୍ଷା ସର୍କଲର ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରି ତାଲିମଲବ୍ଧ ଜ୍ଞାନକୁ ଶ୍ରେଣୀ ଗୃହରେ ଶତ ପ୍ରତିଶତ ପ୍ରୟୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ ।

ବର୍ଷାକାଳୀନ କବିତା ଆସର

ବର୍ଷାକାଳୀନ କବିତା ଆସରରେ ଯୋଗ ଦେଇଥିବା ଅତିଥି ।

ସାହିତ୍ୟ ସଭାରେ ପୁସ୍ତକ ଉନ୍ମୋଚନ

ନୟାଗଡ଼,୨୫।୮ (ଲୋକନାଥ ମିଶ୍ର)

ନୟାଗଡ଼ର କେସି କ୍ଲବ ସଭାଗୃହରେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଏକ ବର୍ଷାକାଳୀନ କବିତା ଆସର ଏବଂ ସାହିତ୍ୟ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ଆସର ଏବଂ ସାହିତ୍ୟ ସଭାରେ ଅତିଥିଭାବେ ସାହିତ୍ୟିକ ବିଜୟ କୁମାର ଚୌଧୁରୀ, ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର, କବି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ପାଲା ଗାୟକ ପରିଷଦର ସଙ୍ଗଠନ ସମ୍ପାଦକ ଗାୟକ କଳାନିଧି ମନୋଜ କୁମାର ମିଶ୍ର ଅତିଥିଭାବେ ଯୋଗଦାନ କରି ବର୍ଷା ସମ୍ପର୍କିତ ବିଭିନ୍ନ କାବ୍ୟ କବିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନୁଷ୍ଠାନର ସମ୍ପାଦକ କଣ୍ଠଶିଳ୍ପୀ ତଥା କବି ପ୍ରଶାନ୍ତ କୁମାର ଦାଶ ସଭା ପ୍ରାରମ୍ଭରେ ଏକ ଭଜନ ପରିବେଷଣ କରିଥିଲେ । ଅନୁଷ୍ଠାନର ସହ ସମ୍ପାଦକ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ ଏବଂ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବି ନିରାକାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଏ ଅବସରରେ ବିଶିଷ୍ଟ ସ୍ତମ୍ଭକାର,କବି ତଥା ଶିକ୍ଷକ ଲଳିତ ମୋହନ ମିଶ୍ରଙ୍କୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଗାୟକ ବିଶାରଦ ବ୍ରଜକିଶୋର ଜେନାଙ୍କ ଲିଖିତ ଦୁଇଟି କାବ୍ୟ ପୁସ୍ତକ 'ଜାନକୀଶ ବିଳାସ' ଏବଂ 'ମହାଭାରତ ସମୀକ୍ଷା' ସୁରେଶ ଚନ୍ଦ୍ର ବରାଙ୍କ ଲିଖିତ ଉପନ୍ୟାସ 'ଜଗ ଜଗ ନାରୀ' ଏବଂ ସଦାନନ୍ଦ ଗୁରୁଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସଦାନନ୍ଦ ବର୍ଣ୍ଣ ପରିଚୟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅଧ୍ୟାପିକା କବି ନୀଳିମା ନନ୍ଦ ଏବଂ କବି ଗୋପୀନାଥ ସେଠୀଙ୍କ ମିଳିତ ସଂଯୋଜନାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୬ ଜଣ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିବା ବେଳେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ନୀଳମାଧବ ମନ୍ଦିରରେ ଆକ୍ୱାଗାର୍ଡ ବ୍ୟବସ୍ଥା ଉଦ୍‌ଘାଟିତ

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିର ପରିସରରେ ପର୍ଯ୍ୟଟକମାନଙ୍କ ସ୍ୱଚ୍ଛ ପାନୀୟ ଜଳର ଆବଶ୍ୟକତା ପୂରଣ ନିମନ୍ତେ ଏକ ଆକ୍ୱାଗାର୍ଡ ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ପ୍ରଦାନ କରାଯାଇଛି । ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ସନରାଇଜ ରୋଟାରୀ କ୍ଲବର ଜିଲା ଗଭର୍ନର ଯଜ୍ଞାଶିଷ ମହାପାତ୍ର, ରୋଟାରିଆନ ରମେଶ ସାହୁ, ଦୁମେଶ ପାଣିଗ୍ରାହୀ, ଅଜିତ ପାଢୀ, ଭବାନୀ ପାଟ୍ଟଯୋଶୀ, ଅରୁଣ କୁମାର ପାଢୀ ଓ ମନୋଜ କୁମାର ବିଶ୍ୱାଳ ପ୍ରମୁଖ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସହ ମନ୍ଦିରକୁ ଆସିଥିଲେ । ମନ୍ଦିରର ଦକ୍ଷିଣ ଦ୍ୱାର ପାବଚ୍ଛ ପାର୍ଶ୍ୱରେ ଏହି ଆକ୍ୱାଗାର୍ଡଟିକୁ ସ୍ଥାନିତ କରିଥିଲେ । ଏହାକୁ ବିଧାୟକ ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ରଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ବଡବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, କଣ୍ଟିଲୋ ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ଶୁଭ୍ରାଂଶୁ କୁମାର ମହାରଣା ପ୍ରମୁଖ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ । ସେହିପରି ଖଣ୍ଡପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନରତ ପିଲାମାନଙ୍କ ପାନୀୟ ଜଳ ସମସ୍ୟାର ସମାଧନ ନିମନ୍ତେ ଅନୁଷ୍ଠାନ ପରିସରରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ରବିବାର ଏକ ଆକ୍ୱାଗାର୍ଡ ସ୍ଥାପନ କରାଯାଇଛି ।

ନୃସିଂହ ମନ୍ଦିର ମୁଖଶାଳା ଉନ୍ନତୀକରଣ ଦାବି

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ପ୍ରାଚୀନ ପ୍ରଭୁ ଶ୍ରୀନୃସିଂହ ଦେବଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଗତ ୬ମାସ ହେଲା ଚାଲୁ ରହିଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅନୁଦାନ ଅର୍ଥ ୪ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ମନ୍ଦିରର ମୁଖଶାଳା ଉନ୍ନତୀକରଣ କାର୍ଯ୍ୟ କରାଯାଇନାହିଁ। ପୂର୍ବପରି ଟିଣଛପର ତଳେ ମନ୍ଦିର ମୁଖଶାଳାର ଦୁଇ ପାର୍ଶ୍ୱରେ ସିଂହ ଦୁଇଟି ମନ୍ଦିରର ଶୋଭା ବର୍ଦ୍ଧନ କରୁଛନ୍ତି । ମାତ୍ର ମନ୍ଦିର ମୁଖଶାଳାର ଉନ୍ନତୀକରଣ ଦିଗରେ ପ୍ରଶାସନ ଧ୍ୟାନ ନ ଦେଇ ଆଖିବୁଜି ଦେଇଥିବାରୁ ଖଣ୍ଡପଡା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀ ନରସିଂହ ଦେବଙ୍କ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ସେଥିପ୍ରତି ବ୍ଲକ୍ ଉନ୍ନୟନ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ଉକ୍ତ ମନ୍ଦିର କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବ୍ଲକ୍‌ର ବରିଷ୍ଠ ଯନ୍ତ୍ରୀ ବ୍ରଜ କିଶୋର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ମନ୍ଦିରର ମୁଖଶାଳା ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ।

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

ବିଜ୍ଞାପନ

No.C-479:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ- ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

ସ୍ୱା./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0034/2425

ସୁନାମୁହିଁ ଜଳଭଣ୍ଡାରରେ ବୋଟିଂ ବ୍ୟବସ୍ଥା ହେଲାନି

ଦୀର୍ଘଦିନରୁ ଜଳ ଭଣ୍ଡାରରେ ପଡି ରହିଥିବା ବୋଟ୍ ।

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଓ ଏନ୍ଏସି କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି । ସୁନାମୁହିଁ ଜଳଭଣ୍ଡାରରେ ପର୍ଯ୍ୟଟକଙ୍କ ନିମନ୍ତେ ବୋଟିଂ ବ୍ୟବସ୍ଥା ପାଇଁ ଏନ୍ଏସି କର୍ତ୍ତୃପକ୍ଷ ୨ଟି ପ୍ଲାଷ୍ଟିକ ବୋଟ କ୍ରୟ କରିଥିଲେ ହେଁ ଉକ୍ତ ବୋଟ୍ ୨ଟି ପର୍ଯ୍ୟଟନସ୍ଥଳୀ ପରିସରରେ ବର୍ଷେ ହେଲା ପଡ଼ିରହିଛି । ସରକାରକା ମାଲ ଦରିଆ ମେ ଡାଲ ନ୍ୟାୟରେ ବୋଟ୍ ୨ଟି ପଡିରହି ନଷ୍ଟ ହେବାକୁ ବସିଥିଲେ ହେଁ ସେଥିପ୍ରତି ଏନ୍ଏସି କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ପରି ମନେହେଉଛି । ଏଥିପ୍ରତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ରାଜ୍ୟସ୍ତରୀୟ କ୍ୟାରମ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ଖଣ୍ଡପଡାସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ରାଜ୍ୟସ୍ତରୀୟ କ୍ୟାରମ ଟର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୪ଟି ଟିମ୍ ଏହି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି । ମହାବୀର କ୍ଲବ ଆନୁକୂଲ୍ୟରେ ପ୍ରଥମକରି ଆୟୋଜିତ ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ଉପଭୋଗ କରିବା ପାଇଁ କ୍ରୀଡାପ୍ରେମୀ ଓ ସହରବାସୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଟୁର୍ନାମେଣ୍ଟକୁ ଉପଭୋଗ କରିବା ପାଇଁ ଲୋକମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମହାବୀର କ୍ଲବର ସଦସ୍ୟମାନେ ଏହି ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।



ଖଣ୍ଡପଡ଼ା ବ୍ଲକ୍‌ରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଶୁଭାରମ୍ଭ ରବିବାର ହୋଇଛି । ଏହି କ୍ରମରେ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ନେଇ ଆୟୋଜନ କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତରୁ ମହିଳା ସ୍ୱୟଂ ସହାୟିକା ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଏହି ଅବଗତ ହୋଇଥିବା ପ୍ରକଳ୍ପ ଅଧିକାରୀ ଗୋଷ୍ଠୀର ସଭ୍ୟାମାନେ କାର୍ଯ୍ୟକ୍ରମରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ରଞ୍ଜିତା ରାଣୀ ପଟ୍ଟନାୟକ କହିଛନ୍ତି ।

ଖଣ୍ଡପଡ଼ା ବ୍ଲକରେ ଲକ୍ଷପତି ଦିଦିଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

Government of Odisha
Higher Education Department

Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS

No. N-86:- It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.

1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   a. Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)
   b. Sambalpur University, Sambalpur- 50 seats (Self-Financing Mode)
   c. Rajendra University, Bolangir- 50 seats (Self-Financing Mode)
   d. Fakir Mohan University, Balasore- 50 seats (Self-Financing Mode)
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

Sl#	Activities	Timeline
1	Availability of online Common Application Form (CAF) on the website www.samsodisha.gov.in

ଭିତରକନିକା ଜାତୀୟ ଉଦ୍ୟାନକୁ ୫୦ ବର୍ଷ

ବିଶ୍ୱର ପ୍ରଥମ ବଭଲା କୁମ୍ଭୀର କୃତ୍ରିମ ପ୍ରଜନନ କେନ୍ଦ୍ର

ପୁଷ୍କରିଣୀରେ ରହିଥିବା ଗୋରୀ କୁମ୍ଭୀର ।

ପର୍ଯ୍ୟଟକମାନେ ବୋଟରେ ଭିତରକନିକାର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି ।

ରାଜନଗର, ୨୫।୮(ଭାସ୍କର ରାଉତରାୟ)

ପ୍ରକୃତିର ଗନ୍ତାଘର ସୌନ୍ଦର୍ଯ୍ୟର ଅନନ୍ୟ ଗୌରବ ଗାଥା ପ୍ରକୃତିରାଣୀ ଭିତରକନିକା ଜାତୀୟ ଉଦ୍ୟାନ ଏବେ ୫୦ ବର୍ଷରେ ପାଦ ଥାପିଛି। ଏହି ସୁଦୀର୍ଘ ସମୟ ଭିତରେ ଭିତରକନିକା ଜାତୀୟ ଉଦ୍ୟାନ ବିଭିନ୍ନ କ୍ଷେତ୍ରରେ ଅଜସ୍ର ସ୍ମୃତି ସାଉଁଟି ସାରିଛି। ଜାତୀୟ ଉଦ୍ୟାନର ଅସଂଖ୍ୟ ଘଟଣାବଳୀ ମଧ୍ୟ ଭିତରକନିକା ଛାତି ଭିତରେ ଅଲିଭା ସବୁଜ ହସ୍ତାକ୍ଷର ଲେଖା ସରିଛି। ୧୯୭୫ ମସିହା କଥା, ଆମେରିକାର ୱାଶିଂଟନ ଡିସି ସହରରେ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରୁଥିବା ବଭଲା କୁମ୍ଭୀରଙ୍କ ବଂଶ ହ୍ରାସ ପାଇଁ ଉଦ୍‌ବେଗ ପ୍ରକାଶ ପାଇବା ସହ ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡ. ଏଚ୍.ଆର୍.ବଷ୍ଟାର୍ଡଙ୍କୁ ଏହାର କାରଣ ସମ୍ପର୍କରେ ଜାଣିବାକୁ ଦାୟିତ୍ୱ ଦିଆଗଲା। ସେ ଭିତରକନିକା ଘଞ୍ଚ ଅରଣ୍ୟରେ ପାଦ ରଖି ବିଶ୍ୱର ସର୍ବପ୍ରଥମ ବଭଲା କୁମ୍ଭୀରର କୃତ୍ରିମ ପ୍ରଜନନ କେନ୍ଦ୍ର ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇରେ ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀର ସଙ୍ଗମ ସ୍ଥଳରେ ଥିବା ଭିତରକନିକାର କାଳିଭଞ୍ଜଡିଆ ଦ୍ୱୀପରୁ ଗୋଟିଏ କୁମ୍ଭୀର ବସାରୁ ୪୮ଟି ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ହେନ୍ତାଳ ଓ ଖରଖରି ପତ୍ର ସଂଗ୍ରହ କରି କୁମ୍ଭୀର ବସା ନିର୍ମାଣ କରି ସେଥିରେ ସେହି ଅଣ୍ଡାଗୁଡିକ ରଖିଥିଲେ। ୬୦ଦିନ ପରେ ସେହି ଅଣ୍ଡାଗୁଡିକରୁ ୨୪ଟି ଛୁଆ ଜନ୍ମ ନେଇଥିଲେ। ସେଥିମଧ୍ୟରୁ ଶଙ୍ଖ ଭଳି ଧଳା ଦେଖାଯାଉଥିବା ଶାବକ କୁମ୍ଭୀରର ସ୍ୱତନ୍ତ୍ର ଭାବେ ଯତ୍ନ ନେଇଥିଲେ। ପରବର୍ତ୍ତୀ ସମୟରେ ତା'ର ରୂପ ଲାବଣ୍ୟକୁ ଦେଖି ତା'ର ନାମ ଗୋରୀ ଦିଆଯାଇଥିଲା। ସେହି ଗୋରୀ ମା' କୁମ୍ଭୀରଟି ଆରମ୍ଭରୁ ଆବଦ୍ଧ ପୁଷ୍କରିଣୀ ମଧ୍ୟରେ ନିଃସଙ୍ଗ ଜୀବନ ବିତାଉଛି। ଏବେ ଗୋରୀ ଯୌବନର ଅପରାହ୍ନରେ ପାଦ ଦେଇଥିଲେ ବି ମା'ହେବାର ସୌଭାଗ୍ୟ ତା' ଭାଗ୍ୟ ଆକାଶରେ ଜୁଟିନି। ଦେଶ ବିଦେଶରୁ ଆସୁଥିବା ଆଗନ୍ତୁକ ପର୍ଯ୍ୟଟକ ହୁଅନ୍ତୁ ବା ପ୍ରାଣୀ ବୈଜ୍ଞାନିକ, ଗବେଷକ ସଭିଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି ନିରିମାଖୀ ଗୋରୀ। ଗୋରୀକୁ ଆବିଷ୍କାର କରି ସାରା ଜଗତରେ କୁମ୍ଭୀର ମଣିଷ ଭାବେ ପରିଚିତ ଡ. ଏଚ୍. ଆର. ବଷ୍ଟାର୍ଡ ଏବେ ୯୦ ବର୍ଷରେ ପାଦ ଦେଇଥିବା ବେଳେ ୨୦୧୯ ମସିହାରେ ଭିତରକନିକା ଗସ୍ତରେ ଆସି ଗୋରୀ ସହିତ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ଆନନ୍ଦିତ ହୋଇଥିଲେ।

ବଭଲା କୁମ୍ଭୀର ନ ଥିଲେ ହେନ୍ତାଳ ବଣ ନ ଥାନ୍ତା

ପ୍ରକୃତିର ବରଦାନ ବଙ୍ଗୋପସାଗର ତଟବର୍ତ୍ତୀ ପ୍ରାଚୀର ଭାବେ ଉଭା ହୋଇଥିବା ଭିତରକନିକାର ହେନ୍ତାଳ ବଣ ୨୦ଦଶକ ପରଠୁଁ ଉପକୂଳବର୍ତ୍ତୀ ବିଶେଷ କରି କେନ୍ଦ୍ରାପଡ଼ା ଜିଲାକୁ ବିଭିନ୍ନ ପ୍ରାକୃତିକ ସାମୁଦ୍ରିକ ଝଡ଼କୁ ସାମ୍ନା କରି ମଣିଷମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରି ଆସୁଛି। ସାମୁଦ୍ରିକ ଜୁଆରର ଲୁଣା ପାଣି ଓ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ମିଠା ପାଣିର ସଂଯୋଗରେ ହିଁ ବିଶ୍ୱବିଦିତ ଲୁଣା ଜଙ୍ଗଲ ତିଷ୍ଠି ରହିଛି। ଅପରପକ୍ଷେ ଏହି ନଦୀଗୁଡିକରେ ବଭଲା କୁମ୍ଭୀରମାନେ ବସବାସ କରୁଥିବାରୁ ସେମାନଙ୍କ ଆକ୍ରମଣ ଭୟରେ କେହି ଜଙ୍ଗଲ କାଟିବାକୁ ସାହାସ କରି ପାରୁନାହାନ୍ତି। ଯେମିତି ମହାବଳ ବାଘ ପାଇଁ ଶିମିଳିପାଳ ସୁରକ୍ଷିତ, ବଭଲା କୁମ୍ଭୀର ପାଇଁ ଭିତରକନିକାର ହେନ୍ତାଳବଣ ସୁରକ୍ଷିତ ବୋଲି ଭାରତର ବିଶିଷ୍ଟ କୁମ୍ଭୀର ବିଶାରଦ ଡ. ସୁଧାକର କର କହିଛନ୍ତି।

କୁମ୍ଭୀର-ମଣିଷ ଲଢ଼େଇର କେବେ ହେବ ଅନ୍ତ

ସମୟର ବିବର୍ତ୍ତମାନରେ ଏବେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବଭଲା କୁମ୍ଭୀରଙ୍କ ସଂଖ୍ୟା ୧୮୧୧ ହୋଇ ସାରିଲାଣି। ସୀମିତ ଜଳରାଶିରେ ସେମାନଙ୍କ ବାସସ୍ଥାନ ସଙ୍କୁଚିତ ହୋଇଯିବାରୁ ସେମାନେ ଅନେକ ସମୟରେ ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ନଦୀଗୁଡିକରେ ପ୍ରବେଶ କରି ନଈକୂଳିଆ ଗାଁଗୁଡିକରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗଭୀର ପାଣି ଭିତରେ ଆତ୍ମଗୋପନ କରି ନଦୀ ଉପରେ ନିର୍ଭର କରି ଆସୁଥିବା ଲୋକଙ୍କୁ ଝାମ୍ପି ନେଇ ଖାଉଛନ୍ତି। ଅନେକ ସମୟରେ କୁମ୍ଭୀର ଓ ମଣିଷ ମଧ୍ୟରେ ଲଢେଇ ଦେଖିବାକୁ ମିଳିଥାଏ। କେଉଁଠି କୁମ୍ଭୀର ମଣିଷକୁ ଝାମ୍ପି ନେଇ ଯାଉଥିବା ବେଳେ ତ କେଉଁଠି ମଣିଷ କୁମ୍ଭୀର ସହିତ ଲଢେଇ କରି ନିଜ ଜୀବନ ବଞ୍ଚାଇ ପାରିଥାଏ। ତେବେ ମଣିଷ-କୁମ୍ଭୀର ଲଢେଇର ଶେଷ ଅଙ୍କର ଦୃଶ୍ୟ କେବେ ହେବ, ତାହା କିଏ କହିବ। ଏହାକୁ ନେଇ ଜାତୀୟ ସ୍ତରରେ ବିତର୍କ ଜାରି ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ରମେଶ

@ ମାନସ

@ ଜ୍ୟୋତିପ୍ରକାଶ

@ ରାଜକୁମାର

@ ଦୀନଦୟାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଜାତୀୟ ରାଜପଥରେ ଫୁଟେ ଉଚ୍ଚର ବର୍ଷା ଜଳ

ରଘୁନାଥପୁର, ୨୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ଲଘୁଚାପଜନିତ ଲଗାଣ ବର୍ଷାରେ ଚାରିଆଡ଼ ଜଳାପ୍ଲବ ହୋଇଯାଇଛି। ପ୍ରବଳ ବର୍ଷାଯୋଗୁ ବିରିଡି ବ୍ଲକ ଉତ୍ତରଶାସନ କଇଜଙ୍ଗା ବଜାର ନିକଟସ୍ଥ ୫୫ନଂ. ଜାତୀୟ ରାଜପଥ ଉପରେ ଫୁଟେ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି । ଏଥିଯୋଗୁ ଜନଜୀବନ ପ୍ରଭାବିତ ହୋଇଯାଉଛି। ଏହାର ଅପରପାର୍ଶ୍ୱରେ ଥିବା ୨ ନମ୍ବର କେନାଲ ଭିତରକୁ ପ୍ରବେଶ କରୁଛି। ରାସ୍ତା ଉପରେ ପାଣି ଚାଲୁଥିବାରୁ ଜାତୀୟ ରାଜପଥ ପାର୍ଶ୍ୱ ଓ ୨ ନମ୍ବର କେନାଲ ବନ୍ଧ ପାର୍ଶ୍ୱ ଅତଡା ଖାଇବାର ସମ୍ଭାବନା ସୃଷ୍ଟି ହୋଇଛି । ଆଗକୁ ଏଭଳି ବର୍ଷା ଲାଗି ରହିଲେ ଜାତୀୟ ରାଜପଥ ନିକଟରେ ରହୁଥିବା ଲୋକଙ୍କ ଘର ଭିତରକୁ ପାଣି ପଶିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ଜାତୀୟ ରାଜପଥ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

ନଗଡ଼ାରେ ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ

କାଳିଆପାଣି, ୨୫।୮ (ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡିପାଳ ପଞ୍ଚାୟତର ତଳନଗଡ଼ାଠାରେ ଏକ 'ଆମ କଳିକା କେନ୍ଦ୍ର' ଉଦ୍‌ଘାଟିତ ହୋଇଯାଇଛି। ଓଏମ୍‌ବିଏଡିସି ସହାୟତା ଓ ଆଇଏମ୍‌ଟିଏସ୍ (ଏନଜିଓ)ର ପରିଚାଳନାରେ ଏଠାରେ ୬ରୁ ୩୬ ମାସ ଶିଶୁଙ୍କ ଦେଖାଶୁଣା ବ୍ୟବସ୍ଥା କରାଯାଇଛି। ଆମ କଳିକା କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ୩ ଥର ଖାଇବା ବ୍ୟବସ୍ଥା ହୋଇଛି। ଶିଶୁମାନଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରକାରର ନାଚଗୀତ ସୁବିଧା କରାଯାଉଛି। ପିଲାମାନଙ୍କ ସେବା କରିବା ପାଇଁ ଦୁଇଜଣ କଳିକା ମା' ନିୟୋଜିତ ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ପ୍ରଧାନ ଓ ନିଆଳି ପ୍ରଧାନ। ଅତିଥିଭାବେ ଅଙ୍ଗଦ ଦେହୁରି ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସତ୍ୟନାରାୟଣ ରାଉତ, ସୁପର ଭାଇଜର୍ ଅରବିନ୍ଦ ହୋତା ଓ ବିରଜା ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଭିଭାବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ତଳନଗଡ଼ା ଆମ କଳିକା କେନ୍ଦ୍ରକୁ ଏକ ଆଦର୍ଶ କେନ୍ଦ୍ର ରୂପେ ଗଢି ତୋଳିବା ପାଇଁ ଆଇଏମଟିଏସର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ ସୁକିନ୍ଦା ବ୍ଲକର ସମସ୍ତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

'ଆମ କଳିକା କେନ୍ଦ୍ର' ଉଦ୍‌ଘାଟନୀରେ ଯୋଗଦେଇଥିବା ଅତିଥି ଓ ପଞ୍ଚାୟତର ଶିଶୁ ଓ ମହିଳାମାନେ ।

ମଇଁଷିକୁ ଝାମ୍ପିନେଲା କୁମ୍ଭୀର

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ କୋଚିଆ ନଦୀ କୂଳରେ ଘଡ଼ିଆମାଳ ପଞ୍ଚାୟତର ନୂଆଗାଁର କାମଦେବ ପାଣ୍ଡବଙ୍କ ମାଈ ମଇଁଷି ଚରୁଥିବା ବେଳେ ନଦୀ କୂଳରେ ଥିବା ଏକ ବଭଲା କୁମ୍ଭୀର ମଇଁଷିକୁ ଝାମ୍ପି ନେଇଥିଲା। ଏ ନେଇ କାମଦେବ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନ କୁମାର ମଲ୍ଲିକଙ୍କ ସହ ବନ କର୍ମଚାରୀମାନେ ଅପରାହ୍ନରେ ଗାଁଲୋକଙ୍କ ସହ ଖୋଜାଖୋଜି ପରେ ମୃତ ମଇଁଷିକୁ ଉଦ୍ଧାର କରିଛନ୍ତି।

ଡବଲ ସ୍ୱର୍ଣ୍ଣ ପଦକ ହାସଲ କଲେ ପ୍ରଣବ

ଜାତୀୟ ମଡର୍ନ ପେଣ୍ଟାଥଲନ

ଧର୍ମଶାଳା, ୨୫।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ପାଖର ପଞ୍ଚାୟତର ପ୍ରଣବ ଦାସ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ଜାତୀୟ ମଡର୍ନ ପେଣ୍ଟାଥଲନ ପ୍ରତିଯୋଗିତାରେ ଭାଗନେଇ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରଣବଙ୍କ ଏହି ସଫଳତା ପାଇଁ ତାଙ୍କୁ ଛୁଟୁଛି ଶୁଭେଚ୍ଛାର ସୁଅ। ଉତ୍ତରାଖଣ୍ଡର କାଶୀପୁରଠାରେ ଗତ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପ୍ରଣବ ଓଡ଼ିଶାରୁ ପାଞ୍ଚ ଜଣିଆ ଟିମର ନେତୃତ୍ୱ ନେଇଥିଲେ। ଓଡିଶା ଦଳର ଅଧିନାୟକ ପ୍ରଣବ ଟ୍ରାଇଥଲେଟ (୫ଗୁଣା ୬ଶହ ମିଟର ଦୌଡ଼, ୪ଗୁଣା ୫୦ମିଟର ସନ୍ତରଣ, ୪ଗୁଣା ୫ଟି ୧୦ମିଟର ଏୟାର ପିସ୍ତଲ ବନ୍ଧୁକ ଚାଳନା)କୁ ୧୮:୨୮:୩୪ ଟାଇମିଂରେ ଶେଷ କରି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବାଇଆଥଲ (୧୬ଶହ ମିଟର ଦୌଡ଼, ୨ଶହ ମିଟର ସନ୍ତରଣ) ଇଭେଣ୍ଟରେ ୧୪:୦୮:୨୭ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ୱର୍ଣ୍ଣ ହାସଲ କରିଥିଲେ।

ପ୍ରଣବ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏହି ପ୍ରତିଯୋଗିତାରେ ୨୩ଟି ରାଜ୍ୟରୁ ବିଭିନ୍ନ ବର୍ଗରେ ୩ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଣବଙ୍କ ଏହି ସଫଳତାକୁ ନେଇ ତାଙ୍କ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ବେଶ ଖୁସିର ଲହରି ଖେଳିଯାଇଛି। ଅନ୍ୟପକ୍ଷରେ ପ୍ରଣବ ଆଗାମୀ ବିଶ୍ୱ ପେଣ୍ଟାଥଲନ ପ୍ରତିଯୋଗିତା ଯୋଗ୍ୟତା ପାଇଁ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଇଜିପ୍ଟର ପୋର୍ଟ ସେଡ୍‌ଠାରେ ଅକ୍ଟୋବର ୧୦ରୁ ଆରମ୍ଭ ହେବ। ମଡର୍ନ ପେଂଟାଥଲନ ଏକ ଅଲିମ୍ପିକ କ୍ରୀଡା ହୋଇଥିବାରୁ ପ୍ରଣବ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବାରେ ଯଥେଷ୍ଟ ସମ୍ଭାବନା ରହିଛି। ଟ୍ରେନିଂ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବା ପାଇଁ ତାଙ୍କ ନିକଟରେ ଅର୍ଥର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

ଜଳସମ୍ପଦ-ଏନ୍‌ଆଇଓଟିର ଏମ୍‌ଓୟୁକୁ ୨ ବର୍ଷ ପୂରିଲା

- ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନାହିଁ
- ଖର୍ଚ୍ଚ ହେଉଛି ଅନୁଦାନ ଅର୍ଥ, ସୁଫଳ ମିଳୁନି

କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)

ଓଡ଼ିଶାରେ ସମୁଦ୍ରତଟ ସୁରକ୍ଷା ଓ ଲୁଣାବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ଓ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ଏନ୍‌ଆଇଓଟି) ମଧ୍ୟରେ ୨୦୨୨ ଅଗଷ୍ଟ ୧୦ରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଓ ଏନ୍‌ଆଇଓଟି ନିର୍ଦ୍ଦେଶକ ଡ. ଜି. ଏ. ରାମଦାସ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଆସନ୍ତା ୨୦୨୬ ସୁଦ୍ଧା ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ଓ ଲୁଣାବନ୍ଧର ସୁରକ୍ଷା ହେବ ବୋଲି ଏହି ଏମ୍‌ଓୟୁରେ ଉଲ୍ଲେଖ ଅଛି। ଏହି ଏମ୍‌ଓୟୁକୁ ଇତିମଧ୍ୟରେ ୨ ବର୍ଷରୁ ଅଧିକ ହୋଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିନାହିଁ। ଅପରପକ୍ଷରେ ସମୁଦ୍ର ଓ ଭୂଭାଗକୁ ଛୁଇଁଥିବା ଉପକୂଳ ଜୋନର ସୁରକ୍ଷା ଆବଶ୍ୟକ। ବନ୍ୟା, ସାମୁଦ୍ରିକ ଝଡ଼ ସହିତ ସୁନାମି ଭୟ ରହିଛି।

କେନ୍ଦ୍ର ପର୍ଯ୍ୟାବରଣ ଓ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଏଥିରୁ ସୁରକ୍ଷା ପାଇଁ ଅନୁଦାନ ଦିଆଯାଉଛି। ଏହାସହ ଏହି ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ୧୯୮୬ରେ ପରିବେଶ ସୁରକ୍ଷା ଆଇନ ପ୍ରଣୟନ ହୋଇଛି। ଏଥିସହ ୧୯୯୧, ୨୦୧୧ ଓ ୨୦୧୯ ମସିହାରେ ଉପକୂଳ ପରିଚାଳନା ଜୋନ (ସିଆର୍‌ଜେଡ୍) ଚିହ୍ନଟ ହୋଇ ନୋଟିଫିକେଶନ ହୋଇଛି। ଏହାସତ୍ତ୍ୱେ ଓଡ଼ିଶାର କେନ୍ଦ୍ରାପଡ଼ା ସମେତ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାର ତଟାଞ୍ଚଳ ସୁରକ୍ଷିତ ନୁହେଁ। ୨୦୨୨ରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସିଏଜି (କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ ଇଣ୍ଡିଆ) ନିର୍ଦ୍ଦେଶକ ସଞ୍ଜୟ କୁମାର ଝାଙ୍କ ୨୦୧୫ରୁ ୨୦୨୦ ରିପୋର୍ଟରେ ମଧ୍ୟ ତଟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହି ରିପୋର୍ଟରେ ରାଜ୍ୟରେ ବୃଦ୍ଧି ପାଉଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନ ଥିବା କ୍ଷୋଭ ପ୍ରକାଶ କରାଯାଇଛି। ଅନୁଦାନ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏହାର ସୁଫଳ ମିଳୁନ ଥିବା ଉଲ୍ଲେଖ ହୋଇଛି। ସିଏଜି ରିପୋର୍ଟ ଅନୁଯାୟୀ, ତଟାଞ୍ଚଳରେ ଶିଳ୍ପାଞ୍ଚଳ ବିକଶିତ ହୋଇଛି। ସେହିପରି ବେଆଇନ ଚିଙ୍ଗୁଡ଼ି ଘେରି ସହ ବନ୍ଧୁମାତ୍ରାରେ ବସବାସ ବୃଦ୍ଧିପାଇଛି । ଏଥିପାଇଁ ତଟବନ୍ଧ ଓ ପରିବେଶ ଅସୁରକ୍ଷିତ ହୋଇଛି। ସେହିପରି ପାରାଦୀପ ଓ ଧାମରା ମଧ୍ୟରେ ଥିବା ଉପକୂଳ ଅଞ୍ଚଳର ପରିବେଶ ନିରୀକ୍ଷଣ ପାଇଁ ୨୦୧୩ରୁ ୨୦୧୫ ମଧ୍ୟରେ ୨ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୯ଟି ପରୀକ୍ଷାଗାର ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ଏହି ପରୀକ୍ଷାଗାର ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ତଥ୍ୟ ହାସଲ କରାଯିବା କଥା। ମାତ୍ର ଏହି ବୋର୍ଡର କାର୍ଯ୍ୟକାରିତା ୩୩ରୁ ୫୯ ପ୍ରତିଶତ ରହିଛି। ଜଳ ଓ ବାୟୁର ମାନ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବହୁ ପଛୁଆ ଅଛି। ୨୦୧୬ରୁ ୨୦୧୮ ମଧ୍ୟରେ ରାଜନଗର ମ୍ୟାନଗ୍ରୋଭ ଫରେଷ୍ଟ ଡିଭିଜନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ୨୨୮ ହେକ୍ଟର ଜମିରେ ହେନ୍ତାଳ ବଣ ସୃଷ୍ଟି ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ତଦନ୍ତ ସମୟରେ ଶୂନରୁ ୩୫ ପ୍ରତିଶତ ଗଛ ଦେଖିବାକୁ ମିଳିଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପେଣ୍ଠାରେ ପ୍ରାୟ ୩୩ କୋଟି ଟଙ୍କା ଖର୍ଚ୍ଚ ହୋଇ ଜିଓ ସିନ୍ଥେଟିକ ୱାଲ୍ ନିର୍ମାଣ ହୋଇଥିଲା। ମାତ୍ର ଏହି ୱାଲ୍‌ର ଗାବିୟନ ବକ୍ସରୁ ପଥର ବାହାରି ସମୁଦ୍ର ମଧ୍ୟକୁ ଚାଲିଯାଉଛି। ୨୦୧୮ରେ ଏହି ଟ୍ୟୁବ୍‌ୱାଲ୍‌ର ସୁରକ୍ଷା ପାଇଁ ରାଜ୍ୟ ପାଣ୍ଠିରୁ ୪ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହାର ତଦନ୍ତ ସମୟରେ ପେଣ୍ଠ ତଟାଞ୍ଚଳର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଥିସହ ୨୦୧୯ ଅଗଷ୍ଟରେ ଟ୍ୟୁବ୍‌ୱାଲ୍‌ରେ ନିଆଁ ଲାଗିଥିବାରୁ ଅଧିକ ୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବ୍ୟତୀତ ତଟବନ୍ଧ ସୁରକ୍ଷାକୁ ନେଇ ସିଏଜି ରିପୋର୍ଟ ବହୁ ପ୍ରଶ୍ନ ଉଠାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ମୋଟ ୭୪୪.୩୭ କି.ମି.ର ଲୁଣା ତଟବନ୍ଧ ଅଛି। ଏହି ବନ୍ଧ ଅସୁରକ୍ଷିତ ଥିବାରୁ ବନ୍ୟା, ବତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲା ୪୫୫ ଗ୍ରାମାଞ୍ଚଳରେ ସମୁଦ୍ର ନଦୀ ଜଳ ପଶିଆସୁଛି। ଏଥିସହ ଜିଲାରେ ମୋଟ ୬୪ ଗ୍ରାମକୁ ସୁନାମିପ୍ରବଣ

ସଂକ୍ଷେପରେ

ବଜରଙ୍ଗ ଦଳ ପକ୍ଷରୁ ଗୋରୁ ଗାଡ଼ି ଅଟକ

ରଣପୁର,୨୫।୮(ସୁକାନ୍ତ କିଶୋର ଡାକୁଆ): ରବିବାର ସକାଳେ ବଜରଙ୍ଗ ଦଳର ସଦସ୍ୟମାନେ ରଣପୁର ଥାନା ଅନ୍ତର୍ଗତ ବମ୍ବଡ଼ା ଗାଁରେ ଏକ ଗୋରୁ ବୋଝେଇ ଡାଲା ଅଟୋକୁ ଅଟକ ରଖିଥିଲେ । ସେଥିରେ ୩ଟି ଗୋରୁ ଥିଲେ । ବଜରଙ୍ଗ ଦଳର କର୍ମୀମାନେ ଗୋରୁ ଚାଲାଣକାରୀଙ୍କୁ ଧରିବାକୁ ଉଦ୍ୟମ କଲା ବେଳେ ସେମାନେ ଆକ୍ରମଣ କରି ଘଟଣାସ୍ଥଳରୁ ଖସିପଳାଇବାରେ ସକ୍ଷମ ହୋଇଛନ୍ତି । ଗୋରୁ ବୋଝଇ ଡାଲା ଅଟୋ(ନଂ.ଓଡ଼ି୦୨ଏମ୍ ୮୦୫୪) ସହ ୩ ଗୋରୁଙ୍କୁ ପୋଲିସ ଜବତ କରିଛି । ସେହି ଗୋରୁଙ୍କୁ ରଣପୁର ଗୋଶାଳାରେ ରଖାଯାଇଛି ।

ରାମଚନ୍ଦ୍ର ହାଇସ୍କୁଲ ପରିସରରୁ ଚନ୍ଦନ ଗଛ ଚୋରି

ଭାପୁର,୨୫।୮(ଭରତ କୁମାର ବେହେରା): ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ବିଜିପୁର ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟ ପରିସରରୁ ଶୁକ୍ରବାର ରାତିରେ କେହି ଏକ ଚନ୍ଦନ ଗଛ କାଟି ନେଇଥିବା ଅଭିଯୋଗ ହୋଇଛି। ଶନିବାର ସକାଳେ ଶିକ୍ଷୟତ୍ରୀ, ଶିକ୍ଷକମାନେ ବିଦ୍ୟାଳୟକୁ ଆସିବା ପରେ ଏହି ଘଟଣା ଜଣାପଡିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା ଫତେଗଡ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ପରିସରରେ ଏହି ଚନ୍ଦନ ଗଛ ପ୍ରାୟ ୨୦ବର୍ଷ ତଳେ ଛାତ୍ରୀଛାତ୍ରମାନେ ଲଗାଇଥିଲେ। ଗଛଟିର ଉଚ୍ଚତା ପ୍ରାୟ ୩୦ଫୁଟ ଓ ଗୋଲେଇ ୨ଫୁଟ୍ ଥିଲା । ଶୁକ୍ରବାର ବିଳମ୍ବିତ ରାତିରେ କେହି ମେଶିନରେ ସେହି ଗଛକୁ କାଟି ନେଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି । ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି, ବିଦ୍ୟାଳୟର କର୍ମଚାରୀମାନଙ୍କୁ ଡାକି ତଦନ୍ତ ଚାଲୁ ରହିଛି। ୨ବର୍ଷ ତଳେ ପିଠାଖାଇ ଓ ଖଇରିଗାଡିଆ ଗ୍ରାମରୁ ଚନ୍ଦନ ଗଛ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା ।

ନୂତନ ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨୫।୮(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କୁ ପରିବେଶବିତ୍ ତଥା ଗଛସାର୍‌ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ରାଜ୍ୟ ସରକାରଙ୍କ ନୂତନ ଆଇନ ଅନୁଯାୟୀ, ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ଯାନବାହନ ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଛି । ହେଲେ ଏବେ ବି ଅନେକ କମ୍ ବୟସର ପିଲା ଦୁଇଚକିଆ ଯାନରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏହାକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଫାଣ୍ଡି ଅଧିକାରୀ ଦାଶ ଓ ସହକାରୀ ମନୋରଞ୍ଜନ ପଣ୍ଡାଙ୍କୁ ସାହୁ ନିବେଦନ କରିଛନ୍ତି ।

କାୟା ମେଲାଉଛି ମ୍ୟାଲେରିଆ

୭ମାସରେ ୩୬୭ ରକ୍ତ ନମୁନା ପଜିଟିଭ

ନୟାଗଡ଼,୨୫।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ମ୍ୟାଲେରିଆ ରୋଗ କାୟା ବିସ୍ତାର କରୁଥିବାରୁ ଚିନ୍ତାର କାରଣ ପାଲଟିଛି । ଜିଲାରେ ୭ମାସ ମଧ୍ୟରେ ୩୬୭ ରୋଗୀ ପଜେଟିଭ ଚିହ୍ନଟ ପରେ ଭୟ ଘାରିଲାଣି । ଯଦିଓ ମୃତାହତ କେହି ନାହାନ୍ତି ତଥାପି ଏହାକୁ ରୋକା ନ ଗଲେ ଘାତକ ହୋଇପାରେ ବୋଲି ମତ ପ୍ରକାଶ ପାଇଛି । ଏ ପରିପ୍ରେକ୍ଷୀରେ ମ୍ୟାଲେରିଆ ରୋଗ ପାଇଁ ସଚେତନତା ଓ ମଶାରି ବଣ୍ଟନ କରିବାକୁ ଦାବି ଉଠିଛି ।

ନୟାଗଡ଼ ଜିଲାରେ ରହିଛି ଗୋଟିଏ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଉପଖଣ୍ଡ ଚିକିତ୍ସାଳୟ, ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୬୬ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି । ତେବେ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ହୋଇ ପାରୁ ନାହିଁ । ଗତ ଜାନୁଆରୀରେ ଜିଲାରେ ୧୮ ଜଣ, ଫେବ୍ରୁଆରୀରେ ୨୦ଜଣ, ମାର୍ଚ୍ଚରେ ୩୯ ଜଣ ପଜେଟିଭ ଚିହ୍ନଟ ହୋଇଥିଲେ । ସେହିଭଳି ଏପ୍ରିଲରେ ୩୪, ମେ'ରେ ୭୦, ଜୁନ୍‌ରେ ୭୪, ଜୁଲାଇରେ ୧୧୨ରେ ରୋଗୀ ଚିହ୍ନଟ ହୋଇଛନ୍ତି । ୭ମାସର ଡାଟାକୁ ଅନୁଧ୍ୟାନ କଲେ କେବଳ ଏପ୍ରିଲ ମାସକୁ ଛାଡିଦେଲେ ଅନ୍ୟ ସବୁ ମାସରେ ରୋଗୀସଂଖ୍ୟା ବଢ଼ି ଚାଲିଛି। ଅଗଷ୍ଟ ମାସ ଶେଷ ହେବାକୁ ଥିବାବେଳେ ଜିଲାରେ ପ୍ରତ୍ୟହ ୪ରୁ ୫ଜଣ ମ୍ୟାଲେରିଆ ରୋଗୀ ବାହାରୁଛନ୍ତି । ତେବେ ଅଗଷ୍ଟ ମାସର ସରକାରୀ ରିପୋର୍ଟ ହସ୍ତଗତ ହୋଇ ନାହିଁ । ଏନେଇ ଦଶପଲ୍ଲାର ରାମ ଶଙ୍କର ନାୟକ କୁହନ୍ତି, ମ୍ୟାଲେରିଆ ରୋଗ ନିୟନ୍ତ୍ରଣାଧୀନ ରହିଛି ବୋଲି କୁହାଯାଉଛି । ତେବେ ରୋଗୀ ବଢୁଥିବାରୁ ଏହା ଏବେ ଭୟ ସୃଷ୍ଟି କଲାଣି । ସରକାର ରୋଗକୁ ପ୍ରାଧାନ୍ୟ ଦେଇ ପ୍ରତିକାର ପଦକ୍ଷେପ ନେବା ଉଚିତ୍ । ନୂଆଗାଁର ରମାମଣି ନାହାକ କୁହନ୍ତି, ମ୍ୟାଲେରିଆ ରୋଗକୁ ଅଣଦେଖା କରା ନ ଯାଉ । ଏହା ଯେପରି ନିୟନ୍ତ୍ରଣାଧୀନ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ପ୍ରାୟ ୧୦ ବର୍ଷ ତଳେ ଏହି ରୋଗ ନୟାଗଡ଼ ଜିଲାରେ ଘାତକ ସାଜିଥିଲା । ଅଧିକାଂଶ ଲୋକ ମସ୍ତିଷ୍କ ଜ୍ୱରରେ ପ୍ରାଣ ହରାଉଥିଲେ । ପୂର୍ବସ୍ଥିତି ଫେରି ଆସିଲେ ଏହାକୁ ରୋକ ଲଗାଇବା କାଠିକର ପାଠ ହେବ । ରଣପୁରର ବଳଭଦ୍ର ସାହୁ କୁହନ୍ତି, ମ୍ୟାଲେରିଆ ରୋଗ ବଢୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଅଥବା ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ମଶାରୀ ବଣ୍ଟନ ହେଉ ନାହିଁ । ମ୍ୟାଲେରିଆ ରୋଗୀ ବଢୁଥିଲେ ମଧ୍ୟ ଏଥିପ୍ରତି ସଚେତନତା ସୃଷ୍ଟି କରାଯାଉନି ବୋଲି ସେ କହିଥିଲେ ।

ରୋଗର ବାହକ ଶ୍ରମିକ

ନୟାଗଡ଼ ଜିଲାର କେତେଜଣ ଶ୍ରମିକ ରାୟଗଡା, କୋରାପୁଟ, ଫୁଲବାଣୀ, କଳାହାଣ୍ଡି ଜିଲାରେ କାମ କରୁଛନ୍ତି । ସେମାନେ ନିଜ ଘରକୁ ଫେରିବାବେଳେ ମ୍ୟାଲେରିଆ ରୋଗ ଧରି ଫେରୁଛନ୍ତି ।ଏହି କାରଣରୁ ଅନ୍ୟ ଜିଲାକୁ ଯାଉଥିବା ଶ୍ରମିକମାନଙ୍କ ଜ୍ୱର ହେଲେ ତାହା ସାଧାରଣତଃ ମ୍ୟାଲେରିଆ ବୋଲି ଜଣାପଡୁଛି । ତେବେ ଓଡ଼ଗାଁ ଓ ନୟାଗଡ଼ ବ୍ଲକର ବହୁ ଶ୍ରମିକଙ୍କ ମ୍ୟାଲେରିଆ ପଜେଟିଭ ବାହାରୁଛି । ଯଦି ଶ୍ରମିକମାନେ ରୋଗର ବାହକ ପାଲଟିଛନ୍ତି ତେବେ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ଜରୁରୀ । ରାୟଗଡା, କୋରାପୁଟ, ଫୁଲବାଣୀ, କଳାହାଣ୍ଡି ଓ ନୟାଗଡ଼ ପରି ଜିଲାରେ ମ୍ୟାଲେରିଆ ରୋଗକୁ ଦମନ କରିବାକୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

ଧୁମଧାମରେ ଆରମ୍ଭ ହେଲା ଖୁଦୁରୁକୁଣୀ ଓଷା

ଖଣ୍ଡପଡ଼ା,୨୫।୮(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ରବିବାରଠାରୁ ପାରମ୍ପରିକ ଖୁଦୁରୁକୁଣୀ ଓଷା ଧୁମଧାମରେ ଆରମ୍ଭ ହୋଇଛି । ଏଥିପାଇଁ ନୟାଗଡ଼ ଜିଲା ଖଣ୍ଡପଡ଼ା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳ ଏବଂ ଭାପୁର ବ୍ଲକ୍ ଅଧୀନ କଳପଙ୍ଗୀ, ଧାନଚେଙ୍ଗଡା ଆଦି ଗ୍ରାମ ଏଥିପାଇଁ ଉତ୍ସବମୁଖର ହୋଇଉଠିଛି । ସାଜସଜ୍ଜା ଓ ମୂର୍ତ୍ତିକୁ ନେଇ ସାହିର ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି । ରାତି ଅଧରୁ ଗାଁର ଯୁବତୀମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରୁ ଫୁଲ ତୋଳିଥିଲେ । ସକାଳୁ ମହାନଦୀ କିମ୍ବା ପୋଖରୀ ଘୁଠକୁ ଯାଇ ବାଲୁକା ପୂଜା କରିଥିଲେ । ପରେ ସେମାନେ ଗ୍ରାମ ଦେବତୀଙ୍କ ପାଖରେ ପାଣି ତୋଳିଥିଲେ । ଯୁବତୀମାନଙ୍କ ସହିତ ନବ ବିବାହିତା ମହିଳାମାନେ ଏହି ପୂଜାରେ ସାମିଲ ହୋଇଥିଲେ । କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳର ପ୍ରାୟ ଶତାଧିକ ସ୍ଥାନରେ ପୂଜା ମଣ୍ଡପଗୁଡିକୁ ରଙ୍ଗ ବେରଙ୍ଗ ଆଲୋକରେ ସଜ୍ଜିତ କରାଯାଇଥିଲା । ସନ୍ଧ୍ୟାରେ ପୂଜାମଣ୍ଡପରେ ଭୋଗଥାଳି ଧରି ଯୁବତୀମାନେ ସମବେତ ହୋଇଥିଲେ । ଏହାପରେ ସେମାନେ ଖୁଦୁରୁକୁଣୀ ଓଷା ବହି ପଢ଼ିବା ସହିତ ପୂଜାର୍ଚ୍ଚନା କରିଥିଲେ ।

ଭାଇମାନଙ୍କ ମଙ୍ଗଳ କାମନା କରି ଭଉଣୀମାନେ ଭାଦ୍ରବ ମାସର ପ୍ରତି ରବିବାର ଖୁଦୁରୁକୁଣୀ ଓଷା କରିବା ସହିତ ମା'ମଙ୍ଗଳାଙ୍କୁ ପୂଜା କରିଥାଆନ୍ତି । କିମ୍ବଦନ୍ତୀ ଅନୁଯାୟୀ ତଅପୋଇ ଏହି ଓଷା କରି ତାଙ୍କ ଭାଇମାନଙ୍କୁ ଫେରି ପାଇଥିଲେ । ସେଦିନଠାରୁ ଭାଇଙ୍କ ଶୁଭ ମନାସି ଭଉଣୀମାନେ ଏହି ଓଷା କରି ଆସୁଛନ୍ତି ବୋଲି ମହିଳାମାନେ କହିଛନ୍ତି ।

ଓଡ଼ଗାଁରେ ଖୁଦୁରୁକୁଣୀ ଓଷା ଆରମ୍ଭ

ଓଡ଼ଗାଁ,୨୫।୮(ଆଦର୍ଶକୁମାରପଟ୍ଟନାୟକ): ଓଡ଼ିଶାର ପାରମ୍ପରିକ ଖୁଦୁରୁକୁଣୀ ତଥା ଭାଲୁକୁଣି ଓଷା ରବିବାରଠାରୁ ଆରମ୍ଭ ହୋଇଛି । ଏଥିପାଇଁ ଓଡ଼ଗାଁ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଛି। ଏହି ପୂଜାରେ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ହୋଇଥାଏ । ଏହାକୁ ସାଧାରଣତଃ ଝୁଅଁାରୀ ଝିଅମାନେ ପାଳନ କରିଥାନ୍ତି । ଏଥିରେ ଖୁଦୁରୁକୁଣୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ଖୁଦୁରୁକୁଣୀଙ୍କୁ ଖୁଦଭଜା, ଲିଆ, ଉଖୁଡ଼ା, କାକୁଡ଼ି ଆଦି ଭୋଗ ଅର୍ପଣ କରାଯାଏ । ବିପଦ ସମୟରେ ଖୁଦଭଜାରେ ଠାକୁରାଣି ସନ୍ତୁଷ୍ଟ ହୋଇଥିବାରୁ ଦେବୀଙ୍କୁ ଖୁଦୁରୁକୁଣୀ ବୋଲି ଶ୍ରଦ୍ଧାରେ କୁହାଯାଇଥାଏ । ଏଥିସହିତ ଆମ ଭାଲକୁଣି ଖାଏ ଲିଆ, ତୁମ ଭାଲକୁଣି ମୁହଁରେ ନିଆଁ ଇତ୍ୟାଦି ଢଗଢମାଳି ବୋଲାଯାଇଥାଏ । ପ୍ରଥମ ପାଳିରେ ଦୁର୍ଗାଙ୍କ ମହିଷାସୁର ବଧ ବାବଦରେ ବର୍ଣ୍ଣନା କରାଯାଏ । ଦ୍ୱିତୀୟ ପାଳି ହେଉଛି ତଅପୋଇ, ଏଥିରେ ଏହି ସାଧବ ଝିଅର ଦୟନୀୟ କାହାଣୀ, ଭାଉଜମାନଙ୍କ ଅତ୍ୟାଚାର, ସାନ ଭାଉଜଙ୍କ ଦୟା ଓ ତଅପୋଇର ଉଦ୍ଧାର ଆଦିବର୍ଣ୍ଣନା ହୋଇଛି । ପୂଜା ଓ ବନ୍ଦାପନା ଶେଷରେ ଖୁଦୁରୁକୁଣୀଙ୍କ ମୂର୍ତ୍ତିକୁ ଜଳ-ବିସର୍ଜନ କରାଯାଇଥାଏ ।

ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଉଦ୍ୟମ ବିଫଳ

ନୟାଗଡ଼,୨୫।୮(ଲୋକନାଥ ମିଶ୍ର)

- ବାଇକ୍ ପାର୍କିଂ ବେଳେ କରାଯାଇଥିଲା ଲୁଟ୍
- ଲୁଟେରାଙ୍କୁ ସୁରକ୍ଷା ଦେଇ ଖସାଇ ନେଲେ ୩ ସହଯୋଗୀ

ନୟାଗଡ଼ ପୁରୁଣା ସହର ନାଗେରି ମୋହନ ମଠ ପାଖରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଉଦ୍ୟମ କରାଯାଇଥିଲା । ହେଲେ ଲୁଟେରା ଏଥିରେ ବିଫଳ ହୋଇଥିଲେ । ରବିବାର ସକାଳ ୯ଟାରେ ଏପରି ଉଦ୍ୟମ କରାଯାଇଥିଲା । ଏହି ଘଟଣାରେ କଲ୍ୟାଣୀ ପୁଷ୍ପିତା ସାହୁ ନାମ୍ନ ଜଣେ ମହିଳା ଆହତ ହୋଇଛନ୍ତି । ଅନ୍ୟପକ୍ଷେ ଲୁଟେରାଙ୍କୁ ତାଙ୍କର ଅନ୍ୟ ୩ଜଣ ସହଯୋଗୀ ଘଟଣାସ୍ଥଳକୁ ଖସାଇ ନେଇଥିବା ଘଟଣା ଏଠାରେ ଚର୍ଚ୍ଚା ବିଷୟ ହେଉଛି ।

ସୂଚନା ଅନୁଯାୟୀ, ନୟାଗଡ଼ର ଅବସରପ୍ରାପ୍ତ ହୋମିଓପାଥିକ ଡାକ୍ତର ଗଗନ ବିହାରୀ ସାହୁ ସ୍ତ୍ରୀ କଲ୍ୟାଣି ପୁଷ୍ପିତାଙ୍କୁ ସ୍କୁଟିରେ ବସାଇ ନୟାଗଡ ପୁରୁଣା ସହରର ନାଗେରି ମୋହନ ମଠକୁ ରବିବାର ସକାଳେ ଆସିଥିଲେ । ସ୍କୁଟି ମଠ ସମ୍ମୁଖରେ ପାର୍କିଂ କରୁଥିବାବେଳେ ୨ ଲୁଟେରା ପହଞ୍ଚି କଲ୍ୟାଣୀଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ । ଏଭଳିସ୍ଥଳେ କଲ୍ୟାଣୀ ବୁଦ୍ଧି ଖଟାଇ ଲୁଟେରାଙ୍କ ସହ ଲଢ଼ିବାକୁ ଉଦ୍ୟମ କରିଥିଲେ । ଫଳରେ ଚେନ୍‌କୁ ଲୁଟେରା ନେଇ ପାରି ନ ଥିଲେ। କିନ୍ତୁ ଲୁଟେରାଙ୍କ ଆକ୍ରମଣରେ କଲ୍ୟାଣୀ ଆହତ ହେବା ସହ ତାଙ୍କ ଶାଢ଼ି ଚିରି ଯାଇଥିଲା । କଲ୍ୟାଣୀଙ୍କ ପାଟି ଶୁଣି କେତେଜଣ ଲୋକ ସେଠାକୁ ଧାଇଁ ଆସିଥିଲେ। ହେଲେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ଲୁଟେରାଙ୍କୁ ପିଛା କରି ଧରୁଛୁ କହି ସେମାନଙ୍କୁ ଖସାଇ ନେବାରେ ସକ୍ଷମ ହୋଇଥିଲେ । ତେବେ ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ନୟାଗଡ଼ ଟାଉନ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

ବ୍ଲକ କାର୍ଯ୍ୟାଳୟରେ ଖତ ଖାଉଛି ସିଲେଇ ମେଶିନ୍

ଗଣିଆ,୨୫।୮(ସନ୍ତୋଷ କୁମାର ପ୍ରଧାନ): ଗଣିଆ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ ସମ୍ମୁଖରେ ୨୪ଟି ସିଲେଇ ମେଶିନ ଗତ ଦେଢ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ମେଶିନଗୁଡିକ କଳଙ୍କି ଲାଗିବା ସହ ଅଚଳାବସ୍ଥାରେ ପଡିରହିଛି । କିଏ ଓ କେଉଁଥିପାଇଁ ଏହି ସିଲେଇ ମେଶିନଗୁଡିକ ଏଠାରେ ରଖିଛି ଏ ନେଇ ବ୍ଲକ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିବା ଜଣାପଡିଛି । ବ୍ଲକ ସଦ୍‌ଭାବନା ଗୃହରେ ବିଭିନ୍ନ ସମୟରେ ସରକାରୀ ପଦାଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ବିଭିନ୍ନ ସଭାସମିତି କରୁଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ଗଣିଆ ବିଡିଓ ଡ. ବେବିତା ମଞ୍ଜାରୀ ନାୟକଙ୍କୁ ପଚାରିବାରୁ ସିଲେଇ ମେଶିନ ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି ।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଦଶପଲ୍ଲା,୨୫।୮
(ପ୍ରକାଶ କୁମାର ପାଣି)

ଚଳିତ ବର୍ଷ ଦଶପଲ୍ଲା ବ୍ଲକର ବାଣୀଗୋଛାସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି । ଏହି ଉତ୍ସବରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନବାଳା ନାୟକ, ସମ୍ପାଦିକା ରଜନୀ ରାଣୀ ସାହୁ, ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ, ଛତିଶ ଦିକ୍ଷୀତି, ବିଦ୍ୟାଳୟର ଛାତ୍ରୀଛାତ, ଓ ବୁଦ୍ଧିଜିବୀ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସମସ୍ୟା ଉପରେ ସୂଚନା ଦେଇଥିଲେ । କମନ ରୁମ, ସାଇକେଲ ଷ୍ଟାଣ୍ଡ, ହଷ୍ଟେଲ, ପ୍ରଶାସନିକ କାର୍ଯ୍ୟାଳୟ, ଇ-ଲାଇବ୍ରେରୀ ଆଦି ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ଏମ୍‌ପି ସୂଚନା ଦେଇଥିଲେ ।

ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି ।

୨୦ଜଣ ଲକ୍ଷପତି ଦିଦିଙ୍କୁ ମିଳିଲା ମାନପତ୍ର

ଜଣେ ଲକ୍ଷପତି ଦିଦିଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

ଗଣିଆ,୨୫।୮(ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ଜୀବିକା ମିଶନ ତରଫରୁ ରବିବାର ଗଣିଆ ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକର ପ୍ରାୟ ୮ଶହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୧୧୪ଜଣ ଲକ୍ଷପତି ଦିଦି ଚୟନ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୦ଜଣଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ସହାୟତା ଯୋଗାଇ ଦିଆଯାଉଛି । ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଋଣ ନେଇ ବିଭିନ୍ନ ଚାଷ, କୁଟୀର ଶିଳ୍ପ, ହସ୍ତଶିଳ୍ପ , ବଡି, ପାମ୍ପଡ, ଆଚାର ଆଦି ଖାଦ୍ୟ ପ୍ରକିୟାକରଣ ଓ ବିକ୍ରୟ କରି ଲାଭବାନ ହୋଇପାରିଛନ୍ତି । ନିଜ ଘରକାମ ସହ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଲାଭବାନ ହୋଇଥିବା ମହିଳା ଓ କମ୍ୟୁନିଟି କ୍ୟାଡରମାନଙ୍କୁ ଲକ୍ଷପତି ଦିଦି ଭାବେ ଚୟନ କରାଯାଇଥିଲା । ବ୍ଲକର ୮ଟି ପଞ୍ଚାୟତ ମଧ୍ୟରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗଣିଆ ପଞ୍ଚାୟତର ୩ଜଣ,କରଡାପଡା ପଞ୍ଚାୟତର ୨ଜଣ , ଆଡକଟା ପଞ୍ଚାୟତର ୨ଜଣ,କିଶୋରପ୍ରସାଦ ପଞ୍ଚାୟତର ୨ଜଣ, ଛାମୁଣ୍ଡିଆ ପଞ୍ଚାୟତର ୨ଜଣ, ରାସଙ୍ଗ ପଞ୍ଚାୟତର ୨ଜଣ ଓ ବେଲପଡା ପଞ୍ଚାୟତର ଜଣଙ୍କୁ ଲକ୍ଷପତି ଦିଦି ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି କମ୍ୟୁନିଟି କ୍ୟାଡର ଭାବେ ୮ଜଣ ଏମ୍‌ବିକେ, ବ୍ୟାଙ୍କମିତ୍ର, ସିଆରପିଙ୍କୁ ଲକ୍ଷପତି ଦିଦି ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ସଭାପତିତ୍ୱ କରିଥିବା ବେଳେ ଗଣିଆ ବିଡିଓ ଡ. ବେବିତା ମଞ୍ଜାରୀ ନାୟକ, ଅତିରିକ୍ତ ବିଡିଓ ରତନଲାଲା ଲୋହରା, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ବିପିଏମ୍ କାଦମ୍ବିନୀ ନାୟକ, ଓଡ଼ିଶା ଜୀବିକା ମିଶନର ଅମ୍ବିକା ମିଶ୍ର, ସୁନିତା ମହାରଣା ପ୍ରମୁଖ ଯୋଗଦେଇଥିଲେ । ବିଡିଓ ଲକ୍ଷପତି ଦିଦିମାନଙ୍କ ଅଭିଜ୍ଞତା ଓ କାର୍ଯ୍ୟଶୈଳୀ ଉପରେ ବିଭିନ୍ନ ତଥ୍ୟ ପଚାରିବା ସହ ଆଗାମୀ ଦିନରେ ଅଧିକରୁ ଅଧିକ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇ ବାର୍ଷିକ ୧ଲକ୍ଷରୁ

ଆଶାକର୍ମୀ ପ୍ରାଥମିକ ସେବା ଠିକ୍ ଭାବେ ଯୋଗାଉନାହାନ୍ତି

- ପାରାଦୀପରେ ୧୯ ୱାର୍ଡରେ ୫୨ ଆଶାକର୍ମୀ
- ହଇଜା, ଡେଙ୍ଗୁ ସଚେତନତା ହେଉନାହିଁ
- ଓଆରଏସ୍, ଔଷଧ ଲୋକଙ୍କୁ ମିଳୁନାହିଁ

ପାରାଦୀପ,୨୫।୮ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ଥିବା ଆଶାକର୍ମୀମାନେ ତାଙ୍କର କାର୍ଯ୍ୟ ଠିକ୍ ଭାବେ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ହାତଗଣତି କେତେଜଣ ଆଶାକର୍ମୀଙ୍କୁ ଛାଡ଼ି ଦେଲେ ପ୍ରାୟ ୫୦ ପ୍ରତିଶତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରୁନାହାନ୍ତି। ଯାହାକୁ ନେଇ ଆଶାକର୍ମୀମାନଙ୍କୁ ନେଇ ସଂଘ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଯେଉଁମାନେ କାମ କରି ଯେତିକି ଅର୍ଥ ପାଉଛନ୍ତି ଅନ୍ୟମାନେ ସେବା ନ ଯୋଗାଇ ସେତିକି ଅର୍ଥ ନେଉଛନ୍ତି। ସରକାରଙ୍କ ବିଭିନ୍ନ ଜନସେବା କାର୍ଯ୍ୟ ଏବେ ଆଶାକର୍ମୀଙ୍କ ଜରିଆରେ କରାଯାଉଛି। ଯେପରି ହଇଜା ନିରାକରଣ ପାଇଁ ଘର ଘର ବୁଲି ହାଲୋଜିନ୍ ବଟିକା ବାଣ୍ଟିବା, ଓଆରଏସ୍ ଦେବା, କୃମି ଔଷଧ, କ୍ଷୁର, ଝାଡ଼ାବାନ୍ତି ଆଦି କାମ ପାଇଁ ସରକାର ବିପୁଳ ପରିମାଣର ଔଷଧ ଦେଉଛନ୍ତି। ସେସବୁ ଆଶାକର୍ମୀମାନେ ପାରାଦୀପ ପୌରାଞ୍ଚଳରେ ରହୁଥିବା ପରିବାରକୁ ବାଣ୍ଟିବେ। ଏହାବାଦ୍ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କୁ ମେଡ଼ିକାଲ ନେବା ଆଣିବା କରିବା, ନବଜାତକ ଶିଶୁର ଓଜନ କରିବା, ପୁଷ୍ଟିକର ଖାଦ୍ୟ ଏବଂ ଔଷଧ ଯୋଗାଇବା ଆଦି କାମ କରିବା କଥା। କିନ୍ତୁ ପାରାଦୀପ ପୌରାଞ୍ଚଳରେ ସେପରି ସେବା ସବୁ ଜାଗାରେ ମିଳୁନାହିଁ। ୧୪ ନଂ. ୱାର୍ଡ ବାସିନ୍ଦା ଜଣେ ନବଜାତକ ମା' କହିଛନ୍ତି, ମୋର ସନ୍ତାନ ଜନ୍ମ ୨ ମାସ ହେଲାଣି। ଗର୍ଭଧାରଣ ଓ ପରବର୍ତ୍ତୀ ସମୟରେ କୌଣସି ଆଶାକର୍ମୀ ତାଙ୍କ ପାଖକୁ ଆସିନାହାନ୍ତି। ପାରାଦୀପ ଆଶାକର୍ମୀ ସଂଘ ସଭାପତି ଅନ୍ନପୂର୍ଣ୍ଣା ଦିଦି କହିଛନ୍ତି, ଅଧିକାଂଶ ଆଶାକର୍ମୀ ତାଙ୍କ ଏରିଆରେ କୌଣସି କାମ କରୁନାହାନ୍ତି। ବଟିକା, ଓଆରଏସ୍ ନେଇ ଘରେ ରଖି ଦେଉଛନ୍ତି। ସବୁ ଘରେ ବାଣ୍ଟିଛନ୍ତି ବୋଲି ଉଦ୍ଦିଷ୍ଟ ଫର୍ମରେ ପୂରଣ କରି ସରକାରଙ୍କଠାରୁ ଅର୍ଥ ନେଉଛନ୍ତି। କେତେଜଣ କର୍ମୀ ସ୍ୱାସ୍ଥ୍ୟଗତ ଭାବେ ଅକ୍ଷମ ଅଛନ୍ତି। ଆଉ କେତେଜଣ ଜାଣିକି କାମ କରୁନାହାନ୍ତି କି ମେଡ଼ିକାଲ ବୈଠକକୁ ଆସୁନାହାନ୍ତି। ସେଥିପାଇଁ ଅନେକ ୱାର୍ଡରେ ସ୍ୱାସ୍ଥ୍ୟ ସେବା ଓ ସଚେତନତା କାର୍ଯ୍ୟକ୍ରମ ହୋଇପାରୁନାହିଁ। ପ୍ରଶାସନ ସମସ୍ତ ଆଶାକର୍ମୀଙ୍କ ରିପୋର୍ଟ ଦେଖିବା ଦରକାର ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପରେ ୨୦୧୦ରେ ଆଶାକର୍ମୀ ନିଯୁକ୍ତି ଆରମ୍ଭ କରିଥିଲେ। ସେତେବେଳେ ସ୍ୱେଚ୍ଛାସେବୀ ଭାବେ କାମ କରିବାକୁ କୁହାଯାଇଥିଲା। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ଫେଲ କିମ୍ବା ଅଷ୍ଟମ ପାସ୍ ହେଲେ ନିଯୁକ୍ତି ପାଉଥିଲେ। ଏହିକ୍ରମରେ ପର୍ଯ୍ୟାୟକ୍ରମେ ୨୦୧୦ରୁ ୨୦୧୨ ମସିହା ମଧ୍ୟରେ ୫୨ଜଣ ଆଶାକର୍ମୀ ନିଯୁକ୍ତି ପାଇଥିଲେ। ସେତେବେଳେ ବେତନ କହିଲେ ଗର୍ଭବତୀ ମହିଳାମାନଙ୍କୁ ମେଡ଼ିକାଲ ନେବା ଆଣିବା କରିବା ପାଇଁ ମମତା ଯୋଜନାରେ ୩୦୦ ଟଙ୍କା, ବିଭିନ୍ନ କାମ ପାଇଁ କିଛି ଟଙ୍କା ମିଳୁଥିଲା। ପରବର୍ତ୍ତୀ ସମୟରେ ଆଶାକର୍ମୀମାନଙ୍କ ଜରିଆରେ ଅଧିକ ଜନସେବା କାର୍ଯ୍ୟ ଦିଆଗଲା। ମାସିକ ବେତନ ଏବେ ରାଜ୍ୟ ସରକାରଙ୍କ ୩୫୦୦ ଟଙ୍କା, କେନ୍ଦ୍ର ସରକାରଙ୍କ ବିଭିନ୍ନ ସେବା ପାଇଁ ଅର୍ଥ, ଯୋଜନା ଅର୍ଥ ମିଶି ମାସିକ ପ୍ରାୟ ୮ ହଜାର ଟଙ୍କା ହେଲାଣି। ଯେଉଁ ଆଶାକର୍ମୀ ଅଧିକ ଲୋକଙ୍କୁ ମେଡ଼ିକାଲ ନେବା ଆଣିବା କରିଥିବେ ଏବଂ ସରକାରଙ୍କ ବିଭିନ୍ନ ବୈଠକରେ ଯୋଗ ଦେଇଥିବେ ସେମାନଙ୍କ ସମସ୍ତ ଭତ୍ତା ମିଶି ପ୍ରାୟ ୧୦ରୁ ୧୨ ହଜାର ଟଙ୍କା ପାଉଛନ୍ତି। ଏବେ ଆଉ ନୂଆ ନିଯୁକ୍ତି ନାହିଁ। ଏବେ ଆଶାକର୍ମୀ ହେବାକୁ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ଦୁଇ ପାଶ୍ ମାନଦଣ୍ଡ ରହିଛି। ପୁରୁଣା ଆଶାକର୍ମୀମାନଙ୍କୁ ଔଷଧ ଦିଆଯାଉଛି। କିନ୍ତୁ କେତେକ ଡରରେ ବାଣ୍ଟୁ ନାହାନ୍ତି। ଜଣେ ବୟସ୍କ ଆଶାକର୍ମୀ କହିଛନ୍ତି, ଔଷଧରେ ଏକ୍ସପାଏରୀ ତାରିଖ ତାଙ୍କୁ ପଢ଼ି ଆସୁନାହିଁ। କାହାକୁ ଦେଲେ କିଛି ଅସୁବିଧା ହେବ, ସେଥିପାଇଁ ଦେଉନି। ଏ ସମ୍ପର୍କରେ ଆଶାକର୍ମୀମାନଙ୍କୁ ତାଲିମ ଦେଉଥିବା ଆୟୁଷ ଡାକ୍ତର ଏମ୍. ଆସିଫ୍ କହିଛନ୍ତି, ସମସ୍ତ ଆଶାକର୍ମୀଙ୍କୁ ପ୍ରତି ମାସରେ ଟ୍ରେନିଂ ଦିଆଯାଉଛି। କିପରି ଘର ଘର ବୁଲି ସେବା କରିବେ। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ କର୍ମୀ ଟ୍ରେନିଂ ଶିବିରକୁ ଆସୁନାହାନ୍ତି। ବିଭିନ୍ନ ବାହାନା ଦେଖାଇ ରହୁଛନ୍ତି। ପାରାଦୀପ ଇଣ୍ଡଷ୍ଟ୍ରିଆଲ ଏରିଆ ସେଥିପାଇଁ ଲୋକମାନେ ମଧ୍ୟ ଠିକ୍ ଭାବେ ଅଭିଯୋଗ କରୁନାହାନ୍ତି। ପାରାଦୀପର ୧୯ଟି ୱାର୍ଡ ୫୫ ବସ୍ତିକୁ ନେଇ ଏରିଆ କରାଯାଇଛି। ଏରିଆ ଅନୁସାରେ ୪ଟି ସବ୍ ଷ୍ଟେସନ କରାଯାଇଛି। ୪ ସବ୍ ଷ୍ଟେସନ ପାଇଁ ୪ ଜଣ ଏଏନ୍‌ଏମ୍ (ଆନସିଲାରୀ ମିଡ୍ ୱାଇଫ୍) କର୍ମୀ ନିଯୁକ୍ତି ପାଇବା କଥା। ଯେଉଁମାନେ ଆଶାକର୍ମୀମାନଙ୍କୁ ତଦାରଖ କରିବେ। ଏବେ ମାତ୍ର ୨ଜଣ ଏଏନ୍‌ଏମ୍ ଅଛନ୍ତି। ସେମାନେ ଶିଶୁଙ୍କୁ ଟୀକାକରଣ ଦେବାରେ ସମୟ ଯାଉଛି। ଯାହା ଫାଇଦା ନେଉଛନ୍ତି ଆଶାକର୍ମୀ ବୋଲି ଆଶା ସଂଘର (ସିଆଇଟିୟୁ) ବରିଷ୍ଠ ଯୁନିୟନ ନେତା ଆଲୋକ ମହାପାତ୍ର କହିଛନ୍ତି।

ଅନୁଗୋଳ ଜିଲା ମିଶନ ଶକ୍ତି ଟିମ୍‌ଙ୍କ ରାଜକନିକା ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ

ଅନୁଗୋଳରୁ ଆସିଥିବା ମିଶନ ଶକ୍ତି ଟିମ୍ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ବୁଲି ଦେଖୁଛନ୍ତି।

ରାଜକନିକା,୨୫।୮ (ସଞ୍ଜୟ କୁମାର ଦାଶ)

ଅନୁଗୋଳ ଜିଲା ମିଶନ ଶକ୍ତି ଟିମ୍‌ଙ୍କ ରାଜକନିକା ବ୍ଲକ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସମ୍ପ୍ରତି ଅନୁଗୋଳ ମିଶନ ଶକ୍ତିର ପାଖାପାଖି ୫୦ ଜଣିଆ ମହିଳାପୁରୁଷ ଟିମ୍ ଦୁଗ୍ଧ ପ୍ରକ୍ରିୟାରକରଣ କେନ୍ଦ୍ର ବୁଲି ଦେଖିଥିଲେ। ଦୁଗ୍ଧରୁ ଦହି, ମିଠାଦହି, ଲହୁଣୀ, ଘିଅ, ପନିର ଓ ଛେନା ଆଦି ମେଶିନ୍ ସାହାଯ୍ୟରେ ଅତିଶୀଘ୍ର ଓ ସୁବିଧାରେ ପ୍ରସ୍ତୁତ ପ୍ରଣାଳୀ ପଚାରି ବୁଝିଥିଲେ। କେନ୍ଦ୍ରାପଡ଼ା ଜିଲାର ସଦର ସମେତ ରାଜନଗର ଓ ରାଜକନିକା ଭଳି ଅଞ୍ଚଳରେ ଏଭଳି ପଦକ୍ଷେପକୁ ସ୍ୱାଗତ କରି ବ୍ଲକ ପ୍ରଶାସନ ସମେତ ପ୍ରସ୍ତୁତକାରୀ ଜୟ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଇଥିଲେ। ବିଡିଓ ପୃଥ୍ୱୀରାଜ ପରିଡା, ଡିପିସି କୈଳାସ ଚନ୍ଦ୍ର ସେନାପତି, ବିପିସି ସୁଶାନ୍ତ କୁମାର ମଲିକ, ବିପିଏମ୍‌ଓ ପ୍ରଶାନ୍ତ ରାଉତ, ବିଏଲସି ମଞ୍ଜୁଲତା ବେହେରା, ମହେଶ୍ୱତା ନାୟକ, ଏଇଇ ସୁଧାଂଶୁ ପାତ୍ର, ସମ୍ପାଦିକା ସସ୍ମିତା ଦାସ ଓ ସଭାନେତ୍ରୀ ଅମ୍ବିକା ପ୍ରଧାନ ପ୍ରମୁଖ ଆସିଥିବା ଟିମ୍‌କୁ ମାର୍ଗଦର୍ଶନ କରିଥିଲେ।

ଜିଲା ସମବାୟ ନିବନ୍ଧକଙ୍କ ଦାନପୁର ସମବାୟ ସମିତି ପରିଦର୍ଶନ

ଜିଲା ସମବାୟ ନିବନ୍ଧକ ଦାନପୁର ପାକ୍ସ ବୁଲି ଦେଖୁଛନ୍ତି।

ଡେରାବିଶ, ୨୫।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଦାନପୁର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)କୁ ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲା ସମବାୟ ନିବନ୍ଧକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସମିତିର ସମସ୍ତ ପରିଚାଳନା ନିର୍ଦ୍ଦେଶକ ଓ ଚାଷୀଙ୍କ ସହ ଦାସ ଆଲୋଚନା କରିଥିଲେ। ଏଥିସହ ସମିତି ଅଧୀନରେ ଥିବା ଗ୍ରାମଗୁଡ଼ିକର ଚାଷୀଙ୍କ ମଧ୍ୟରେ ସମବାୟ ବାର୍ତ୍ତା କିପରି ପହଞ୍ଚିବ ଓ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ସହ ଚାଷୀମାନଙ୍କୁ ଖରିଫ୍ ଋଣ ଓ ପୂର୍ବରୁ ନେଇଥିବା ଋଣ ପରିଶୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମବାୟ ସମିତିର ନବନିର୍ମିତ ସମ୍ପ୍ରସାରଣ ଗୃହକୁ ମଧ୍ୟ ଦାସ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମବାୟ ନିବନ୍ଧକ ରବିନାରାୟଣ ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସଭାପତି ପର୍ଶୁରାମ ମଲ୍ଲ, ସମ୍ପାଦକ ସୁବ୍ରତ କୁମାର ନାୟକ ସମିତିର ସମସ୍ୟା ସମ୍ପର୍କରେ ଜିଲା ନିବନ୍ଧକଙ୍କୁ ଅବଗତ କରାଇଥିଲେ। ଉପସ୍ଥିତ ପରିଚାଳନା ବୋର୍ଡ଼ର ଉପସଭାପତି ଅନ୍ନପୂର୍ଣ୍ଣା ଦାଶ, ସଭ୍ୟା ଦମୟନ୍ତୀ ଦାଶ, ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ, ବସନ୍ତ କୁମାର ସାହୁ, ରଜତ ବଳ, ମଧୁସୂଦନ ଘଡ଼େଇ, ଜିତେନ୍ଦ୍ର କୁମାର ପଣ୍ଡା, ଅନାଥବନ୍ଧୁ ଜେନା, କୈଳାସ ଚନ୍ଦ୍ର ମହାନ୍ତି, ସୁଧୀର କୁମାର ରାଉତ, ଭବାନୀ ପ୍ରସାଦ ରଥ ପ୍ରମୁଖଙ୍କ ଉପସ୍ଥିତ ରହିଥିଲେ।

ବିଶ୍ୱ ସଂସ୍କୃତ ଦିବସ, ମେଧାବୃତ୍ତି ପୁରସ୍କାର ପ୍ରଦାନ

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦରମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ଓ ମେଧାବୃତ୍ତି ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଦିବସରେ ଉପଶାସ୍ତ୍ରୀ ଏବଂ ଶାସ୍ତ୍ରୀରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଉପଶାସ୍ତ୍ରୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଡ. ବଟକୃଷ୍ଣ ମିଶ୍ର ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଡିଓ ନିଶାନ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଂସ୍କୃତ ଭାଷାର ଗାରୀମା ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଦେବଭାଷା ସଂସ୍କୃତ ଯେମିତି ସରଳ, ସେମିତି ଶ୍ରୁତି ମଧୁର, ପୁରାଣ ସଂସ୍କୃତରେ ଅନେକ ପୋଥି ପୁରାଣ, ବେଦ ରଚିତ ବୋଲି କହିଥିଲେ। ଅନୁଷ୍ଠାନର ଇଂରାଜୀ ବିଭାଗର ଅଧ୍ୟାପକ ସଂସ୍କୃତ ଭାଷାର ଗୁରୁତ୍ୱ ବର୍ଣ୍ଣନା କରିବା ସହିତ ନୂତନ ଶିକ୍ଷାର୍ଥୀଙ୍କ ପାଇଁ ଅନେକ ଉପଦେଶପୂର୍ଣ୍ଣ କଥା କହିଥିଲେ। ପ୍ରାଧ୍ୟାପକ ଡ. ଅଘନଶ୍ୟାମ ମିଶ୍ର ଅତିଥି ପରିଚୟ ଦେବା ସହ ଅଧ୍ୟାପିକା ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୁରମା ନନ୍ଦ, ଜଗବନ୍ଧୁ ବେହେରା ପ୍ରମୁଖ ରପଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ବିବେକାନନ୍ଦ ମଲିକ, ଛାତ୍ରୀ ମୋନାଲିସା ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ନିଜର ମତ ରଖିଥିଲେ। ଏଥିରେ ରବି ନାରାୟଣ ଦାସ, ଦୟାନିଧି ସାହୁ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ଖଇରାବାଦରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା

ଉତ୍ତେଜନା ପରେ ପୋଲିସ ଫୋର୍ସ ଜଗି ରହିଛନ୍ତି।

ପୋଲିସ ଜବତ କରିଥିବା ୨ ବାଇକ୍।

କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)

କଟକ-ଚାନ୍ଦବାଲି ରାଜ୍ୟ ରାଜପଥ କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଖଇରାବଦରେ ବାଇକକୁ ସାଇଟ ମାରିବା ଘଟଣାକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତର ଅନୁଧ୍ୟାନ କରିଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବାଇକ୍ ନେଇ ଏହି ଛକରେ ଯାଉଥିଲେ। ଏହି ସମୟରେ ଅନ୍ୟ ୨ଟି ବାଇକ୍‌ରେ ୪ ଜଣ ଯୁବକ ଆସି ପୂର୍ବ ବାଇକ୍ ଚାଳକଙ୍କୁ ସାଇଟ ମାରି ଠିଆ ହୋଇଗଲେ। ପୂର୍ବ ବାଇକ୍ ଚାଳକ ଏ ନେଇ ପଚାରିବାରୁ ଉଭୟପକ୍ଷ ପ୍ରଥମେ ଉଚ୍ଚସ୍ୱରରେ କଥାବାର୍ତ୍ତା ଓ ହାତାହାତି ହୋଇଥିଲେ। ସ୍ଥାନୀୟ ବ୍ୟବସାୟୀମାନେ ଉଭୟପକ୍ଷଙ୍କୁ ଘଟଣାସ୍ଥଳରୁ ବିଦା କରିଥିଲେ ମଧ୍ୟ ସେଠାରେ ଉତ୍ତେଜନା ଲାଗି ରହିଛି। ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଟାଉନ ଥାନାଧିକାରୀ ଦିଲୀପ ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଘଟଣାସ୍ଥଳରୁ ୨ଟି ବାଇକ୍ ପୋଲିସ ଜବତ କରିଛି। ଏ ସମ୍ପର୍କରେ ଏସ୍‌ଡିପିଓ ମଲ୍ଲିକ କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ ଚାଲିଛି। କୌଣସି ପକ୍ଷଠାରୁ ଅଭିଯୋଗପତ୍ର ମିଳିନାହିଁ। ଘଟଣାସ୍ଥଳରୁ କୌଣସି ମାରଣାସ୍ତ୍ର ଜବତ ହୋଇ ନ ଥିବା ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।

ବନ୍ଧୁମିଳନରେ କଂଗ୍ରେସର ସ୍ଥିତି ମଜଭୁତ ପାଇଁ ଆହ୍ୱାନ

ବନ୍ଧୁ ମିଳନ ଉତ୍ସବରେ କଂଗ୍ରେସର ନେତାମାନେ।

କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)

ଗତ ସାଧାରଣ ନିର୍ବାଚନରେ କଂଗ୍ରେସ କେନ୍ଦ୍ରାପଡ଼ା ଜିଲାରେ ସଫଳତା ମିଳିଲା ନାହିଁ। ଏପରିକି ବରିଷ୍ଠ ନେତା ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି ପ୍ରମୁଖ ଦଳ ଛାଡ଼ିଲେ। ଏହାର ଭରଣା ଓ ଜିଲାରେ ଦଳୀୟ ସ୍ଥିତି ସଜାଡ଼ିବା ପାଇଁ ପ୍ରମୁଖ ନେତାମାନେ ରବିବାରରେ ଏକାଠି ହୋଇଥିଲେ। ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ସହରର ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଚିନ୍ମୟ ପ୍ରସାଦ ବେହୁରା, ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ, ସିପ୍ରା ମଲ୍ଲିକ, ରତିକାନ୍ତ କାନୁନ୍‌ଗୋ, ଅଶୋକ ପ୍ରତିହାରୀ, ହଳଧର ସେଠୀ, ନଳିନୀ ବିହାରୀ ମହାନ୍ତି, ପ୍ରଫୁଲ୍ଲ ଦାସ, ଉମାକାନ୍ତ ଦାସ, ଭାଗୀରଥି ଜେନାଙ୍କ ସହ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ବୈଠକରେ ବରିଷ୍ଠ ନେତାମାନେ କହିଥିଲେ, ଦେଶର ବିଭିନ୍ନ ରାଜ୍ୟ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିଛି। ତେବେ ରାଜ୍ୟରେ ଏହାର ସୁଫଳ ମିଳିପାରିନାହିଁ। ଏଥିପାଇଁ ଆତ୍ମ ସମୀକ୍ଷା ଆବଶ୍ୟକ। ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ କରିପାରିଲେ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ସଫଳତା ମିଳିବ। କଂଗ୍ରେସ ଆଗାମୀ ଦିନରେ ଭଲ ଶକ୍ତି ପ୍ରଦର୍ଶନ କରି ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ କରିବ। ଏଥିପାଇଁ ସମସ୍ତେ ଏକାଠି ହୋଇ ଶାସକ ଦଳର ଅନିୟମିତତାକୁ ପଦାରେ ପକାଇବା ଆବଶ୍ୟକ। ବୈଠକରେ ଜିଲାର ବରିଷ୍ଠ, ଯୁବ, ଶ୍ରମିକ, କୃଷକ ନେତାମାନେ ନିଜର ବକ୍ତବ୍ୟ ରଖିଥିଲେ।

ସଂସ୍କୃତ ପଠନ ମାନବ ସମାଜର ହିତ ସାଧନ କରେ

ଆମ୍ଭେର ହାଇସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଆମ୍ଭେରସ୍ଥ କାହ୍ନୁଚରଣ ରାଜଭଞ୍ଜ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ସଂସ୍କୃତ ଶିକ୍ଷକ ସଂଘ ସଭାପତି ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଯୋଗଦେଇ ସଂସ୍କୃତ ବ୍ୟାକରଣ ପ୍ରଣେତା ତଥା ବ୍ୟାକରଣ ଜନକ ପାଣିନୀଙ୍କ ୨୫ଶହ ତମ ଜୟନ୍ତୀ ଅବସରରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇ ଆସୁଛି। ୧୯୬୯ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ସଂସ୍କୃତ ଦିବସ ରୂପେ ଭାରତ ସରକାର ଘୋଷଣା କରିଥିଲେ। ସଂସ୍କୃତ ଜ୍ଞାନର ପରିସୀମା ବୃଦ୍ଧି କରି ପାରିଥାଏ। ସଂସ୍କୃତ ପଠନ ଦ୍ୱାରା ମାନବ ସମାଜର ହିତ ସାଧନର ପଥ ଉନ୍ମୁକ୍ତ ହୋଇପାରିବ। ସଂସ୍କୃତ ଭାଷା ଦେଶକୁ ଏକତା ସୂତ୍ରରେ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ଗୁରୁତ୍ୱ ବହନ କରେ। ସଂସ୍କୃତ ଭାଷାର ବିଶାଳତାକୁ ହୃଦୟଙ୍ଗମ କରି ବହୁ ବିଦେଶୀ ରାଷ୍ଟ୍ରରେ ମଧ୍ୟ ଶିକ୍ଷାଦାନ କରାଯାଉଛି। ଭାରତର ଐତିହ୍ୟ ଏବଂ ଗୌରବମୟ ସଂସ୍କୃତିର ବିକାଶ କ୍ଷେତ୍ରରେ ମିଳିତ ଉଦ୍ୟମ କରାଯିବା ଆବଶ୍ୟକ। ସଂସ୍କୃତ ଭାଷାର ମହତ୍ତ୍ୱ, ଅଧ୍ୟୟନ ଓ ବ୍ୟବହାର ପ୍ରତି ସଚେତନ ହେବାକୁ ସେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ବରିଷ୍ଠ ଶିକ୍ଷକ ମିହିର ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇ

ସଂକ୍ଷେପରେ

ଲକ୍ଷପତି ଦିଦି ସମ୍ମାନ ସମାରୋହ

ଚୁମୁଡିବନ୍ଧ,୨୫।୮(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ଚୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ରବିବାର ଲକ୍ଷ ପତି ଦିଦି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚୁମୁଡିବନ୍ଧ ବିଡିଓ ବନ ବିହାରୀ ହରପାଲ,ସମ୍ମାନିତ ଅତିଥି ଭାବେ ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ କ୍ରିଷ୍ଣା କୁମାରୀ ବେହେରା ଯୋଗ ଦେଇଥିଲେ। ଏସଏର୍‌ଜି ଜିପରି ସମସ୍ତେ ଲକ୍ଷ ପତି ଦିଦି ଭାବରେ ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଗୁରୁତ୍ୱ ଦେଇଥିଲେ। ଚୁମୁଡିବନ୍ଧ ବ୍ଲକରୁ ୧୩୬ଜଣ ମହିଳା ଲକ୍ଷପତ ଦିଦି ଭାବରେ ଚୟନ ହୋଇ ସେଥିରୁ ୬୦ଜଣଙ୍କୁ ସମ୍ମାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ଅଧିକାରୀ ବାଦଲ ପ୍ରଧାନ ପରିଚାଳନା କରିଥିଲେ। ବିଏଲସି ସଞ୍ଚୟ ପାତ୍ର ଧନ୍ୟବାଦ ଦେଇଥିଲେ।

ଚକାପାଦ,(ପ୍ରତାପ କିଶୋର ବେହେରା): ଚକାପାଦ ବ୍ଲକରେ ମିଶନ ଶକ୍ତି ଦ୍ୱାରା ରବିବାର ଲକ୍ଷପତି ଦିଦିମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୧୨ ପଞ୍ଚାୟତରୁ ୧୫୦ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସେଥିରୁ ୧୨୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ବୈନେତ୍ରୀ କହଁର ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ରଚନା ନାୟକ, ସରପଞ୍ଚ, ସମିତିସଭ୍ୟ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର ମହିଳାଙ୍କ ଆର୍ଥିକ କ୍ଷମତାକୁ ବୃଦ୍ଧି କରିବାରେ ସିଆରପି ଓ ଏମବିକେମାନଙ୍କ କାର୍ଯ୍ୟକୁ ବିଡିଓ ହୃଦରଞ୍ଜନ ସାହୁ ପ୍ରଶଂସା କରିଥିଲେ। ସୁରେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

କଳିଙ୍ଗ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଜି.ଉଦୟଗିରି,୨୫।୮(ଶିଶିର ପଟ୍ଟନାୟକ)

କଳିଙ୍ଗ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁଧାଂଶୁ ଶେଖର ମେହେର, ମହାବଦ୍ୟାଳୟ ପରଚାଳନା କମିଟି ସଭାପତି ବଳରାମ ସାହୁଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ଫାଲ୍‌ଗୁନୀ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବବ୍ରତ ବାରିକଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ରକ୍ତଭଣ୍ଡାର କର୍ମକର୍ତ୍ତା ଦୀନକୃଷ୍ଣ ମହନ୍ତ, ପ୍ରଶାନ୍ତ ରତ୍ନାଲୁ, ଅର୍ଚ୍ଚନା ପ୍ରଧାନ, ଜ୍ୟୋତିରଞ୍ଜନ ପୃଷ୍ଟି, ବରୁଣ ବେହେରା ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପକ ଦ୍ୱିତୀକୃଷ୍ଣ ଖଣ୍ଡୁଆଳ, ବିନାୟକ ବିଶ୍ୱାଳ, ଅଧ୍ୟାପିକା ଅନିତା ପଟ୍ଟନାୟକ, ଝୁନୁମା ପ୍ରଧାନ, ସରୋଜ ଦାଶଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ।

ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ

ମୋହନା, ୨୫।୮ (ମନ୍ମଥ ମିଶ୍ର)

ଅଡବାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଶବର, ବଜରଙ୍ଗ ଦଳର ସହ ସଂଯୋଜକ ରବୀନ୍ଦ୍ର ମଲ୍ଲିକ , ଜିଲା ଉପ ସଭାପତି ନାରଦ ମଲ୍ଲିକ, ଜିଲା ପ୍ରଚାର ପ୍ରସାର ପ୍ରମୁଖ ସଂଗ୍ରାମ ପାଇକ, ମୋହନା ବ୍ଲକ ସଭାପତି ଦିବାକର ପ୍ରଧାନୀଙ୍କ ସହ ଅଡବା ଅଞ୍ଚଳର ୩୦ ଖଣ୍ଡ ଗ୍ରାମର ଲୋକମାନେ ଉପସ୍ଥିତ ଥିଲେ।

ଭାଜପା ବିରୋଧରେ ପ୍ରଚାର ପତ୍ର ବାଣ୍ଟିଲା ବିଜେଡି

ବ୍ରହ୍ମପୁର,୨୫।୮(ନରସିଂହ ସାହୁ)

ଭାଜପା ଗତ ନିର୍ବାଚନୀ ସଂକଳ୍ପପତ୍ରରେ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରାଯିବାର ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ସରକାର ଗଠନ ପରେ ଭାଜପା ତାହା ଭୁଲି ଯାଇଛି। ଏହାର ପ୍ରତିବାଦରେ ବ୍ରହ୍ମପୁରରେ ବିଜେଡି ପକ୍ଷରୁ ପ୍ରଚାର ପତ୍ର (ଲିଫଲେଟ) ମାଧ୍ୟମରେ ମୋହନ ମାଝୀ ସରକାର ବିରୋଧରେ ଜନ ସଚେତନତା ସୃଷ୍ଟି ଆରମ୍ଭ ହୋଇଛି। ସରକାର ପ୍ରତିଶ୍ରୁତି ପାଳନ କରିବାକୁ ବିଜେଡି ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦିଆଯାଇଛି। ବଜେଡ ପକ୍ଷରୁ ମହିଳା, ଯୁବ, ଛାତ୍ର ଓ ଅନ୍ୟ ଛାମୁଆ ସଂଗଠନ କର୍ମକର୍ତ୍ତାଙ୍କୁ

ଭତ୍ତାଧାରୀଙ୍କୁ ମାସିକ ୩୦୦୦ ଟଙ୍କା ଦେବା ଦାବି

ନେଇ ସମନ୍ୱୟ କମିଟି ଗଠନ ହୋଇଛି। କମିଟି ନାଁରେ ପ୍ରଚାର ପତ୍ର ଛପାଯାଇଛି। ସବୁ ୱାର୍ଡରେ ହଜାର ହଜାର ଲିଫଲେଟ ବଣ୍ଟା ଆରମ୍ଭ ହୋଇଛି। ଏବେ ମହାନଗର ନିଗମର ୪୨ ୱାର୍ଡ ମଧ୍ୟରୁ ୩୬ଟିରେ ବିଜେଡି କର୍ପୋରେଟର ଅଛନ୍ତି। ସେମାନଙ୍କ ଦ୍ୱାରା ଘରକୁ ଘର ବୁଲି ପ୍ରଚାର ପତ୍ର ବଣ୍ଟା ଅଭିଯାନ ଚାଲିଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ମହିଳା ବିଜେଡି ଜିଲା ସଭାନେତ୍ରୀ ତଥା ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ବଜେଡ କହବାନୁସାରେ ଭତ୍ତାଧାରୀଙ୍କୁ ୩୦୦୦ ଏବଂ ବୟସ୍କ ମାନଙ୍କୁ ୩୫୦୦ ଟଙ୍କା ଦେବାର ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ତେବେ ମୋହନ ସରକାରଙ୍କ ପ୍ରଥମ ବଜେଟରେ କେବଳ ୮୦ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ମାସିକ ସାଢ଼େ ୩ ହଜାର ଟଙ୍କା ଭତ୍ତା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟ ହିତାଧିକାରୀମାନଙ୍କୁ ଏଥିରୁ ବଞ୍ଚିତ କରି ଭାଜପା ପ୍ରତାରଣା କରିଥିବା ପ୍ରଚାର ପତ୍ରରେ ଦର୍ଶାଯାଇଛି।

କେବଳ ଭତ୍ତା ବୃଦ୍ଧି ନୁହେଁ ସମସ୍ତଙ୍କୁ ମାସିକ ୩୦୦ ୟୁନିଟ ମାଗଣା ବିଦ୍ୟୁତ ସହ ବ୍ୟବସାୟୀଙ୍କୁ ଗିରଫ କରୁଛନ୍ତି। ରବିବାର ଗଜପତି ଜିଲା ମୋହନା ବ୍ଲକରେ ଏକ ଟିମ୍ ମିଳିତ ଭାବେ ଚଢ଼ାଉ କରି ଦେଶୀ ମଦଭାଟିଗୁଡ଼ିକ ନଷ୍ଟ କରିଛନ୍ତି। ଅବକାରୀ ଏବଂ ପୋଲିସ ୪ହଜାର ଲିଟର ପୋଚ ନଷ୍ଟ କରିବା ସହ ୪୦୦ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରିଛନ୍ତି। ଏନେଇ ୫ଟି ମାମଲା ୬୭/୩୫୦, ୩୫୧/୨୪-୨୫, ୩୫୨/୨୪-୨୫, ୩୫୪/୨୪-୨୫ରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, ମୋହନା ବ୍ଲକ ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗ୍ରାମଗୁଡିକରେ ଚୋରାରେ ଦେଶୀ ମଦ ପ୍ରସ୍ତୁତି ହେବା ସହ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ୱାୟନାଡ୍‌ରୁ ବ୍ରହ୍ମପୁର ଫେରିଲା 'ଷ୍ଟର୍ମ'

ବ୍ରହ୍ମପୁର,୨୫।୮(ସୁବାସ ଚନ୍ଦ୍ର ପାଢ଼ୀ)

କେରଳର ୱାୟନାଡ୍ ଜିଲାରେ ଗତ ଜୁଲାଇ ୩୦ ତାରିଖରେ ହୋଇଥିବା ପ୍ରଳୟଙ୍କାରୀ ଭୂସ୍ଖଳନରେ ନିଖୋଜଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଯାଇଥିବା ବ୍ରହ୍ମପୁର ପୋଲିସର ସନ୍ଧାନୀ କୁକୁର 'ଷ୍ଟର୍ମ' ଫେରିଛି। ସେଠାରେ ସର୍ଚ୍ଚ ଅପରେଶନ ସମୟରେ ଷ୍ଟର୍ମ ୧୨ରୁ ୧୫ ମୃତଦେହ ଠାବ କରିଥିବା ହେଡ କନଷ୍ଟେବଲ ପ୍ରହ୍ଲାଦ ନାୟକ କହିଛନ୍ତି। ଷ୍ଟର୍ମର ଏହି କାର୍ଯ୍ୟକୁ ସେଠାକାର ଆଇଜି ପ୍ରଶଂସା କରିଥିବା ସେ କହିଛନ୍ତି।

ୱାୟନାଡ୍ ଭୂସ୍ଖଳନ ପରେ ମାଟି ତଳେ ପୋତି ହୋଇଥିବା ମୃତଦେହ ଠାବ କରିବା ପାଇଁ ଗତ ୪ତାରିଖରେ ବ୍ରହ୍ମପୁର ପୋଲିସ ଜିଲାର ହେଡ୍ କନଷ୍ଟେବଲ ପ୍ରହ୍ଲାଦ ନାୟକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଷ୍ଟର୍ମ ସହିତ ସେଠାକୁ ଯାଇଥିଲେ। ଭୂସ୍ଖଳନ ସ୍ଥାନରେ ରହି ସେମାନେ ନିଖୋଜଙ୍କୁ ଠାବ କରିବା ଆରମ୍ଭ କରିଥିଲେ। ଷ୍ଟର୍ମ ଚିହ୍ନଟ କରୁଥିବା ସ୍ଥାନକୁ ଏନଡିଆର୍‌ଏଫ ତରଫରୁ ଜେସିବି ଲଗାଇ ଖୋଳା ଯାଉଥିଲା। ଏଭଳି ଭାବେ ସେଠାରେ କାମ କରାଯାଇ ବିଭିନ୍ନ ଦିନରେ ମୃତଦେହ ଠାବ ହୋଇଥିଲା। ମୃତଦେହ ଠାବ କରିବାରେ ଷ୍ଟର୍ମ ଏକ ପ୍ରମୁଖ ଭୂମିକା ନେଇଥିଲା। ଷ୍ଟର୍ମର କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ବୋଲି ହେଡ କନଷ୍ଟେବଲ୍ ନାୟକ କହିଛନ୍ତି।

ମୃତଦେହ ଠାବକରି ପ୍ରଶଂସା ସାଉଁଟିଲା

ମୋହନା ଅଞ୍ଚଳରେ ଅବକାରୀ, ପୋଲିସର ମିଳିତ ଚଢ଼ାଉ

ମୋହନା,୨୫।୮(ମନ୍ମଥ ମିଶ୍ର)

ଜବତ ମଦ ଏବଂ ପ୍ରସ୍ତୁତ ସାମଗ୍ରୀ।

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡ଼ି, ଖାରିଗୁଡ଼ା, କଳାମେରି, ଲୁଣ୍ଡୁ, କାମ୍ପଗୁଡ଼ା ଗ୍ରାମରେ ରବିବାର ଅବକାରୀ ଏବଂ ସ୍ଥାନୀୟ ପୋଲିସ ମିଳିତ ଚଢ଼ାଉ କରିଛି। ମଦ ବ୍ୟବସାୟୀମାନେ ଚୋରାରେ ପ୍ରସ୍ତୁତ କରି ରଖିଥିବା ବିପୁଳ ପରିମାଣର ପୋଚ ଓ ୪୬୦ ଲିଟର ମଦକୁ କର୍ମଚାରୀମାନେ ନଷ୍ଟ କରିଦେଇଛନ୍ତି। ଗତ କିଛି ଦିନ ତଳେ ଗଞ୍ଜାମ ଜିଲା ଅନ୍ତର୍ଗତ ଚିକିଟି ବ୍ଲକ ଅଞ୍ଚଳରେ ଚୋରାରେ ବିକ୍ରି ହେଉଥିବା ବିଷାକ୍ତ ଦେଶୀ ମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଏକାଧିକ ବ୍ୟକ୍ତି ଗୁରୁତର ହୋଇ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଘଟଣା ପରେ ତତ୍ପରତା ପ୍ରକାଶ କରିଛି। ବିଭାଗୀୟ କର୍ମଚାରୀମାନେ ଚୋରାରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ମଦ ଜବତ କରି ନଷ୍ଟ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରୁଛନ୍ତି। ରବିବାର ଗଜପତି ଜିଲା ମୋହନା ବ୍ଲକରେ ଏକ ଟିମ୍ ମିଳିତ ଭାବେ ଚଢ଼ାଉ କରି ଦେଶୀ ମଦଭାଟିଗୁଡ଼ିକ ନଷ୍ଟ କରିଛନ୍ତି। ଅବକାରୀ ଏବଂ ପୋଲିସ ୪ହଜାର ଲିଟର ପୋଚ ନଷ୍ଟ କରିବା ସହ ୪୦୦ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରିଛନ୍ତି। ଏନେଇ ୫ଟି ମାମଲା ୬୭/୩୫୦, ୩୫୧/୨୪-୨୫, ୩୫୨/୨୪-୨୫, ୩୫୪/୨୪-୨୫ରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, ମୋହନା ବ୍ଲକ ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗ୍ରାମଗୁଡିକରେ ଚୋରାରେ ଦେଶୀ ମଦ ପ୍ରସ୍ତୁତି ହେବା ସହ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ମଦ ଜବତ, ଜଣେ ଗିରଫ

ଚିକିଟି,୨୫।୮(ପ୍ରକାଶ ଚନ୍ଦ୍ର ସାହୁ)

କେ. ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଞ୍ଚଳରେ ରନ୍ଧାମଦ ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ପାଇ ରବିବାର ନୂଆପଡ଼ା ଫାଣ୍ଡି ପୋଲିସ ଚଢାଉ କରି ୭୦ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରି ବାଇକ୍ ଜବତ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଜରଡା ଥାନା ଟୁରୁବୁଡ଼ି ପଞ୍ଚାୟତ ସାଗର ସାହିର ବୁଲୁ କାର୍ଜି। ସୂଚନାଯୋଗ୍ୟ, ଦୀର୍ଘ ଦିନ ହେଲା ଜରଡ଼ା ଥାନା ଅନ୍ତର୍ଗତ ଆଦିବାସୀ ଗ୍ରାମ ଅଞ୍ଚଳରୁ ଚୋରା ଦେଶୀ ମଦ ଆଣି ବୁଲୁ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର, ବିଏଲ୍‌ଏନ୍‌ପୁର, ଗୌଡ଼ ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଚାଲାଣ କରୁଥିବା ଅଭିଯୋଗ ହେଉଥିଲା। ରବିବାର ସକାଳେ ବୁଲୁ ବାଇକ୍ (ନଂ. ଓଡି ୦୭ ଏଏଲ-୧୧୮୦) ଯୋଗେ ୭୦ ଲିଟର ରନ୍ଧା ଦେଶୀ ମଦ ଧରି ଯାଉଥିବା ପୋଲିସକୁ ସୂଚନା ମିଳିଥିଲା।

ରାଜ୍ୟସ୍ତରୀୟ ପୁରୁଷ, ମହିଳା କବାଡି ଟୁର୍ନାମେଣ୍ଟ

ଝୁଗୁଡା,୨୫।୮(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ତୃତୀୟ ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କବାଡି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଆୟୋଜକ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କେ.ପ୍ରିୟଦର୍ଶିନୀ ଆଚାରୀ, ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଯୁବ ସାମାଜିକ କର୍ମୀ ଜଗନ୍ନାଥ ବଡ଼େଇ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ପୁରୁଷ ବର୍ଗରେ ୧୬ଟି ଦଳ ଓ ମହିଳା ବର୍ଗରେ ୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପୁରୁଷ ବର୍ଗର ହିଞ୍ଜିଳିକାଟୁ ଓ ବାଲିପଦର ଦଳ ମଧ୍ୟରେ ହୋଇଥିଲା। ରେଫେରି ଏମ୍. ଶ୍ରୀନିବାସ ଦୋରା, ଅଂଶୁମାନ ବିଷୋୟୀ, ଭଞ୍ଜ କିଶୋର ଗୌଡ ଓ ହରିହର ବିଶ୍ୱାଳ ମ୍ୟାଚଗୁଡିକୁ ପରିଚାଳନା କରିଥିବା ବେଳେ ରାମେଶ୍ୱର କହଁର ଓ ଲିପୁନା ପ୍ରଧାନ ସ୍କୋରର ଭାବେ ଏବଂ ତନିଷ୍କା ମନସ୍ୱିନୀ ସାହୁ ଓ ଉର୍ମିଳା ସାହୁ ଲାଇନ୍ସ ମ୍ୟାନ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ଶିକ୍ଷକ କ୍ରିଷ୍ଣାରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟକୁ ପରିଷଦ ସମ୍ପାଦକ ଅନିଲ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

ଜାତୀୟ ପତାକାକୁ ଅସମ୍ମାନ, ଏନ୍‌ଏସି ବିରୋଧରେ ଏତଲା

ବେଲଗୁଣ୍ଡା,୨୫।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଭାରତର ଜାତୀୟ ପତାକାକୁ ସ୍ତମ୍ଭରେ ଗୁଡ଼େଇ ରଖାଯାଇଛି

ସ୍ତମ୍ଭରେ ଗୁଡ଼େଇ ରଖାଯାଇଛି ଭାରତର ଜାତୀୟ ପତାକା। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଡା ଏନ୍‌ଏସି କାର୍ଯ୍ୟାଳୟରେ। ଅଗଷ୍ଟ ୧୫ ତାରିଖଠାରୁ ଜାତୀୟ ପତାକାକୁ ଏନଏସି ପକ୍ଷରୁ ଅବହେଳା ଓ ଅସମ୍ମାନ ପ୍ରଦର୍ଶନ କରାଯାଉଥିବା ନେଇ ରବିବାର ବେଲଗୁଣ୍ଡା ଥାନାରେ ଉପାଧକ୍ଷ, ପୂର୍ବତନ କାଉନସିଲର ଓ ସମର୍ଥକମାନେ ଏତଲା ଦେଇଛନ୍ତି। ଏଠାରେ ଜାତୀୟ ପତାକାକୁ ଗତ ସ୍ୱାଧୀନତା ଦିବସଠାରୁ ଲଗାତାର ଅସମ୍ମାନିତ କରାଯାଉଥିବା ବେଲଗୁଣ୍ଡାବାସୀ ଅଭିଯୋଗ କରିଛନ୍ତି । ଜାତୀୟ ପତାକାକୁ ବିଧିବଦ୍ଧ ଭାବେ ଅବତରଣ କରିବା ପରିବର୍ତ୍ତେ ଏକ ସ୍ତମ୍ଭରେ ସାଧାରଣ କପଡା ଭଳି ଏହାକୁ ଗୁଡ଼ାଇ ରଖାଯାଇଥିବା ଅଭିଯୋଗ ହୋଇଛି। ବେଲଗୁଣ୍ଡା କାର୍ଯ୍ୟନିର୍ବାହୀ ଅଧିକାରୀ ଜାତୀୟ ପତାକାକୁ ଏହିଭଳି ଅସମ୍ମାନିତ କରିବା ଅଞ୍ଚଳବାସୀଙ୍କୁ ଆଘାତ ଦେଇଥିବା ଅଭିଯୋଗରେ କୁହାଯାଇଛି। ଏ ଦିଗରେ ପ୍ରଶାସନ ଏବଂ ସରକାର ପଦକ୍ଷେପ ଗ୍ରହଣ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏନେଇ ବେଲଗୁଣ୍ଡା ଉପନଗରପାଳ ଟି.ବବିତା କୁମାରୀ, ବରିଷ୍ଠ ଭାଜପା ନେତା ରବୀନ୍ଦ୍ରନାଥ ଚୌଧୁରୀ, ଆଇନଜୀବୀ ରାଜା ବନ୍ଧାଣିରା, ପୂର୍ବତନ କାଉନସିଲର୍ ଯତୀନ୍ ପାତ୍ର, ଅଞ୍ଜନ ପତି, ମନୋଜ ଦଳେଇ, ସୀତାରାମ ସାହାଣି, ରିଙ୍କୁ ବନ୍ଧାଣିରା, କାଳିଆ ଚୌଧୁରୀ, ରୋଶନ୍ ପାଢୀ, ବଳିଆ ଡାକୁଆଙ୍କ ସମେତ ବହୁ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏତଲା ବେଲଗୁଣ୍ଡା ଏସଆଇ ଅଭୟ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ ଜିଲାପାଳ ଏବଂ ସୋରଡା ବିଧାୟକଙ୍କ ନିକଟକୁ ପଠାଯାଇଥିବା ଜଣାପଡିଛି।

ଜନ୍ମାଷ୍ଟମୀ ପାଇଁ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ

ଦାରିଙ୍ଗବାଡି,୨୫।୮(ଅରୁଣ ସାହୁ)

ରବିବାର ମଧ୍ୟରାତିରେ ଶ୍ରୀକୃଷ୍ଣ ଜନ୍ମନେବେ। ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଭାଗବତ ଟୁଙ୍ଗିରେ କୃଷ୍ଣ ଜନ୍ମଦିନ ପାଳନ ସହ ସୋମବାର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ସେହିପରି ରବିବାର ରହିଥିବାରୁ ସମସ୍ତ ଚର୍ଚ୍ଚରେ ମଧ୍ୟ ସାମୂହିକ ପ୍ରାର୍ଥନା, ବାଇବେଲ ପଠନ ଆଦି ଚାଲିଛି। ଗତ ୧୫ ଦିନ ହେଲା କନ୍ଧମାଳ ଜିଲାରେ ଦଙ୍ଗା ଗୁଜବକୁ ନେଇ ସାଧାରଣରେ ଚିନ୍ତା ବଢ଼ାଇଥିଲା। ପୋଲିସ ଏହି ଘଟଣାକୁ ନେଇ ବିଭିନ୍ନ ବ୍ଲକ ଅଞ୍ଚଳରେ ଶାନ୍ତି କମିଟି ବୈଠକ କରିବା ସହ ଅଜଣା ଗୁଜବକାରୀଙ୍କ ନାମରେ

ଦଙ୍ଗା ଗୁଜବ ପରେ ତତ୍ପରତା

ରାଇକିଆ, ଉଦୟଗିରି, ବାଲିଗୁଡା ଆଦି ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେପଟେ ଶାନ୍ତି ଶୃଙ୍ଖଳାରେ ଜନ୍ମାଷ୍ଟମୀ ପାଳନ ପାଇଁ ଦାରିଙ୍ଗବାଡି ଆଇଆଇସି ରମେଶ ପ୍ରଧାନ ଏବଂ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚିରଞ୍ଜୀବୀ ବେହେରାଙ୍କ ନେତୃତ୍ୱରେ ସିମନବାଡି, ଦାରିଙ୍ଗବା

କ୍ଷୋଭ ଝାଡ଼ି ବଖାଣିଲେ ବ୍ୟଥା

ବିଜେଡି ବନ୍ଧୁମିଳନ

ଭୁବନେଶ୍ୱର,୨୫।୮(ଅନିଲଦାସ)

ଦୀର୍ଘ ୨୦ରୁ ୨୫ ବର୍ଷ ଧରି ଦଳକୁ ଛିଡା କରିବାରେ ପ୍ରମୁଖ ଭୂମିକା ନେଇଥିବା ଯୁବ ନେତାଙ୍କୁ ଅବହେଳା କରାଗଲା। ଦଳ ପ୍ରତି ଆନୁଗତ୍ୟ ନ ଥିବା ଅଯୋଗ୍ୟ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବାରୁ ଦଳକୁ ଏଭଳି ପରାଜୟର ଦୁର୍ଦ୍ଦଶା ଭୋଗିବାକୁ ପଡିଛି। ନିର୍ବାଚନର ୨ ମାସ ପରେ ରାଜ୍ୟର ବିଭିନ୍ନ ଜିଲାରୁ ଭୁବନେଶ୍ୱରରେ ଏକାଠି ହୋଇଥିବା ବିଜେଡି ଯୁବ, ଛାତ୍ର ସଙ୍ଗଠକ ଓ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ କଳଙ୍କିତ ନେତାଙ୍କୁ ନିଜ ପାଖ ମଡାଇ ନ ଦେବାକୁ ସଙ୍କଳ୍ପ ନେଇଛନ୍ତି।

ନବୀନନିବାସ କିମ୍ବା ଶଙ୍ଖଭବନରେ ସଙ୍ଗଠନ କଥା କହିବାକୁ ସୁଯୋଗ ମିଳି ନ ଥିଲା। ତେଣୁ କର୍ମକର୍ତ୍ତାମାନେ ରବିବାର ଭୁବନେଶ୍ୱର ସ୍ଥିତ ବ୍ଲାଇଣ୍ଡ ଆସୋସିଏଶନ ସଭା ଗୃହରେ ଏକ ବନ୍ଧୁମିଳନରେ ଏକାଠି ହୋଇ ମନର ବ୍ୟଥାକୁ ଖୋଲାଖୋଲି ପ୍ରକାଶ କରିଛନ୍ତି। କାହା ଜିଲାରେ କିଏ ପଶି ଯାଉଥିଲା । ନିର୍ଦ୍ଦିଷ୍ଟ କିଛି ନେତାଙ୍କ ନାଁ ନେଇ କିଛି ଲୋକ ରାଜନୀତି କରୁଥିଲେ। ଆମକୁ ଅଣଦେଖା କରାଯାଉଥିଲା। ଜିଲା ନେତା ହୋଇ ବିଡିଓ ସହିତ କଥା ହେବାର ସାହସ ଜୁଟାଇ ପାରୁ ନ ଥିଲୁ। ଜଗନ୍ନାଥଙ୍କ ଇଚ୍ଛା ଥିଲା, ଦଳରୁ କଳଙ୍କିତ ନେତା ବାହାରି ଯାଆନ୍ତୁ, ଆଗକୁ ଭଲ ନେତା ବାହାରନ୍ତୁ ଏବଂ ସେମାନେ ଓଡିଶାକୁ ରକ୍ଷା କରନ୍ତୁ । ଆଜି ସେୟା ହୋଇଛି। ବିଜେଡି କର୍ମକର୍ତ୍ତାମାନେ ଆହୁରି କହିଛନ୍ତି, ଦଳ ପାଇଁ ଆମର ରକ୍ତ ବୋହିଛି। ସାଇକେଲ ଧରି ସଙ୍ଗଠନ କରି ଦଳକୁ ଗଢିଛୁ। ଆମ ନେତାଙ୍କୁ ଦେଖା କରିବାକୁ ହେଲେ ୪ଟା କବାଟ ଡେଇଁବାକୁ ପଡୁଥିଲା। ବିଜେଡିକୁ ଭଲ ପାଉ ନ ଥିବା ଏବଂ ସଙ୍ଗଠନ କରି ନ ଥିବା ଲୋକ ଦଳକୁ ମାଡି ବସିବାରୁ ଆଜି ପରିସ୍ଥିତି ଏଭଳି ହୋଇଛି। ଆମେ ସମସ୍ତେ ଏକଠି ହୋଇ ନବୀନ ନିବାସ ଯିବା । ଦଳର ସଭାପତିଙ୍କୁ ସବୁ ଦୁଃଖ ଜଣାଇବା। ଆମେ ସମସ୍ତେ ସମ୍ପର୍କରେ ରହିଲେ ଆସନ୍ତାକାଲି ପରିଚୟ ମିଳିବ। ନବୀନ ବାବୁ ପୁଣି କ୍ଷମତାକୁ ଫେରିବେ। ଆମ ସମସ୍ତଙ୍କୁ ଏକ ହେବାକୁ ପଡିବ। ଆମେ ଜଣେ ଜଣେ ଲଢୁଆ ସୈନିକ। ଦୀର୍ଘ ବର୍ଷ ଧରି ସଙ୍ଗଠନକୁ ମଜଭୁତ କରି ଦଳକୁ ଛିଡା କରିଛୁ। ନିର୍ବାଚନରେ ପରାଜିତ ଆମ ମନ ବଳ ଭାଙ୍ଗି ପାରିବ ନାହିଁ । ଦଳୀୟ ସଙ୍ଗଠନ ମଜଭୁତ କରିବା ସହ ଓଡିଶା ବାସୀଙ୍କ ପାଇଁ କାମ କରିବୁ। ଆଗାମୀ ଦିନରେ ଏକାଠି ରହି ଆମ ନେତା ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବୁ ବୋଲି ବକ୍ତାମାନେ ମତ ଦେଇଛନ୍ତି।

ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଦଳର ସଭାପତିଙ୍କ ନେତୃତ୍ୱ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ରାଜ୍ୟର ୩୦ ଜିଲାରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଜେଡି ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରାଯିବା ପାଇଁ ସମସ୍ତ କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି । ବର୍ତ୍ତମାନର ରାଜ୍ୟ ଭାଜପା ସରକାର ପୂର୍ବରୁ ଥିବା ବିଜେଡି ସରକାରଙ୍କ ସମୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ନାମ ଏବଂ ରଙ୍ଗ ପରିବର୍ତ୍ତନ କରୁଥିବାରୁ ସମସ୍ତ କର୍ମୀ ଏହାକୁ ଦୃଢ଼ ନିନ୍ଦା କରିଥିଲେ। ଏଥିସହ ବିଭିନ୍ନ ପ୍ରସ୍ତାବ ବିଷୟରେ କର୍ମୀମାନେ ଆଲୋଚନା କରିଥିଲେ। ବିଜେଡିର ସମସ୍ତ କର୍ମୀ ଦଳର ସଭାପତିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ପାଇଁ ସେବା ଏବଂ ସମର୍ପିତ ମନୋଭାବ ରଖି କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି। ଦଳରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ମତ ପ୍ରକାଶ ପାଇଛି। ବନ୍ଧୁମିଳନ ସଭାକୁ ଶିଶିର କୁମାର ପରିଜା ପରିଚାଳନା କରିଥିବା ବେଳେ ରଞ୍ଜିତ ରାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟରେ ବିଭିନ୍ନ ଜିଲାରୁ ବହୁ ବରିଷ୍ଠ , ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ।

ଭୁବନେଶ୍ୱର ସ୍ଥିତ ବ୍ଲାଇଣ୍ଡ ଆସୋସିଏଶନ ସଭା ଗୃହରେ ବିଜେଡିର ଏକ ବନ୍ଧୁମିଳନରେ ବିଜେଡି ଯୁବ, ଛାତ୍ର ସଙ୍ଗଠକ ଓ କର୍ମକର୍ତ୍ତାମାନେ।

ପୌର ଉପାଧ୍ୟକ୍ଷାଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ପାରାଦୀପ,୨୫।୮(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକପଡ଼ାରେ ଅଗଷ୍ଟ ୧୪ ରାତିରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ରାଉତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଉକ୍ତ ଘଟଣାରେ ରବିବାର ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଂଗ୍ରାମ ସାମନ୍ତରାୟ, ପୃଥ୍ୱୀରାଜ ସାମନ୍ତରାୟ ଓ ଆଶୁତୋଷ ମଲ୍ଲ। ଏମାନଙ୍କ ବ୍ୟତୀତ ଆଉ ୪ ଜଣ ଅଭିଯୁକ୍ତ ଅଛନ୍ତି। ସେମାନେ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପାରାଦୀପ ବିଜେଡିର ଆଗଧାଡିର କର୍ମୀଙ୍କ ପୁଅ ରହିଛନ୍ତି। ଏହି ଘଟଣାରେ ପାରାଦୀପ ବିଜେଡି ପକ୍ଷରୁ ପୋଲିସ ବିରୋଧରେ ରାଲି ଓ ଥାନା ଘେରାଉ କରାଯାଇଥିଲା। ସେହି ଘେରାଉ ସମୟରେ ପୂର୍ବତନ ବିଧାୟକ ସମ୍ମିତ ରାଉତରାୟ ଓ ଆଗଧାଡିର ନେତା ସାମିଲ ହୋଇଥିଲେ। ଅପରପକ୍ଷେ ଅଗଷ୍ଟ ୨୧ ରାତିରେ ଲକ୍‌ଥାନା ଅନ୍ତର୍ଗତ ପିପିଏଲ୍ ଛକ ପାଖରେ ଥିବା ଏକ ହୋଟେଲରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଭାଜପା କର୍ମୀ ବୋଲି ସୂଚନା ମିଳିଛି। ଉଭୟ ଘଟଣାକୁ ନେଇ ଏବେ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି।

ବିଜେଡିକୁ ଫେରିଲେ ୨ ସମିତିସଭ୍ୟ

ବରୀ,୨୫।୮(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ ବ୍ଲକ୍‌ରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଦଳବଦଳ ଚାଲିଛି। ଗତ ୧୬ ତାରିଖରେ ଭାଜପା ନେତା ଉମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଜେଡି ସମର୍ଥକ ୧୨ ସମିତିସଭ୍ୟାସଭ୍ୟ, ୭ ଜଣ ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଭାଜପାରେ ଯୋଗ ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ସମିତି ସଭ୍ୟାସଭ୍ୟ ରବିବାର ପୁଣି ବିଜେଡିକୁ ଫେରିଛନ୍ତି। ସେମାନେ ହେଲେ ଅନ୍ୟାସୀପୁର ପଞ୍ଚାୟତର ସମିତିସଭ୍ୟ ରମେଶ କୁମାର ସାହୁ ଓ ବାଲିଆ ପଞ୍ଚାୟତର ସମିତି ସଭ୍ୟା ମାନସୀ ଦାସ। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ଉପସ୍ଥିତିରେ ଭୁବନେଶ୍ୱର ଦଳ କାର୍ଯ୍ୟାଳୟଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି।

ମିଶ୍ରଣ ପର୍ବରେ ଯୋଗ ଦେଇଥିବା ୨ ସମିତ୍ୟସଭ୍ୟା ସଭ୍ୟ।

ଭାଇରାଲ ଅଡିଓକୁ ନେଇ ରାଜନୈତିକ ଉଷ୍ମତା

ଆସିକା ବିଧାୟକ ସରୋଜ ପାଢ଼ୀ।

ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକା।

ଆସିକା,୨୫।୮
(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାୟକ ସରୋଜ ପାଢୀଙ୍କ ଆସିକା ଅଞ୍ଚଳର ୨ଜଣ ବାଲିଘାଟ ଲିଜଧାରୀଙ୍କ ସହ ବାର୍ତ୍ତାଳପର ଏକ ଅଡିଓ ଦୁଇଦିନ ହେଲା ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହାକୁ ନେଇ ବିରୋଧୀ ବିଜେଡି ଓ ଶାସକ ଦଳ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଉଭୟ ଦଳ ପକ୍ଷରୁ ରବିବାର ପୃଥକ ଭାବେ ଖବରଦାତା ସମ୍ମିଳନୀ କରାଯାଇଛି । ପୂର୍ବାହ୍ନରେ ଆସିକା ନିର୍ବାଚନମଣ୍ଡଳୀ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଖବରଦାତା ସମ୍ମିଳନୀ କରି ଭାଜପା ବିଧାୟକଙ୍କ ପକ୍ଷରୁ ବାଲି ଲିଜଧାରୀଙ୍କୁ ଟଙ୍କା ଦାବି କରାଯାଉଥିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ଏହି ଅଡିଓର ବିଧିବଦ୍ଧ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମଞ୍ଜୁଳା ଦାବି କରିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ବରିଷ୍ଠ ନେତା ନନ୍ଦ ବିଷୋୟୀ, ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅପରାହ୍ନରେ ବିଧାୟକ ପାଢୀ ନିଜ ବାସଭବନରେ ଖବରଦାତା ସମ୍ମିଳନୀ କରି ଅଡିଓ ତାଙ୍କୁ ବଦନାମ କରିବା ଲାଗି ଏକ ହିନ ଚକ୍ରାନ୍ତ ବୋଲି ପ୍ରକାଶ କରିଛନ୍ତି। ଲିଜ୍‌ଧାରୀଦ୍ୱୟ ବାଲିଘାଟ ଦେବାକୁ ନିର୍ବାଚନମଣ୍ଡଳୀର ଲୋକଙ୍କଠାରୁ ଅନେକ ଲକ୍ଷ ଟଙ୍କା ନେଇ ପରେ ସେମାନଙ୍କୁ ବିଜେଡି ନାଁ ନେଇ ହଇରାଣ କରୁଥିବା ଅଭିଯୋଗ ଆସିଥିଲା। ସେମାନଙ୍କ ପଇସା ତୁରନ୍ତ ଫେରାଇବା ଲାଗି ଲିଜଧାରୀଙ୍କୁ ଫୋନ କରି କହିଥିବା ଘଟଣାକୁ ଏଭଳି ରୂପ ଦିଆଯାଉଥିବା ବିଧାୟକ ପାଢ଼ୀ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ତାଙ୍କ ପ୍ରତି ଯେଉଁ ଆସ୍ଥା ରହିଛି ତାକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ। ପୂର୍ବତନ ବିଧାୟିକା ତାଙ୍କ ବୋହୂଙ୍କ ନାମରେ ବାଲିଘାଟ ଲିଜ ନେଇଛନ୍ତି । ମୋ ପରିବାରର କାହା ନାମରେ ସେମିତି ଲିଜ ତାଲିକା ନାହିଁ । ଭାଇରାଲ ଅଡିଓ ସମ୍ପାନହାନୀ କରିଥିବା ନେଇ ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନେବେ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

୨୭ରେ ଜୁନାଗଡ଼ ଏନ୍‌ଏସିରେ ଅନାସ୍ଥା ଭୋଟ

ଭବାନୀପାଟଣା,୨୫।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିରେ ଆସନ୍ତା ୨୭ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନାସ୍ଥା ଭୋଟ ହେବ। ଏନେଇ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ସ୍ଥାନୀୟ ୯ ଜଣ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଜିଲାପାଳ ୨ଥର ତାରିଖ ମଧ୍ୟ ଘୋଷଣା କରିଥିଲେ। ହେଲେ ଉକ୍ତ ତାରିଖଗୁଡିକରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଆସୁ ନ ଥିବାରୁ ଅନାସ୍ଥା ଭୋଟ ଘୁଞ୍ଚି ଚାଲିଛି। ତାହାକୁ ନେଇ ସ୍ଥାନୀୟ ବିଜେଡି କାଉନସିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୧୨ ୱାର୍ଡବିଶିଷ୍ଟ ଜୁନାଗଡ଼ ଏନ୍‌ଏସିରେ ବିଜେଡିର ୧୦ ଜଣ କାଉନସିଲର ରହିଛନ୍ତି। ଭାଜପାର ମୁକେଶ ଅଗ୍ରୱାଲ ଏଠାରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏନ୍‌ଏସି ଅଧ୍ୟକ୍ଷଙ୍କ ମନମୁଖି କାମ ଅଭିଯୋଗ କରି ଜୁଲାଇ ୧୬ରେ ଜିଲାପାଳଙ୍କୁ ଭେଟି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ବିଜେଡି କାଉନସିଲର। ପ୍ରଥମେ ଅଗଷ୍ଟ ୧ରେ ଅନାସ୍ଥା ଭୋଟ କରିବାକୁ ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଦିନ ୧୧ଟାବେଳେ ସବୁ ପ୍ରସ୍ତୁତି ହୋଇଥିବାବେଳେ ନିର୍ବାଚନ ଅଧିକାରୀ ଆସି ନ ଥିଲେ। ପରେ ଅଗଷ୍ଟ ୯ରେ ଅନାସ୍ଥା ହେବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଉକ୍ତ ଦିନ ନିର୍ବାଚନ ଅଧିକାରୀ ଆସି ନ ଥିଲେ। ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର କରି ଆସନ୍ତା ୨୭ରେ ଅନାସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଜେଡି କାଉନସିଲରମାନେ ଜିଲାପାଳଙ୍କୁ ସାକ୍ଷାତକରି ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ଏହା ସହ ଗଣମାଧ୍ୟମକୁ ନିର୍ଦ୍ଦେଶନାମା ଦେଖାଇଛନ୍ତି।

ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ବିଜେଡି କାଉନସିଲର ଦେଖାଉଛନ୍ତି।

ଆଦିବାସୀ ନେତାଙ୍କ ନାମରେ ମିଥ୍ୟା ମାମଲା: ସିପିଆଇ(ଏମ୍‌ଏଲ୍)

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚର ଆହ୍ୱାନରେ ଫେବ୍ରୁଆରୀ ମାସରେ ହୋଇଥିବା ଆନ୍ଦୋଳନରେ ସାମିଲ ଆନ୍ଦୋଳନକାରୀଙ୍କ ବିରୋଧରେ ପୋଲିସ୍ ମିଥ୍ୟା କେସ୍ କରିଥିବା ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଅଭିଯୋଗ ହୋଇଛି। ରାୟଗଡ଼ା ଜିଲାର ରାମନାଗୁଡ଼ା ଥାନା ପୋଲିସ୍ ଆଦିବାସୀ ନେତା ତ୍ରିପତି ଗମାଙ୍ଗଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିବାବେଳେ ତୁରନ୍ତ ଏହାକୁ ପ୍ରତ୍ୟାହାର ପାଇଁ ଦାବୀ ଉଠିଛି। ସେହିପରି ଚଳିତ ଅଗଷ୍ଟ ମାସରେ ହୋଇଥିବା ଆନ୍ଦୋଳନରେ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫ ଜଣଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କହି ସଂଘ କ୍ଷୋଭ ପ୍ରକାଶ କରିଛି। ତୁରନ୍ତ ଘଟଣାର ତଦନ୍ତ କରି ଆଦିବାସୀଙ୍କୁ ନ୍ୟାୟ ଦିଆଯାଉ ବୋଲି ସିପିଆଇ(ଏମଏଲ) ଲିବରେଶନ ଓଡ଼ିଶା ରାଜ୍ୟ କମିଟି ରୁ ଯୁଧିଷ୍ଠିର ମହାପାତ୍ର, ତ୍ରିପତି ଗମାଙ୍ଗ, ମହେନ୍ଦ୍ର ପରିଡ଼ା ଓ ରାଧାକାନ୍ତ ସେଠୀ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ଦାବୀ ଉପସ୍ଥାପନ କରିଛନ୍ତି।

ଗଣତନ୍ତ୍ରର ସୁରକ୍ଷାକାରୀ ସକ୍ରିୟ ବିରୋଧୀ ଦଳ: ନବୀନ

ବିଜେଡିର ନବନିର୍ବାଚିତ ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୮(ଅନିଲଦାସ)

ବିଜେଡିର ନବ ନିର୍ବାଚିତ ବିଧାୟକମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ରବିବାର ଶଙ୍ଖ ଭବନରେ ଆରମ୍ଭ ହୋଇଛି। ପୂର୍ବାହ୍ନରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡିଶା ତଥା ଓଡିଶା ବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢେଇ ଜାରି ରଖିବାକୁ ଦଳର ବିଧାୟକମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ ଗଣତନ୍ତ୍ରରେ ସରକାରଙ୍କର ଯେତିକି ଦାୟିତ୍ୱ ରହିଛି ବିରୋଧୀ ଦଳର ତା ଠାରୁ ଅଧିକ ଦାୟିତ୍ୱ ରହିଛି। ବିରୋଧୀ ଦଳ ହିଁ ଗଣତନ୍ତ୍ରର ଶ୍ରେଷ୍ଠ ସୁରକ୍ଷା କାରୀ । ଲୋକଙ୍କ ସ୍ୱାର୍ଥ ଜଡିତ ବିଷୟକୁ ପ୍ରାଥମିକତା ଦେଇ ବିଧାନସଭାରେ ଉଠାଇବାକୁ ବିଧାୟକମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ନୂଆ ବିଧାୟକମାନଙ୍କୁ ବିଧାନସଭାର ନୀତି ନିୟମ ଏବଂ କାର୍ଯ୍ୟ ପରିଚାଳନା ବିଷୟରେ ସମ୍ୟକ ଜ୍ଞାନ ଦେବା ଏ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। କେବଳ ଗୃହ ପରିଚାଳନା ନୁହେଁ , ସରକାରଙ୍କୁ ଉତ୍ତରଦାୟୀ କରିବାରେ ମଧ୍ୟ ଗୃହର ନୀତି ନିୟମ ହେଉଛି ଅସ୍ତ୍ର।ଠ ବିଧାୟକ ଭାବରେ ନିଜ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଗୃହର ନୀତି ନିୟମ ସହ ବିଭିନ୍ନ ସଂସଦୀୟ ପରମ୍ପରା ଆଦି ଉପରେ ବିଶେଷ ଧ୍ୟାନ ଦେବା ଉପରେ ନବୀନ ଗୁରୁତ୍ୱାରୋପ କରିଛନ୍ତି।

ମୁଲତବୀ ପ୍ରସ୍ତାବ, ଦୃଷ୍ଟି ଆକର୍ଷଣ କାରୀ ପ୍ରସ୍ତାବ , ପ୍ରଶ୍ନୋତ୍ତର, ଶୂନ୍ୟକାଳ ଆଦି ଜରିଆରେ ସରକାରଙ୍କୁ ଉତ୍ତରଦାୟୀ କରିବା ସହ ବିଭିନ୍ନ କମିଟି କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଉପରେ ନବୀନ ଗୁରୁତ୍ୱାରୋପ କରିଛନ୍ତି। ନୂଆବିଧାୟକ ମାନଙ୍କୁ ମାର୍ଗ ଦର୍ଶନ ଦେବା ପାଇଁ ନବୀନ ବରିଷ୍ଠ ବିଧାୟକ ମାନଙ୍କୁ ପରାମର୍ଶ ଦେଇଛନ୍ତି। ସଂସଦୀୟ ଶାସନ ବ୍ୟବସ୍ଥା ସମ୍ପର୍କରେ ଭାରତୀୟ ସମ୍ବିଧାନର ଜନକ ଡ଼ଃ ବି ଆର ଆମ୍ବେଦକରଙ୍କ ମତ ଉଦ୍ଧୃତ କରି ବିରୋଧୀ ଦଳ ନେତା କହିଛନ୍ତି ଯେ ସଂସଦୀୟ ଶାସନ ବ୍ୟବସ୍ଥା ଉତ୍ତରଦାୟୀ ହୋଇଥିବାରୁ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଠାରୁ ଏହା ଉତ୍ତମ। ବିଧାନସଭା ଦ୍ୱାରା ଆୟୋଜିତ ତାଲିମ ଶିବିର ଆୟୋଜନରେ ରାଜନୈତିକ ଅଭିସନ୍ଧି ଥିଲା। ଏହି କାର୍ଯ୍ୟକ୍ରମରେ ଆମ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ଓ ମର୍ଯ୍ୟାଦା ନିଜ ରାଜ୍ୟରେ କ୍ଷୁର୍ଣ୍ଣ ହୋଇଥିବା ଅନୁଭବ କରି ବିଜେଡି ସେ କାର୍ଯ୍ୟକ୍ରମରୁ ଦୁରେଇ ରହିଥିଲା ବୋଲି ନବୀନ କହିଛନ୍ତି ।

୫୧ ବିଧାୟକଙ୍କୁ ନେଇ ବିଜେଡି ଆଜି ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ କାର୍ଯ୍ୟ କରୁଛି । ସରକାରଙ୍କୁ ଉତ୍ତର ଦାୟୀ କରିବା ପାଇଁ କୋଣସି ସୁଯୋଗ ଆମେ ହାତଛଡା ନ କରିବାକୁ ସେ ପରାମର୍ଶ ଦେ

ଅଭିବୃଦ୍ଧି କରାଇବ ବାଣିଜ୍ୟିକ କାରବାର

ନଭେମ୍ବରରେ ବାଣିଜ୍ୟ ଚୁକ୍ତି ଉପରେ ଭାରତ ଏବଂ ଅଷ୍ଟ୍ରେଲିଆ ଆଲୋଚନା



ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

ଏକ ବ୍ୟାପକ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଭାରତ ଏବଂ ଅଷ୍ଟ୍ରେଲିଆର ଅଧିକାରୀମାନେ ନଭେମ୍ବରରେ ଆଲୋଚନା କରିବାର ସମ୍ଭାବନା ରହିଛି। ବାଣିଜ୍ୟ ମନ୍ତ୍ରଣାଳୟ ରବିବାର ଏହି ସୂଚନା ଦେଇଛି। ୨୦୨୨ ଡିସେମ୍ବରରେ ଦୁଇ ଦେଶ ମଧ୍ୟରେ ମଧ୍ୟବର୍ତ୍ତୀ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ବର୍ତ୍ତମାନ ଏହାର ପରିସର ବିସ୍ତାର କରିବାକୁ ସେମାନେ ଆଲୋଚନା କରୁଛନ୍ତି । ମନ୍ତ୍ରଣାଳୟ କହିଛି ଯେ, ଭାରତ-ଅଷ୍ଟ୍ରେଲିଆ ସିଇସିଏର ଦଶମ ରାଉଣ୍ଡ ଆଲୋଚନା ସିଡ୍‌ନୀରେ ଅଗଷ୍ଟ ୧୯-୨୨ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମଗ୍ରୀ, ସେବା, ଡିଜିଟାଲ ବାଣିଜ୍ୟ, ସରକାରୀ କ୍ରୟ, ଦ୍ରବ୍ୟର ଉତ୍ପତ୍ତି ନିୟମ ଏବଂ ଏଗ୍ରୋ-ଟେକ୍ନୋଲୋଜି ଉପରେ ଆଲୋଚନା କରାଯାଇଥିଲା। ସିଏସିଏର ପରବର୍ତ୍ତୀ ରାଉଣ୍ଡ ନଭେମ୍ବରରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି । ଭାରତୀୟ ପ୍ରତିନିଧି ଦଳ ମୁଖ୍ୟ ବୁଝାମଣାକାରୀ ତଥା ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏହା କରିଥିଲେ। ଅଷ୍ଟ୍ରେଲୀୟ ପ୍ରତିନିଧି ଦଳ ମୁଖ୍ୟ ବୁଝାମଣାକାରୀ ତଥା ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗର ପ୍ରଥମ ସହକାରୀ ସଚିବ ରବି କେୱାଲ୍ରାମାଙ୍କ ନେତୃତ୍ୱରେ ନେତୃତ୍ୱ ନେଇଥିଲେ। ମନ୍ତ୍ରଣାଳୟ କହିଛି ଯେ ପରସ୍ପରର ପ୍ରସ୍ତାବକୁ ଭଲଭାବେ ବୁଝାମଣା ଏବଂ ମତଭେଦ ଦୂର କରିବା ପାଇଁ ବୈଠକ ଗଭୀର ଆଲୋଚନା ଏବଂ ବୁଝାମଣା ହୋଇଥିଲା। ଘରୋଇସ୍ତରରେ ବିଭିନ୍ନ ପ୍ରସଙ୍ଗରେ ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଫଳାଫଳକୁ ପହଞ୍ଚାଇବା ପାଇଁ ଉଭୟ ପକ୍ଷ ଉଦ୍ୟମ କରିଥିଲେ।

ବିବୃତି ଅନୁଯାୟୀ ସେପ୍ଟେମ୍ବର ୨୩ରେ ଭାରତ-ଅଷ୍ଟ୍ରେଲିଆ କୃଷି ପ୍ରଯୁକ୍ତିବିଦ୍ୟା ଫୋରମ (ଆଇଏଏଟିଏଫ୍)ର ପ୍ରଥମ ବୈଠକ କରିବାକୁ ଅଷ୍ଟ୍ରେଲିଆ ପକ୍ଷ ପ୍ରସ୍ତାବ ଦେଇଛି। ଏହି ନୂତନ ପ୍ଲାଟଫର୍ମ ଅଷ୍ଟ୍ରେଲିଆ ଦ୍ୱାରା ଗଠିତ ହୋଇଛି। ବୈଷୟିକ ଜ୍ଞାନକୌଶଳ ଏବଂ ଜ୍ଞାନ ବଣ୍ଟନ ମାଧ୍ୟମରେ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ସୁଯୋଗ ଅନ୍ୱେଷଣ କରିବା ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କକୁ ମଜଭୁତ କରିବା ଏହି ବୈଠକର ଉଦ୍ଦେଶ୍ୟ ରହିଛି। ଓସନିଆ ଅଞ୍ଚଳରେ ଅଷ୍ଟ୍ରେଲିଆ ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଭାଗୀଦାରି। ୨୦୨୩-୨୪ ମସିହାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବାଣିଜ୍ୟ ପ୍ରାୟ ୨୪ ବିଲିୟନ ଡଲାର ହେବ। ଗତ ଆର୍ଥିକ ବର୍ଷରେ ଅଷ୍ଟ୍ରେଲିଆକୁ ଭାରତର ରପ୍ତାନି ୭.୯୪ ବିଲିୟନ ଡଲାର ହୋଇଥିବାବେଳେ ଆମଦାନୀ ୧୬.୧୫ ବିଲିୟନ ଡଲାର ଥିଲା। ୨୦୨୧-୨୨ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପ୍ରାୟ ୨୫ ବିଲିୟନ ଡଲାରରେ ପହଞ୍ଚିପାରେ।

ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ନୂଆଦିଲ୍ଲୀ,୨୫।୮ (ଅଭୟ ଦାଶ)

ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଦୁଇଟି ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଞ୍ଚୟ ଖାତା 'ଅର୍ନି'ର ଶୁଭାରମ୍ଭ କରାଯାଇଥିବା ବେଳେ ବ୍ୟାଙ୍କର ଏଣ୍ଟରପ୍ରାଇଜ୍ ଲୟାଲ୍‌ଟି କାର୍ଯ୍ୟକ୍ରମ 'ବନ୍ଧନ ବ୍ୟାଙ୍କ ଡିଲାଇଟ୍'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ (ଅନ୍ତରୀଣ) ରତନ କେଶ କହିଛନ୍ତି, ଆମେ ଆମର ପ୍ରତିଷ୍ଠା ଦିବସ ପାଳନ ସହିତ ନୂତନ ସେବାର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗତ ୯ ବର୍ଷ ମଧ୍ୟରେ ଏକ ସାର୍ବଜନୀନ ବ୍ୟାଙ୍କ ଭାବେ ଆମେ ବିଭିନ୍ନ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଆମର ଉତ୍ପାଦ ବର୍ଗମାଳାକୁ ସୁଦୃଢ଼ କରିଛୁ। ସେହିଭଳି ବନ୍ଧନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ବ୍ୟବସାୟ ଅଧିକାରୀ ରାଜିନ୍ଦର ବବର୍ କହିଛନ୍ତି, ଆମର ବୃହତ୍ତର ରଣନୀତି ଯାହା ଦୀର୍ଘକାଳୀନ ବିଶ୍ୱସନୀୟତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ବଢ଼ାଇବ।

୧୮ତମ ସୁରକ୍ଷା ସମ୍ମିଳନୀରେ ଟାଟା ଷ୍ଟିଲ୍ ପୁରସ୍କୃତ

ଭୁବନେଶ୍ୱର,୨୫।୮ (ଅଭୟ ଦାଶ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ପୂର୍ବାଞ୍ଚଳ ଶାଖା ପକ୍ଷରୁ କୋଲକାତାଠାରେ ଆୟୋଜିତ ୧୮ତମ ସୁରକ୍ଷା ସମ୍ମିଳନୀରେ ଟାଟା ଷ୍ଟିଲ୍ ପୁରସ୍କୃତ ହୋଇଛି। ଏପରିକି କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) କୁ ତିନୋଟି ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ଖଣି ବର୍ଗରେ କମ୍ପାନୀର କେନ୍ଦୁଝର ଜିଲା ଯୋଡ଼ାଠାରେ ଥିବା ଯୋଡ଼ା ୱେଷ୍ଟ ଆଇରନ୍ ଆଣ୍ଡ ମାଙ୍ଗାନିଜ ମାଇନ୍ ଆଞ୍ଚଳିକ ଫାଇନାଲ ବିଜେତା ହୋଇଥିବାବେଳେ ଗଞ୍ଜାମ ଜିଲାର ଗୋପାଳପୁରଠାରେ ଥିବା ଫେରୋ ଆଲଏଜ୍ ପ୍ଲାଣ୍ଟକୁ ଲାର୍ଜ-ସ୍କେଲ୍ ମାନୁଫାକ୍ଚରିଂ ବର୍ଗରେ ପ୍ରଥମ ରନର୍ସ ଅପ୍ ଏବଂ ଯାଜପୁର ଜିଲା ସୁକିନ୍ଦାଠାରେ ଥିବା ସାରୁଆବିଲ କ୍ରୋମାଇଟ୍ ଖଣି ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ହାସଲ କରିଛି। ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ କମ୍ପାନୀର ଫେରୋ ଆଲଏଜ୍ ଓ ମିନେରାଲ୍ ଡିଭିଜନ ଦ୍ୱାରା ପରିଚାଳିତ ଖଣି ଓ ଫେରୋ ଆଲଏଜ୍ କାରଖାନାକୁ ମିଳିଥିବା ସଫଳତା ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ଓ ନିଜ ପରିଚାଳନା କ୍ଷେତ୍ରରେ ସୁରକ୍ଷାର ସର୍ବୋଚ୍ଚ ମାନକ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏ ସମ୍ପର୍କରେ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଏହି ପୁରସ୍କାର ଏକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ପାଇଁ ଆମ ଟିମ୍‌କୁ ଅନୁପ୍ରାଣିତ କରିବ। ସେହିଭଳି କମ୍ପାନୀର ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ବ୍ୟବସ୍ଥା ସହ ଡିଜିଟାଲ୍ ମାଧ୍ୟମର ସୁରକ୍ଷାରେ ଏହା ଉନ୍ନତି ଆଣିବା ସହିତ ଦୀର୍ଘସ୍ଥାୟୀ ଅଭ୍ୟାସକୁ ସୁଦୃଢ଼ କରିଥିବାବେଳେ ଆମ କାର୍ଯ୍ୟକ୍ଷେତ୍ରଗୁଡ଼ିକର ପରିଚାଳନା ଉତ୍କର୍ଷକୁ ମଧ୍ୟ ଆଗକୁ ବଢ଼ାଉଛି।

ଏହି ସିମ୍ପୋଜିୟମ୍‌ର ବିଷୟବସ୍ତୁ ଥିଲା 'ଇଏଚଏସ ଉତ୍କର୍ଷତା ପାଇଁ ଡିଜିଟାଲ ମାଧ୍ୟମର ବ୍ୟବହାର।

ମ୍ୟାକ୍ସ ଲାଇଫ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୫।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ମ୍ୟାକ୍ସ ଲାଇଫ୍ (ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ କୋ. ଲିମିଟେଡ)ର ନୂତନ ଅଭିଯାନ ବା ପଦକ୍ଷେପ 'ଆରୋହଣ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନ ଜରିଆରେ କମ୍ପାନୀ ପୂର୍ବ ଭାରତର ଚିୟର ୩ ଓ ୪ ସହରଗୁଡ଼ିକରେ ୨୧ଟି ନୂତନ କାର୍ଯ୍ୟାଳୟର ଆନୁଷ୍ଠାନିକ ଶୁଭାରମ୍ଭ କରିଛି। ବିଶେଷକରି କମ୍ପାନୀର ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କକୁ ବିସ୍ତାର କରିବା ପାଇଁ 'ଆରୋହଣ' ପଦକ୍ଷେପର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପଦକ୍ଷେପ ଉପଭୋକ୍ତା-କେନ୍ଦ୍ରିକ ବୀମା ସଚେତନତା କାର୍ଯ୍ୟକ୍ରମ ଓ ଲାଇଫ୍ ଆଡ୍‌ଭାଇଜର ନିଯୁକ୍ତି ମାଧ୍ୟମରେ ଏଭଳି ଅପହଞ୍ଚ ବଜାରଗୁଡ଼ିକରେ ସୁରକ୍ଷା ପ୍ରବେଶୀକରଣକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ପୂର୍ବ ଭାରତରେ ପ୍ରାୟ ୧୯ଲକ୍ଷ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ମ୍ୟାକ୍ସ ଲାଇଫ୍ ବର୍ତ୍ତମାନ ପୂର୍ବ ଭାରତରେ ଚିୟର ୩ ଓ ୪ ବଜାରଗୁଡ଼ିକରୁ ଲୋକାଲ ଲାଇଫ୍ ଆଡ୍‌ଭାଇଜରଙ୍କୁ ନିଯୁକ୍ତି ଓ ତାଲିମ ପ୍ରଦାନ କରି ନିଜର ବିତରଣ ନେଟ୍‌ୱର୍କକୁ ବିସ୍ତାର କରିବା ପାଇଁ ଯୋଜନା ରଖିଛି। ଏହି ନିର୍ଦ୍ଦିଷ୍ଟ ପଦକ୍ଷେପ ସମୁଦାୟଗୁଡ଼ିକ ସହ ଯୋଡ଼ି ହେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି, ଯେଉଁମାନଙ୍କ ନିକଟରେ ବିସ୍ତୃତ ଜୀବନ ବୀମା ସେବାଗୁଡ଼ିକ ପାଇଁ ପାରମ୍ପରିକ ଭାବେ ସୀମିତ ପହଞ୍ଚ ରହିଛି। ଏହାଛଡା ମ୍ୟାକ୍ସ ଲାଇଫ୍ 'ଡିଜି ସାରଥୀ' ପ୍ରକଳ୍ପର ଅଂଶ ଭାବେ କମ୍ପାନୀ ଆରୋହଣ ଅଧୀନରେ ପୂର୍ବ ଭାରତର ୧୫ଟି ନୂଆ ଶାଖା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ୧୦୦% ଡିଜିଟାଲ ହେବ। ଏହି ପଦକ୍ଷେପ ସହଜ ଅନ୍-କଲ୍ ସପୋର୍ଟ, ତତ୍କାଳ ଭର୍ଚୁଆଲ ଆସିଷ୍ଟାନ୍ସ ସହ ପରାମର୍ଶଦାତା ଓ ଉନ୍ନତ ଡିଜିଟାଲ ସେବା ସହ କାର୍ଯ୍ୟାଳୟଗୁଡ଼ିକ ମାଧ୍ୟମରେ ଗ୍ରାହକଙ୍କୁ ଲାଭାନ୍ୱିତ କରିବ, ଯାହା ଏଭଳି ଶାଖାଗୁଡ଼ିକରେ ଏକ ଆଧୁନିକ ଶାଖା ଅନୁଭୂତିର ଶୁଭାରମ୍ଭ କରିବ।

ଏ ସମ୍ପର୍କରେ ମ୍ୟାକ୍ସ ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ ସୁମିତ ମଦନ କହିଛନ୍ତି, ମ୍ୟାକ୍ସ ଲାଇଫ୍‌ର ଆରୋହଣ ଅଭିଯାନ ଆଇଆର୍‌ଡିଏଆଇର 'ଇନ୍‌ସ୍ୟୁରାନ୍ସ ଫର୍ ଅଲ୍ ବାଏ ୨୦୪୭' ଲକ୍ଷ୍ୟ ସହ ଜଡିତ ରହିଛି, ଯାହା ତୃଣମୂଳସ୍ତରର ସମୁଦାୟଗୁଡ଼ିକୁ ସଶକ୍ତ କରୁଛି। ବିଶେଷ କରି ଏହା ଭାରତର ସୁଦୂର ଅଞ୍ଚଳଗୁଡ଼ିକରେ ବୀମା ଉପଲବ୍ଧ କରାଇବା ସହିତ ଉଦୀୟମାନ ବଜାରଗୁଡ଼ିକ ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏପରିକି କମ୍ ଅନ୍ୱେଷଣ ହୋଇଥିବା ଭୂ-ଭାଗଗୁଡ଼ିକରେ ସମ୍ପ୍ରସାରିତ ହୋଇ ଆରୋହଣ ଆମର ବିତରଣ ନେଟ୍‌ୱର୍କକୁ ବୃଦ୍ଧି ଏବଂ ବିଶ୍ୱାସ, ଉତ୍କର୍ଷ ଓ ଉଦ୍ଭାବନ ପ୍ରଦାନ କରିଛି। ଏହି ଅଭିଯାନ ମ୍ୟାକ୍ସ ଲାଇଫ୍‌ର ଦୂରଦୃଷ୍ଟିକୁ ସୂଚିତ ଏବଂ ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଉପଯୋଗ ହୋଇ ନ ଥିବା କ୍ଷମତାଗୁଡ଼ିକୁ ଚିହ୍ନଟ କରିଛି,ଯାହା ସମାବେଶୀ ଅଭିବୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶନ (ହାଇଲାଇଟ୍) କରିଛି। 'ସ୍ୱାସ୍ଥ୍ୟ ଓ ସୁସ୍ଥତା' ଉପରେ ଏକ ରଣନୈତିକ ଗୁରୁତ୍ୱ ସହିତ ମ୍ୟାକ୍ସ ଲାଇଫ୍ ଦୁଇଟି ପର୍ଯ୍ୟାୟରେ ୨୧ଟି ନୂତନ କାର୍ଯ୍ୟାଳୟ ସହ ପୂର୍ବ ଭାରତର ବିସ୍ତୃତ ଗ୍ରାହକ ସ୍ୱାସ୍ଥ୍ୟ ଶିବିରର ପରିଚାଳନା କରୁଛି।

ଲିପ୍ ସିରିଜ ଜରିଆରେ ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶ

ଭୁବନେଶ୍ୱର,୨୫।୮ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଓଡିଏମ୍ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପର ବହୁ ପ୍ରତୀକ୍ଷିତ 'ଲିପ୍' (ଲର୍ଣ୍ଣ-ଏନଗେଜ-ଆସ୍ପାୟାର-ପ୍ରସ୍ପର) ସିରିଜ ଗ୍ରୁପର ପଟିଆ ସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏପରିକି ଓଡିଏମ୍ ପବ୍ଲିକ୍ ସ୍କୁଲରେ ଆୟୋଜିତ ଲିପ୍ ସିରିଜ କାର୍ଯ୍ୟକ୍ରମରେ ଏନ୍‌ସିସି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ସାଗର କୁମାର ମହାନ୍ତି, କୃପାଜଳ ଇଞ୍ଜିନିୟରିଂ କଲେଜ (କେଇସି)ର ପ୍ରଫେସର ରାଜେଶ କୁମାର ବେହେରା, ଭୁବନେଶ୍ୱର ଏମ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡା. କିଶୋର କୁମାର ବେହେରା, ଆଇଏମ୍‌ଏମ୍‌ଟି ଅଧ୍ୟକ୍ଷ ବୈଜ୍ଞାନିକ ଉମାକାନ୍ତ ସୁବୁଦ୍ଧି ଏବଂ ଯୁବ ଉଦ୍ୟୋଗୀ ପ୍ରଫେସର ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମୂଲ୍ୟବାନ ଜ୍ଞାନ ଓ ଜୀବନ ଯାତ୍ରାର ଅନୁଭବ ଉପସ୍ଥାପନ କରିଥିଲେ।

ଏ ସମ୍ପର୍କରେ ଓଡିଏମ୍ ସମୂହର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ଲିପ୍ ସିରିଜ ଜରିଆରେ ଛାତ୍ରୀଛାତ୍ରଙ୍କର ସାମୂହିକ ବିକାଶ ହୋଇପାରିବ। ଏପରିକି ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ, ଶାରିରୀକ, ମାନସିକ, ଚାରିତ୍ରିକ ଓ ବୈଷୟିକ ବିକାଶରେ ମଧ୍ୟ ଏହା ବେଶ୍ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ପରିଶେଷରେ ବିଦ୍ୟାଳୟର ଅର୍ଥ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟଂ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର ଓ ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଓଡିଏମ୍ ଗ୍ଲୋବାଲ ସ୍କୁଲଠାରେ ମଧ୍ୟ ୫ଟି କର୍ମଶାଳାର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ଅଭିନେତା ତଥା ଚିତରଞ୍ଜନ ସେବା ସଦନର ସିଇଓ ପ୍ରଫେସର ସୌମ୍ୟ ରଞ୍ଜନ ମିଶ୍ର, କେଇସିର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ରାଜେଶ କୁମାର ବେହେରା, ବୈଜ୍ଞାନିକ ଡ. ସତ୍ୟ ତାପସଙ୍କ ସମେତ ପ୍ରଶିକ୍ଷକ କପିଳ ନାଗ ପାଳ ଓ ଅବସରପ୍ରାପ୍ତ ସେନା ଅଧିକାରୀ ବ୍ରିଗେଡିୟର କ୍ଷୀରୋଦ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାର ଶୁଭାରମ୍ଭରେ ଓଡିଏମ୍ ଶିକ୍ଷା ସମୂହର ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ନିଜ ଜୀବନୀ ସହିତ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଠିକ୍ ମାର୍ଗରେ ଯାଇ କିଭଳି ନିଜ ଜୀବନ ଲକ୍ଷ୍ୟ ହାସଲ କରିହେବ, ସେମାନେ ତାହା ବିସ୍ତୃତ ଭାବେ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ଅନିଲ ଏନ୍‌ଟିପିସିର ଏଚ୍‌ଆର୍ ଡାଇରେକ୍ଟର

କଣିହାଁ,୨୫।୮: (ସଚ୍ଚିଦାନନ୍ଦ ପ୍ରଧାନ)

ଅନିଲ କୁମାର ଜଦ୍‌ଲ

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି ଲିମିଟେଡ)ର ନୂତନ ମାନବ ସମ୍ବଳ ନିର୍ଦ୍ଦେଶକ ବା ଏଚ୍‌ଆର୍ ଡାଇରେକ୍ଟର ଭାବେ ଅନିଲ କୁମାର ଜଦ୍‌ଲି ନିକଟରେ ଯୋଗ (ଦାୟିତ୍ୱ ଗ୍ରହଣ) ଦେଇଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର କର୍ପୋରେଟ ଏଚ୍‌ଆର୍ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏପରିକି ସେ ୨୦୨୦ରୁ ଏହି ପଦବୀରେ ରହି କାର୍ଯ୍ୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ୧୮୯୩ରେ ଅନିଲ କୁମାର ଜଦ୍‌ଲି ଏନଟିପିସିର କାର୍ଯ୍ୟନର୍ବାହୀ ଟ୍ରେନିଂ ଭାବେ ଯୋଗ ଦେଇଥିଲେ। ଏପରିକି ସେ ନିଜର ଦକ୍ଷତା ଓ କଠିନ ପରିଶ୍ରମ ପାଇଁବେଶ୍ ପରିଚିତ ଥିଲାବେଳେ ଦୀର୍ଘ ୩୦ବର୍ଷର ଅଭିଜ୍ଞତାକୁ ଠିକ୍ ଭାବେ କାର୍ଯ୍ୟରେ ଲଗାଇଛନ୍ତି। ସେହିଭଳି ୨୦୦୪ରୁ ସେ କମ୍ପାନୀର ମାନବ ସମ୍ବଳ ବିଭାଗରେ କାର୍ଯ୍ୟ କରିଆସୁଥିଲେ। ଏପରିକି କମ୍ପାନୀର ବିଭିନ୍ନ ପ୍ରକଳ୍ପରେ ମିନେରାଲ୍ ଡିଭିଜନ ଦ୍ୱାରା ପରିଚାଳିତ ଖଣି ଓ ଫେରୋ ଆଲଏଜ୍ କାରଖାନାକୁ ମିଳିଥିବା ସଫଳତା ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ଓ ନିଜ ପରିଚାଳନା କ୍ଷେତ୍ରରେ ସୁରକ୍ଷାର ସର୍ବୋଚ୍ଚ ମାନକ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି।

ସେ ସମ୍ପର୍କରେ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଏହି ପୁରସ୍କାର ଏକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ପାଇଁ ଆମ ଟିମ୍‌କୁ ଅନୁପ୍ରାଣିତ କରିବ। ସେହିଭଳି କମ୍ପାନୀର ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ବ୍ୟବସ୍ଥା ସହ ଡିଜିଟାଲ୍ ମାଧ୍ୟମର ସୁରକ୍ଷାରେ ଏହା ଉନ୍ନତି ଆଣିବା ସହିତ ଦୀର୍ଘସ୍ଥାୟୀ ଅଭ୍ୟାସକୁ ସୁଦୃଢ଼ କରିଥିବାବେଳେ ଆମ କାର୍ଯ୍ୟକ୍ଷେତ୍ରଗୁଡ଼ିକର ପରିଚାଳନା ଉତ୍କର୍ଷକୁ ମଧ୍ୟ ଆଗକୁ ବଢ଼ାଉଛି।

ଏହି ସିମ୍ପୋଜିୟମ୍‌ର ବିଷୟବସ୍ତୁ ଥିଲା 'ଇଏଚଏସ ଉତ୍କର୍ଷତା ପାଇଁ ଡିଜିଟାଲ ମାଧ୍ୟମର ବ୍ୟବହାର।

ଫ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଆନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭାରତର ୮୪ ପ୍ରତିଯୋଗୀ, ୯୫ ଅଫିସିଆଲ

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ହେବାକୁଥିବା ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତରୁ ୮୪ ଆଥ୍‌ଲେଟ ୧୨ଟି ଖେଳରେ ଭାଗନେବେ। ସେମାନଙ୍କ ସହିତ ୯୫ ଅଫିସିଆଲ ଗସ୍ତ କରୁଛନ୍ତି। ସେମାନଙ୍କ ମଧ୍ୟରେ ତାଙ୍କ ବ୍ୟକ୍ତିଗତ କୋଚ୍ ଏବଂ ଏସ୍କର୍ଟ ରହିଛନ୍ତି, ଯେଉଁମାନେ ସେମାନଙ୍କ ବିଶେଷ ଆବଶ୍ୟକତାର ଯତ୍ନ ନେବେ। ଭାରତର ମୋଟ ପ୍ରତିନିଧି ଦଳ ସଂଖ୍ୟା ୧୭୯ ରହିଛି। ପ୍ୟାରିସ୍ ଅଲିମ୍ପିକ୍ସକୁ ଏହାର ସର୍ବବୃହତ୍ ଦଳ ପଠାଉଛି। ପୂର୍ବରୁ ୨୦୨୧ ଟୋକିଓ ପାରାଲିମ୍ପିକ୍ସରେ ଭାରତର ୫୪ ଆଥ୍‌ଲେଟ ୯ଟି କ୍ରୀଡ଼ାରେ ଭାଗ ନେଇଥିଲେ। କେତେଜଣ ପାରା ଆଥ୍‌ଲେଟ୍ଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଦଳରେ ବ୍ୟକ୍ତିଗତ କୋଚ୍ ସାମିଲ କରାଯାଇଛି। ତେବେ ସେମାନେ ଚିଫ୍ ଡି' ମିଶନ/ଟିମ୍ ମୁଖ୍ୟ କୋଚ୍‌ଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ଖେଳାଳିମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ କହିଛି। ଯେଉଁ

ପ୍ୟାରିସ ଯାତ୍ରା ଅବସରରେ ଭାରତୀୟ ଆଥଲେଟ୍ ଓ ଅଫିସିଆଲ।

ପ୍ୟାରିସ୍ ପାରାଲିମ୍ପିକ୍ସ

ଆଥ୍‌ଲେଟମାନଙ୍କୁ ବ୍ୟକ୍ତିଗତ କୋଚ୍ ଯୋଗାଇ ଦିଆଯାଇଛି ସେମାନଙ୍କ ମଧ୍ୟରେ ଜାଭେଲିନ୍ ଥ୍ରୋୟର ସୁମିତ ଅଣ୍ଟିଲ ଓ ଶୁଟର ଆଭାନୀ ଲେଖରା ରହିଛନ୍ତି। ଉଭୟେ ସେମାନଙ୍କ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିପାରିବେ। ଏଥର ୩୮ ପାରା-ଆଥ୍‌ଲେଟଙ୍କୁ ବ୍ୟକ୍ତିଗତ କୋଚ୍ ଓ ଏସ୍କର୍ଟ ଯୋଗାଇ ଦିଆଯାଇଛି। ଚିଫ୍ ଡି' ମିଶନ ଓ ପାରା ବ୍ୟାଡ୍‌ମିଣ୍ଟନ ଟିମ୍ ମ୍ୟାନେଜରଙ୍କୁ ଛାଡ଼ିଦେଲେ ପ୍ରତିନିଧି ଦଳର ସମସ୍ତ ସଦସ୍ୟଙ୍କୁ ଦୈନିକ ୫୦ ଡଲାର ପକେଟ ଖର୍ଚ୍ଚ ମିଳିବ। କେତେଜଣ ଅଫିସିଆଲ ଗେମ୍ସ ଭିଲେଜ ବାହାରେ ରହିବେ। ରବିବାର ଏକ ବୃହତ୍ ଦଳ ସହିତ ପ୍ୟାରିସ୍ ଯାତ୍ରା କରିଥିବା ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝାଝାରିଆ ଏବଂ ସତ୍ୟ ପ୍ରକାଶ ସାଙ୍ଗୱାନ କହିଛନ୍ତି, ସେମାନେ ଗେମ୍ସ ଭିଲେଜ ବାହାରେ ଅବସ୍ଥାନ କରିବେ। କେତୋଟି ପ୍ରତିଯୋଗିତା ପ୍ୟାରିସ୍ ବାହାରେ ଅନୁଷ୍ଠିତ ହେଉଛି। ଝାଝାରିଆ କହିଛନ୍ତି, ଭାରତ ୧୦ରୁ ଅଧିକ ସ୍ୱର୍ଣ୍ଣ ସମେତ ୨୫ରୁ ଊର୍ଦ୍ଧ୍ୱ ପଦକ ଆଶା କରୁଛି। ୨୦୨୧ ଟୋକିଓ ପାରାଲିମ୍ପିକ୍ସରେ ଭାରତ ୧୯ ପଦକ (୫ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ) ପାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆର୍ଯ୍ୟନ ସମ୍ବର୍ଦ୍ଧିତ

ଆର୍ଯ୍ୟନ ବ୍ରାହ୍ମିନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ପ୍ରଣୟ ପାଣିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ଏହି ଖେଳର ବିକାଶ ପାଇଁ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଓଡ଼ିଶାରେ ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ପ୍ରତିଶ୍ରୁତି

ହ୍ୟାଣ୍ଡବଲ ଖେଳର ବିକାଶ ପାଇଁ ଆଲୋଚନା

ଦେଇଛନ୍ତି। ଆଲୋଚନା ଅବସରରେ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଉପ ସଭାପତି ସୁରେଶ ଚନ୍ଦ୍ର ପାଢ଼ୀ, ରୀତିକ ଅଧିକାରୀ, ଯୁଗ୍ମ ସମ୍ପାଦକ ସୁଶାନ୍ତ ମହାରଣା, ଗୀତାଞ୍ଜଳି ଦାଶ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମିଶ୍ର, ରଞ୍ଜିତ ମହାନ୍ତି, ଭବାନୀ ଶଙ୍କର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ନୋରିସ ଜିତିଲେ ଡଚ୍ ଗ୍ରାଁ ପ୍ରି

ଜାଣ୍ଡଭୁର୍ଟ, ୨୫।୮

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନଙ୍କୁ ପଛରେ ପକାଇ ମ୍ୟାକଲରେନର ଲାଣ୍ଡୋ ନୋରିସ ଏଠାରେ ରବିବାର ଅନୁଷ୍ଠିତ ଡଚ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଶନିବାର ପୋଲ୍ ପୋଜିଶନ ହାସଲ କରିଥିବା ନୋରିସ ଆରମ୍ଭରେ ପଛରେ ପଡ଼ିଯାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଡଚ୍ ଡ୍ରାଇଭରଙ୍କୁ ୨୦ ସେକେଣ୍ଡ ପଛରେ ପକାଇ ରେସ ଜିତି ନେଇଥିଲେ। ଏଥିସହିତ ସେ ଦ୍ରୁତତମ ଲାପ୍ ବୋନସ ପଏଣ୍ଟ ଲାଭ କରିଛନ୍ତି। ୨୦୨୪ରେ ନୋରିସଙ୍କର ଏହା ଦ୍ୱିତୀୟ ରେସ୍ ବିଜୟ ଏବଂ ୯ମ ପୋଡିୟମ ଫିନିଶ। ସେହିପରି ସିଜନରେ ଭର୍ଷ୍ଟାପେନ୍‌ଙ୍କ ପାଇଁ ୭ମ ରେସ୍ ବିଜୟ ସହ ଏହା ହେଉଛି ୧୦ମ ପୋଡିୟମ ଫିନିଶ। ଓଭରଅଲ ଭର୍ଷ୍ଟାପେନ୍‌ଙ୍କର ଏହା ୧୦୮ତମ ପୋଡିୟମ ଫିନିଶ ହୋଇଥିବା ବେଳେ ୨୦୨୨ ପରେ ଏହା ହେଉଛି ତାଙ୍କର ୪୮ତମ ପୋଡିୟମ ଫିନିଶ। ରବିବାର ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ରେକ। ରେସ୍‌ରେ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଚାର୍ଲ୍ସ ସେଞ୍ଜ ଜୁନିୟର (ଫେରାରି), ସର୍ଗିଓ ପେରେଜ (ରେଡ୍‌ବୁଲ), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ମର୍ସିଡିଜ୍), ପିଏରେ ଗାସ୍‌ଲି (ଅଲପାଇନ୍), ଫନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ)।

ପାକିସ୍ତାନକୁ ହରାଇଲା ବାଂଲାଦେଶ

ମ୍ୟାଚ ଜିତିବାପରେ ଉଲ୍ଲସିତ ବାଂଲାଦେଶ ଖେଳାଳି।

ରାଓ୍ୱଲପିଣ୍ଡି, ୨୫।୮ (ଏପି)

ପ୍ରଥମ କ୍ରିକେଟ ଟେଷ୍ଟ

ରବିବାର ଅନ୍ତିମ ଦିବସ ଖେଳରେ ପାକିସ୍ତାନର ଦ୍ୱିତୀୟ ଇନିଂସକୁ ୧୪୬ରନରେ ସୀମିତ କରିଦେବା ଦ୍ୱାରା ବାଂଲାଦେଶ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନକୁ ୧୦ ଉଇକେଟରେ ପରାସ୍ତ କରି ଏକ ଐତିହାସିକ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷରେ ଖେଳିଥିବା ୧୪ଟି ଟେଷ୍ଟ ମ୍ୟାଚରେ ବାଂଲାଦେଶର ଏହା ହେଉଛି ପ୍ରଥମ ବିଜୟ। ଟପ୍ ଅର୍ଡରରେ ପେସ୍ ବୋଲରଙ୍କ ସଫଳତା ପରେ ଅଫ୍ ସ୍ପିନର ହସନ ମିରାଜ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସରକାର ସମୟରେ ଏମ୍‌ପି ଥିବା ହାମହାତୀ ସ୍ପିନର ଶକିବ ଅଲ ହସନ ମିଳିତ ଭାବେ ୭ଉଇକେଟ ଦଖଲ କରି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସରେ ବିନା କୌଣସି ଉଇକେଟରେ ୩୦ରନ କରି ମ୍ୟାଚ ଜିତିନେଇଥିଲା। ଜାକିର ହସନ ୧୫ ଓ ଶାଦମନ ଇସ୍‌ଲାମ ୯ ରନ କରି ଅପରାଜିତ ରହିଥିଲେ। ଜାନୁଆରୀ ୨୦୨୨ରେ ମାଉଣ୍ଟ ମଙ୍ଗାନୁଇରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ବିଜୟ ପରେ ବିଦେଶରେ ଦଳର ଏହା ୭ମ ସଫଳତା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୪୪୮/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ବାଂଲାଦେଶ ୫୬୫ ରନ କରିଥିଲା। ପ୍ରଥମ ଇନିଂସରେ ୧୧୭ ରନରେ ପଛୁଆ ଥିବା ପାକିସ୍ତାନ ଶନିବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ଏକ ଉଇକେଟ ବିନିମୟରେ ୨୩ ରନ କରିଥିଲା। ରବିବାର ୫ମ ତଥା ଅନ୍ତିମ ଦିବସରେ ବାଂଲାଦେଶର ପେସ୍ ଓ ସ୍ପିନ ବାହିନୀ ବୋଲିଂ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ଦଳ ମାତ୍ର ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ପ୍ରଥମ ଇନିଂସରେ କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୧୭୧ ରନ କରିଥିବା ମହମ୍ମଦ ରିଜୱାନ ପୁଣି ଟପ୍ ସ୍କୋରର ରହିଥିଲେ। ସେ ୫୧ ରନ କରିଥିବା ବେଳେ ଅନ୍ୟ ବ୍ୟାଟରମାନେ ବାଜେ ଶଟ୍ ଖେଳି ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ବାଂଲାଦେଶ ପ୍ରଥମ ଇନିଂସରେ ୧୯୧ ରନ କରିଥିବା ମୁଶଫିକର ରହିମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ: ୪୪୮/୬, ଘୋଷଣା। ବାଂଲାଦେଶ ପ୍ରଥମ ଇନିଂସ : ୫୬୫। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୪୬ (ମହମ୍ମଦ ରିଜୱାନ-୫୧; ମେହିଦି ହସନ ମିରାଜ-୪/୨୧, ଶକିବ ଅଲ୍ ହସନ-୩/୪୪)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୩୦/୦ (ଜାକିର ହସନ-୧୫, ଶଦମାନ ଇସ୍‌ଲାମ-୯)।

ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍: ଆଦିତ୍ୟ ପ୍ରଧାନ ଚାମ୍ପିୟନ

ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଏଠାରେ ଅନୁଷ୍ଠିତ ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍‌ରେ କେଭି-୧ର ଆଦିତ୍ୟ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ସନ୍ନିଧି ଦାସ, ଉଦୟକାନ୍ତ ନାୟକ, ଭାର୍ଗବ ପ୍ରିୟଦର୍ଶନ ୪ ପଏଣ୍ଟ ଲେଖାଏ ଏବଂ ସାତ୍ତ୍ୱିକ ତ୍ରିପାଠୀ ୩.୫ ପଏଣ୍ଟ ପାଇ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏକ୍ ଗ୍ରୁପ୍ ଏବଂ ୫ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।

ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, କର୍ମଶାଳା ଆୟୋଜନ ନିଷ୍ପତ୍ତି

ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ବୈଠକ

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, କୁଇଜ୍ ଏବଂ ଫୁଟ୍‌ବଲ କର୍ମଶାଳା ଆଦି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଓ କ୍ରୀଡ଼ା ସଙ୍ଗଠକ ଦିଲୀପ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଆଗତ କରିଥିବା ବାର୍ଷିକ ଖର୍ଚ୍ଚ ଅଟକଳ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ଉପ-ସଭାପତି ପ୍ରଦୀପ କୁମାର ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତ 'ଏ'କୁ ହରାଇଲା ଅଷ୍ଟ୍ରେଲିଆ 'ଏ'

ଗୋଲ୍ଡକୋଷ୍ଟ, ୨୫।୮ (ପି.ଟି.)

ଟେସ୍ ଫ୍ଲିଣ୍ଟଫ (୩/୩୯) ଓ ଚାର୍ଲି ନଟ୍ (୩/୩୪)ଙ୍କ ଚମତ୍କାର ବୋଲିଂ ସହାୟତାରେ ଅଷ୍ଟ୍ରେଲିଆ 'ଏ' ଏଠାରେ ରବିବାର ଶେଷ ହୋଇଥିବା ଏକମାତ୍ର ମହିଳା ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ 'ଏ'କୁ ୪୫ରନରେ ପରାସ୍ତ କରିଛି। ଏହି ୪ଦିନିଆ ମୁକାବିଲାରେ ୨୮୯ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ଭାରତ 'ଏ' ୨୪୩ ରନରେ ଅଲଆଉଟ ହୋଇଯାଇଥିଲା। ପୂର୍ବଦିନର ଅସମାପ୍ତ ସ୍କୋର୧୪୯/୬ରେ ଦଳ ଆଉ ମାତ୍ର ୯୪ ରନ ଯୋଗକରିବାରେ ସମର୍ଥ ହୋଇଥିଲା। ଶନିବାର ଅପରାଜିତ ରହିଥିବା ରାଘବୀ ବିସ୍ତ (୨୬) ଓ ଉମା ଚେତ୍ରୀ (୪୭) ସତର୍କତାର ସହ ଖେଳି ମହତ୍ତ୍ୱପୂର୍ଣ୍ଣ ୬୧ରନ ଯୋଗ କରିଥିଲେ। ଫ୍ଲିଣ୍ଟଫଙ୍କ ବୋଲିଂରେ ଚେତ୍ରୀ ଆଉଟ ହେବାପରେ ଭାରତ 'ଏ' ପରାଜୟ ସ୍ପଷ୍ଟ ହୋଇଯାଇଥିଲା।

Classified Everyday
0674-2580101, 2549949



REAL ESTATE

SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1133

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838. D-75988

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512. D-1134

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

38000sqft. Open Space Available for Rent at Backside of Audi Workshop near Pahala. Contact- 7008398175. D-1129

Newly open health benefits SPA by expert therapist. Contact- 6371861658. D-76146

AFFIDAVIT

I Sudarshan Biswal, S/o-Guru Biswal wrongly named in my Service Book and other documents as Ramesh Chandra Swain, S/o- P.Ch.Swain, known everywhere as Sudarshan Biswal, S/o-Guru Biswal, resident Address-At-TANRA, P.O.-Tulang, Dist.-Jagatsinghpur, Odisha, PIN-754138 declare by this affidavit (Before the Ld. Metropolitan Magistrate (1st class) No.- 3797, Date-19.05.2022,That Now onwards I shall be known as Sudarshan Biswal for all future purpsoes. D-1131

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା

ଆରାଧ୍ୟା (ଆନ୍‌ଭି)
ବାଲିଅନ୍ତା, ଭୁବନେଶ୍ୱର
ତା ୨୬ ଅଗଷ୍ଟ, ୨୦୨୪
ଶୁଭେଚ୍ଛା ସହ- କେକେ: ଅଭିମନ୍ୟୁ ସାହୁ, କେକେମା: ସ୍ୱର୍ଣ୍ଣଲତା, ବାପା: ଅଶ୍ୱିନୀ, ମାଆ: ପ୍ରୀତିଦର୍ଶନୀ, ବାଦା: ଇଲୁ, ଟିଲୁ, ଖୁଡ଼ୀ: ନମିତା

ଧ-୬୧୨୩୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ମନୋଦଶା ନିୟନ୍ତ୍ରକ ରସାୟନ

ଡ. ଦେବାଶିଷ ମହାନ୍ତି

''ହରମୋନ ଆମ ଶରୀରରେ ବିଭିନ୍ନ ଗ୍ରନ୍ଥି ଦ୍ୱାରା ପ୍ରସ୍ରୁତ ରସାୟନ ଓ ଏମାନେ ରକ୍ତ କଣିକା ମଧ୍ୟରେ ବାର୍ତ୍ତାବାହକ ଭାବରେ ପ୍ରବାହିତ ହୁଅନ୍ତି ଏବଂ ଆମ ଶରୀରର ବିଭିନ୍ନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଆମ ମନରେ ଆନନ୍ଦ ସୃଷ୍ଟି ବା ମନର ସୃଷ୍ଟି ମସ୍ତିଷ୍କର ଚାରୋଟି ରସାୟନ ଦ୍ୱାରା ନିୟନ୍ତ୍ରିତ। ସେହି ରାସାୟନିକଗୁଡ଼ିକ ହେଲେ ଡୋପାମିନ୍, ସେରୋଟନିନ, ଅକ୍ସିଟୋସିନ ଓ ଏଣ୍ଡୋର୍ଫିନ୍ସ। ଏହି ରସାୟନଗୁଡ଼ିକ ଆମ ଶରୀରରେ ସୃଷ୍ଟି ଏକାଧିକ ଜୀବରସ ବା ହରମୋନ ମଧ୍ୟରୁ ଅନ୍ୟତମ।''



ଦିନେ ଅପରାହ୍ନରେ ମୁଁ ମୋ ଅଫିସରେ ବସିଥିବା ବେଳେ ମୋର ଜଣେ ଘନିଷ୍ଠ ବନ୍ଧୁ ବିଷାଦଗ୍ରସ୍ତ ଅବସ୍ଥାରେ ମୋ କୋଠରିକୁ ଆସିଲେ। କିଛି ପାରିବାରିକ ସମସ୍ୟା ତାଙ୍କ ଅବସାଦର କାରଣ ବୋଲି ଜାଣିଲି। ତାଙ୍କରି ଦକ୍ଷିଣ ହସ୍ତର ପାପୁଲିକୁ ମୋ ଦୁଇ ପାପୁଲି ମଧ୍ୟରେ ରଖି ତାଙ୍କୁ ସାନ୍ତ୍ୱନା ଦେଲି। ତାଙ୍କୁ ଆଲିଙ୍ଗନ କରି ଏହିପରି ପାରିବାରିକ ସମସ୍ୟା ସମସ୍ତଙ୍କ ଘରେ ଥାଏ ଓ ଏଥିରେ ବିବ୍ରତ ନ ହୋଇ ଏହାର ସମାଧାନର ବାଟ କାଢ଼ିବା ପାଇଁ ଉପଦେଶ ଦେଲି। ମୋର ଆଶ୍ୱାସନା ପରେ ହଠାତ୍ ତାଙ୍କ ମନୋଦଶାରେ ପରିବର୍ତ୍ତନ ଘଟିଲା ଓ ତାଙ୍କ ବିଷାଦ ମୁଖମଣ୍ଡଳରେ ସ୍ମିତହାସ୍ୟ ପ୍ରସ୍ଫୁଟିତ ହେଲା। ଏପରି ତାଙ୍କ ମନୋଦଶାର ଆକସ୍ମିକ ପରିବର୍ତ୍ତନ ଦେଖି ସେ କୌତୂହଳରେ କହିଲେ, ଏହା ରସାୟନ ବିଜ୍ଞାନ ପ୍ରଫେସରଙ୍କ ଯାଦୁର କରାମତି। ମୁଁ ଟିକେ ସ୍ମିତହାସ୍ୟ ଦେଇ କହିଲି, ନା ଏହା ରସାୟନ ବିଜ୍ଞାନୀର ନୁହେଁ, ଆମ ଶରୀରରେ ଥିବା ଆନନ୍ଦ ସୃଷ୍ଟିକାରୀ ରସାୟନର କରାମତି। ସେ ଏକ କୌତୂହଳୀ ନୟନରେ ମୋ ଆଡ଼କୁ ଅନାଇଲେ। ତାଙ୍କ ଜିଜ୍ଞାସାକୁ ତୃପ୍ତ କରିବାକୁ ଯାଇ ମୁଁ ଏହି ଶରୀରରେ ଥିବା ଆନନ୍ଦ ସୃଷ୍ଟି ରସାୟନ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଆରମ୍ଭ କଲି। ଆମ ଶରୀର ଏକ ରାସାୟନିକ ଛାଞ୍ଚ। ଆମ ଶରୀରର ପ୍ରତ୍ୟେକ ଗତିବିଧି ବିଭିନ୍ନ ରସାୟନ ଓ ରାସାୟନିକ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ। ହରମୋନ ଆମ ଶରୀରରେ ବିଭିନ୍ନ ଗ୍ରନ୍ଥି ଦ୍ୱାରା ପ୍ରସ୍ରୁତ ରସାୟନ ଓ ଏମାନେ ରକ୍ତକଣିକା ମଧ୍ୟରେ ବାର୍ତ୍ତାବାହକ ଭାବରେ ପ୍ରବାହିତ ହୁଅନ୍ତି ଏବଂ ଆମ ଶରୀରର ବିଭିନ୍ନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଆମ ମନରେ ଆନନ୍ଦ ସୃଷ୍ଟି ବା ମନର ସୃଷ୍ଟି ମସ୍ତିଷ୍କର ଚାରୋଟି ରସାୟନ ଦ୍ୱାରା ନିୟନ୍ତ୍ରିତ। ସେହି ରାସାୟନିକଗୁଡ଼ିକ ହେଲେ ଡୋପାମିନ୍, ସେରୋଟନିନ, ଅକ୍ସିଟୋସିନ ଓ ଏଣ୍ଡୋର୍ଫିନ୍ସ। ଏହି ରସାୟନଗୁଡ଼ିକ ଆମ ଶରୀରରେ ସୃଷ୍ଟି ଏକାଧିକ ଜୀବରସ ବା ହରମୋନ ମଧ୍ୟରୁ ଅନ୍ୟତମ। ଏହି ଆନନ୍ଦ ସୃଷ୍ଟିକାରୀ ରସାୟନ ଆମ ମନରେ ସନ୍ତୋଷ, ତୃପ୍ତି, ଆନନ୍ଦ ତଥା ସାମଗ୍ରିକ ଭାବରେ ମନର ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ଡୋପାମିନକୁ ଉତ୍ତମ ଅନୁଭବ ହରମୋନ ବୋଲି ମଧ୍ୟ କୁହାଯାଏ। ନୀରଜ ଚୋପ୍ରାଙ୍କ ମନରେ ଅଲିମ୍ପିକ୍ସ ପଦକ ଗ୍ରହଣ ସମୟରେ ସୃଷ୍ଟି ହେଉଥିବା ଉଲ୍ଲାସ କିମ୍ବା ମୋର ପ୍ରବନ୍ଧ ପାଠକମାନଙ୍କ ଦ୍ୱାରା ଆଦୃତ ହେବାରୁ ମୋତେ ମିଳୁଥିବା ଆତ୍ମସନ୍ତୋଷ ବା ଆଣ୍ଠାମାନ ବେଳାଭୂମିରେ ପତ୍ନୀଙ୍କ ସହ ବୁଲିଲା ବେଳେ ମିଳୁଥିବା ମାନସିକ ତୃପ୍ତି, ଏହି ଡୋପାମିନର ନିର୍ଗମନ ଯୋଗୁ ସମ୍ଭବ। ଲକ୍ଷ୍ୟ ହାସଲ କରିବା ସମୟରେ ବା କୌଣସି ଆନନ୍ଦପ୍ରଦ ଅନୁଭୂତି ସାଉଁଟିବା ସମୟରେ ଏହି ହରମୋନ ନିର୍ଗତ ହୁଏ।

ସେରୋଟନିନ ଏକ ସ୍ନାୟୁ ହରମୋନ, ଯାହା ମନୋଦଶା ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ନିଦ୍ରା, କ୍ଷୁଧା, ହଜମ ପ୍ରକ୍ରିୟା, ସ୍ମରଣ ଶକ୍ତି ବୃଦ୍ଧି ତଥା ଅଧ୍ୟୟନ ଦକ୍ଷତା ଆଦିକୁ ନିୟନ୍ତ୍ରଣ କରେ। ରାତ୍ରିରେ ପୂରା ୮ ଘଣ୍ଟା ନିଘୋଡ଼ ନିଦରେ ଶୋଇ ସକାଳୁ ଉଠିବା ଅକ୍ସିଟୋସିନ୍ ପ୍ରୀତି ରସାୟନ ବା ପ୍ରେମ ହରମୋନ ନାମରେ ମଧ୍ୟ ଜଣାଶୁଣା। ଏହା ମନରେ ଭଲ ପାଇବା, ସମ୍ବେଦନା, ଆକର୍ଷଣ ଓ ବାହଲ୍ୟ ମମତା ସୃଷ୍ଟି କରେ। ପ୍ରେମିକର ନେତ୍ର ପ୍ରେମିକା ନେତ୍ର ସହିତ ମିଶିଗଲା ବେଳେ କିମ୍ବା ମା' ତା'ର ନବଜାତ ଶିଶୁକୁ ସ୍ତନ୍ୟପାନ କରାଇଲା ବେଳେ ମସ୍ତିଷ୍କରୁ ଅତ୍ୟଧିକ ଅକ୍ସିଟୋସିନ ନିର୍ଗମନ ଯୋଗୁ ମନ ଆହ୍ଲାଦିତ ହୋଇଉଠେ। ପିଲାଜନ୍ମ, ସ୍ତନ୍ୟପାନ ଓ ସନ୍ତାନ ସନ୍ତତିଙ୍କ ପାଇଁ ମାତାପିତାଙ୍କ ବାତ୍ସଲ୍ୟ ମମତା ସୃଷ୍ଟିରେ ଅକ୍ସିଟୋସିନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣ୍ଡୋର୍ଫିନ୍ସ ଆମ ଶରୀରର ପ୍ରାକୃତିକ ଯନ୍ତ୍ରଣା ଉପଶମକାରୀ। ଆମ ଶରୀର ଯେତେବେଳେ ଚାପ କିମ୍ବା ମାନସିକ ଉତ୍ତେଜନାର ବଶବର୍ତ୍ତୀ ହୁଏ, ତା'ର ପ୍ରତିକ୍ରିୟାରେ ଆମ ଶରୀର ସେଥିରୁ ମୁକ୍ତି ପାଇବା ପାଇଁ ଏହି ରସାୟନକୁ ନିର୍ଗତ କରେ, ଯାହା ଆମ ଶରୀରରେ ଉଲ୍ଲାସବୋଧ ସୃଷ୍ଟି କରେ।

ବିଷାଦ ଓ ମାନସିକ ଉତ୍ତେଜନା ଅନେକ ରୋଗର କାରଣ। ଚାପମୁକ୍ତ ତଥା ଆନନ୍ଦମୟ ଜୀବନଯାପନ ପାଇଁ ଉପରୋକ୍ତ ୪ଟି ରସାୟନ ବା ହରମୋନର ପ୍ରଚୁର ନିର୍ଗମନ ଅତି ଆବଶ୍ୟକ। ତେଣୁ ଏହି ରସାୟନମାନେ ମନୁଷ୍ୟକୁ ସୁସ୍ଥ, ନିରୋଗୀ ତଥା ଦୀର୍ଘାୟୁ କରିଥାନ୍ତି। ଆସନ୍ତେମାନେ ଏହି ଆନନ୍ଦ ବର୍ଦ୍ଧକ ହରମୋନମାନଙ୍କ ପ୍ରାକୃତିକ କ୍ଷରଣ କେତେକ ସରଳ ଉପାୟରେ ବୃଦ୍ଧି କରି ପାରିବା।

ଡୋପାମିନ ବା ଆତ୍ମତୃପ୍ତି ରସାୟନ ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ସଫଳତାର ସହିତ ସମାପ୍ତ କରିବା, ନିଜ ଲକ୍ଷ୍ୟ ହାସଲ କରିବା, ନିଜକୁ ଭଲ ପାଇବା ଓ ନିଜର ଯତ୍ନ ନେବା ତଥା ନିଜର ମନ ପସନ୍ଦର ଖାଦ୍ୟ ଖାଇବା ଯୋଗୁ ନିର୍ଗତ ହୁଏ। ସେରୋଟନିନ ବା ମନୋଦଶା ନିୟନ୍ତ୍ରକ ରସାୟନର କ୍ଷରଣ ପ୍ରାତଃ ସୂର୍ଯ୍ୟକିରଣରେ ଭ୍ରମଣ, ଧ୍ୟାନ, ପ୍ରକୃତି ସହିତ କିଛି ସମୟ ଅତିବାହିତ କରିବା ଦ୍ୱାରା ବୃଦ୍ଧିପାଏ। ଅକ୍ସିଟୋସିନ ବା ପ୍ରୀତି ରସାୟନ ଆଲିଙ୍ଗନ ଓ ଚୁମ୍ବନ ପରି ଶାରୀରିକ ସ୍ପର୍ଶ, ଶାରୀରିକ ନିବିଡ଼ତା ପ୍ରିୟଜନ ବା ସାଙ୍ଗସାଥୀଙ୍କ ସହିତ ଗୁଣାତ୍ମକ ସମୟ ବିତାଇବା, ଅନ୍ୟକୁ ନିଃସ୍ୱାର୍ଥପର ଭାବରେ ସାହାଯ୍ୟ କରିବା, ଗୃହପାଳିତ ପଶୁପକ୍ଷୀ ରଖିବା ଓ ସାମାଜିକ ହେବା ଦ୍ୱାରା ପ୍ରଚୁର ନିର୍ଗତ ହୁଏ। ଏଣ୍ଡୋର୍ଫିନ୍ସ ବା ଯନ୍ତ୍ରଣା ମୁକ୍ତକାରୀ ହର୍ମୋନ ସାଙ୍ଗମାନଙ୍କ ସହିତ ହସିବା, ସଙ୍ଗୀତ ଶୁଣିବା, ଚଳଚ୍ଚିତ୍ର ଦେଖିବା ଓ ବ୍ୟାୟାମ କରିବା ଦ୍ୱାରା ସୃଷ୍ଟିହୁଏ।

ଆଜିର ଏହି ବ୍ୟସ୍ତ, ବିଷାଦପୂର୍ଣ୍ଣ ତଥା ଚାପଗ୍ରସ୍ତ ସମାଜରେ ସୁସ୍ଥ, ନିରୋଗୀ ତଥା ଦୀର୍ଘାୟୁ ହେବା ପାଇଁ ଏହି ସୁଖ ପ୍ରଦାନକାରୀ ରସାୟନର ନିର୍ଗମନ ଅତ୍ୟନ୍ତ ଆବଶ୍ୟକ। ସେଥିପାଇଁ କର୍ମମୟ ଜୀବନରୁ କିଛି ସମୟ ନିଜ ପାଇଁ ବାହାର କରୁଛନ୍ତି। ପ୍ରାତଃ ଭ୍ରମଣ, ଧ୍ୟାନ, ବ୍ୟାୟାମ କରୁଛନ୍ତି, ପ୍ରକୃତି ସହିତ କିଛି ସମୟ ଅତିବାହିତ କରୁଛନ୍ତି, ସାଙ୍ଗସାଥୀମାନଙ୍କ ସହିତ ଖୁସି ମଜା କରୁଛନ୍ତି, ନିଜ ପତ୍ନୀ ବା ପତି, ପ୍ରେମିକ ବା ପ୍ରେମିକା, ପିତା ମାତା ଓ ସନ୍ତାନ ସନ୍ତତିଙ୍କ ସହିତ ସମୟ ବିତାଉଛନ୍ତି, ଏକାନ୍ତରେ ସଙ୍ଗୀତ ଶୁଣୁଛନ୍ତି, ନାଚ କରୁଛନ୍ତି, ମନ ପସନ୍ଦର ଖାଦ୍ୟ ଖାଉଛନ୍ତି ଓ ମନକୁ ପ୍ରଫୁଲ୍ଲ ରଖୁଛନ୍ତି। ଏହି ପ୍ରବନ୍ଧରୁ ଆମେ ଏତିକି ଶିକ୍ଷା ଲାଭ କରିପାରିବା ଯେ, ଏହି ରସାୟନମାନଙ୍କ ପ୍ରକୃତିକୁ ଭଲ ଭାବରେ ବୁଝି ଏମାନଙ୍କ କ୍ଷରଣକୁ ବୃଦ୍ଧି କରିପାରିଲେ, ଆମେ ଅଧିକ ପରିପୂର୍ଣ୍ଣ ଓ ସୁଖମୟ ଜୀବନଯାପନ କରିପାରିବା।

–ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ବିଳମ୍ବରେ ଉଠିବା ଓ ମସ୍ତିଷ୍କ କାର୍ଯ୍ୟଧାରା

କେତେକ ବ୍ୟକ୍ତିଙ୍କର ଏକ ଅଭ୍ୟାସ ରହିଛି। ସେମାନେ ପ୍ରାୟ ବିଳମ୍ବରେ ଶୁଅନ୍ତି ଏବଂ ବିଳମ୍ବରେ ଉଠନ୍ତି। ତେଣୁ ଏହାଦ୍ୱାରା ଶାରୀରିକ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଳମ୍ବରେ ବିଛଣା ଛାଡୁଥିବା ବ୍ୟକ୍ତିଙ୍କ ଉପରେ ନିକଟରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ସର୍ଭେରେ ପ୍ରତିଦିନ ବିଳମ୍ବରେ ଉଠୁଥିବା ବ୍ୟକ୍ତିଙ୍କର ଶାରୀରିକ ପ୍ରକ୍ରିୟାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ବିଳମ୍ବରେ ଉଠିବାକୁ ଏକ ଅଭ୍ୟାସରେ ପରିଣତ କରିଥିବା ଅଧିକାଂଶ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଥିଲା। ବିଳମ୍ବରେ ଉଠିବା ଯୋଗୁ ମସ୍ତିଷ୍କରେ 'ଆମ୍ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଏ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

ହାର୍ଟ ପାଇଁ ଉପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଏହାର ଭଲ ଗୁଣ ତାଲିକାରେ ଆଉ ଏକ କଥାକୁ ନିକଟରେ ଯୋଡ଼ାଯାଇଛି। ଏହାକୁ ଖାଇବା ଦ୍ୱାରା ହାର୍ଟ ବା ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ଠିକ୍ ଭାବରେ କାର୍ଯ୍ୟ କରିଥାଏ। ବର୍ତ୍ତମାନ ମେଦବହୁଳତା ବା ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଅମୃତଭଣ୍ଡାରେ ପପେନ୍ ନାମକ ତତ୍ତ୍ୱ ରହିଛି, ଯାହା ଓଜନକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏଥିରେ ଜଳୀୟ ଅଂଶ ମଧ୍ୟ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ସବୁବେଳେ ଅମୃତଭଣ୍ଡା ଖାଇଲେ ତାହାର ସୁପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଏଥିରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ଏହା କୋଷ (ସେଲ୍)କୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିଥାଏ।

ନିୟମିତ ଯୋଗ କରୁଥିଲେ...



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାକୁ କିଏ ବା ନ ଚାହେଁ? ଏଥିପାଇଁ ନିୟମିତ ବ୍ୟାୟାମ ନିଶ୍ଚୟ କରୁଥିବେ। ତେବେ ନିଜର ଦୈନନ୍ଦିନ ଜୀବନରେ ଯୋଗକୁ ମଧ୍ୟ ସାମିଲ କରନ୍ତୁ। କାରଣ ଶରୀରକୁ ଫିଟ୍ ରଖିବା ପାଇଁ ଯୋଗକୁ ହିଁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଏହାଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜ୍ଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବରେ ହେବା ସହ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଦୃଢ଼ ହୋଇଥାଏ। ରକ୍ତଚାପ ବା ବ୍ଲଡ୍‌ପ୍ରେସର ସନ୍ତୁଳିତ ରହିଥାଏ। ଯଦି ଜଣେ ବ୍ୟକ୍ତି ଚାପଗ୍ରସ୍ତ ଅଛନ୍ତି ଏଥିରୁ ସହଜରେ ମଧ୍ୟ ରକ୍ଷା ପାଇପାରିବେ। ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ। ତା'ସହ ଚାପ, ଅବସାଦ ପରି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ।

ଜାଣି ରଖନ୍ତୁ

- ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। କେବଳ ସେତିକି ନୁହେଁ, ଏହାର ପ୍ରଭାବ ମଧ୍ୟ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ।
- ଆପଣ ଜଣେ ଡାଇବେଟିସ୍ ରୋଗୀ କି? ଯଦି ହଁ, ତେବେ ଖାଦ୍ୟ ଖାଇବାର ଠିକ୍ ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ମେଦବୃଦ୍ଧିର ଯଥେଷ୍ଟ ଆଶଙ୍କା ରହିଛି।

ତା'ସହ ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି (ଖାଇବା ପୂର୍ବରୁ, ଖାଇବା ପରେ) ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

- କେବଳ ସକାଳେ ନୁହେଁ, ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ଯଦି କିଛି ଦାନ୍ତଜନିତ ସମସ୍ୟା ରହୁଛି ତେବେ ତାହାକୁ ଅବହେଳା ନ କରି ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସକାଳୁ ବିଛଣା ଛାଡ଼ିବା ପୂର୍ବରୁ ତା'ଉପରେ ବସିରହି କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏଭଳି ଏକ୍ସରସାଇଜ୍ କରିବା ଦ୍ୱାରା ଶୋଇବା ବେଳେ ଟିକେ ଶୀଥିଳ ହୋଇପଡିଥିବା ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାକୁ ଚାଲିଆସେ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।

ହାଇ ହିଲ୍‌ସ ଓ ସ୍ୱାସ୍ଥ୍ୟ ସମସ୍ୟା

ପ୍ର. ରମେଶ ଚନ୍ଦ୍ର ପରିଡ଼ା

କଥାରେ ଅଛି– 'ପ୍ରତି ଅବାଗିଆ ଢଙ୍ଗ ହେଉଛି ଗୋଟିଏ ଫେଶନ'। ନିଜକୁ ସାଧାରଣ ଲୋକଙ୍କଠାରୁ ଅଲଗା ବୋଲି ଦେଖାଇହେବା ପାଇଁ ଲୋକେ ଏହାକୁ ଆପଣେଇ ଥାଆନ୍ତି, ବିଶେଷକରି ବେଶଭୂଷାରେ। ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରୁଥିବା ଯୁବକ-ଯୁବତୀମାନେ ଏଥିରେ ସବୁଠାରୁ ଆଗୁଆ। ମୁଖ୍ୟତଃ ସେମାନେ ହିଁ ହେଲେ ନୂଆ ଫେଶନର ପ୍ରବର୍ତ୍ତକ। ଆମେ ତାଙ୍କୁ 'ସେଲିବ୍ରିଟି' ବୋଲି ସମ୍ମାନ ଦେଉ। ଏଣୁ ସେମାନଙ୍କୁ ଅନୁସରଣ କରି ନିଜକୁ ସଜାଇ ଏବଂ ପୋଷାକ ପତ୍ର ପିନ୍ଧୁ। ତେବେ ଅନେକ ସ୍ଥଳେ ଏହା କିପରି ଆମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ ତାହାର ଏକ ଉଦାହରଣ ହେଲା 'ହାଇ ହିଲ୍‌ସ' ବା ଉଚ୍ଚ ଗୋଇଠିଯୁକ୍ତ ଜୋତା। ସାଧାରଣତଃ ଆଧୁନିକ ଝିଅମାନେ ଏହାକୁ ଆପଣେଇ ଥାଆନ୍ତି। ତେବେ ଶରୀରବିଜ୍ଞାନୀମାନଙ୍କ ମତରେ ପାଦ ଏବଂ ଅସ୍ଥି ଉପରେ ଏହାର ଅନେକ କୁପ୍ରଭାବ ପଡ଼ିଥାଏ।

ଏହି ଅନୁଯାୟୀ ଏ ଜୋତା ପିନ୍ଧିଲେ ଶରୀରର ଓଜନ ପାଦ ଓ ଏହାର ହାଡ଼ଗଣ୍ଠି ତଥା ମାଂସପେଶୀ ରଜ୍ଜୁ ଉପରେ ଅସମତୁଲ ଭାବରେ ପଡ଼େ। ଏହି ଚାପ ବିଶେଷକରି ବୁଢ଼ା ଆଙ୍ଗୁଠି ଗଣ୍ଠିକୁ ଅସ୍ଥିର କରେ। ଫଳରେ ଏହାର କେତେକ ଅଂଶର କଠିନ ଗୋବମାନ ସୃଷ୍ଟି ହୁଏ। ଏହାକୁ 'ବୁନିଅନ୍' ବୋଲି କୁହାଯାଏ। ଏହା ପାଦକୁ ଅସ୍ଥିର କରେ ଏବଂ ଯନ୍ତ୍ରଣା ସୃଷ୍ଟି କରେ।

'ହାଇ ହିଲ୍' ବ୍ୟତୀତ ଅଧିକ ଚିପା ଜୋତା ପିନ୍ଧିବା ବଂଶଗତ ଭାବେ ପ୍ରାପ୍ତ ପାଦର ଗାଠନିକ ତ୍ରୁଟି କିମ୍ବା ତା' ଉପରେ ଅଧିକ ଚାପ ନଡୁବା ଆଣ୍ଠୁଗଣ୍ଠି ରୋଗ ମଧ୍ୟ ଏହା ସୃଷ୍ଟି କରିପାରେ। ସାଧାରଣଭାବେ ଏହାର ଲକ୍ଷଣଗୁଡ଼ିକ ହେଲା– ପାଦର ବୁଢ଼ାଆଙ୍ଗୁଠି କଡ଼ରେ ଫୁଲା ସୃଷ୍ଟି, ବୁଢ଼ା ଆଙ୍ଗୁଠିର ଗଣ୍ଠି ଫୁଲିବା, ଲାଲ ପଡ଼ିବା ଏବଂ ଯନ୍ତ୍ରଣା ଦେବା, ଏହାର ତଳ ଭାଗର ଚମଡ଼ା ମୋଟା ହୋଇଯିବା, ଆଙ୍ଗୁଠିଗୁଡ଼ିକର ସନ୍ଧି ସ୍ଥାନରେ ବିଣ୍ଡି ହେବା, ଆଙ୍ଗୁଠି ଓ ପାଦରେ କ୍ରମାଗତ ଯନ୍ତ୍ରଣା ହେବା, ବୁଢ଼ାଆଙ୍ଗୁଠିର ଓଜନ ବାଧାପ୍ରାପ୍ତ ହେବା ଇତ୍ୟାଦି। ବେଳେବେଳେ ଏହାର ଯନ୍ତ୍ରଣା ଏତେ ହୋଇପାରେ ଯେ, ସାଦା ଜୋତା ମଧ୍ୟ ପିନ୍ଧି ଚାଲିବା କଷ୍ଟକର ହୁଏ। ପୁନଶ୍ଚ ପାଦକୁ ଜୋତା ମଧ୍ୟ ଖାପଖାଏ ନାହିଁ। ଏହାବ୍ୟତୀତ 'ହାଇ ହିଲ୍' ଜୋତା ହାଡ଼ ପାପରା ଏବଂ ସ୍ଥାୟୀ ରୂପେ ଅଣ୍ଟା ବିନ୍ଧାର କାରଣ ମଧ୍ୟ ହୋଇପାରେ। ପୁନଶ୍ଚ ତଦ୍ୱାରା ମେରୁଦଣ୍ଡ ଉପରେ ଅତ୍ୟଧିକ ଚାପ ପଡ଼େ, ଯାହାକି କାଳକ୍ରମେ ସାମଗ୍ରିକ ଶରୀରର ଅସ୍ଥି ବ୍ୟବସ୍ଥାର ଗଠନ ଏବଂ ଅବସ୍ଥାକୁ କ୍ଷତିଗ୍ରସ୍ତ କରେ। ଏପରି କି ଏହା ରକ୍ତ ସଞ୍ଚାଳନରେ ମଧ୍ୟ ବାଧା ସୃଷ୍ଟି କରିପାରେ।

ଗୁରୁଗ୍ରାମସ୍ଥିତ ମାକ୍ସ ହେଲ୍‌ଥ କେୟାର ଦ୍ୱାରା ହୋଇଥିବା ସର୍ବେକ୍ଷଣ ଅନୁସାରେ ବିଶେଷଭାବରେ କର୍ମଜୀବୀ ମହିଳାମାନଙ୍କ ମଧ୍ୟରେ ୪୩.୭ ପ୍ରତିଶତ ମହିଳା ସୁବଦିନେ ଏବଂ ପ୍ରାୟ ୨୧.୩ ପ୍ରତିଶତ ମହିଳା କେବେ କେମିତି ହାଇହିଲ୍‌ସ ପିନ୍ଧିଥାଆନ୍ତି। ତେବେ ସବୁବର୍ଗର ମହିଳାଙ୍କ କଥା ବିଚାରକୁ ନେଲେ ମୋଟାମୋଟି ଭାବେ ପ୍ରାୟ ୪୮.୫ ପ୍ରତିଶତ ମହିଳା ପ୍ରତ୍ୟେକ ଦିନ କିମ୍ବା ସାମୟିକ ଭାବେ ଏଭଳି ଜୋତା ପିନ୍ଧିଥାଆନ୍ତି। ଏହି ଅନୁଷ୍ଠାନର ଅସ୍ଥିଶଲ୍ୟ ଚିକିତ୍ସା ବିଭାଗର ମୁଖ୍ୟ ଡା. ଏସ୍.କେ.ଏସ୍. ମୌଯବ 'ହାଇ ହିଲ୍' ପିନ୍

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୬/୨୦୨୪ Bhubaneswar, Monday, August 26/ 2024

ରାଜ୍ୟ ଓପନ ଚେସ୍ ଉଦ୍‌ଘାଟିତ

ପ୍ରଥମ ଦିବସ ମ୍ୟାଚ ଅବସରରେ ପ୍ରତିଯୋଗୀମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ଓ କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ୮ମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ପୁରୀର ହୋଟେଲ ହଲିଡେ ରିସର୍ଟରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ମୋଟ ୪ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ରୋଟାରୀ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ରୋଟାରିଆନ କେ.ପି. ନରେଶ ମୁଖ୍ୟ ଅତିଥି ଏବଂ ରୋଟାରିଆନ ରାଜକିଶୋର ପାତ୍ର, ପ୍ରଦୀପ କୁମାର ନାୟକ, ତେୟାରମ୍ୟାନ (ପବ୍ଲିକ ଇମେଜ), ୨୦୨୫-୨୬ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ମନୋଜ କୁମାର

ଭାଗନେଲେ ୨୦୭ ପ୍ରତିଯୋଗୀ

ତ୍ରିପାଠୀ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଆଇଆଇଜିଏସ୍ କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ଏବଂ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ରୋଟାରିଆନ କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ସୁଷମା ମିଶ୍ର, ସଙ୍ଗୋହନ ପ୍ରଧାନ, ପୀତାମ୍ବର ମହାପାତ୍ର, ବନ୍ଦିତା ସାହୁ, ପୂର୍ବତନ ସଭାପତି ଦେବରାଜ ପ୍ରଧାନ, ଦେବଦତ୍ତ ଷଡ଼ଙ୍ଗୀ ପ୍ରମୁଖଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ପ୍ରତିଯୋଗିତାରେ ୧୭ ଜିଲାରୁ ରେକର୍ଡ ସଂଖ୍ୟକ ୨୦୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୮୨ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ। ଏହା ବ୍ୟତୀତ ୫ ରାଜ୍ୟ ଚାମ୍ପିୟନ ଏବଂ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନେକ ଜାତୀୟ ସ୍ତରର ଖେଳାଳି ରହିଛନ୍ତି। ଚାମ୍ପିୟନଶିପ୍ ପାଇଁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ଏଜ୍ ଗ୍ରୁପ୍ ଏବଂ ଲୋକାଲ ପ୍ରାଇଜ୍‌କୁ ମିଶାଇ ମୋଟ ୪୮ଟି ପ୍ରଦାନ କରାଯିବ।

ସର୍ଫିଙ୍ଗରେ ଭାରତକୁ ରୌପ୍ୟ ପଦକ

ଥୁଲୁସଧୁ (ମାଲଡିଭ୍ସ), ୨୫।୮

ସର୍ଫିଙ୍ଗରେ ପ୍ରଥମଥରପାଇଁ ଏସିଆନ ଗେମ୍ସ କୋଟା ହାସଲ କରି ଇତିହାସ ରଚିବାର ଗୋଟିଏ ଦିନପରେ ଭାରତୀୟ ସର୍ଫିଙ୍ଗ୍ ଟିମ୍ ଆଉଏକ ସଫଳତା ଲାଭ କରିଛନ୍ତି। ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍ ଅନ୍ତର୍ଗତ ମାରୁହବା କପ୍‌ରେ ଚାଇନାକୁ ହରାଇ ଭାରତ ରୌପ୍ୟ ପଦକ ହାସଲ କରିଛି। ମାରୁହବା କପ୍ ହେଉଛି ସମ୍ମାନଜନକ ଟିମ୍ ଇଭେଣ୍ଟ। ଏହି ପ୍ରତିଯୋଗିତା କେବଳ ଯେ ଭାରତକୁ ସର୍ଫିଙ୍ଗ୍‌ର ଏକ ପାୱାର ହାଉସଭାବେ ପରିଚିତ କରିଛି ତା ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କ୍ରୀଡ଼ାରେ ସ୍ମରଣୀୟ ସ୍ମୃତି ମଧ୍ୟ ଯୋଡ଼ିଛି। ଦଳଗତ ପ୍ରତିଯୋଗିତା ମାରୁହବା କପ୍‌ରେ ଏସିଆର ଏଲିଟ୍ ସର୍ଫର ମାନେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ଭାରତୀୟ ପ୍ରତିଯୋଗୀମାନେ

ମାରୁହବା କପ୍

ଚମତ୍କାର ପ୍ରଦର୍ଶନ କରି ଚାଇନାର ଅନେକ ଦୃଢ଼ ଦାବିଦାରଙ୍କୁ ହରାଇ ରୌପ୍ୟ ପଦକ ହାସଲ କରିଛନ୍ତି। ପି. କାମାଲି, ଅଜ୍ଞେଶ ଅଲୀ, ଡି. ଶ୍ରୀକାନ୍ତ ଓ ସଞ୍ଜୟ ସେଲଭାମନିଙ୍କ ନେଇ ଗଠିତ ଭାରତୀୟ ଦଳ ହିଟ୍-୨ ସେମିଫାଇନାଲରେ ପ୍ରଥମସ୍ଥାନ ହାସଲ କରିଥିଲେ। ଭାରତୀୟ ଦଳ ମୋଟ ୩୨.୧୬ ପଏଣ୍ଟ ହାସଲ କରିଥିଲେ। ଚାଇନିଜ୍ ତାଇପେ ଦଳ ୨୯.୭୦ ଓ ଦକ୍ଷିଣ କୋରିଆ ୨୭.୭୪ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲା। ଫାଇନାଲରେ ଭାରତୀୟ ଦଳ ୨୪.୧୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାପାନ ୫୮.୪୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଥିଲା।

ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

ଚାଇନିଜ ତାଇପେ ୨୪.୧୩ ଓ ଚାଇନା ୨୨.୧୦ ପଏଣ୍ଟ ସହିତ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିଲା। ଭାରତୀୟ ସର୍ଫରଙ୍କ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକତା ଯୋଗୁ ଏହି ସଫଳତା ହାସଲ କରିଛି ବୋଲି ଭାରତୀୟ ସର୍ଫିଙ୍ଗ ଫେଡେରେଶନ ସଭାପତି ଅରୁଣ ଭାସୁ ପ୍ରକାଶ କରିଛନ୍ତି।

ରାଧାଗୋବିନ୍ଦ, ରୋଭର୍ସ ବିଜୟୀ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ପ୍ରଥମ ଡିଭିଜନ ଲିଗ୍‌ର ୨ଟି ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଧାଗୋବିନ୍ଦ ଓ ରୋଭର୍ସ କ୍ଲବ ବିଜୟ ହାସଲ କରିଛି। ରାଧାଗୋବିନ୍ଦ ୫-୧ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଛି। ରାଧାଗୋବିନ୍ଦ ପକ୍ଷରୁ ଅନିଲ ସ୍ୱାଇଁ ୨ଟି ଏବଂ ପ୍ରତ୍ୟୁଷ ଡିଗଲ ଓ ଶୁଭ୍ରଜିତ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ବଦଳ ଖେଳାଳି ପପୁ କୁମୁରା ଗୋଟିଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଆଜାଦ ହିନ୍ଦ ପକ୍ଷରୁ ସଦାନନ୍ଦ କୁମୁରା ୫ମ ମିନିଟରେ ପ୍ରଥମ ଗୋଲଟି ସ୍କୋର କରିଥିଲେ।

ଅନ୍ୟଏକ ମ୍ୟାଚରେ ରୋଭର୍ସ କ୍ଲବ ୨-୦ରେ ରାଇଜିଂ ଷ୍ଟାର କ୍ଲବକୁ ହରାଇ ଦେଇଛି। ରାଇଜିଂ ଷ୍ଟାର ପକ୍ଷରୁ ସେକ୍ ଇଞ୍ଜାମୁଲ୍ ହକ୍ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିବାବେଳେ ମିଡ୍‌ଫିଲ୍ଡର

ଫାଓ ଲିଗ୍

ସୁବି ଗୋଟିଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍ସଳ କ୍ଲବ ଅନୁପସ୍ଥିତ ରହିବାରୁ ରାଧାରମଣ କ୍ଲବ ୱାକ୍‌ଓଭର ପାଇଥିଲା। ଫଳରେ ରାଧାରମଣକୁ ୩ ପଏଣ୍ଟ ଓ ୩ ଗୋଲ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଡିଭିଜନ୍ ଲିଗ୍‌ରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାଏଏଫ୍‌ସି ୬-୦ ଗୋଲରେ ସର୍ତ୍ତୋଳ କ୍ଲବକୁ ଏବଂ ଉଦୟ କ୍ଲବ ୨-୧ରେ ଓଜିପି କ୍ଲବକୁ ହରାଇ ଦେଇଛି।

‘ସିନ୍ଧୁଙ୍କ ଭଳି ତନ୍‌ଭି ପ୍ରତିଭାବାନ୍’

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ଚାଇନାର ଚେଙ୍ଗଡୁରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ବାଳିକା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ତନଭି ପତ୍ରୀ। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ସଂଘର୍ଷ କରିଥିବାବେଳେ ତନଭିଙ୍କ ଏହି ସଫଳତା ଅନେକ ସମ୍ଭାବନା ସୃଷ୍ଟି କରିଛି। ସବୁଠାରୁ ବଡ଼କଥା ହେଲା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ସେ ଗୋଟିଏ ହେଲେ ଗେମ୍ ହାରି ନ ଥିଲେ। ତନଭି ଜଣେ ଉଚ୍ଚ ପ୍ରତିଭାସମ୍ପନ୍ନ ଖେଳାଳି ବୋଲି ପିପିବିଏ ନିର୍ଦ୍ଦେଶକ ବିମଳ କୁମାର ଅନୁଭବ କରୁଛନ୍ତି। ଏପରି କି ତାଙ୍କଠାରେ ପି.ଭି. ସିନ୍ଧୁଙ୍କ ଭଳି ପ୍ରତିଭା ରହିଥିବା ସେ ପ୍ରକାଶ କରିଛନ୍ତି। ‘‘ତନଭି ୮ ଜିମ୍ବା ୯ ବର୍ଷର ହୋଇଥିବାବେଳେ ଭାରତ ଆସି ଏକାଡେମୀରେ ଯୋଗଦେଇଥିଲେ। ସିନ୍ଧୁ ଯୁବାବସ୍ଥାରେ ଯେପରି ଖେଳୁଥିଲେ ତନଭି ସେପରି ପ୍ରଦର୍ଶନ କରୁଛନ୍ତି। ତେଣୁ ସେ ମୋତେ ସିନ୍ଧୁଙ୍କୁ ମନେପକାଇ ଦେଇଛନ୍ତି। ଯୁବ ବୟସରୁ ମ୍ୟାଚ୍ ଜିତିବାର ଅଭିଳାଷ ବହୁତ ଭଲ ସଙ୍କେତ। ତେବେ ସେ ବହୁ ବାଟ ଯିବାର ଅଛି। ତାଙ୍କ ନିକଟରେ ସେଭଳି ଟେମ୍ପରାମେଣ୍ଟ ଓ ପ୍ରତିଭା ରହିଛି’’ ବୋଲି ବିମଳ ପ୍ରକାଶ କରିଛନ୍ତି। ନିଜ ଏଜ୍ ଗ୍ରୁପ୍‌ଠାରୁ ସେ ବହୁ ଆଗକୁ ଯାଇଛନ୍ତି। ଗତ ୬ ମାସ ମଧ୍ୟରେ ସେ ୧୭ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଜାତୀୟ ଚାମ୍ପିୟନଶିପ୍ ଫାଇନାଲିଷ୍ଟ ତନଭି ଶର୍ମାଙ୍କ ପରି ଅନେକ ସିନିୟର ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ସେ ଯଦି ନିଜ ଶକ୍ତିରେ ଉନ୍ନତି ଆଣି କ୍ରମାଗତ ଭଲ ପ୍ରଦର୍ଶନ କରିଚାଲିବେ ତେବେ ୨୦୨୮ କିମ୍ବା ୨୦୩୨ ଅଲିମ୍ପିକ୍ସ ପାଇଁ ପ୍ରବଳ ଦାବିଦାର ହୋଇପାରିବେ ବୋଲି ବିମଳ କହିଛନ୍ତି। ‘‘ଟାଇଟଲ ଜିତିବା ପରେ ମୁଁ ଖୁବ୍ ଖୁସି ଅନୁଭବ କରୁଛି। ଚାମ୍ପିୟନ ହେବାପାଇଁ ମୁଁ ଆଶାବାଦୀ ଥିଲି। ତାହା କରିପାରିଥିବାରୁ ଖୁବ୍ ଖୁସୀ। ଗତ ୨ ବର୍ଷ ଧରି ମୁଁ ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମୀ (ପିପିବିଏ)ରେ ଟ୍ରେନିଂ ନେଉଛି’’ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ତନଭି। ତନଭି ବ୍ୟାଡ୍‌ମିଣ୍ଟନ ସହ ସ୍କେଟିଂକୁ ମଧ୍ୟ ଉପଭୋଗ କରିଥାନ୍ତି। ଚାଇନିଜ୍ କୋଚ୍ ଜିଆଙ୍ଗ ୟଙ୍ଗ୍ ୟି'ଙ୍କଠାରୁ ଟ୍ରେନିଂ ନେଇ ସେ ଚାଇନାରେ ୯ଟି ଟାଇଟଲ ହାସଲ କରିଛନ୍ତି। ଭାରତ ଫେରିବାପରେ ସେ ପିପିବିଏ ପକ୍ଷରୁ ଆୟୋଜିତ ଏକ କ୍ୟାମ୍ପରେ ଭଲ ପ୍ରଦର୍ଶନ କରି ଏକାଡେମୀ ପାଇଁ ଚୟନ ହୋଇଥିଲେ। ୨୦୨୨ ମାର୍ଚ୍ଚଠାରୁ ସେ ସେଠାରେ ଟ୍ରେନିଂ ନେଇ ଆସୁଛନ୍ତି।

ଅଷ୍ଟ୍ରିଆ ଗଲେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ଭାରତର ଅନ୍ୟତମ ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ନିଜ ସ୍ୱାସ୍ଥ୍ୟାବସ୍ଥାର ମୂଲ୍ୟାୟନ ପାଇଁ ସେ ରବିବାର ଅଷ୍ଟ୍ରିଆ ଗସ୍ତ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସର୍କିଟରେ ଖେଳିଯିବାକୁ ଥିବା ଆଗାମୀ ଟୁର୍ନାମେଣ୍ଟଗୁଡ଼ିକ ଲାଗି ସେ ଶାରୀରିକ ଭାବେ ସୁସ୍ଥ ଓ ଫିଟ୍ ରହିବାକୁ ଚାହୁଁଛନ୍ତି। ଆଲମୋରାରେ ଜନ୍ମଗ୍ରହଣ କରିଥିବା ଏହି ୨୨ ବର୍ଷୀୟ ଖେଳାଳି ପ୍ୟାରିସ୍‌ରେ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଥିଲେ। ସେ ୪ର୍ଥ ସ୍ଥାନରେ ରହି ତାଙ୍କ ଅଭିଯାନ ଶେଷ କରିଥିଲେ। ସଲ୍‌ଜବର୍ଗସ୍ଥିତ ରେଡ୍‌ବୁଲ୍ ଆଥ୍‌ଲେଟ ପର୍‌ଫର୍ମାନ୍ସ ସେଣ୍ଟରଠାରେ ସେ ତାଙ୍କର ଏକ ସିରିଜ ଟେଷ୍ଟ କରାଇବେ। ଅଷ୍ଟ୍ରିଆରେ ଏକ ଭଲ ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ରହିଛି। ସେଠାରେ ସେ କିଛି ଫିଜିକାଲ ଏକ୍ସରସାଇଜ୍ କରିବାକୁ ଚାହୁଁଛନ୍ତି। ଲକ୍ଷ୍ୟଙ୍କ ସହିତ ତାଙ୍କ ଟ୍ରେନର ଗୌରବ ଓ ଉତ୍ତରାଖଣ୍ଡର ୧୫ ବର୍ଷୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଖେଳାଳି ନିଶ୍ଚଲ ଚାନ୍ଦ ମଧ୍ୟ ଯାଇଛନ୍ତି। ସେଠାରେ ଏକ ସପ୍ତାହ ରହଣି ବେଳେ ସେ ଚାନ୍ଦଙ୍କ ସହିତ ଖେଳ ଅଭ୍ୟାସ କରିବେ। ଶାରୀରିକ ଦୃଷ୍ଟିକୋଣରୁ ଜଣେ କେତେ ଶକ୍ତିଶାଳୀ ତାହା ମୂଲ୍ୟାୟନ କରିବା ଲାଗି ବହୁ ଏଲିଟ୍ ଆଥ୍‌ଲେଟ ଅଷ୍ଟ୍ରିଆ ଗସ୍ତ କରିଥାନ୍ତି। ପୂର୍ବରୁ ସେ ଭାରତରେ ତାଙ୍କ ଇଞ୍ଜୁରୀ ସମସ୍ୟା ନେଇ ଡାକ୍ତର ଦିନେଶ ପଡିୱାଲାଙ୍କ ସହ ପରାମର୍ଶ କରିଥିଲେ।

ସୁନ୍ଦରଗଡ଼, ମୟୂରଭଞ୍ଜ ବିଜୟୀ

ବରଗଡ଼/ସୋହେଲା ୨୫।୮, (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର)

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ପି.ସି. ବେହେରା ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ସୁନ୍ଦରଗଡ ଓ ରାଉରକେଲା ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇଛି। ଦଳର ୧୦ ନମ୍ବର ଖେଳାଳି ସୋନିଆ ଏକ୍କା ଓ ୫ ନମ୍ବର ଖେଳାଳି ଜ୍ୟୋସ୍ନା ଲାକ୍ରାଙ୍କ ଗୋଟିଏ ଲେଖାଏ ଗୋଲ ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗୁଆ ରହିଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ଦଳର ୨୦ ନମ୍ବର ଖେଳାଳି ରୂପଶ୍ରୀ ମୁଣ୍ଡାଙ୍କ ଗୋଲ ଫଳରେ ଦଳ ୩-୦ରେ ବିଜୟୀ ହୋଇଥିଲା। ଏହି ଖେଳକୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଞ୍ଜନ କୁଦେଇ ଓ ଶୁଭମ ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ଯୁଗ୍ମ ସମ୍ପାଦକ ତଥା ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଓଡ଼ିଶା କ୍ରୀଡ଼ା ସଂସଦ ଉପ ସଭାପତି ତଥା ସମ୍ବଲପୁର ଜିଲା କ୍ରୀଡ଼ା ସଂସଦ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଦଳର ୭ ନମ୍ବର

ସୋହେଲାରେ ମୁଖ୍ୟ ଅତିଥି ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି।

ଆନ୍ତଃ ଜିଲା ସିନିୟର ମହିଳା ପି.ସି ବେହେରା ଟ୍ରଫି ଫୁଟବଲ

ଖେଳାଳି ଦୁଲସୀ ଟପ୍ପୋଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପ ସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କ୍ରିକେଟ ସମ୍ପାଦକ ଅମୀୟ ଭୂଷଣ ସାହୁ, କାଉନ୍‌ସିଲ ସଦସ୍ୟ ପ୍ରଦୀପ ସାହୁ, ପ୍ରାକ୍ତନ ସମ୍ପାଦକ ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ବରଗଡ ଜୋନରେ ପ୍ରଥମ ମ୍ୟାଚ ଅପରାହ୍ନ ୨ଟା ସମୟରେ ଝାରସୁଗୁଡା ଓ ଭଦ୍ରକ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ବରଗଡ଼ ଜିଲା ସୋହେଲା ଖେଳ ପଡିଆରେ ଚାଲିଥିବା ପି.ସି ବେହେରା ସିନିୟର ଆନ୍ତଃ ଜିଲା ଫୁଟବଲ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍‌ରେ ରବିବାର ମୟୂରଭଞ୍ଜ ଜିଲା ଏକାଦଶ ନବରଙ୍ଗପୁର ଏକାଦଶକୁ ୬-୦ ଗୋଲରେ ପରାଜିତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ମୟୂରଭଞ୍ଜ ଦଳ ୫ଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ବିଜୟୀ ଦଳ ପକ୍ଷରୁ ଜବାମଣି ସୋରେନ ୪ଟି ଗୋଲ କରିଥିବା ବେଳେ ଡିଗି ମାଝୀ ଦୁଇଟି ଗୋଲ ଦେଇଥିଲେ। ମୟୂରଭଞ୍ଜ ଦଳର କୁଇଲୁ ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ ପ୍ରାରମ୍ଭରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ସମ୍ପାଦକ ସତ୍ୟନାରାୟଣ ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଫରି ବବଲି ଗଡ଼ନାୟକ, ଶୀତଳ ଗୁରୁଙ୍ଗ, ବୀଣାପାଣି ବିରୁଆ ଓ ଅଜୟ ପଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱରେ ଥିଲେ। ସୋମବାର ଓଡ଼ିଶା ପୋଲିସ ଏବଂ ନବରଙ୍ଗପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ରବିବାର ସୁନ୍ଦରଗଡ-ରାଉରକେଲା ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିମାନେ।

ପୋଡିୟମରେ ସ୍ୱର୍ଣ୍ଣ ପଦକ ସହ ଓଡ଼ିଶାର ତନଭି ପତ୍ରୀ (ବାମରୁ ଦ୍ୱିତୀୟ)।

ଭିଜାକୁ ନେଇ ଅଭିଯୋଗ କଲା ପାକିସ୍ତାନ

କରାଚୀ, ୨୫।୮ (ପି.ଟି.)

ଟେସ୍ ଶନିବାର ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ୧୮ ବର୍ଷରୁ କମ୍ ଓ ୨୧ ବର୍ଷରୁ କମ୍ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ପାକିସ୍ତାନ ଦଳକୁ ଭାରତୀୟ ହାଇକମିଶନ ଭିଜା ପ୍ରଦାନ କରୁ ନାହିଁ। ପାକିସ୍ତାନ ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏଶନ (ପିବିଏସ୍‌ଏ) ଏନେଇ ଖେଳର ବିଶ୍ୱ ପରିଚାଳନା ପରିଷଦ ଆଇବିଏସ୍‌ଏଫ୍ (ଇଣ୍ଟରନ୍ୟାଶନାଲ ବିଲିୟାର୍ଡ୍ସ ଓ ସ୍ନୁକର ମହାସଂଘ) ଏବଂ ଆୟୋଜକଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ କରିଛି। ପିବିଏସ୍‌ଏର ଜଣେ ଟପ୍ ଅଫିସିଆଲଙ୍କ କହିବା ଅନୁସାରେ ସେମାନଙ୍କର ୩ଜଣ ଖେଳାଳି ଏହସାନ ରମଜାନ, ହସନେନ୍ ଅଖତର ଓ ହାମଜା ଇଲିଆନଙ୍କୁ ଭିଜା ମିଳି ନାହିଁ। ଆମ ସରକାର ଏବଂ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ପାଇବା ପରେ ଆମେ ଇଣ୍ଡିଆନ ହାଇକମିଶନରଙ୍କ ନିକଟରେ ଭିଜା ପାଇଁ ଆବେଦନ କରିଥିଲୁ। କିନ୍ତୁ ସେମାନେ ଭିଜା ପ୍ରଦାନ କରୁ ନ ଥିବାରୁ ଆମ ଖେଳାଳିମ